# ଧରିତ୍ରୀ
DHARITRI



ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୪/୨୦୧୯ (୨୦ ପୃଷ୍ଠା) Dhenkanal, Monday, March 4 / 2019 ★★★★★

୧୫ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ବଜରଙ୍ଗ ପୁନିଆଙ୍କୁ ସ୍ୱର୍ଣ୍ଣ

ବୁଲଗେରିଆର ରୁସେଠାରେ ଚାଲିଥିବା ଡାନ କୋଲୋଭ-ନିକୋଲା ପେଟ୍ରୋଭ ଟୁର୍ନାମେଣ୍ଟରେ ଭାରତୀୟ ରେସଲର ବଜରଙ୍ଗ ପୁନିଆ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

୧୮

୦୨

## 'ପାକିସ୍ତାନ ଧ୍ୱଂସ' ବିବୃତି ସ୍ୱତଃସ୍ଫୂର୍ତ୍ତ ଥିଲା: କଙ୍ଗନା

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ଜାଣିବା ପରେ 'ପାକିସ୍ତାନକୁ ଧ୍ୱଂସ କରିବା' ଭଳି ତାଙ୍କର ବିବୃତି ସ୍ୱାଭାବିକ ଥିଲା ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍ ପ୍ରକାଶ କରିଛନ୍ତି।



# ଠିକା ଶ୍ରମିକ ନିଯୁକ୍ତି ଦେଇ ଠକୁଛି କମ୍ପାନୀ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୩।୩**

ଯାଜପୁର ଜିଲା କଳିଙ୍ଗନଗରରେ ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ଟାଟା ଷ୍ଟିଲ କାରଖାନା ଗଢ଼ି ଉଠିଛି। ଜାତୀୟ ଓ ରାଜ୍ୟସ୍ତରରେ ଉତ୍କଟ ବେକାରି ସମସ୍ୟା ପରିପ୍ରେକ୍ଷୀରେ ଶିଳ୍ପାୟନକୁ ଅନ୍ଧାଧୁନ୍ଦିଆ ଭାବେ ଗ୍ରହଣ କରି ରାଜ୍ୟ ସରକାର ଟାଟା କମ୍ପାନୀକୁ ସବୁପ୍ରକାର ସହଯୋଗ ଦେଇ ଆସୁଛନ୍ତି। କିନ୍ତୁ ଶିଳ୍ପ କ୍ଷେତ୍ରରେ ନିଯୁକ୍ତିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏହି କମ୍ପାନୀରେ ଠିକା ଶ୍ରମିକ ନିଯୁକ୍ତି ନାମରେ ଜିଲାବାସୀଙ୍କୁ ଭୁଆଁ ବୁଲାଯାଉଥିବା କୁହାଯାଉଛି। ଟାଟା ଷ୍ଟିଲ୍ କମ୍ପାନୀରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଅକ୍ଟୋବର ୩୧ତାରିଖ ସୁଦ୍ଧା ୩,୬୯୭ ଜଣ ନିୟମିତ କର୍ମଚାରୀଙ୍କ ମଧ୍ୟରୁ ଯାଜପୁର ଜିଲାର ମାତ୍ର ୮୩୩ ଜଣ ନିଯୁକ୍ତି ପାଇଛନ୍ତି। ସେଥିରୁ ରାଜ୍ୟର ଶ୍ରମିକ ଶ୍ରେଣୀ ନିଯୁକ୍ତି ପ୍ରାୟ ଶତପ୍ରତିଶତ ରହିଥିବାବେଳେ ବରିଷ୍ଠ ଅଧିକାରୀଙ୍କ ସଂଖ୍ୟା ୧୦ପ୍ରତିଶତ ବି ଛୁଇଁ ପାରିନାହିଁ। ଅନ୍ୟପକ୍ଷେ ରାଜ୍ୟ ବାହାରର ବିଭିନ୍ନ ଠିକାସଂସ୍ଥା ଜରିଆରେ ଓଡ଼ିଶାର ୮୦ପ୍ରତିଶତ ଠିକା କର୍ମଚାରୀ ନିଯୁକ୍ତି ଦେଇ ଟାଟା ଷ୍ଟିଲ ବାହୁସ୍ଫୋଟ ମାରୁଛି। ନିଯୁକ୍ତି କ୍ଷଣସ୍ଥାୟୀ ହୋଇଥିବାରୁ ସେମାନଙ୍କ ଭବିଷ୍ୟତକୁ ନେଇ ଆଶାଆଶଙ୍କା ଲାଗି ରହିଛି। କଳିଙ୍ଗନଗରରେ ଟାଟା ଷ୍ଟିଲ୍ ପରିଚାଳନାର ନିଯୁକ୍ତି ସମ୍ପର୍କିତ ଆଭିମୁଖ୍ୟକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ, ଏହି ବିରାଟକାୟ ବ୍ୟବସାୟିକ ସଂସ୍ଥାରେ ଓଡ଼ିଆଙ୍କ ପ୍ରତି ଘୃଣା ଏବଂ ଅବିଶ୍ୱାସ ରହିଛି।

ଭାରତ ସ୍ୱାଧୀନ ହେବା ପୂର୍ବରୁ ଟାଟା ଖଣି ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦାରେ ପାଦ ଦେଇଥିଲା। ଭାରବୁହାରେ କ୍ରୋମାଇଟ ଉତ୍ତୋଳନ ଆରମ୍ଭ କରିଥିବା ଟାଟା ଖଣିକୁ ଏବେ ୧୦୦୩.୨୪୭୦ ହେକ୍ଟର ଖଣି ଅଞ୍ଚଳ ଲିଜ୍ ଦିଆଯାଇଛି। ସେଥିରୁ ୪୦୪.୬୭୮୪ ହେକ୍ଟର ଜଙ୍ଗଲ ଜମି ରହିଛି। ଏହି କ୍ରମରେ ଜିଲାର ଜଙ୍ଗଲ, ଖଣି, ପାଣି ନେଇ ଟାଟା କମ୍ପାନୀ ଅମାପ ସମ୍ବଳ, ଅଖଣ୍ଡ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ ହେଁ ସ୍ଥାନୀୟ ଅଧିବାସୀଙ୍କ ବିକାଶକୁ ଅଣଦେଖା କରି ଚାଲିଛି। ଟାଟା ଖଣି ଓ କାରଖାନା ଥିବା ସୁକିନ୍ଦା ବ୍ଲକରେ ଆଜି ବି ନଗଡ଼ା ଭଳି ଆହୁରି ଅନେକ ଗ୍ରାମ ରହିଛି, ଯେଉଁଠାରେ କି ଅପପୁଷ୍ଟି ଓ ରାସ୍ତାଘାଟର ଅବସ୍ଥାକୁ ଦେଖିଲେ ଯେ କେହି ବି ବିକାଶର ଚିତ୍ର ସହଜେ ଠଉରାଇପାରିବ। ଉଦାହରଣ ଭାବେ ଲେମ୍ବୋ ପଞ୍ଚାୟତର କେନ୍ଦୁଆକଣ, ପଳାସଖଳି, ମାଝିସାହି, ସଂସାଇଲୋ ପଞ୍ଚାୟତର ଶ୍ରୀରାମପୁର, ଖରଡି ପଞ୍ଚାୟତର ତାମରା, ସୁକିନ୍ଦାଗଡ଼ ପଞ୍ଚାୟତର ବରିଗଡା ଭଳି ୨୫ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି, ଯେଉଁଠାରେ ବିକାଶ ଅପହଞ୍ଚ। ଯେଉଁମାନଙ୍କୁ ଜମି, ଘରୁ ଉଚ୍ଛେଦ କରାଯାଇ ଟାଟା ଷ୍ଟିଲ କାରଖାନା ଭାବରେ ବିକାଶର ସୌଧ ନିର୍ମାଣ କରାଯାଇଛି ସେମାନେ ଆଜି ବି ଅବହେଳିତ। କେବଳ ଆମର ଖଣିଜ ପ୍ରାଚୁର୍ଯ୍ୟ ଓ ସମ୍ବଳ ଲୁଣ୍ଠିତ ହୋଇ ବାହାରକୁ ଯାଉଛି। ଏଥିରେ ପୁଣି ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା ଅଞ୍ଚଳବାସୀଙ୍କ ମଧ୍ୟରେ ବିଦ୍ରୋହ ସୃଷ୍ଟି କରିଛି। ତେବେ ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି ☞ପୃଷ୍ଠା-୪

### କଳିଙ୍ଗନଗର ଟାଟା ଷ୍ଟିଲ




- ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା
- ୩୬୯୭ରୁ ଯାଜପୁର ଜିଲାର ମାତ୍ର ୮୩୩ ପାଇଛନ୍ତି ସ୍ଥାୟୀ ନିଯୁକ୍ତି
- ୯୦ ପ୍ରତିଶତ ଅଣଓଡ଼ିଆ ବରିଷ୍ଠ ଅଧିକାରୀ

# ମାସୁଦ ଆଝାରଙ୍କ ମୃତ୍ୟୁ ଗୁଜବ

ଇସ୍‌ଲମାବାଦ/ନୂଆଦିଲ୍ଲୀ,୩।୩

ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ ଆଝାରଙ୍କ ମୃତ୍ୟୁ ଘଟିଛି। ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ମୃତ୍ୟୁର ସୌଦାଗର ଆଝାର ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ

### ପାକିସ୍ତାନର ନୂଆ ଚାଲ୍

ଆଖିବୁଜି ଦେଇଥିବା ନେଇ ଏକାଧିକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏନେଇ ଇସ୍‌ଲାମାବାଦ ଆନୁଷ୍ଠାନିକ ଭାବେ ଘୋଷଣାକରି ନ ଥିଲେ ବି ଏହି ଗୁଜବ ଭାଇରାଲ ହେବା ପଛରେ ସେଠାକାର ସେନା, ସରକାର ଓ କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଚାଲ୍ ରହିଥିବା କୁହାଯାଉଛି। କାରଣ କାନ୍ଦାହାର ଅପହରଣଠାରୁ ପାର୍ଲାମେଣ୍ଟ ଓ ପଠାନ୍‌କୋଟ ଆକ୍ରମଣ ଏବଂ ଉରିରୁ ପୁଲୱାମା ଯାଏ ଭାରତୀୟ ସୁରକ୍ଷା ବଳ ଉପରେ ଟାର୍ଗେଟ ସବୁଠି ଆଝାରଙ୍କ ହାତ ରହିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସମେତ ଅନ୍ତର୍ଜାତୀୟ ସମୁଦାୟ ପାକିସ୍ତାନ ଉପରେ ଚାପ ପକାଇଆସୁଛି। ଆଝାରଙ୍କୁ ଜାତିସଂଘରେ କଳାତାଲିକାଭୁକ୍ତ କରିବା ପାଇଁ ଭାରତ, ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ପୁଣିଥରେ ଅଣ୍ଟା ଭିଡ଼ିଛନ୍ତି। ଏଭଳି ସମୟରେ ଆଝାରଙ୍କ ମୃତ୍ୟୁ ଘଟିଥିବା ଖବର ଚାରିଆଡ଼େ ବ୍ୟାପିଲେ ପାକିସ୍ତାନ ସରକାର ସାମୟିକ ଭାବେ ଚାପମୁକ୍ତ ହୋଇପାରନ୍ତି। ତେବେ ତାଙ୍କର ମୃତଦେହ ଲୋକଲୋଚନକୁ ନ ଆସିବା ଯାଏ ଏବଂ ଡିଏନ୍ଏ ପରୀକ୍ଷାରୁ ତାହା ଆଝାରଙ୍କର ବୋଲି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଏହି ଖବରକୁ ବିଶ୍ୱାସ କରାଯାଇ ନ ପାରେ।


ମାସୁଦ ଆଝାର

## ଆଧାରକୁ ପରିଚୟପତ୍ର ଭାବେ ବ୍ୟବହାର ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ମୋହର

**ନୂଆଦିଲ୍ଲୀ,୩।୩:** ମୋବାଇଲ ସିମ୍ କିଣିବା ହେଉ ଅଥବା ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଆବଶ୍ୟକ ଥିଲେ ଏଣିକି ଆଧାରକୁ ସ୍ୱେଚ୍ଛାକୃତ ପରିଚୟପତ୍ର ଭାବେ ବ୍ୟବହାର କରାଯାଇପାରିବ। ଏଥିଲାଗି ଆଗତ ଏକ ଅଧ୍ୟାଦେଶକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁମୋଦନ କରିଛନ୍ତି। ଏ ସମ୍ପର୍କିତ ସଂଶୋଧିତ ବିଲ୍ ଲୋକ ସଭାରେ ଅନୁମୋଦନ ଲାଭ କରିଥିବା ବେଳେ ରାଜ୍ୟ ସଭାରେ ଅଟକି ଯାଇଛି। ବାଧ ହୋଇ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଛନ୍ତି। ସୂଚନାଥାଉ କି, କେନ୍ଦ୍ର କ୍ୟାବିନେଟ ଆଧାର ଏବଂ ଅନ୍ୟ ଦୁଇଟି ବିଲ୍‌ରେ ପ୍ରସ୍ତାବିତ ସଂଶୋଧନକୁ କାର୍ଯ୍ୟକାରୀ କରିବା ଲାଗି ଗତ ସପ୍ତାହରେ ଅଧ୍ୟାଦେଶ ଆଣିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ସଂଶୋଧନ ଅନୁଯାୟୀ, ଆଧାର ବ୍ୟବହାର ଏବଂ ☞ପୃଷ୍ଠା-୪

## ଜାଗର ପାଇଁ କପିଳାସ ଚଳଚଞ୍ଚଳ
## ଭୋର ୪ଟା ୨୫ ମଧ୍ୟରେ ଉଠିବ ମହାଦୀପ

ଢେଙ୍କାନାଳ ଅଫିସ,୩।୩- ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ସୋମବାର ମହାଶିବରାତ୍ରୀ ଏବଂ ଜାଗର ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରବିବାରଠାରୁ ଶ୍ରଦ୍ଧାଳୁଙ୍କ ଆଗମନରେ ପୀଠ ଚଳଚଞ୍ଚଳ ହୋଇପଡିଛି। ସେହିପରି କପିଳାସର ପାଦଦେଶରେ ବ୍ୟବସାୟ ପାଇଁ ଉଠା ଦୋକାନୀମାନେ ପସରା ଖୋଲିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି। ଠାକୁରଙ୍କ ସୁନାବେଶ ପାଇଁ ଢେଙ୍କାନାଳ ଟ୍ରେଜେରୀରେ ଥିବା ଅଳଙ୍କାର ଓ ଗହଣା କଡା ସୁରକ୍ଷା ମଧ୍ୟରେ ପୀଠରେ ପହଞ୍ଚି ସାରିଛି। ସନ୍ଧ୍ୟା ୬ଟା ପରଠାରୁ ପାରମ୍ପରିକ ନୀତି ଅନୁଯାୟୀ ଜାଗର ଯାତ୍ରାର ପୂଜାକାର୍ଯ୍ୟ ଆରମ୍ଭ ହେବ। ରାତି ୩ଟା ୫୦ରୁ ଭୋର ୪ଟା ୨୫ ମଧ୍ୟରେ ମହାଦୀପ ମନ୍ଦିର ଚୂଡାକୁ ଉଠିବ ବୋଲି ନୀତି ନିର୍ଦ୍ଧାରିତ ହୋଇଛି। ଚଳିତବର୍ଷ ଜାଗରଯାତ୍ରା ସୋମବାର ପଡୁଥିବାରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ନଜରରେ ରଖି ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ୧୦୮ ଉତ୍ତରଖାତା ଗାଏବ

### ଚିନ୍ତାରେ ମାଟ୍ରିକ ପରୀକ୍ଷାର୍ଥୀ




- ପୋଲିସ, ଜିଲା ପ୍ରଶାସନର ତଦନ୍ତ ଆରମ୍ଭ
- ପ୍ରଧାନ ଶିକ୍ଷକଙ୍କ ସମେତ ୫ ଅଟକ
- ଖାତାଗୁଡ଼ିକୁ ପୋଲିସ ଜିମା ଦିଆଯାଇ ନ ଥିଲା
- ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ପ୍ରାଥମିକତା ଦିଆଯିବ: ବୋର୍ଡ ସଭାପତି

ମାଲକାନଗିରି,(ଡି.ଏନ.ଏ.)/କଟକ ଅଫିସ୍,୩।୩

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ଚାଲିଥିବା ମାଟ୍ରିକ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ସୃଷ୍ଟି ହେଉଛି। ଓଡ଼ିଆ ଓ ଗଣିତ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ଏବେ ଗଣିତ ଉତ୍ତରଖାତା ଗାଏବ ହୋଇଯିବା ପରି ଘଟଣା ପଦାକୁ ଆସିଛି। ଏହା ଘଟିଛି ମାଲକାନଗିରି ଜିଲା ପଡ଼ିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏଠାରେ ଶନିବାର ୧୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏହାପରେ ୧୦୮ଜଣଙ୍କ ଓଏମ୍ଆର ଉତ୍ତରଖାତା ଗାଏବ୍ ହୋଇଯାଇଛି। ପରୀକ୍ଷା ସରିବା ପରେ ଉତ୍ତରଖାତାଗୁଡ଼ିକୁ ସିଲ୍ କରି ଥାନାରେ ଜିମା ଦେବାର ନିୟମ ରହିଛି। ମାତ୍ର ଶନିବାର ପରୀକ୍ଷା ଶେଷ ପରେ ସନ୍ଧ୍ୟା ସୁଦ୍ଧା ଏହି ଉତ୍ତରଖାତାଗୁଡ଼ିକ ପୋଲିସ ନିକଟରେ ଜିମା ଦିଆଯାଇ ନ ଥିଲା। ଫଳରେ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ମାଲକାନଗିରି ଏସ୍‌ପି ଜଗମୋହନ ମୀନା ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରବିବାର ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ଉଦ୍ଧବ ଚରଣ ନାୟକ ଓ ପଡ଼ିଆ ଥାନା ଭାରପ୍ରାପ୍ତ ନିରୀକ୍ଷକ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ☞ପୃଷ୍ଠା-୪

### କୁପ୍‌ୱାରାରେ ଏନ୍‌କାଉଣ୍ଟର : ୫ ଯବାନ ଶହୀଦ

୨ ଆତଙ୍କବାଦୀ ନିହତ

..........୨..........

### ଆଜିର ସମ୍ପାଦକୀୟ

ପରୀକ୍ଷାର ମୁଣ୍ଡବ୍ୟଥା

### ଆଜିର ମନ୍ତବ୍ୟ

" ପୁଲ୍‌ୱାମା ଆକ୍ରମଣ ଓ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ମନ୍ତବ୍ୟ ଭାରତର ଜାତୀୟ ନିରାପତ୍ତାକୁ କ୍ଷତି ପହଞ୍ଚାଉଛି।

-ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

### କିଛି ତଥ୍ୟ

ଗତ ମାସରେ ଦେଶର ଷ୍ଟକ ବଜାରରେ ବିଦେଶୀ ନିବେଶକମାନେ ୧୧,୧୮୩ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି।

– ମ୍ୟୁଚୁଆଲ ଫଣ୍ଡ ରିସର୍ଚ୍ଚ ଇଣ୍ଡିଆ

# ପୌର କର୍ମଚାରୀଙ୍କୁ ୭ମ ବେତନ କମିଶନ ଭେଟି

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

- ୨୦୧୬ ଏପ୍ରିଲ ପହିଲାରୁ ଲାଗୁ
- ଅତିରିକ୍ତ ବ୍ୟୟ ଭରଣା କରିବେ ପୌରସଂସ୍ଥା

ରାଜ୍ୟରେ କାର୍ଯ୍ୟରତ ପୌର କର୍ମଚାରୀଙ୍କ କ୍ଷେତ୍ରରେ ସପ୍ତମ ବେତନ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ରବିବାର ଅପରାହ୍ନରେ ଏହି ଘୋଷଣା କରାଯାଇଛି। ଘୋଷଣା ଅନୁଯାୟୀ ପୌର କର୍ମଚାରୀଙ୍କୁ ପିଛିଲା ଭାବେ ୨୦୧୬ ମସିହା ଏପ୍ରିଲ ପହିଲାରୁ ଏହି ହାରରେ ବେତନ ମିଳିବ। ଏଥିପାଇଁ ହେବାକୁ ଥିବା ସମସ୍ତ ଅତିରିକ୍ତ ଖର୍ଚ୍ଚକୁ ନିଜେ ପୌରସଂସ୍ଥାଗୁଡିକ ବ୍ୟୟ କରିବେ। ରାଜ୍ୟରେ ଥିବା ସବୁ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି) ଏବଂ ପୌରସଂସ୍ଥା ଏହା ଲାଗୁ କରିପାରିବେ କି ନାହିଁ, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସମସ୍ତ ପୌରସଂସ୍ଥା ଆର୍ଥିକ ଭାବେ ଏତେଟା ସବଳ ନୁହଁନ୍ତି, ତେଣୁ ଏହି ଘୋଷଣା ଦ୍ୱାରା ସଙ୍ଗେ ସଙ୍ଗେ ଲାଗୁ କରିପାରିବେ ନାହିଁ।

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସରକାର ସବୁ ବର୍ଗର କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁଛନ୍ତି। ପ୍ରଥମେ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ପୌର ନିର୍ବାଚନ ମଧ୍ୟ ଚଳିତ ବର୍ଷ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୌର କର୍ମଚାରୀଙ୍କ ଦରମା ପ୍ରସଙ୍ଗକୁ ବିରୋଧୀ ଆୟୁଧ କରିବାର ଯଥେଷ୍ଟ ସମ୍ଭାବନା ରହିଥିଲା। ତେଣୁ ଏହି ବର୍ଗକୁ ଖୁସି କରିବା ପାଇଁ ସପ୍ତମ ବେତନ କମିଶନ ସୁପାରିସ ପ୍ରାକ୍ – ନିର୍ବାଚନୀ ଭେଟି ବୋଲି ଚର୍ଚ୍ଚା ହେଉଛି। ହେଲେ କେତେକ ଅଧିକାରୀ ଏହାକୁ ନେଇ ଭିନ୍ନ ମତ ରଖିଛନ୍ତି। ଅର୍ଥ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ, ଏନ୍ଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମକୁ ବିଭିନ୍ନ ଖର୍ଚ୍ଚ ବାବଦକୁ ଅର୍ଥ ପ୍ରଦାନ କରାଯାଇଥାଏ। ଏହା ବାଦ୍ ସଂସ୍ଥାଗୁଡ଼ିକ କର୍ମଚାରୀଙ୍କ ଦରମା ଏବଂ ରାଜସ୍ୱ ପାଇଁ ବିଭିନ୍ନ କର ଆଦାୟ କରିଥାନ୍ତି। ସେହି ଆଦାୟ କରାଯାଉଥିବା ଅଂଶର ଏକ ବୃହତ୍ ଭାଗ ଦରମା ଆକାରରେ ଯାଇଥାଏ। ☞ପୃଷ୍ଠା-୪


NATIONAL EGG CO-ORDINATION COMMITTEE 03.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 77 | 128 | 138 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers





PATANJALI®
Prakriti ka Aashirwad

ପତଞ୍ଜଳିର
ରାଷ୍ଟ୍ର ପାଇଁ ସମର୍ପିତ ସେବା

'ରାଷ୍ଟ୍ର ବିରୋଧୀ ଶକ୍ତିଗୁଡ଼ିକ ସଙ୍ଗଠିତ ହୋଇ ଦେଶକୁ ଭାଙ୍ଗିବାର ପ୍ରୟାସରେ ଲାଗିପଡ଼ିଛନ୍ତି। ଆମେ ରାଷ୍ଟ୍ରବାଦୀ ଶକ୍ତିମାନଙ୍କୁ ଆହ୍ୱାନ କରୁଛୁ ଯେ ପତଞ୍ଜଳିର ସ୍ୱଦେଶୀ ଆନ୍ଦୋଳନକୁ ପୂର୍ଣ୍ଣ ରୂପେ ସମର୍ଥନ କରି ତାହାକୁ ଜନ-ଜନଙ୍କ ନିକଟରେ ପହଞ୍ଚାଇବା ପାଇଁ ସହଯୋଗ କରନ୍ତୁ ।'

ପାଖାପାଖି 11 ହଜାର କୋଟି ଟଙ୍କାର ଚାରିଟେବଲ୍ କାର୍ଯ୍ୟ ପତଞ୍ଜଳି ଦେଶ ପାଇଁ କରିଛି । ଦୟାକରି ଥରେ ଏହାକୁ ନିଜେ ଗମ୍ଭୀରତାପୂର୍ବକ ପଢ଼ନ୍ତୁ ତଥା ଏହି ବାର୍ତ୍ତାକୁ ଅନ୍ୟମାନଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ବି ଶେୟାର୍ କରି ପତଞ୍ଜଳିର ଯୋଗଦାନ ସମ୍ପର୍କରେ ଜଣାନ୍ତୁ ।

ବିଶ୍ୱର 5 ଶ୍ରେଷ୍ଠତମ ସଂସ୍ଥାନ

ପତଞ୍ଜଳି ବିଶ୍ୱର ସର୍ବଶ୍ରେଷ୍ଠ 5ଗୋଟି ସଂସ୍ଥାନ ପ୍ରତିଷ୍ଠା କରି ଭାରତର ଗୌରବକୁ ସାରା ଦୁନିଆରେ ବୃଦ୍ଧି କରିଛି:

• ଯୋଗ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ସଂସ୍ଥାନ – **ପତଞ୍ଜଳି ଯୋଗପୀଠ** ଦ୍ୱାରା ଦେଶ ଓ ଦୁନିଆର 100 କୋଟି ଲୋକଙ୍କ ପର୍ଯ୍ୟନ୍ତ ତଥା ଘରେ-ଘରେ ଯୋଗକୁ ପହଞ୍ଚାଇଛୁ, କୋଟି କୋଟି ଲୋକଙ୍କୁ ଯୋଗ, ଆୟୁର୍ବେଦ, ଭାରତୀୟ ସଂସ୍କୃତି ଓ ସ୍ୱଦେଶୀ ବାର୍ତ୍ତା ଦେଇ ସେମାନଙ୍କୁ ରୋଗମୁକ୍ତ, ଚାପମୁକ୍ତ, ନିଶାମୁକ୍ତ କରିଛୁ । ଆହାର, ବିଚାର ଓ ବ୍ୟବହାରରେ ଏକ ଦିବ୍ୟ ସାତ୍ତ୍ୱିକ ରୂପାନ୍ତରଣ କରିଛୁ ।
• ଯୋଗ, ଆୟୁର୍ବେଦ ଓ ବୈଦିକ ଗବେଷଣା କ୍ଷେତ୍ରରେ ସର୍ବଶ୍ରେଷ୍ଠ ସଂସ୍ଥା – **ପତଞ୍ଜଳି ରିସର୍ଚ୍ଚ ସେଣ୍ଟରରେ** 500 ବୈଜ୍ଞାନିକ କାମ କରୁଛନ୍ତି, ଯେଉଁମାନେ ଆନିମଲ୍ ଟ୍ରାଏଲ୍‌ରୁ ହ୍ୟୁମାନ୍ ଟ୍ରାଏଲ୍ ପର୍ଯ୍ୟନ୍ତ ଡ୍ରଗ୍ ଡିସ୍କଭରିର କାମ କରି ଏକ ଏଭିଡେନ୍ସ ବେସ୍‌ଡ ମେଡିସିନ ରୂପେ ଆୟୁର୍ବେଦକ ସ୍ଥାପିତ କରୁଛନ୍ତି।
• ଆୟୁର୍ବେଦ କ୍ଷେତ୍ରରେ – **ପତଞ୍ଜଳି ଆୟୁର୍ବେଦ ଏବଂ ଦିବ୍ୟ ଫାର୍ମାସୀ**
• ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ – **ପତଞ୍ଜଳି ଯୋଗଗ୍ରାମ ଓ ନିରାମୟମ୍,**
• ବେଦ ବିଦ୍ୟା ଓ ଯୋଗ କ୍ଷେତ୍ରରେ – **ପତଞ୍ଜଳି ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଗୁରୁକୁଳମ୍** ଏବଂ **ଆଚାର୍ଯ୍ୟକୁଳମ୍‌ରେ** ସହସ୍ରାଧିକ ବିଦ୍ୟାର୍ଥୀଙ୍କୁ ଶିକ୍ଷା ଓ ଅର୍ଡିନେସନ (ସଂସ୍କାର) ଦିଆଯାଇ ଦେଶ ପାଇଁ ପ୍ରସ୍ତୁତ କରାଯାଉଛି ତଥା ଲକ୍ଷାଧିକ ଦେଶଭକ୍ତ ପ୍ରତିଭାବାନ ବିଦ୍ୟାର୍ଥୀଙ୍କୁ ପ୍ରସ୍ତୁତ କରିବାର ଯୋଜନା ଓ ସଂକଳ୍ପ ରହିଛି । ଋଷିମାନଙ୍କ ପ୍ରକୃତ ଉତ୍ତରାଧିକାରୀ, ଆଚାର୍ଯ୍ୟ ଓ ବେଦର ବିଦ୍ୱାନ୍ ସନ୍ନ୍ୟାସୀଙ୍କୁ ଗଢ଼ିବାର କାର୍ଯ୍ୟ ମଧ୍ୟ ପତଞ୍ଜଳି କରୁଛି ।

ସ୍ୱଦେଶୀରୁ ସ୍ୱାବଲମ୍ବୀ ଭାରତ

2 ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ରୋଜଗାର
• 1 କୋଟି ଚାଷୀଙ୍କ ଜୀବନରେ ସୁଧାର
• ସ୍ୱଦେଶୀ ବ୍ରାଣ୍ଡର ଗୌରବକୁ ଦଣ୍ଡାୟମାନ କରି ବିଦେଶୀ କମ୍ପାନୀର ଶ୍ରେଷ୍ଠ ବିକଳ୍ପ ଦେଶକୁ ଦେଇ ଦେଶରେ ଏହି ସ୍ୱାଭିମାନ ଜାଗ୍ରତ କରିଛି କି 'ମେଡ୍ ଇନ୍ ଭାରତ' ମଧ୍ୟ ସର୍ବଶ୍ରେଷ୍ଠ ହୋଇପାରିବ ।

ବିଶ୍ୱର ଶ୍ରେଷ୍ଠତମ ଓ ବିଶାଳତମ ସଙ୍ଗଠନ

ଯୋଗ ସେବାରୁ ମାନବ ସେବା ଓ ରାଷ୍ଟ୍ର ସେବା ପାଇଁ **ପତଞ୍ଜଳି ଯୋଗ ସମିତି, ମହିଳା ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ, ଯୁବା ଭାରତ, ପତଞ୍ଜଳି କିଷାନ ସେବା ସମିତି ଓ ହାମ୍ରୋ ସ୍ୱାଭିମାନ** ଏହି ସଙ୍ଗଠନଗୁଡ଼ିକ ମାଧ୍ୟମରେ 1 ଲକ୍ଷରୁ ଅଧିକ ନିଃଶୁଳ୍କ ଯୋଗ ଶ୍ରେଣୀ ଦେଶରେ ଚାଲୁଅଛି ।

**10 ଲକ୍ଷ ଯୋଗ ଶିକ୍ଷକ, 1 କୋଟି କାର୍ଯ୍ୟକର୍ତ୍ତା ଓ କୋଟି କୋଟି ଯୋଗ ସାଧକଙ୍କ** ଦ୍ୱାରା ସୁସ୍ଥ, ସଂସ୍କାରପୂର୍ଣ୍ଣ, ଯୋଗୀ-ନୀରୋଗୀ, ଉପଯୋଗୀ ଓ ଶ୍ରେଷ୍ଠ ନାଗରିକ ତିଆରି କରିବାର ବିନମ୍ର ସେବା କରାଯାଉଛି। ଅନେକ ଜନ-ଆନ୍ଦୋଳନ ଦେଶରେ ସଞ୍ଚାଳନ କରାଯାଉଛି ।

ମାତୃଭୂମିର କୃତଜ୍ଞତାପୂର୍ଣ୍ଣ ସେବା

26/11ର ମୁମ୍ବାଇ ଆକ୍ରମଣରେ ଶହୀଦମାନଙ୍କୁ ସମ୍ମାନ ଓ ପୁଲୱାମାରେ ଶହୀଦ ହୋଇଥିବା ସୈନିକଙ୍କ ସହିତ ଅନ୍ୟାନ୍ୟ ଶହୀଦମାନଙ୍କ ପିଲାଙ୍କ ପାଇଁ ମଧ୍ୟ ପତଞ୍ଜଳି ଖୁବ୍ ଶୀଘ୍ର ଏକ ଆବାସିକ ବିଦ୍ୟାଳୟ ତିଆରି କରିବାକୁ ଯାଉଛି । ପ୍ରାକୃତିକ ବିପର୍ଯ୍ୟୟ ଯେପରି - ବିହାର ବନ୍ୟା, ଉତ୍ତରାଖଣ୍ଡ, କେରଳ, ନର୍ଥ ଇଷ୍ଟ ବନ୍ୟାର ବିଭୀଷିକାରୁ ଆରମ୍ଭ କରି ନେପାଳ ଭୂମିକମ୍ପ ଆଦିରେ ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ନିଷ୍କାମ ସେବା,

ଏକ ଲକ୍ଷରୁ ଅଧିକ ଗୋବଂଶର ସେବା ଓ ଭାରତୀୟ ପ୍ରଜାତିର ଗୋବଂଶର ପ୍ରଜାତି ସୁଧାର

ପ୍ରାକୃତିକ କୃଷି, ଲଘୁ ଉଦ୍ୟୋଗ, ଗ୍ରାମୋଦ୍ୟୋଗ ଏବଂ ଗରିବ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ଆଦି

ସହସ୍ରାଧିକ ସେବା କାର୍ଯ୍ୟ ଆପଣ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରୁ ପତଞ୍ଜଳି କରିଛି । ଏସବୁ କରିବାର ସାମର୍ଥ୍ୟ ଆପଣମାନେ ଦେଇଛନ୍ତି, ଏଥିପାଇଁ ଆମେ ଆପଣମାନଙ୍କ ନିକଟରେ କୃତଜ୍ଞ ତଥା ଆପଣଙ୍କ ନିରନ୍ତର ସହଯୋଗ ଓ ସମର୍ଥନ ପାଇଁ ଆହ୍ୱାନ କରୁଛୁ ।



ବାଲାକୋଟ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣର ଉଦ୍ଦେଶ୍ୟ ଲୋକଙ୍କୁ ମାରିବା ନ ଥିଲା। ଶତ୍ରୁ ଦେଶ ଭିତରେ ପଶି କାର୍ଯ୍ୟାନୁଷ୍ଠାନ କରିବାକୁ ଭାରତ ଯେ ସମର୍ଥ, ଏହା ଜଣାଇଦେବା ଉଦ୍ଦେଶ୍ୟ ରହିଥିଲା।
-ଏସ୍.ଏସ୍. ଆହ୍ଲୁୱାଲିଆ, କେନ୍ଦ୍ରମନ୍ତ୍ରୀ



# ମୃତ୍ୟୁ ଖବର ଯାଞ୍ଚ କରୁଛି ଭାରତ

ଇସ୍ଲାମାବାଦ/ନୂଆଦିଲ୍ଲୀ,୩।୩: ପୁଲୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ ଆଜାରଙ୍କ ମୃତ୍ୟୁ ସମ୍ପର୍କିତ ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଶହ ଶହ ଭାରତୀୟ ଯବାନଙ୍କ ଜୀବନ ନେଇଥିବା ଆଜାରଙ୍କ ମୃତ୍ୟୁ ଖବର ସତ ନା ଗୁଜବ ସେ ନେଇ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଯାଞ୍ଚ କରୁଛନ୍ତି। ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ ବାହୱାଲପୁର ବାସିନ୍ଦା ଆଜାର ୨୦୦୦ରେ ଜେଇଏମ୍ ପ୍ରତିଷ୍ଠା କରିଥିଲେ। ତାଙ୍କ ଆତଙ୍କବାଦୀ ସଙ୍ଗଠନ ବିଶେଷକରି ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ସକ୍ରିୟ ଅଛି। ଜେଇଏମ୍ର ମୁଖ୍ୟ ଟାର୍ଗେଟରେ ଭାରତୀୟ ସୁରକ୍ଷା ବଳ ରହିଆସିଛି। ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ଖବର ଆସିବା ପରେ ଏଥିକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଭାରତର ଗୋଇନ୍ଦା ଅଧିକାରୀମାନେ କହିଛନ୍ତି, ୫୦ ବର୍ଷୀୟ ଆଜାରଙ୍କ କିଡ୍‌ନୀ ଖରାପ ହୋଇଥିବାରୁ ସେ ପାକିସ୍ତାନୀ ସେନା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ଖବର ଆମ ପାଖରେ ରହିଛି। ସୋସିଆଲ ମିଡିଆ ଓ ଅନ୍ୟ କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟର ସତ୍ୟାସତ୍ୟ ଯାଞ୍ଚ କରାଯାଉଛି। ଭାରତୀୟ ବାୟୁସେନା ଗତ ୨୬ ତାରିଖରେ ବାଲାକୋଟରେ କରିଥିବା ବୋମାମାଡ଼ରେ ଆଜାରଙ୍କ କମାଣ୍ଡର ଆଜାର ଗୁରୁତର ଆହତ ହୋଇଥିଲେ। ସେ ପାକିସ୍ତାନର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ପ୍ରାଣ ହରାଇଥିବା କେତେକ ଗଣମାଧ୍ୟମ ପକ୍ଷରୁ ଦାବି କରାଯାଉଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ କ୍ୟାବିନେଟ ଶୁକ୍ରବାର ଦାବି କରିଥିଲା ଯେ, ସେ ଏବେ ନିଜ ଦେଶରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ଏପରି କି ଆଜାର ନିଜ ଘରୁ ବାହାରିବା ଅବସ୍ଥାରେ ନାହାନ୍ତି ବୋଲି ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ବୁଧଦିନ ଏକ ସିଏନ୍ଏନ୍‌କୁ ଦେଇଥିବା ସାକ୍ଷାତ୍କାରରେ କହିଥିଲେ। କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଆଜାର ରାୱଲପିଣ୍ଡିସ୍ଥିତ ସେନା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ମଧ୍ୟ ଏହା ପୂର୍ବରୁ ରିପୋର୍ଟ ପ୍ରକାଶ ପାଇସାରିଛି। ଟୁଇଟର୍ ସମେତ ଅନେକ ସୋସିଆଲ ମିଡିଆରେ ରବିବାର ତାଙ୍କ ମୃତ୍ୟୁ ଖବର ଭାଇରାଲ ହୋଇଛି। ବାଲାକୋଟରେ ଭାରତୀୟ ବାୟୁସେନାର ଆକ୍ରମଣରେ ଆଜାରଙ୍କ ଭାଇ ଓ ଶାଳକଙ୍କ ସମେତ ୩୫୦ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ଭାରତ ସରକାର ଦାବି କରୁଛନ୍ତି। ବିରୋଧୀ ଦଳଗୁଡ଼ିକ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ଆକ୍ରମଣ ସମ୍ପର୍କିତ କେତେକ ପ୍ରମାଣ ଲୋକଲୋଚନକୁ ଆଣିବା ଲାଗି ଏନ୍‌ଡିଏ ସରକାର ବିଚାର କରୁଛନ୍ତି। ଏଭଳି ସମୟରେ ଆଜାରଙ୍କ ମୃତ୍ୟୁ ଘଟିଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟଗୁଡ଼ିକର ସତ୍ୟତା ଯାଞ୍ଚ କରାଯାଉଛି। ପ୍ରକାଶ ଯେ, ପୂର୍ବରୁ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁ ବକର୍ ଅଲ-ବାଗ୍‌ଦାଦୀଙ୍କ ମୃତ୍ୟୁକୁ ନେଇ ମଧ୍ୟ ଏଭଳି ଅନେକ ଥର ଖବର ସାମ୍ନାକୁ ଆସିସାରିଛି। ହେଲେ କିଛି ସମୟର ବ୍ୟବଧାନରେ ବାଗ୍‌ଦାଦୀ ଅଡିଓ ଟେପ୍ ଜାରି କରି ନିଜେ ଜୀବିତ ଥିବାର ପ୍ରମାଣ ଦେଇଆସିଛନ୍ତି।

## ଜୈଶ୍ ମୁଖ୍ୟଙ୍କ ଘାତକ ଷଡ଼ଯନ୍ତ୍ର

➤୧୯୯୯ ଡିସେମ୍ବର ୨୪: କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସର ବିମାନ ଆଇସି-୮୧୪ ଅପହରଣ। ୧୭୬ ଯାତ୍ରୀଙ୍କୁ ମୁକ୍ତ କରିବା ବଦଳରେ ଆଜାରଙ୍କ ସମେତ ୩ ଆତଙ୍କବାଦୀଙ୍କୁ ଛାଡ଼ିଦେଇଥିଲେ ଏନ୍‌ଡିଏ ସରକାର
➤୨୦୦୧ ଡିସେମ୍ବର ୧: ପାର୍ଲାମେଣ୍ଟ ଆକ୍ରମଣରେ ୮ ଶହୀଦ, ଜଣେ ନିହତ
➤୨୦୧୬ ଜାନୁଆରୀ ୨: ପଠାନକୋଟ ଆକ୍ରମଣରେ ୭ ଶହୀଦ, ଜଣେ ନିହତ
➤୨୦୧୭ ସେପ୍ଟେମ୍ବର ୧୮: ଉରି ଆକ୍ରମଣରେ ୧୯ ଯବାନ ଶହୀଦ
➤୨୦୧୯ ଫେବୃୟାରୀ ୧୪: ପୁଲୱାମା ଆତ୍ମଘାତୀ ବିସ୍ଫୋରଣରେ ୪୯ ଯବାନ ଶହୀଦ



## ସଂକ୍ଷେପରେ

### ଦେଶ ବିରୋଧୀ ମନ୍ତବ୍ୟ ଦେଇ ପ୍ରଫେସର ଆରେଷ୍ଟରେ



ବିଜୟପୁରା,୩।୩: ଦେଶ ବିରୋଧୀ ମନ୍ତବ୍ୟ ପାଇଁ ଜଣେ ପ୍ରଫେସରଙ୍କୁ ଆରେଷ୍ଟ କରାଯାଇଛି। ପାକିସ୍ତାନ ସ୍ଥିତି ବାଲାକୋଟରେ ବାୟୁସେନାର କାର୍ଯ୍ୟାନୁଷ୍ଠାନକୁ ନେଇ କର୍ଣ୍ଣାଟକର ବିଏଲ୍‌ଡିଇ ଇଞ୍ଜିନିୟରିଂ କଲେଜର ପ୍ରଫେସର ସନ୍ଦିପ ୱାଥର ଦେଶ ବିରୋଧୀ ମନ୍ତବ୍ୟ ଦେଇଥିଲେ। ସେ ଫେସବୁକ୍‌ରେ ପାକିସ୍ତାନର ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପାକୁ ସମାଲୋଚନା କରିଥିଲେ। କଲେଜ ପରିସରରେ ବିକ୍ଷୋଭ ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ କରିଦେଇଥିଲେ। ଏବିଭିପି କର୍ମୀ ଓ ଛାତ୍ରୀଛାତ୍ର ତାଙ୍କୁ କଲେଜ ପରିସରରେ ଆଟକେଇବାକୁ ବାଧ୍ୟ କରିଥିଲେ। ଏହା ପରେ ପ୍ରଫେସର ଦେଶବିରୋଧୀ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି।

### ୨୧ ସୈନ୍ୟ ନିହତ

ବିରୁଟ, ୩।୩: ସିରିଆରେ ପୁଣି ସୁରକ୍ଷା ବଳକୁ ଟାର୍ଗେଟ୍ ହୋଇଛି। ରବିବାର ସକାଳେ ଜେହାଦୀ ଗୋଷ୍ଠୀର ସଦସ୍ୟମାନେ ସିରିଆ ଓ ଏହାର ସହଯୋଗୀ ଦେଶର ସେନାଙ୍କ ଉପରେ ଆକ୍ରମଣ କରିଛନ୍ତି। ଏଥିରେ ପ୍ରାୟ ୨୧ ଯବାନ ପ୍ରାଣ ହରାଇଛନ୍ତି। ଅଲ୍‌କାଏଦା ସହ ସମ୍ପର୍କରେ ଥିବା ଅନ୍‌ସାର ଅଲ୍-ତୱାହିଦ୍ ପକ୍ଷରୁ ଇଦ୍‌ଲିବ୍ ପ୍ରଦେଶ ନିକଟରେ ଏହି ଆକ୍ରମଣ ହୋଇଥିବାବେଳେ ଏହାର ୫ ସଦସ୍ୟ ଏଥିରେ ନିହତ ହୋଇଛନ୍ତି। ବ୍ରିଟେନସ୍ଥିତ ପର୍ଯ୍ୟବେକ୍ଷକ (ଅନୁଧାନକାରୀ) ଗ୍ରୁପ୍‌ର ନିର୍ଦ୍ଦେଶକ ରାମି ଅବ୍‌ଦେଲ ରହମାନ ଏହା ଜଣାଇଛନ୍ତି।

### ବନ୍ୟାରେ ୨୦ ମୃତ

କାବୁଲ, ୩।୩: ଆଫଗାନିସ୍ତାନର କାନ୍ଦାହାର ପ୍ରଦେଶରେ ଶୁକ୍ରବାରଠାରୁ ଲଗାଣ ବର୍ଷା ଜାରି ରହିଥିବାବେଳେ ବନ୍ୟାରେ ୨୦ଜଣଙ୍କ ମୃତ୍ୟୁ ଘଟିଛି। ଏକାଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଆଫଗାନିସ୍ତାନସ୍ଥିତ ଜାତିସଂଘର ମାନବିକ କଲ୍ୟାଣ ସହଯୋଗୀ ସଂସ୍ଥା ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ଥାନୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ପକ୍ଷରୁ ଏ ନେଇ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟାବିପନ୍ନଙ୍କ ଥଇଥାନ ଓ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଭାରତ-ବାଂଲାଦେଶ ମିଳିତ ସମରାଭ୍ୟାସ

ନୂଆଦିଲ୍ଲୀ,୩।୩(ପି.ଟି.): ଭାରତ ଓ ବାଂଲାଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଅଷ୍ଟମ ସମରାଭ୍ୟାସ 'ସଂପ୍ରୀତି' ରବିବାର ଆରମ୍ଭ ହୋଇଛି। ବାଂଲାଦେଶର ଟାଙ୍ଗେଲ ଅନ୍ତର୍ଗତ ବଙ୍ଗବନ୍ଧୁ କ୍ୟାଣ୍ଟନମେଣ୍ଟରେ ଏହି ସମରାଭ୍ୟାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଅଭିନନ୍ଦନଙ୍କୁ ଭଗବାନ ମହାବୀର ଅହିଂସା ପୁରସ୍କାର

ନାଶିକ,୩।୩(ପି.ଟି.): ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ 'ଭଗବାନ ମହାବୀର ଅହିଂସା ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାର ପାଉଥିବା ଅଭିନନ୍ଦନ ହେବେ ପ୍ରଥମ ବ୍ୟକ୍ତି। ଅଖିଳ ଭାରତୀୟ ଦିଗମ୍ବର ଜୈନ ମହାସମିତି ପକ୍ଷରୁ ଏହି ପୁରସ୍କାର ବ୍ୟବସ୍ଥା କରାଯାଇଛି।

# 'ଯବାନଙ୍କ ସାହସିକତାର ପ୍ରମାଣ ମାଗୁଛନ୍ତି ବିରୋଧୀ'



## ପାଟନାରେ ଏନ୍‌ଡିଏ ରାଲି

ପାଟନା,୩।୩(ପି.ଟି.): ବିହାର ରାଜଧାନୀ ପାଟନାରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ଦଳଗୁଡ଼ିକ ଉପରେ ଜୋର୍‌ଦାର ବର୍ଷିଛନ୍ତି। ଆମର ସୁରକ୍ଷା ବଳ ଆତଙ୍କବାଦର ମୂଳୋତ୍ପାଟନ କରିବାରେ ବ୍ୟସ୍ତ ଥିବାବେଳେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ସେମାନଙ୍କ ସାହସିକତାର ପ୍ରମାଣ ମାଗୁଛନ୍ତି। ବାଲାକୋଟ ଆତଙ୍କବାଦୀ ଶିବିର ଉପରେ ବାୟୁସେନାର ଏୟାରଷ୍ଟ୍ରାଇକ୍‌କୁ ନେଇ ବିରୋଧୀ ଯେଉଁଭଳି ବିବୃତି ଦେଉଛନ୍ତି, ତାହା କେବଳ ପାକିସ୍ତାନର ଜନସାଧାରଣଙ୍କୁ ଖୁସି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯେତେବେଳେ ସାରା ଦେଶ ଗୋଟିଏ ସ୍ୱରରେ କହିବା ଆବଶ୍ୟକ ଥିଲା, ସେତେବେଳେ ଦିଲ୍ଲୀରେ ୨୧ ବିରୋଧୀ ଦଳ ଏକାଠି ହୋଇ ସରକାରଙ୍କ ବିପକ୍ଷରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ବୋଲି ଗାନ୍ଧୀ ମଇଦାନରେ ଅନୁଷ୍ଠିତ ସଙ୍କଳ୍ପ ସମାବେଶରେ ମୋଦି କହିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ବିହାରରେ ସମସ୍ତ ୪୦ ଆସନ ଜିତିବ। ଏହା ଆମର ସଂକଳ୍ପ ବୋଲି ଉକ୍ତ ସମାବେଶରେ ଯୋଗଦେଇ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ଭାରତ-ପାକିସ୍ତାନ ମଧ୍ୟରେ ସୋମବାର ରେଳ ଚଳାଚଳ ସ୍ୱାଭାବିକ ହେବ। ସମଝୋତା ଏକ୍ସପ୍ରେସ୍‌କୁ ଲାହୋର ରେଳଷ୍ଟେଶନରେ ରବିବାର ଅପେକ୍ଷା କରିଥିବା ଜଣେ ଭାରତୀୟ ମହିଳା ତାଙ୍କ ଶିଶୁର ଯତ୍ନ ନେଉଛନ୍ତି।

## ସେନାରେ ସାମିଲ ହେବ ଏକେ-୨୦୩

ନୂଆଦିଲ୍ଲୀ, ୩।୩: ସୀମାରେ ଆତଙ୍କବାଦୀ ଗତିବିଧି ଏବଂ ଗୁଳିବିନିମୟକୁ ଦୃଷ୍ଟିରେ ରଖି ଭାରତୀୟ ସ୍ଥଳସେନାର ସାମର୍ଥ୍ୟ ବୃଦ୍ଧି ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଆମେରିକାନ ୭.୬୯ ଏମ୍ଏମ୍ ସିଗ୍ ସୌର ଆସଲ୍ଟ ରାଇଫଲ୍ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରାଳୟ ନିକଟରେ ମଞ୍ଜୁର କରିଥିବାବେଳେ ଏକେ-୪୭ର ଅତ୍ୟାଧୁନିକ ମଡେଲ ଏକେ-୨୦୩ ଘାତକ ଶ୍ରେଣୀଭୁକ୍ତ ରାଇଫଲ ସେନାକୁ ହସ୍ତାନ୍ତର କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ରୁଷିଆର ନିର୍ମାଣକାରୀ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୭୫୦,୦୦୦ ବନ୍ଧୁକ ସୀମାରେ ମୁତୟନ ଯବାନଙ୍କୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରାଳୟ ପକ୍ଷରୁ ସୂଚିତ କରାଯାଇଛି।

# ୫ ଯବାନ ଶହୀଦ

## କୁପ୍‌ୱାଡ଼ା ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୩।୩(ପି.ଟି.): ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ାରେ ଦୀର୍ଘ ୫୬ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ୫ ଜଣ ସୁରକ୍ଷା ଯବାନ ଶହୀଦ ହୋଇଛନ୍ତି। ଏଥିରେ ଜଣେ ନିରୀହ ବ୍ୟକ୍ତି ନିହତ ହୋଇଥିବାବେଳେ ୨ ଆତଙ୍କବାଦୀଙ୍କ ମୃତ ଗଳିଛି। ଶୁକ୍ରବାର ସକାଳୁ କୁପ୍‌ୱାଡ଼ାର ବାବାଗୁଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଲାଗିରହିଥିଲା। ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ସିଆରପିଏଫ ଯବାନ ଶ୍ୟାମ ନାରାୟଣ ସିଂ ଯାଦବ ଗୁଳିମାଡ଼ରେ ଆହତ ହୋଇଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଯେଉଁମାନେ ଶହୀଦ ହୋଇଛନ୍ତି ସେମାନେ ହେଲେ ସିଆରପିଏଫ୍ ଇନ୍ସପେକ୍ଟର ପିଣ୍ଟୁ ଏବଂ କନ୍‌ଷ୍ଟେବଲ ବିନୋଦ କୁମାର, ପୋଲିସ କନ୍‌ଷ୍ଟେବଲ ନସୀର ଅହମ୍ମଦ ଏବଂ ଗୁଲାମ ମୁସ୍ତାଫା ବରାହ। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ସେମାନଙ୍କୁ ଦେଖି ଆତଙ୍କବାଦୀ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା। ଆତଙ୍କବାଦୀମାନେ ଏକ ସଂକୀର୍ଣ୍ଣ ଅଞ୍ଚଳରେ ରହୁଥିବାରୁ ପାଖ ଘରଗୁଡ଼ିକୁ ଖାଲି କରିବାକୁ ପଡ଼ିଥିଲା। ଏନ୍‌କାଉଣ୍ଟର ସ୍ଥଳରୁ କେତେକ ଅପରାଧିକ ସାମଗ୍ରୀ, ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଉକ୍ତ ଅଞ୍ଚଳରେ ବିସ୍ଫୋରକ ରହିଥିବା ଆଶଙ୍କାରେ ଲୋକମାନଙ୍କୁ ସେଠାକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ଫୁର୍ସତ

# ପାଇଲଟଙ୍କ ମେରୁଦଣ୍ଡରେ କ୍ଷତ


ନୂଆଦିଲ୍ଲୀ,୩।୩: ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କ ମେରୁଦଣ୍ଡର ତଳଭାଗ ଏବଂ ପଞ୍ଜରାରେ କ୍ଷତ ସୃଷ୍ଟି ହୋଇଛି। ଗତ ୨୭ ତାରିଖରେ ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ତଡ଼ିବାକୁ ଯାଇ ପାକିସ୍ତାନ ସୀମା ମଧ୍ୟକୁ ପ୍ରବେଶ କରିଥିଲେ। ସେ ଏଫ୍-୧୬କୁ ଖସାଇବା ପରେ ପାକିସ୍ତାନ ସେନା ଗୁଳିରେ ତାଙ୍କ ମିଗ୍-୨୧ ବିମାନ କ୍ଷତିଗ୍ରସ୍ତ ହୋଇଥିଲା। ସେ ପାରାସୁଟ ସହାୟତାରେ ଖସୁଥିବାବେଳେ ପିଓକେ ଅଞ୍ଚଳରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିବା ଏମ୍ଆର୍ଆଇ ସ୍କାନ୍‌ରୁ ଜଣାପଡ଼ିଛି। ପିଓକେରେ ସ୍ଥାନୀୟ ଲୋକଙ୍କ ମାଡ଼ ଯୋଗୁ ଙ୍କଙ୍କରେ କ୍ଷତ ହୋଇଥିବା କୁହାଯାଉଛି। ଦିଲ୍ଲୀର ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲରେ ତାଙ୍କର ଅଧିକ ସ୍ୱାସ୍ଥ୍ୟପରୀକ୍ଷା ଓ ଚିକିତ୍ସା କରାଯାଉଛି। ପାକିସ୍ତାନୀ ସେନା ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯ୍ୟାତନାର ଶିକାର ହୋଇଥିଲେ ମଧ୍ୟ ଅଭିନନ୍ଦନଙ୍କ ଜୋଶ୍ କମିନାହିଁ। ସେ ଯେତେଶୀଘ୍ର ସମ୍ଭବ ଯୁଦ୍ଧବିମାନ ଉଡ଼ାଇବାକୁ ଚାହାଁନ୍ତି ବୋଲି ବରିଷ୍ଠ ବାୟୁସେନା କର୍ମଚାରୀ ଏବଂ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ କହିଛନ୍ତି।

# ଅଭିନନ୍ଦନଙ୍କୁ ସହାୟକ ହେଲା ସୋସିଆଲ ମିଡିଆ

ନୂଆଦିଲ୍ଲୀ: ଗତ ୨୭ରେ ପାଇଲଟ୍ ଅଭିନନ୍ଦନ ବର୍ଦ୍ଧମାନ୍‌ଙ୍କ ବିମାନକୁ ଶତ୍ରୁସେନା ଆକ୍ରମଣ କରିବା ପରେ ସେ ଆକାଶଛତା ଯୋଗେ ପିଓକେରେ ଅବତରଣ କରିଥିଲେ। ଏହି ବିଷୟ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ତାଙ୍କୁ ମୁକ୍ତ କରିବା ପାଇଁ ଭାରତ ତତ୍ପର ହୋଇପଡ଼ିଥିଲା। ଏପରି କି ସୀମାପାର ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନରୁ ଭାରତ ନିବୃତ୍ତ ରହି ପାଇଲଟ୍‌ଙ୍କୁ ସ୍ୱଦେଶ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଥିଲା।



ପାକିସ୍ତାନ କବଳରେ ଦୀର୍ଘ ୬୦ଘଣ୍ଟା ରହି ମୁକ୍ତ ହେବାପରେ ଭାରତ ବିଜୟ ଉତ୍ସବ ପାଳନ କରିଥିଲା। ପାଇଲଟ୍‌ଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ପାକିସ୍ତାନ ଉପରେ ଚାପ ପକାଇବାରେ ସୋସିଆଲ ମିଡିଆ ସହାୟକ ହୋଇଥିଲା ବୋଲି ବେଙ୍ଗାଲୁରୁର ଅନ୍ୟତମ ସାଇବର ଆଇନ ବିଶେଷଜ୍ଞ ପବନ ଦୁଗ୍ଗଲ ପ୍ରକାଶ କରିଛନ୍ତି। ପାଇଲଟ୍ ଅଭିନନ୍ଦନ ସମ୍ବେଦନଶୀଳ ସୂଚନା ନ ଦେଇ ଅତି ସାହସିକତା ପ୍ରଦର୍ଶନ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ସେ ପାକିସ୍ତାନରେ ଅବତରଣ କରି ପୁଣି ଭାରତର କେଉଁ ଅଞ୍ଚଳରେ ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସୋସିଆଲ ମିଡିଆ ଯୁଦ୍ଧର ସମୟ ନଷ୍ଟ ନ କରି ଏହି ସୂଚନାକୁ ବିଶ୍ୱବାସୀଙ୍କ ଅବଗତି ନିମନ୍ତେ ଭାଇରାଲ୍ କରିଥିଲେ। ଏଥିପାଇଁ ଅଭିନନ୍ଦନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇଥିଲା।






### ମାର୍ଚ୍ଚ ୪ର ପ୍ରମୁଖ ଘଟଣା

୧୭୨୪ ମାର୍ଚ୍ଚ ୪ରେ ଆମେରିକାରେ ପ୍ରଥମ ଥର ପାଇଁ ପିପୁଲ ମାଗାଜିନ୍ ପ୍ରକାଶିତ ହୋଇଥିଲା। ଏହାକୁ ପିପୁଲ ୱିକ୍‌ଲି କୁହାଯାଏ। ଏଥିରେ ମାନବ ସ୍ୱାର୍ଥ ସମ୍ବନ୍ଧିତ ଲେଖା ପ୍ରକାଶ ପାଇଥାଏ। ମେରିଡିଥ୍ କର୍ପୋରେସନ୍‌ର ଏହା ଏକ ସବ୍‌ସିଡିଆରୀ। ଟାଇମ୍ ଇନ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ଅଧିକ ପାଠକୀୟ ଆଦୃତି ଲାଭ କରିଥାଏ।

୨୦୧୫ ମାର୍ଚ୍ଚ ୪ରେ ୟୁକ୍ରେନ୍‌ର ଡୋନେଟ୍ସ ଅଞ୍ଚଳରେ ଥିବା ଜାସିଆଡ୍‌କୋ କୋଇଲା ଖଣିରେ ବିସ୍ଫୋରଣ ଯୋଗୁ ୩୪ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଜାସିଆଡ୍‌କୋ ମାଇନ୍ ହେଉଛି ଏକ କୋଇଲା ଖଣି କମ୍ପାନୀ ଏହା ୟୁକ୍ରେନର ଡୋନେଟ୍ସ ନଗରର ପୂର୍ବପ୍ରାନ୍ତରେ ଅବସ୍ଥିତ। ୨୦୧୪ରେ ଡନ୍‌ବାସ୍‌ରେ ଯୁଦ୍ଧ ଆରମ୍ଭ ହେବାପରେ ଉକ୍ତ ଖଣି ବିଦ୍ରୋହୀଙ୍କ ଦ୍ୱାରା ନିୟନ୍ତ୍ରିତ ଭୂଖଣ୍ଡରେ ରହିଥିଲା।

## କେମିତି ରହିବ ଆଜିର ପାଗ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୧୭.୧ |
| ଚାନ୍ଦବାଲି | ୩୨.୮ | ୧୭.୫ |
| କଟକ | ୩୨.୬ | ୧୭.୮ |
| ପାରାଦ୍ୱୀପ | ୨୮.୬ | ୧୮.୬ |
| ଭୁବନେଶ୍ୱର | ୩୩.୦ | ୧୯.୬ |
| ଗୋପାଳପୁର | ୩୦.୮ | ୨୨.୩ |
| ପୁରୀ | ୨୯.୨ | ୨୧.୨ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୩୦.୫ | ୧୭.୦ |
| ଝାରସୁଗୁଡ଼ା | ୨୭.୦ | ୧୭.୬ |
| କେନ୍ଦୁଝର | ୨୯.୭ | ୧୫.୬ |
| ସମ୍ବଲପୁର | ୨୯.୨ | ୧୮.୨ |
| ସୁନ୍ଦରଗଡ଼ | --- | ୧୪.୦ |
| ହୀରାକୁଦ | ୨୮.୮ | ୧୮.୫ |
| ଟିଟିଲାଗଡ଼ | --- | --- |
| ଭବାନୀପାଟଣା | ୩୧.୮ | ୨୧.୦ |
| ବଲାଙ୍ଗୀର | --- | ୧୭.୦ |
| କୋରାପୁଟ | ୩୧.୬ | ୧୯.୨ |
| ଫୁଲବାଣୀ | --- | --- |
| ତିତିଲାଗଡ଼ | --- | ୧୮.୫ |
| ମାଲକାନଗିରି | ୩୭.୪ | ୧୮.୫ |
| ସୋନପୁର | ୩୨.୨ | ୧୯.୦ |
| ଦାରିଙ୍ଗବାଡ଼ି | ୨୨.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ପାକିସ୍ତାନ ଧ୍ୱଂସ' ବିବୃତି ସ୍ୱତଃସ୍ଫୂର୍ତ୍ତ: କଙ୍ଗନା



ନୂଆଦିଲ୍ଲୀ: ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ଜାଣିବା ପରେ 'ପାକିସ୍ତାନକୁ ଧ୍ୱଂସ କରିବା' ଭଳି ତାଙ୍କର ବିବୃତି ସ୍ୱାଭାବିକ ଥିଲା ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଉତ୍ ପ୍ରକାଶ କରିଛନ୍ତି। ଶନିବାର ଇଣ୍ଡିଆ ଟୁଡେ କନ୍‌କ୍ଲେଭରେ ଉଦ୍‌ବୋଧନ ଦେଇ 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସୀ' ଅଭିନେତ୍ରୀ ଏହା କହିଛନ୍ତି। ପାକିସ୍ତାନ ବିରୋଧରେ ବିବାଦୀୟ ପ୍ରସଙ୍ଗକୁ ନିଜକୁ ରକ୍ଷା କରିବାକୁ ଯାଇ ସେ କହନ୍ତି, ତାଙ୍କର ଏଭଳି ବିବୃତି ସ୍ୱତଃପ୍ରବୃତ୍ତ ଥିଲା। ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତ୍ମଘାତୀ ଆକ୍ରମଣ ଘଟଣାରେ ୪୦ ସିଆରପିଏଫ ଯବାନ୍ ଶହୀଦ ହୋଇଥିଲେ। ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଜୈଶ୍-ଇ-ମହମ୍ମଦ୍ (ଜେଇଏମ୍) ଏଥିପାଇଁ ନିଜକୁ ଦାୟୀ କରିଥିଲା। ଆକ୍ରମଣ ପରେ କଙ୍ଗନା ଉତ୍ତେଜିତ ହୋଇ କହି ପକାଇଥିଲେ, 'ପାକିସ୍ତାନକୁ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରିବା ସମାଧାନର ବାଟ ନୁହେଁ, ବରଂ ପାକିସ୍ତାନର ଧ୍ୱଂସସାଧନ ଆବଶ୍ୟକ।' ସମାବେଶରେ ଏହି ବିବୃତି ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଲେ, ଏଭଳି ଏକ ଆଘାତଜନକ ଘଟଣାରେ ତାଙ୍କର ବିବୃତି ସ୍ୱାଭାବିକ ଏବଂ ସ୍ୱତଃପ୍ରବୃତ୍ତ ଥିଲା। ଚଳିତ ଶତାବ୍ଦୀର ଏହା ହେଉଛି ଅତ୍ୟନ୍ତ ଅମାନବୀୟ ଏବଂ ଏହା ଆମକୁ ସବୁବେଳେ ଆଘାତ ଦେଉଥିବ। ଏହା ଉପରେ ଆଉ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। ସୀମାକୁ ଯାଇ ଶତ୍ରୁପକ୍ଷର ବନ୍ଧୁକ ଛଡ଼ାଇ ଆଣି ସେମାନଙ୍କୁ ଗୁଳି କରିବାକୁ ଚାହାନ୍ତି ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**ପୁରୀ ଅଫିସ,୩।୩ :** ପୁରୀ ସହର ଉପକଣ୍ଠ ବାରଙ୍ଗସ୍ଥିତ ଜିଲା କାରାଗାରରେ ଜଣେ କଏଦୀ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଶରଧାପୁରର ଆକବର ମହମ୍ମଦ ସେକ୍(୨୮)। ଆକବର ଏକ ଅପହରଣ ଓ ବଳାତ୍କାର ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ବନ୍ଦୀ ଜୀବନ ବିତାଉଥିଲେ। ମଧ୍ୟାହ୍ନଭୋଜନ ପରେ ସେ ଶୌଚାଳୟରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଦୀର୍ଘ ସମୟ ପରେ ତାହା ଅନ୍ୟ କଏଦୀଙ୍କ ନଜରକୁ ଆସିଥିଲା। ଜେଲ୍ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାମଚଣ୍ଡୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ ଏହି ଘଟଣା ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରାଯାଉଛି। ଜେଲରେ ସିସି ଟିଭି ଲାଗିଛି। କଏଦୀଙ୍କ ପ୍ରତିଟି ମୁହୂର୍ତ୍ତ ଉପରେ ନଜର ରଖାଯାଉଥିବା କୁହାଯାଉଛି। ହେଲେ କଏଦୀ ଜଣକ ଆତ୍ମହତ୍ୟା କରିବା ଓ ଦୀର୍ଘ ସମୟ ଧରି ଝୁଲି ରହିଥିଲେ ମଧ ଜେଲ୍ କର୍ତ୍ତୃପକ୍ଷ ଜାଣିପାରି ନ ଥିଲେ। ଏଥିରୁ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ବାରି ହୋଇପଡୁଥିବା ମାନବାଧିକାର କର୍ମୀ ପ୍ରସନ୍ନ କୁମାର ଦାଶ କହିଛନ୍ତି।


# ବିମାନବନ୍ଦରରୁ ୭୦୭ ଗ୍ରାମ୍ ସୁନା ଜବତ

## ■ ଭାରତୀୟ ବଂଶୋଦ୍ଭବ ମହିଳା ଅଟକ

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ରବିବାର ପୁଣି ସୁନା ଜବତ ହୋଇଛି। କଷ୍ଟମ ବିଭାଗର ଅଧିକାରୀମାନେ ଜଣେ ମହିଳା ଯାତ୍ରୀଙ୍କଠାରୁ ୭୦୭.୬୭୦ ଗ୍ରାମ୍ ସୁନା ଜବତ କରିଛନ୍ତି। ୫ଟି କ୍ୟାପ୍‌ସୁଲ୍ ଆକାରରେ ରହିଥିବା ଏହି ସୁନାର ବଜାର ମୂଲ୍ୟ ୨୩ ଲକ୍ଷ ୮୯ ହଜାର ୭୯୯ ଟଙ୍କା ହେବ। ମହିଳା ଜଣକ ଭାରତୀୟ ବଂଶୋଦ୍ଭବ ହୋଇଥିବାବେଳେ ସେ ମହାରାଷ୍ଟ୍ରରେ ରୁହନ୍ତି। ସେ ଦୁବାଇରୁ ଭାୟା ଦିଲ୍ଲୀଦେଇ ଏୟାର ଇଣ୍ଡିଆ ବିମାନ (ନଂ.ଏଆଇ-୭୭)ରେ ଭୁବନେଶ୍ୱର ବିମାନବନ୍ଦରରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଓହ୍ଲାଇଥିଲେ। ବିମାନବନ୍ଦରରୁ ବାହାରକୁ ଆସୁଥିବାବେଳେ ତାଙ୍କ ଉପରେ କଷ୍ଟମ ବିଭାଗୀୟ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ଅଧିକାରୀମାନେ ତାଙ୍କୁ ଡାକିଥିଲେ ମଧ୍ୟ ସେ କିଛି ନ ଶୁଣିବା ଭଳି ଚାଲି ଯାଉଥିଲେ। ତାଙ୍କୁ ଅଟକାଇ ଯାଞ୍ଚ ପରେ ତାଙ୍କ ଶରୀରରୁ ଉକ୍ତ ସୁନା କ୍ୟାପ୍‌ସୁଲ ମିଳିଥିଲା। ଏହାପରେ ତାଙ୍କୁ ଅଟକରଖି ଅଧିକ ପଚରାଉଚରା କରାଯାଉଛି। ମହିଳା ଜଣକ କାହା ଇସାରାରେ ସୁନା ଆଣୁଥିଲେ, କେଉଁ ସ୍ଥାନକୁ ନେଉଥିଲେ, ସେ ପୂର୍ବରୁ ଏହି ସୁନା ଚାଲାଣ କରିଛନ୍ତି କି ନାହିଁ ସେ ସମ୍ପର୍କରେ ଟିକିନିଖି ଜାଣିବା ପାଇଁ ଚେଷ୍ଟା ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

ପୂର୍ବରୁ ବିମାନବନ୍ଦରରୁ ବହୁଥର ସୁନା ଜବତ ହୋଇଛି। ପ୍ରାୟ ୧୫ କେଜିରୁ ଅଧିକ ସୁନା ଜବତ ହୋଇଥିବାବେଳେ ୨୭ଜଣରୁ ଊର୍ଦ୍ଧ୍ୱ ଯାତ୍ରୀ ଧରାପଡିଛନ୍ତି। ପୁରୁଷମାନଙ୍କ ଉପରେ କଷ୍ଟମ ବିଭାଗର ନଜର ରହୁଥିବାରୁ ସୁନା ମାଫିଆମାନେ ଏବେ ମହିଳାଙ୍କୁ ଏଥିରେ ବ୍ୟବହାର କରୁଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ସୁନା ସହ ମହିଳା ଧରାପଡିବା ଘଟଣା ଦ୍ୱିତୀୟ। ୧୦ଦିନ ପୂର୍ବରୁ ପ୍ରଥମଥର ଜଣେ ମହିଳାଙ୍କୁ କଷ୍ଟମ ବିଭାଗ ଅଧିକାରୀଙ୍କ ହାତରେ ଧରିଥିଲେ। ମହିଳା ଜଣକ ଏମରଜେନ୍ସି ଲାଇଟ୍‌ରେ ସୁନା ଆଣୁଥିବାବେଳେ କଷ୍ଟମ ବିଭାଗର ଅଧିକାରୀଙ୍କ ହାତରେ ଧରାପଡିଥିଲେ।


ଜବତ ହୋଇଥିବା ସୁନା।

# ୬ରେ ବଦଳିବ ପାଗ

**ଭୁବନେଶ୍ୱର,୩।୩(ବ୍ୟୁରୋ):** ଓଡ଼ିଶାର ମାଲକାନଗିରି ଜିଲାରେ ରବିବାର ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବିଜୁଳି ମାରିବା ସମ୍ଭାବନା ରହିଛି। ୬ ତାରିଖ ବେଳକୁ ପାଗ ପରିବର୍ତ୍ତନ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ରାଜ୍ୟର ୭ ଜିଲାରେ ବର୍ଷା ସହ ପବନ ବହିବା ସମ୍ଭାବନା ରହିଛି। ସେଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ପୁରୀ, ନୟାଗଡ଼ ଓ ଗଞ୍ଜାମ। ସେହିପରି ମଙ୍ଗଳବାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।




## ଖୋର୍ଦ୍ଧାରେ ମିଶନ ଶକ୍ତି ମହିଳା ମହାସମାବେଶ

# 'ଶୂନ ପ୍ରତିଶତ ଋଣ ପରେ ସ୍ୱପ୍ନ ସାକାର'

**ଖୋର୍ଦ୍ଧା ଅଫିସ,୩।୩**

ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଙ୍ଗଠିତ କରି ସଶକ୍ତୀକରଣ ନିମନ୍ତେ ମିଶନ ଶକ୍ତି କାର୍ଯ୍ୟକ୍ରମ ରାଜ୍ୟ ସରକାର ଚଳାଇଛନ୍ତି। ଶୂନ ପ୍ରତିଶତ ଋଣ ଲଗାଣ କରି ମହିଳାଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ସରକାର। ମିଶନ ଶକ୍ତିର ସଫଳତା ପାଇଁ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଜଟଣୀ ରୋଡର ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଗୋଶାଳା ପଡିଆରେ ଆୟୋଜିତ ମିଶନ ଶକ୍ତି ମହିଳା ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଯୋଗଦେଇ କହିଛନ୍ତି। ଅନ୍ୟପକ୍ଷେ ସ୍ୱପ୍ନ ସାକାର ହୋଇଥିବାରୁ ଖୁସି କି ନାହିଁ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଦୁଇ ଥର ପ୍ରଶ୍ନ କରି ହୁଳହୁଳି ମାଧ୍ୟମରେ ସମର୍ଥନ ସାଉଁଟି ଥିଲେ। ପରେ ୧୫ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ମିଶନ ଶକ୍ତି ଡାଇରେକ୍ଟର ସୁଜାତା କାର୍ତ୍ତିକେୟନ, ରାଜ୍ୟ ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ଚିନ୍ମୟୀ ମିଶ୍ର ମଞ୍ଚାସୀନ ଥିଲେ। ମଞ୍ଚ ତଳେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ବିଜେଡିର ଜିଲା ସଭାପତି ବିଭୂତି ବଳନ୍ତରାୟ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ।

# ରାଜ୍ୟର ପ୍ରଥମ ସମନ୍ୱିତ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ


ଜାନିବିଲିସ୍ଥିତ ପ୍ରଥମ ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ବ୍ରହ୍ମପୁର ଅଫିସ,୩।୩**

- ■ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ■ ୧୧୪ ପୌରାଞ୍ଚଳରେ ନିର୍ମାଣ ହେବ ସ୍ମାର୍ଟ ପାର୍କ
- ■ ସପ୍ତମ ବେତନ କମିଶନ ସୁପାରିସ
- ■ ଦରମା ପାଇବେ ପୌର କର୍ମଚାରୀ
- ■ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ନବୀନ

ରାଜ୍ୟର ପ୍ରଥମ ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପ(ଆଇଡବ୍ଲ୍ୟୁଏସ୍‌ପି) ଜାନିବିଲିର ପ୍ରଥମ ପର୍ଯ୍ୟାୟ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଜନସେବାରେ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ସମାବେଶରେ ନବୀନ କହିଛନ୍ତି, ସହରୀ ଲୋକଙ୍କ ସୁସ୍ଥ ଜୀବନଯାପନ ଓ ମନୋରଞ୍ଜନ ପାଇଁ ରାଜ୍ୟର ୧୧୪ ପୌରାଞ୍ଚଳରେ ସରକାରଙ୍କ ଉନ୍ନତି ଯୋଜନା ମାଧ୍ୟମରେ ଦୁଇ ଶହରୁ ଊର୍ଦ୍ଧ୍ୱ ସ୍ମାର୍ଟ ପାର୍କ ନିର୍ମାଣ କରିବାର ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ୨ ଶହ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୬ ମାସରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ। ସ୍ମାର୍ଟ ପାର୍କରେ ଚଲାପଥ, ଖୋଲା ବ୍ୟାୟାମଶାଳା, ଯୋଗ ଓ ଧ୍ୟାନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପିଲାଙ୍କ ପାଇଁ ଖେଳ ଉପକରଣ ମଧ୍ୟ ରଖାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସମସ୍ତ ପୌରାଞ୍ଚଳରେ ଆଉ ୨ ଶହ କୋଟି ଟଙ୍କା ବ୍ୟୟରେ ଶବ ସତ୍କାର ଲାଗି ଉନ୍ନତମାନର ନୂଆ ଶବଦାହ ଗୃହ ନିର୍ମାଣ କରାଯିବ। ପୂର୍ବରୁ ଥିବା ଶବଦାହ ଗୃହଗୁଡ଼ିକର ନବୀକରଣ କରାଯିବା ସହ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟର ପୌର କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ଦରମା ପ୍ରଦାନ କରାଯିବାକୁ ନବୀନ ଘୋଷଣା କରିଥିଲେ। ପୌରାଞ୍ଚଳଗୁଡ଼ିକର ବିକାଶ କରିବା ପାଇଁ ସରକାର ପଦକ୍ଷେପ ନେଇଥିବା ସେ ସୂଚାଇଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମପୁର ମହାନଗରରେ ୩ ଦଶନ୍ଧି ହେବ ପାନୀୟ ଜଳ ସଙ୍କଟ ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଧରାକୋଟ ନିକଟ ଜାନିବିଲି ଡ୍ୟାମରୁ ରାଜପଥ ପାର୍ଶ୍ୱରେ ଭୂତଳ ପାଇପ୍ ଲାଇନ ଦ୍ୱାରା ପାଣି ଆଣିବା ଲାଗି ୪୩୧ କୋଟି ଟଙ୍କାର ନୂଆ ଯୋଜନା କରାଗଲା। ବ୍ରହ୍ମପୁର ନିକଟ ଜଗଦଳପୁରରେ ନିର୍ମିତ ଉଚ୍ଚଶକ୍ତି ସମ୍ପନ୍ନ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଜାନିବିଲି ପାଣି ଅଣାଯାଇ ଜଳ ବିଶୋଧନ କରାଯାଇ ମହାନଗରକୁ ଯୋଗାଇବାର ଯୋଜନା ହୋଇଛି। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ପ୍ରଥମ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଜାନିବିଲିରୁ ବ୍ରହ୍ମପୁର ୫୫ କି.ମି. ମଧ୍ୟରେ ଥିବା ୧୬ ପଞ୍ଚାୟତର ୫୩ ଗ୍ରାମକୁ ମଧ୍ୟ ପିଇବା ପାଣି ଯୋଗାଣ ବ୍ୟବସ୍ଥା ହୋଇଛି। ଜାନିବିଲି ପ୍ରକଳ୍ପରୁ ଦୈନିକ ୩୦୦ ଲକ୍ଷ ଲିଟର ଜଳ ମହାନଗର ଓ ଗ୍ରାମାଞ୍ଚଳବାସୀଙ୍କୁ ଯୋଗାଇ ଦିଆଯିବ। ତେଣୁ ଏହାକୁ ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପ ଭାବେ ବିବେଚନା କରାଯାଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ କରାଯିବାର ସୂଚନା ଦିଆଯାଇଛି।

ଉଦ୍‌ଘାଟନୀ ସମାବେଶରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଜାନିବିଲି ଯୋଜନା ନବୀନ ସରକାରଙ୍କ ଐତିହାସିକ ପଦକ୍ଷେପ ହୋଇଥିବା ଦର୍ଶାଯାଇଥିଲା। ପ୍ରାରମ୍ଭରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି.ମାଥିଭାତାନନ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀ, ଜିଲାପାଳ, ବିଏମ୍‌ସି କମିଶନର ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### ଦୁଇ ସେବାୟତ ନିଯୋଗ ମଧ୍ୟରେ କଥା କଟାକଟି


# ୪୫ମିନିଟ୍ ବିଳମ୍ବରେ ଉଠିଲା ଭୋଗ ମଣ୍ଡପ

**ପୁରୀ ଅଫିସ, ୩।୩**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି। ବିଳମ୍ବ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଜରିମାନା ଏପରି କି ସେବାରୁ ବିଦା ହେବା ଭଳି କଟକଣା ଲଗାଇଛି। ହେଲେ ବେଳେ ବେଳେ ସାମାନ୍ୟ ତ୍ରୁଟିରୁ ମଧ ଠାକୁରଙ୍କ ନୀତିରେ ବିଳମ୍ବ ଘଟୁଛି। ରବିବାର ରହଣି ଭୋଗ ପ୍ରସ୍ତୁତିକୁ ନେଇ ଶ୍ରୀମନ୍ଦିରରେ ଦୁଇ ପ୍ରମୁଖ ସେବାୟତ ନିଯୋଗ ମଧ୍ୟରେ କଥା କଟାକଟି ହୋଇଛି। ଏଥିପାଇଁ ଭୋଗ ମଣ୍ଡପ ଉଠିବାରେ ପ୍ରାୟ ୪୫ ମିନିଟ୍ ବିଳମ୍ବ ହୋଇଥିବା ଜଣାପଡିଛି।

ସୂଚନା ମୁତାବକ, ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଯେଉଁଦିନ ବାହାର ବିଜେ କରନ୍ତି ସେହିଦିନ ବାହାର ଦେଉଳି ରୋଷରେ ସୁଆରମାନେ ରହଣି ବା ଶୁଖିଲି ଭୋଗ ପ୍ରସ୍ତୁତ କରିଥାନ୍ତି। ଏହି ଭୋଗ ବାହାର ବିଜେ କରିଥିବା ଠାକୁରଙ୍କୁ ସର୍ପମଣୋହି କରାଯାଇଥାଏ। କିନ୍ତୁ ରବିବାର କୌଣସି ସ୍ୱତନ୍ତ୍ର ପର୍ବଯାତ ନ ଥିଲା କି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବାହାର ବିଜେ କରି ନ ଥିଲେ। ହେଲେ ସୁଆର ସେବକମାନେ ବାହାର ଦେଉଳି ରୋଷ ଖୋଲି ଶୁଖିଲି ଭୋଗ ପ୍ରସ୍ତୁତ କରୁଥିବା ବେଳେ ସେମାନଙ୍କୁ ପୂଜାପଣ୍ଡା ସେବାୟତ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ସେବାୟତ ନିଯୋଗ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଠାକୁରଙ୍କ ଭୋଗମଣ୍ଡପ ଉଠିବାରେ ୪୫ ମିନିଟ୍ ବିଳମ୍ବ ହୋଇଥିବା ଜଣାପଡିଛି। ତେବେ ଏଠାରେ ପ୍ରଶ୍ନଉଠୁଛି ବାହାର ଦେଉଳି ରୋଷ ଚାବି ଗାରଦରେ ରୁହେ। ରବିବାର ଯେ ହେତୁ ଠାକୁରଙ୍କର ବାହାର ବିଜେ ନ ଥିଲା ରହଣି ଭୋଗ ପ୍ରସ୍ତୁତ କରିବାର ଆବଶ୍ୟକ ନ ଥିଲା। ତେବେ ଗାରଦରେ ଥିବା ଅଧିକାରୀ ବାହାର ଦେଉଳି ରୋଷର ଚାବି ଦେଲେ କିପରି? ଏଥିପାଇଁ ସୁଆର ଏବଂ ପୂଜାପଣ୍ଡା ସେବାୟତଙ୍କ ମଧ୍ୟରେ କଥା କଟାକଟି ହୋଇ ଠାକୁରଙ୍କ ନୀତିରେ ବିଳମ୍ବ ହେଲା ବୋଲି କୁହାଯାଉଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପ୍ରଶାନ୍ତ
ପରିବାରବର୍ଗ



ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

real estate

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Book 3BHK duplex having land area 1300 sqft. and construction area 1900 sqft. near CET College, Ghatikia, Khandagiri, Bhubaneswar. Price- 72.5 lakhs. 9078151122. D-66014

Gharabari demarcated plots, duplex, flats for immediate sale at Jharpada, Pahal, Hanspal, Palasuni. Details. 9040605900 (ଲକ୍ଷ୍ମୀଧର). D-11458

Limited plots available near Mancheswar Rajadhani Engineering College just 3.5km. from Hitech Chhak, Bhubaneswar. 9040686695. D-62162

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Book 4BHK duplex having land area 1800 sqft. and construction area 2200 sqft. near ITER College, Jagamara, Bhubaneswar. Price- 78 lakhs. 7504392698. D-66015

Flat for sale 2BHK, Renuka Enclave besides Axis Bank, Grand Road, Puri. 7504455447. D-64050

healthcare

Newly opening ayurvedic full body massage. 7077444583. D-11285

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



(ଆରିୟା)
**ପ୍ରିୟାଂଶି ମିଶ୍ର**

ଗଡ଼ମଧୁପୁର, ଚଢେଇଧରା, ଯାଜପୁର

ତୋର ଚତୁର୍ଥ ବାର୍ଷିକ ଜନ୍ମଦିନ ଅବସରରେ ତୋତେ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ଶୁଭେଚ୍ଛା ସହ: ଜେଜେବାପା-ସୁରେନ୍ଦ୍ର ମିଶ୍ର, ବୋଉ ମାଆ-ଭାରତୀ ମିଶ୍ର, ପାପା, ମାମା, ସୁକକୁ, ସାନକକୁ, ଅଜା, ଆଈ, ମାମୁଁ, ମାଇଁ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୪୮୨

### Happy Birthday



**Jangyaseni**

Many many happy returns of the day, God bless you

D-11475

### ନିରୁଦ୍ଦିଷ୍ଟ



**Nirupama Dikshit**
Age: 72 years old
C/o Narayan Dikshit
Barahanath, Jajpur Town

ଫେବୃୟାରୀ ମାସ ୨୭ ତାରିଖ ବୁଧବାର ଦିନ ୧୨ଟା ସମୟରେ ଯାଜପୁରଠାରୁ କେଉଁଆଡେ ପଳାଇଛନ୍ତି। କେହି ସହୃଦୟ ବ୍ୟକ୍ତି ଯଦି ତାଙ୍କର ସନ୍ଧାନ ପାଆନ୍ତି, ନିମ୍ନ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। 9938644424, 9937303023. ଧ-୬୬୧୦୩

### 18th Happy Birthday



**Pragati Priyadarshini (Sonam), Kendrapada**

Many many Happy returns of the day God Bless you. "Forget the past, look forward to the future, for the best things are yet to come." **Best Wishes from: Bapa & Mama, Subhashree Nani & all friends.** D-66016

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଆଜି ପଦ୍ମ ଧରିପାରନ୍ତି ବୈଜୟନ୍ତ

ଭୁବନେଶ୍ୱର, ୩।୩(ବ୍ୟୁରୋ)- କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ନୂଆଦିଲ୍ଲୀରେ ଭାଜପାରେ ସାମିଲ ହୋଇପାରନ୍ତି। ରାଷ୍ଟ୍ରୀୟ ସଭାପତି ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ପଦ୍ମ ଧରିବେ ବୋଲି ଚର୍ଚ୍ଚା ହେଉଛି। ତାଙ୍କ ମିଶ୍ରଣ ପର୍ବ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ କି ନାହିଁ, ସେ ନେଇ କୌଣସି ସୂଚନା ମିଳିପାରି ନାହିଁ। ବୈଜୟନ୍ତ ପ୍ରଥମେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏମ୍‌ପି ପଦରୁ ଇସ୍ତଫା ମଧ୍ୟ ଦେଇଥିଲେ। ଏହା ପରେ ଲଗାତର ଭାବେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ସେ ଭାଜପାରେ ଯୋଗଦେବା ନେଇ ପ୍ରଥମେ ଚର୍ଚ୍ଚା ହୋଇଥିଲା, ମାତ୍ର ସେପରି କୌଣସି ଘଟଣା ଘଟି ନ ଥିଲା। ସାଧାରଣ ନିର୍ବାଚନ ହେବାକୁ ଥିବାରୁ ବୈଜୟନ୍ତ ନିଜର ରାଜନୈତିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଭାଜପାରେ ଯୋଗଦାନ କରୁଥିବା ଚର୍ଚ୍ଚା ହେଉଛି। ହେଲେ ନିର୍ବାଚନ ରାଜନୀତିରେ ସେ କେତେ ସଫଳ ହେବେ, ତାହା ସମୟ କହିବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

# ଭାରସାମ୍ୟ ହରାଇ ରେଳଧାରଣା ଉପରେ କଣ୍ଟେନର

- ୪ ଘଣ୍ଟା ବିଳମ୍ବରେ ଚାଲିଲା ୨ ଏକ୍ସପ୍ରେସ ଟ୍ରେନ
- ଜାତୀୟ ରାଜପଥରେ ଅଟକି ରହିଲା ଗାଡ଼ିମୋଟର

ସମ୍ବଲପୁର, ୩।୩ (ବ୍ୟୁରୋ)

ସମ୍ବଲପୁର-ବୁର୍ଲା ରାସ୍ତାର ଲକ୍ଷ୍ମୀଡୁଙ୍ଗୁରୀ ନିକଟରେ ରବିବାର ସକାଳ ସାଢ଼ େ୭ଟାରେ ଭାରସାମ୍ୟ ହରାଇ ଏକ ଲୁହା ପ୍ଲେଟ ବୋଝେଇ କଣ୍ଟେନର୍ (ନଂ.ସିଜି ୦୭ ସିକେ-୬୬୮୬) ରେଳ ଧାରଣା ଉପରକୁ ମାଡ଼ି ଯାଇଥିଲା। ଫଳରେ ଟ୍ରେନ ଚଳାଚଳରେ ବ୍ୟାଘାତ ଉପୁଜିଥିଲା। ଏଥିଯୋଗୁ ସମ୍ବଲପୁର-ବରଗଡ ଜାତୀୟ ରାଜପଥ ଉପରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଟିଟିଲାଗଡ-ହାଓଡା ୧୨୮୭୨ ନମ୍ବର ଇସ୍ପାତ୍ ଏକ୍ସପ୍ରେସ ଏବଂ ହାଓଡା- ଜଗଦଲପୁର ୧୮୦୦୫ ସମଲେଶ୍ୱରୀ ଏକ୍ସପ୍ରେସ ୪ ଘଣ୍ଟା ବିଳମ୍ବରେ ଚାଲିଥିଲା। ଇସ୍ପାତ୍ ଏକ୍ସପ୍ରେସ ହୀରାକୁଦ ଷ୍ଟେଶନରେ ଓ ସମଲେଶ୍ୱରୀ ଏକ୍ସପ୍ରେସ ସମ୍ବଲପୁର ଷ୍ଟେଶନରେ ଅଟକି ରହିଥିଲା। ବରଗଡ ପଟୁ ସମ୍ବଲପୁର ଅଭିମୁଖେ ଏହି କଣ୍ଟେନରଟି ଆସୁଥିଲା। ଏହି ସମୟରେ କଣ୍ଟେନରର ସମ୍ମୁଖ ଭାଗ ଟାୟାର ହଠାତ୍ ଫାଟି ଯାଇଥିଲା। ଫଳରେ ଗାଡିଟି ଭାରସାମ୍ୟ ହରାଇ ଜାତୀୟ ରାଜପଥର ବାଡ଼ ଓ ରେଳୱେ ଲୁହା ବାଡ ଭାଙ୍ଗି ରେଳ ଧାରଣା ଉପରକୁ ମାଡ଼ି ଯାଇଥିଲା। ଖବର ପାଇ ଅଇଁଠାପାଲି ଥାନା ପୋଲିସ, ଜିଆରପି ଏବଂ ରେଳୱେ ଇଞ୍ଜିନିୟରିଂ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଥିଲେ। ଯୁଦ୍ଧକାଳୀନ ଭାବେ କଣ୍ଟେନରଟିକୁ ରେଳ ଧାରଣାରୁ ଉଚ୍ଚ କ୍ଷମତା ସଂପନ୍ନ କ୍ରେନ ସାହାଯ୍ୟରେ ହଟା ଯାଇଥିଲା। ଦିନ ପ୍ରାୟ ୧୧ଟା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେବା ସହ ଜାତୀୟ ରାଜପଥରେ ଗାଡ଼ି ଗଡିଥିଲା।

# ଏନ୍‌ଆଇଏନ୍‌ଏଲ୍‌ର ମାସିକ ଉତ୍ପାଦନରେ ରେକର୍ଡ

କଳିଙ୍ଗନଗର,୩।୩(ଡି.ଏନ.ଏ.):



କଳିଙ୍ଗନଗର ନିଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ) ଫେବୃଆରୀ ମାସିକ ଉତ୍ପାଦନରେ ନୂତନ ମାଇଲଖୁଣ୍ଟ ଛୁଇଁଛି। କମ୍ପାନୀ ଏହିମାସରେ ୭୪୫୧୦ ଟନ୍ ହଟ୍ ମେଟାଲ ବା ତରଳ ଧାତୁ ଏବଂ ୧୧୯୨୨୧୦ ଟନ ସିନଟର ମାସିକ ଉତ୍ପାଦନରେ ରବିବାର ସୁଦ୍ଧା ସର୍ବାଧିକ ଅଟେ। ଏହା ପୂର୍ବରୁ କମ୍ପାନୀର ୨୦୧୦ ଫେବୃୟାରୀରେ ୬୫୮୩୦ ଟନ୍ ହଟ ମେଟାଲ ଏବଂ ୨୦୧୬ ଫେବୃୟାରୀରେ ୯୭୪୧୦ ଟନ ସିନଟର ସର୍ବାଧିକ ଥିଲା। କେନ୍ଦ୍ର ତଥା ଓଡିଶା ସରକାରଙ୍କ ଯୌଥ ପରିଚାଳନାଗତ ବାର୍ଷିକ ୧.୧ ମିଲିଅନ ଟନ କ୍ଷମତା ଯୁକ୍ତ ଏହି ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ଉତ୍ପାଦନର ସମସ୍ତ କ୍ଷେତ୍ରର ଉନ୍ନତି କରି ଦୈନିକ, ମାସିକ ଓ ତ୍ରୟୋମାସିକ ତଥା ଅର୍ଦ୍ଧବାର୍ଷିକ ଉତ୍ପାଦନରେ ରେକର୍ଡ କରିଥିଲା। ଏନ୍‌ଆଇଏନ୍‌ଏଲ ଅତି ଶୀଘ୍ର ଲାଭଦାୟକ ତଥା ଏକ ମହତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଭାବରେ ମୁଣ୍ଡ ଟେକିବ ବୋଲି ଆଶା କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ୧୦୮ ଉତ୍ତରଖାତା...

ରବିବାର ୫ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସେମାନେ ହେଲେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟୁତ୍ କୁମାର ପାତ୍ର, ସହକାରୀ ଅଧୀକ୍ଷକ ଶତ୍ରୁଘ୍ନ ସ୍ୱାଇଁ, ପର୍ଯ୍ୟବେକ୍ଷକ ସନ୍ଦୀପ କୁମାର ସାହୁ, ଗଠନପାଲି ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳଧର ବେହେରା ଓ ଗଠନପାଲି ସହକାରୀ ଶିକ୍ଷକ ପ୍ରଭାକର ପାଢ଼ୀ। ତଦନ୍ତରୁ ଜଣାପଡ଼ିଛି ଯେ, ପରୀକ୍ଷା ପରେ ଖାତାଗୁଡ଼ିକୁ ଟେବୁଲ ଡ୍ରରେ ରଖାଯାଇଥିଲା। ସେଠାରୁ ୧୦୮ଟି ଓଏମ୍‌ଆର ଉତ୍ତର ଖାତା ଗାଏବ ହୋଇଥିବା ସ୍ପଷ୍ଟ ହୋଇଛି।

ଏହି ପରୀକ୍ଷା କେନ୍ଦ୍ରରେ କର୍ଷନପାଲି, କାଲଦାପାଲି ଏବଂ ଗଠନପାଲି ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଉତ୍ତରଖାତା ଗାଏବ ହେବା ପ୍ରଚାର ହେବା ପରେ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ଛାତ୍ରୀଛାତ୍ର ଚିନ୍ମୟା କସ୍ତୁରୀ, ବାପିନି କରିସ୍ମା, ନାରାୟଣ ଅରବିନ୍ଦ ପ୍ରମୁଖ କହିଛନ୍ତି ଯେ, ସେମାନେ ଗଣିତ ପରୀକ୍ଷା ଭଲ କରିଥିଲେ। କିଭଳି ସେମାନଙ୍କ ଉତ୍ତରଖାତା ଗାଏବ ହେବା ତା'ର ତଦନ୍ତ କରାଯାଇ ଦୋଷୀଙ୍କୁ କୋଠର ଦଣ୍ଡ ଦିଆଯାଉ। ସେହିପରି ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଣିତରେ ଭଲ ନମ୍ବର ଦିଆଯିବା ପାଇଁ ଦାବି କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକମାନେ ମଧ୍ୟ ଗଭୀର କ୍ଷୋଭ ପ୍ରକାଶ କରିବା ସହ ପରୀକ୍ଷା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଗିରଫ କରିବା ଲାଗି ଦାବି କରିଛନ୍ତି।

ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ କହିଛନ୍ତି, ଉତ୍ତରଖାତାକୁ କେହି ଜାଣିଶୁଣି ଗାଏବ କରିଥିବା କୁହାଯାଇପାରିବ। ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ୧୦୮ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ତଥା ସେମାନଙ୍କ ଭବିଷ୍ୟତ ପ୍ରତି ପ୍ରାଥମିକତା ଦିଆଯିବ। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ଫୋନ ଯୋଗେ ହୋଇଥିବା କଥାବାର୍ତ୍ତାରୁ ଜଣାପଡ଼ିଛି ଯେ, ସେମାନେ ପରୀକ୍ଷା ଖାତାଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ନ ରଖି ପରୀକ୍ଷାକେନ୍ଦ୍ର ଅଫିସର ଏକ ଟେବୁଲରେ ରଖିଥିଲେ, ଯାହା ସେମାନଙ୍କ ଦାୟିତ୍ୱହୀନତାର ପରିଚୟ ଦେଉଛି। ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ତାଙ୍କ ନାମରେ ଥାନାରେ ଏତଲା ଦିଆଯାଇଥିବା ଡ. ବେଗମ୍ କହିଛନ୍ତି।

### ଠିକା ଶ୍ରମିକ ନିଯୁକ୍ତି ...

ସେମାନଙ୍କୁ ବିଭିନ୍ନ ଉପାୟରେ ଏପରି କି ବିପୁଳ ଅର୍ଥ ଦେଇ କିମ୍ବା ଗୁଳିମାଡ଼ କରି ଚୁପ କରି ଦିଆଯାଇଛି। ଜିଲାରେ ଉତ୍ପାଦନ ଆରମ୍ଭ କରିଥିବା ସର୍ବବୃହତ୍ ଟାଟା ଷ୍ଟିଲ ବାର୍ଷିକ ୩ ନିୟୁତ ଟନରୁ ୮ନିୟୁତ ଟନକୁ ସମ୍ପ୍ରସାରଣ କରିବାକୁ ଯାଉଛି। ଏହାସତ୍ତ୍ୱେ ଓଡ଼ିଆଙ୍କୁ ନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଏପରି କି ନିକଟରେ ଜାଲ୍ ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ରାଜ୍ୟ ବାହାରର ଶତାଧିକ ଲୋକଙ୍କୁ ଗୁପ୍ତ ଭାବେ ବରଖାସ୍ତ କରାଯାଉଛି ବୋଲି ନିଜର ନାମ ପ୍ରକାଶ କରିବାକୁ ଅନିଚ୍ଛୁକ ୨ଜଣ କର୍ମଚାରୀ ଧରିତ୍ରୀକୁ ସୂଚନା ଦେଇଛନ୍ତି। ସ୍ଥାୟୀ ଓ ଠିକାଶ୍ରମିକ ଭାବେ ମୋଟ ୨୫,୩୭୨ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଟାଟା ଷ୍ଟିଲ ଦାବି କରୁଛି। ସେଥିରୁ ୩,୬୯୭ ଜଣ ସ୍ଥାୟୀ ଓ ୨୧,୬୭୫ ଜଣ ଠିକା ଶ୍ରମିକ। ସ୍ଥାୟୀ ନିଯୁକ୍ତିରେ ରାଜ୍ୟର ୨,୧୮୫ ଜଣ ରହିଥିବାବେଳେ ସେଥିରୁ ଜିଲାର ମାତ୍ର ୮୩୩ ରହିଛନ୍ତି। ସେହିପରି ଠିକା ଶ୍ରମିକ ନିଯୁକ୍ତିରେ ରାଜ୍ୟର ୧୭,୨୭୬ ଓ ଜିଲାର ୮୦୭୨ ଜଣ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ ନିଯୁକ୍ତି ଦିଆଯାଉଛି। ଆଗାମୀ ଦିନରେ ସ୍ଥାନୀୟ ନିଯୁକ୍ତି ସଂଖ୍ୟା କିପରି ବୃଦ୍ଧି ହେବ ସେ ନେଇ କମ୍ପାନୀ ପକ୍ଷରୁ ଚିନ୍ତା କରାଯାଉଛି। ତେବେ ନିଯୁକ୍ତିକୁ ନେଇ ରାଜ୍ୟ ଓ ଜିଲାର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହା ଅତ୍ୟନ୍ତ ନଗଣ୍ୟ ବୋଲି ଜଣାପଡୁଛି। ଅଧିକାରୀଙ୍କ ଏଭଳି ମତ କେବଳ ସରକାରଙ୍କୁ ସୁହାଇଲା ଭଳି ମନେ ହେଉଛି।

#### ସେମାନଙ୍କ ମତ

- ସ୍ଥାନୀୟ ନିଯୁକ୍ତିକୁ ନେଇ ବିଜେଡି କୌଣସି ସାଲିସ କରି ନାହିଁ କିମ୍ବା ଭବିଷ୍ୟତରେ କରିବ ନାହିଁ। ଏଥିପାଇଁ ଟାଟା ଷ୍ଟିଲ୍‌କୁ ବାରମ୍ବାର ତାଗିଦ କରାଯାଉଛି। ଅତୀତରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଆନ୍ଦୋଳନ ମଧ୍ୟ କରାଯାଇଛି। ଜିଲାର ବେକାର ଶିକ୍ଷିତ ଯୁବତୀଯୁବକ କିପରି ଅଧିକ ନିଯୁକ୍ତି ସୁଯୋଗ ପାଇବେ ସେ ନେଇ ବିଜେଡି ସଦାସର୍ବଦା ତତ୍ପର ରହିଛି।

**- ପ୍ରତାପ ମହାନ୍ତି, ସଭାପତି, ଜିଲା ଯୁବ ବିଜେଡି**

- ଟାଟା ଷ୍ଟିଲ ସହିତ ରାଜ୍ୟ ସରକାରଙ୍କ ଭିତିରିଆ ସମ୍ପର୍କ ରହିଛି। ସ୍ଥାନୀୟ ଶ୍ରମିକଙ୍କୁ ଠିକାଶ୍ରମିକ ଭାବେ ଖଟାଇ ସ୍ଥାୟୀ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଏଥିରେ ଜିଲା ପ୍ରଶାସନ ମଧ୍ୟ ହାତଟେକି ଦେଇଛି। ସ୍ଥାନୀୟ ନେତା, ମନ୍ତ୍ରୀଙ୍କ ବିଫଳତା ଯୋଗୁ ଟାଟା କମ୍ପାନୀ କାହାକୁ ମାନୁ ନାହିଁ।

**- ଆଲେକଜାଣ୍ଡାର ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି**

ଟାଟା ଷ୍ଟିଲରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ବାରମ୍ବାର ଦାବି, ଆନ୍ଦୋଳନ ହେଉଛି। କିନ୍ତୁ ରାଜ୍ୟ ସରକାରଙ୍କ ଗେହ୍ଲା ପୁଅ ହୋଇଥିବାରୁ ଟାଟା ଉପରେ କୌଣସି ପ୍ରଭାବ ପଡୁନାହିଁ। ଶାସକ ଦଳର ସ୍ଥାନୀୟ ନେତୃବର୍ଗ ହାତଗୁଞ୍ଜା ନେଇ ଚୁପ ହୋଇ ବସି ରହୁଛନ୍ତି। ଫଳରେ ଜିଲାର ବହୁ ବୈଷୟିକ ଡିଗ୍ରୀଧାରୀ ଓ ଉଚ୍ଚ ଶିକ୍ଷିତ ଯୁବତୀଯୁବକ ବେକାର ରହିଛନ୍ତି।

**- ବିଶ୍ୱପ୍ରକାଶ ସାମଲ, ସଭାପତି, ଜିଲା ଯୁବ କଂଗ୍ରେସ**

### ପୌର କର୍ମଚାରୀଙ୍କୁ ୭ମ...

ଭୁବନେଶ୍ୱର ମହାନଗର ନିଗମ ଭଳି କେତେକ ପୌରସଂସ୍ଥା ଦରମା ବାବଦକୁ ଅତିରିକ୍ତ ଖର୍ଚ୍ଚ ତୁଲାଇପାରିବେ। କାରଣ ଏଠାରେ ବିଭିନ୍ନ ପ୍ରକାର ଟିକସ ଆଦାୟ ହୋଇଥାଏ, ମାତ୍ର କିଛି ଛୋଟ ପୌରସଂସ୍ଥା ଏବଂ ଏନ୍‌ଏସି ପକ୍ଷରେ ପ୍ରାଥମିକ ଭାବେ ଏହି ବୋଝକୁ ତୁଲାଇବା କଷ୍ଟକର ହୋଇ ପଡିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅତିରିକ୍ତ ଦରମା ବୋଝକୁ ଭରଣ କରିବାକୁ ପୌରସଂସ୍ଥାଗୁଡିକ ସାଧାରଣ ଲୋକଙ୍କ ଉପରେ ବିଭିନ୍ନ ବାବଦକୁ ଅଧିକରୁ ଅଧିକ କର ଆଦାୟ କରିବେ। ଯାହାକି ଝିଣ୍ଟିକା ମାରି ବଣି ପୋଷିବା କାମ ବୋଲି ଚର୍ଚ୍ଚା ହେଉଛି।

### ଆଧାରକୁ ପରିଚୟପତ୍ର ...

ଗୋପନୀୟତା ଉଲ୍ଲଂଘନ ହେବା କ୍ଷେତ୍ରରେ କଡ଼ା ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା କୌଣସି ଯୁବକ୧୮ ବର୍ଷରେ ପଦାର୍ପଣ କରିବା ପରେ ଆଧାର କାର୍ଯ୍ୟକ୍ରମରୁ ବାହାରି ଯିବାର ବିକଳ୍ପ ବାଛିପାରିବେ। ତେବେ ଅଧ୍ୟାଦେଶ ଅନୁଯାୟୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଅଥବା ମୋବାଇଲ ସିମ୍ ନେବା ବେଳେ ଆଧାର ଉପସ୍ଥାପନ କରା ନ ଗଲେ ମଧ୍ୟ ଉପଭୋକ୍ତାଙ୍କୁ ଏଥିରୁ ବଞ୍ଚିତ କରାଯାଇପାରିବ ନାହିଁ। ଏହାର ଉଲ୍ଲଂଘନ ହେଲେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଅବୈଧ ଭାବେ ଆଧାର ବ୍ୟବହାର ପାଇଁ ୧୦ ହଜାର ଟଙ୍କା ଜରିମାନା ଏବଂ ୩ ବର୍ଷ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି। ଅଧ୍ୟାଦେଶ ଜରିଆରେ ଆଧାର ଆଇନର ଧାରା ୫୭କୁ ହଟାଇ ଦିଆଯାଇଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
### ଊନବିଂଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା କନକଲତା ବେହେରା**

ସ୍ୱାମୀ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା
ପୁଅ- ଓମ୍‌ପ୍ରକାଶ, ସତ୍ୟପ୍ରକାଶ
ବୋହୂ- ସନ୍ତୋଷୀ, ପିଙ୍କି
ଝିଅ- ରଶ୍ମିତା, ଜ୍ୱାଇଁ- ଡା. ଜଗଦୀଶ
ନାତି, ନାତୁଣୀ, ଯାଆ, ଦେଢଶୁର,
ପୁତୁରା, ଝିଆରୀମାନେ
ନାରାୟଣ ମେଡିକାଲ ଷ୍ଟୋର, ରାଇକିଆ
ତିରୋଧାନ: ମହାଶିବରାତ୍ରି ୨୦୦୦

ତୁମର ସ୍ମୃତି ଆମ୍ଭମାନଙ୍କ ଠାରେ ଅଭୁଲା ହୋଇ ରହିବ। ତୁମର ଆଦର୍ଶ, କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଧ-୧୧୪୭୯

### ନବମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ସରସ୍ୱତୀ ବେହେରା**

Qr. No-Type-II- 8/5, Unit-3,
Bhubaneswar

ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଭୁଲି ହେବ ନାହିଁ ସେ ପବିତ୍ର ଜାଗର ତିଥିରେ ଆମକୁ ଏକା କରି ଚାଲିଗଲ ପ୍ରଭୁଙ୍କ ଶରଣକୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୧୧୪୪୧

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଛୋଟରାୟ**


ହାଡପଦା, ନରଶଗଡ଼, ଖୋର୍ଦ୍ଧା
ଆବିର୍ଭାବ: ୨୬।୧୧।୧୯୫୨
ତିରୋଧାନ: ୩।୩।୨୦୧୧

ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ଓ ଗ୍ରାମବାସୀବୃନ୍ଦ।

ଧ-୧୧୪୪୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୈଳାସ ଚନ୍ଦ୍ର ସାମନ୍ତରାୟ**

ଗ୍ରାମ: ତରାବୋଇ, ଜଟଣୀ
ଆବିର୍ଭାବ: ୪।୦୭।୧୯୪୪
ତିରୋଧାନ: ୧୩।୦୨।୨୦୧୮

ଅଭୁଲା ଅତୀତର ସ୍ମରଣୀୟ ଦିନଗୁଡିକ ଏବେବି ଅପାସୋରା ରହିଛି। ଆଜିର ପବିତ୍ର ଜାଗର ଅମାବାସ୍ୟାରେ ତୁମେ ଆମକୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ଈଶ୍ୱର ତୁମକୁ ସ୍ୱର୍ଗପ୍ରାପ୍ତି ଦିଅନ୍ତୁ। ଶୋକସନ୍ତପ୍ତ: ସାମନ୍ତରାୟ ପରିବାରବର୍ଗ ପତ୍ନୀ- ପ୍ରମିଳା, ପୁତ୍ର-ଶ୍ରୀକାନ୍ତ, ତିନା, ସୁଶେଇ, ସୀମ, କନ୍ୟା-ବୁଡିଆ, ଜ୍ୱାଇଁ-ସନ୍ତୋଷ, ନାତିନାତୁଣୀ ଓ ଭାଇ-ଉମେଶ (ସାମ୍ବାଦିକ)।

ଧ-୫୬୧୬୮


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତିନୋଟି କେନ୍ଦ୍ରରେ ଗ୍ରହମାନେ ଏକାଧାରରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ବନ୍ଧୁ ମିଳନରୁ ଖୁସି ରହିବେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାମରେ ଶୁଭ ସୂଚନା ପାଇବେ। ଅନିଦ୍ରାଜନିତ କ୍ଲେଶ ଭୋଗିବାକୁ ପଡ଼ିବାର ସମ୍ଭାବନା ରହିଛି। ଆକସ୍ମିକ ନିଜ ଲୋକମାନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ବାଧକ ସ୍ଥାନରେ ଶୁକ୍ର ହେତୁ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ଅଷ୍ଟମସ୍ଥ ଚନ୍ଦ୍ର ଶୁକ୍ର ସଂଯୁକ୍ତ ହେତୁ ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହୋଇପାରନ୍ତି। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ମନକଥା ପ୍ରକାଶ କରିପାରିବେ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି।

**କର୍କଟ** କର୍ମାଧିପତି ସ୍ୱଗୃହସ୍ଥ ଓ ଶୁକ୍ର ନକ୍ଷତ୍ରସ୍ଥ ଯୋଗୁ ଆଜି ଅପେକ୍ଷାକୃତ ଅସୁବିଧା ଭୋଗିଲେ ମଧ୍ୟ କାମ ଅଟକିବ ନାହିଁ। ପାରିବାରିକ ଶୃଙ୍ଖଳା ରକ୍ଷାକରିବା କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ସିଂହ** ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍ ବ୍ୟବହାର କରିବା କାଠିକର ପାଠ ହେବ। ପରିସ୍ଥିତିର ବିଡ଼ମ୍ବନା ଦୃଷ୍ଟିରୁ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**କନ୍ୟା** ଶନିଙ୍କ ପ୍ରଭାବରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ସମ୍ମୁଖରେ ହିତ କଥା କହୁଥିଲେ ମଧ୍ୟ ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବ୍ୟବସାୟ ଓ ପରିବହନରେ ମାନମନାନ୍ତର ଦେଖାଦେଇପାରେ। ଅପରାହ୍ନରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖ ଭ୍ରମଣଯୋଗ ରହିଛି।

**ତୁଳା** ଚନ୍ଦ୍ର ଓ ମଙ୍ଗଳଙ୍କ ଶୁଭତ୍ୱ ପରିପ୍ରେକ୍ଷୀରେ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଖୁସି ମନାଇପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବାର ଆଶଙ୍କା ରହିଛି।

**ବିଚ୍ଛା** ତୃତୀୟଭାବରେ ଚନ୍ଦ୍ର ହେତୁ ମନ ଅନୁଯାୟୀ କାମ କରିବାର ସୁଯୋଗ ପାଇପାରିବେ। ବନ୍ଧୁମାନେ ଫାଇଦା ହାସଲ ସକାଶେ ମନ ଧରିଲା ପରି କଥାବାର୍ତ୍ତା କରିପାରନ୍ତି। ଆକସ୍ମିକ ଭାବରେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ।

**ଧନୁ** କର୍ମାଧିପତି ସ୍ୱଗୃହକୁ ଦେଖୁଥିବାରୁ କାମ ହାସଲ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପର କଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଶିକ୍ଷା, ପରୀକ୍ଷା, ସମ୍ପର୍କ ସ୍ଥାପନ ଓ ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ଭଲ ରହିବ।

**ମକର** ରାଶିରେ ଗ୍ରହସମ୍ପର୍କ ମନୋରଞ୍ଜନ ଓ ବିଳାସବ୍ୟସନ ପାଇଁ ମନକୁ ଆକର୍ଷିତ କରାଇବ। କୌଣସି କ୍ଷେତ୍ରରେ ସ୍ଥିର ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। ମନର ବିକ୍ଷିପ୍ତତା କାର୍ଯ୍ୟକ୍ଷେତ୍ର, ଦୈନନ୍ଦିନର କାମକୁ ଅସ୍ଥିର କରିଦେଇପାରେ। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରି ସଫଳତା ହାସଲ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ ବ୍ୟବସାୟରେ ନୂଆ କିଛି ଯୋଡ଼ିବାର ଉଦ୍ୟମ କରିପାରନ୍ତି। ଅନ୍ୟମାନଙ୍କ ସହ ମିଳିମିଶି କାମ କରିବା ସାଙ୍ଗକୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ।

**ମୀନ** ଆଧ୍ୟାତ୍ମିକ ପରିବେଶରେ ଲୋକ ଗହଣରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମନ ଭଲ ରହିଥିବା କାରଣରୁ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ। ଅପରାହ୍ନେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ମହାଶିବରାତ୍ରି (ଜାଗର), ଫାଲଗୁନ୍ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ମାର୍ଚ୍ଚ ୪ ତାରିଖ, ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ଶ୍ରବଣା/ମକର, ଦିବା ଘ୧।୨୧ମି. ଗତେ ଧନିଷ୍ଠା ନକ୍ଷତ୍ର, ମିଥୁନ ରାଶିର ଘାତବାର, ଶରଣଂ, ପାରସ୍କର ମତାନୁସାରେ ବିବାହ ପାଣିଗ୍ରହଣ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୫ମି. ମଧ୍ୟେ ଘ୧।୨୯ମି. ଗତେ, ଘ୨।୫୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ୯।୦୨ମି. ଗତେ ଘ୧୦।୨୯ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୩୫ମି. ଗତେ ଘ୯।୦୩ମି. ମଧ୍ୟେ ରାହୁକାଳ।



# PRAGATI KI NAYI MISAAL

With **29 km** of Highway constructed every day, World's fastest growing NH network

**17,808** man days created for every lane per kilometer of NH built

Over **40,000 km** of National Highways built in 5 years

Installation of Crash Barriers made compulsory on mountain roads, to reduce road accidents

Over **60,000 km** of projects awarded with investments worth **Rs. 7,36,000 Cr**

Under the Setu Bharatam Pariyojana, **208** ROBs/RUBs are being built with investments worth **Rs. 20,800 Cr** on railway crossings. **1,500** old bridges are being upgraded

From **91,287 km**, the length of National Highways increased to **1,46,000 km**

The Jogighopa Multi Modal is being built in Assam to enhance India's logistics efficiency

India's first Intermodal Station in Nagpur will integrate rail, metro rail and road transport for the convenience and comfort of commuters

World class Bus Ports to be built in major cities for the convenience of bus passengers

IBMS

For the first time in India a robust database of **1,72,517** bridges is being created under **IBMS.** This will help in the timely maintenance of old bridges



NAMUMKIN AB

**MUMKIN HAI**

Ministry of Road Transport & Highways Government of India

National Highways Authority of India

NHIDCL BUILDING INFRASTRUCTURE - BUILDING THE NATION

BHARATMALA ROAD TO PROSPERITY

ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡ଼େ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। –ଶ୍ରୀମା



# ପରୀକ୍ଷାର ମୁଣ୍ଡବ୍ୟଥା

ମାଲକାନଗିରି ଜିଲା ପଡ଼ିଆ ବ୍ଲକର ଏକ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରୁ ୧୦୮ ଉତ୍ତର ଖାତା ଗାଏବ ହୋଇଥିବା ଖବର ୩ ମାର୍ଚ୍ଚ ୨୦୧୯ରେ ଜଣାପଡ଼ିଛି। ଏହା ପୂର୍ବରୁ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲିସ୍ଥିତ ପରମାନନ୍ଦ ଉଚ୍ଚ ବିଦ୍ୟାପୀଠରୁ ଗଣିତ ପ୍ରଶ୍ନପତ୍ର ଭାଇରାଲ ଏବଂ ମାଟ୍ରିକ୍ ପରୀକ୍ଷା ଆରମ୍ଭ ଦିନ ଓଡ଼ିଆ ଓ ପରେ ଇଂଲିଶ୍ ପ୍ରଶ୍ନପତ୍ର ମଧ୍ୟ ସୋସିଆଲ ମିଡିଆରେ ଘୂରି ବୁଲିଥିଲା। ଏ ସବୁଥିରେ ଶିକ୍ଷକମାନଙ୍କ ଭୂମିକା ଉପରେ ବଡ଼ ପ୍ରଶ୍ନ ଲାଗିଛି। ଅଦ୍ୟାବଧି ୧୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଗଲାଣି।

ବର୍ଷର ଫେବୃୟାରୀ ଓ ମାର୍ଚ୍ଚରେ ମାଟ୍ରିକ୍‌ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ଯାଏ ବାର୍ଷିକ ପରୀକ୍ଷା ହେଉଥିବାରୁ ବୋର୍ଡ, ପରିଷଦ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ପରିଚାଳନା ପାଇଁ ଅନେକ ପଦକ୍ଷେପ ନେଇଥାଆନ୍ତି ବୋଲି କୁହାଯାଏ। ସରକାରୀ ସ୍ତରରେ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ପୂର୍ବବର୍ଷର ଭୁଲ ନ ଦୋହରାଇବା ଲାଗି ପଦକ୍ଷେପ ମଧ୍ୟ ନିଆଯାଉଛି। ତଥାପି ପରୀକ୍ଷା ପରିଚାଳନାରେ ସୁଧାର ଆସିପାରୁ ନାହିଁ। ଏଥରର ମାଟ୍ରିକ୍ ପରୀକ୍ଷାରେ ଦେଖାଦେଇଥିବା ସର୍ବାଧିକ ବିଭ୍ରାଟ ଏବେ ରାଜ୍ୟବ୍ୟାପୀ ଆଲୋଚନାର ବିଷୟ ପାଲଟିଛି। ଓଡ଼ିଆରେ କଥା ଅଛି 'ବାଡ଼ ଯେବେ ଫସଲ ଖାଏ'। ଏବର ସ୍ଥିତିରେ କେତେକ ଶିକ୍ଷକ, ପରୀକ୍ଷା ସହ ଜଡ଼ିତ କର୍ମଚାରୀଙ୍କ ଅନୈତିକ ଭୂମିକା ବଡ଼ ସମସ୍ୟା ସୃଷ୍ଟି କରିଛି। ଏଭଳିସ୍ଥଳେ ଉଚ୍ଚ କର୍ତ୍ତୃପକ୍ଷ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନିଲମ୍ବନ କରିଦେଇ ଦଣ୍ଡର ସ୍ତରକୁ ସୀମିତ ରଖିଦେବା ଭଳି ମନେହେଉଛି। ଦୃଢ଼ ପଦକ୍ଷେପ ସ୍ୱରୂପ ଏମାନଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହିତ ଜେଲ ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ। ଜଣେ ଅପରାଧୀ ହତ୍ୟା କରି ଯେଭଳି ଆଇନ ଦ୍ୱାରା ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି, ସେହିପରି ଅସଂଖ୍ୟ ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଥିବା ବ୍ୟକ୍ତିଙ୍କ ପାଇଁ ଏପରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଗଲେ ସ୍ଥିତିରେ ପରିବର୍ତ୍ତନ ଆସିପାରନ୍ତା। କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଏଠାରେ ଦୃଢ଼ ଦାବି କରିବାର ଅର୍ଥ ହେଉଛି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା। ଏହା କରାଗଲେ କେବଳ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ନୁହନ୍ତି, ପରୀକ୍ଷା ବିଭ୍ରାଟ ସହ ଜଡ଼ିତ ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ସତର୍କ ରହିବାକୁ ବାଧ୍ୟ ହେବେ। ପ୍ରଶ୍ନପତ୍ର ଭାଇରାଲ ଦ୍ୱାରା ପରୀକ୍ଷାର୍ଥୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଅନେକେ କହୁଛନ୍ତି। ଏପରିକି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ହେଲେ ମଧ୍ୟ ହଲ୍‌ରେ ଛାତ୍ରୀଛାତ୍ରଙ୍କ ନିକଟକୁ ଉତ୍ତର ଆସିପାରୁ ନାହିଁ। ଏପରି ହାଲୁକା ମନ୍ତବ୍ୟ ଦୁଷ୍ଟ ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ।

ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡ଼ିଶାର କେତେକ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ଓ ସମ୍ପର୍କୀୟମାନେ କପି ଦେବାକୁ ଯାଇ କୋଠାର ଛାତ ଓ ବାଉଣ୍ଡରିରେ ଓହଳି ରହିଥିବାର ଲଜ୍ଜାଜନକ ଦୃଶ୍ୟ ଦେଖିବାକୁ ମିଳିଛି। କିଛିବର୍ଷ ପୂର୍ବେ ବିହାରର ଅନେକ ପରୀକ୍ଷା କେନ୍ଦ୍ରରୁ ଉତ୍ତୋଳିତ ଏପରି ଚିତ୍ର ସେତେବେଳେ ଗଣମାଧ୍ୟମରେ ଚହଳ ପକାଇଥିଲା। ଏବର ଓଡ଼ିଶା ପରିସ୍ଥିତି ତାହାଠାରୁ ବଳିଯାଇଛି।

ପାଶ୍ଚାତ୍ୟ ଦେଶରେ ଅନେକ ଶିକ୍ଷାନୁଷ୍ଠାନରେ ପରୀକ୍ଷା ପଦ୍ଧତି ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ ଉପରେ ଆଧାରିତ। ଏହାର ଅର୍ଥ ହେଲା ଛାତ୍ରୀଛାତ୍ରଙ୍କ ପ୍ରତ୍ୟେକ ଦିନର ପ୍ରଦର୍ଶନ, ହୋମ୍‌ୱର୍କ ଓ କ୍ଲାସୱର୍କ, ଶ୍ରେଣୀ ପରୀକ୍ଷା, ଶିକ୍ଷାର ବିଭିନ୍ନ ଦିଗରେ ଅଂଶଗ୍ରହଣ ଭଳି ଅନେକ କ୍ଷେତ୍ରକୁ ନେଇ ମୂଲ୍ୟାୟନ ସ୍ଥିର କରାଯାଇଥାଏ। ଏହାଦ୍ୱାରା ପିଲାଙ୍କ ବାସ୍ତବ ପ୍ରଦର୍ଶନ ବିଷୟବସ୍ତୁ ଉପରେ ଜ୍ଞାନକୁ ଠିକ୍ ଭାବେ ଆକଳନ କରିବା ସମ୍ଭବପର ହୁଏ। ଫଳରେ ଦଶମ ଓ ଦ୍ୱାଦଶ ଭଳି ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ପରୀକ୍ଷା ଉପରେ ସମ୍ପୂର୍ଣ୍ଣ ଭବିଷ୍ୟତ ଅଟକିଯାଏ ନାହିଁ। ଭାରତର ବିଭିନ୍ନ ଶିକ୍ଷା ବୋର୍ଡ ବା ପରିଷଦର ପରୀକ୍ଷା ପଦ୍ଧତିକୁ ଦେଖିଲେ ଚୂଡ଼ାନ୍ତ ପରୀକ୍ଷାର ଓଜନ ତଳେ ଅନେକ ଛାତ୍ରୀଛାତ୍ର ଦବି ଯାଇଥାଆନ୍ତି। ସେମାନଙ୍କ ସମଗ୍ର ଭବିଷ୍ୟତ ଏହି ଗୋଟିଏ ଦୁଇଟି ପରୀକ୍ଷା ଉପରେ ନିର୍ଭର କରିଥାଏ ବୋଲି ପିଲା ଓ ଅଭିଭାବକମାନଙ୍କ ବିଶ୍ୱାସ ରହିଛି। ଯେନତେନ ପ୍ରକାରରେ ପରୀକ୍ଷାରେ ଅଧିକ ମାର୍କ ରଖିପାରିଲେ ଭବିଷ୍ୟତ କୁଆଡ଼େ ଉଜ୍ଜ୍ୱଳ ହେବ ବୋଲି ଭ୍ରାନ୍ତ ଧାରଣା ରହିଆସିଛି। ଏହି ମାନସିକତା କପି, ଲାଞ୍ଚ ବା ଧରାଧରି କରି ଉତ୍ତର ଖାତାରେ ମାର୍କ ବଢ଼ାଇବା ଭଳି ଅନୈତିକ କାର୍ଯ୍ୟକୁ ଜନ୍ମ ଦେଇଥାଏ। ଅଭିଭାବକ ଓ ଛାତ୍ରୀଛାତ୍ର ମଧ୍ୟ ଜାଣିବା ଦରକାର ଯେ, ଭୁଲ ବାଟରେ ସଫଳତା ପାଇଲେ ତାହା ଦୀର୍ଘସ୍ଥାୟୀ ହୋଇ ନ ଥାଏ। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଉପରଠାଉରିଆ ସଂସ୍କାର ପରିବର୍ତ୍ତେ ସମ୍ପୂର୍ଣ୍ଣ ଶିକ୍ଷାଦାନ ଓ ପରୀକ୍ଷା ପ୍ରଣାଳୀକୁ ସରଳ କରାଯିବା ଦରକାର। ଶେଷରେ ସରକାରଙ୍କ ସବୁ ପଦକ୍ଷେପ ବିଫଳ ହେବ, ଯଦି ଅଭିଭାବକମାନେ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚାହିଁବେ ନାହିଁ। କୌଣସି ପ୍ରକାରର ଦଣ୍ଡବିଧାନ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଅଣାଯାଇପାରେ ନାହିଁ। ପରିବର୍ତ୍ତନ କେବଳ ସମ୍ଭବପର ହୁଏ, ଯେତେବେଳେ ମାନସିକତା ବଦଳିଯାଏ।

## ଚିରନ୍ତନୀ

ସକଳ ଶରୀର ପରେ, ପ୍ରାଣମୂଳେ ବାଜଇ ଝଙ୍କାର
ଅନ୍ତର ମଥିତ କରେ ଅପହୃତ ଧନ ଆଶଙ୍କାର
ସୃଷ୍ଟିର ବିରାଟ ପ୍ରାଣେ ତଥା ଅହରହ
ଲାଗଇ ଯେ ଦୂରନ୍ତ ବିରହ!

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | E | | 5 | | | | | 8 | 1 | | A | | |
| A | 7 | | | 1 | 4 | 8 | | | 2 | | C | | 5 | 3 |
| | | 3 | | | 2 | | 4 | C | 6 | E | | | | |
| | | | | B | 3 | 0 | 9 | | | | 4 | | | |
| 4 | | 8 | | | D | | | | | | | | B | |
| | | | | | 1 | 5 | | 6 | | | 8 | | A | |
| | 1 | D | 0 | | 8 | 2 | | | | | 6 | | | |
| | | | B | | | 1 | E | | 0 | | | 9 | C | |
| | | | | | 9 | | 8 | | | | A | | | 2 |
| | | | 3 | | | D | | | | | | 5 | 0 | |
| | A | 7 | 1 | | 6 | | | 4 | | | 2 | | | B |
| E | | | | C | | B | | | | 8 | | 7 | | |
| | 3 | | | 8 | | | A | | | | E | 1 | | |
| | | | | 2 | 5 | | 6 | | | | | | | |
| | | | | | | | D | 7 | | 0 | 1 | | 4 | 6 |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | 1 | 0 | 7 | 2 | D | 4 | 6 | C | B | E | 8 | 9 | 3 |
| 8 | 3 | E | 1 | C | D | 9 | 7 | 2 | 5 | 4 | 0 | A | 6 | B |
| B | 6 | D | A | E | 9 | 0 | C | 3 | 8 | 1 | 7 | 2 | 4 | 5 |
| 7 | 9 | 4 | 5 | 8 | B | E | A | 1 | 6 | 2 | 3 | D | 0 | C |
| 2 | 0 | C | 4 | 6 | 3 | 8 | 5 | B | D | A | 9 | E | 7 | 1 |
| 0 | 2 | A | 3 | 5 | 8 | B | 1 | C | 7 | 9 | 4 | 6 | D | E |
| D | 7 | 6 | C | A | 1 | 4 | 8 | E | 3 | 5 | 2 | 0 | B | 9 |
| 9 | 4 | 3 | B | 2 | 0 | 5 | D | 7 | E | 6 | 1 | C | A | 8 |
| C | 8 | 5 | 7 | 9 | E | 6 | 2 | 0 | A | D | B | 3 | 1 | 4 |
| 1 | E | B | D | 4 | 6 | 3 | 9 | A | 0 | 8 | C | 5 | 2 | 7 |
| 4 | 5 | 0 | E | 1 | C | A | B | 8 | 2 | 7 | D | 9 | 3 | 6 |
| A | D | 9 | 8 | 3 | 4 | 7 | E | 5 | B | 0 | 6 | 1 | C | 2 |
| 6 | B | 8 | 9 | 0 | 7 | 2 | 3 | D | 1 | C | 5 | 4 | E | A |
| E | C | 7 | 2 | D | 5 | 1 | 6 | 4 | 9 | 3 | A | B | 8 | 0 |
| 3 | 1 | 2 | 6 | B | A | C | 0 | 9 | 4 | E | 8 | 7 | 5 | D |

ଗତକାଲିର ଉତ୍ତର

# କ୍ଷୁଧାମୁକ୍ତ ସମାଜର ଆହ୍ୱାନ



ମାୟାଧର ନାୟକ

ସମଗ୍ର ବିଶ୍ୱରେ ପେଟକୁ ଦାନା, ଦେହକୁ କନା, ମୁଣ୍ଡ ଗୁଞ୍ଜିବାକୁ ଅନ୍ତତଃ ବଖୁରିଏ ବସାଘର ପାଇବା– ଏହା ମଣିଷଜାତିର ଜନ୍ମଗତ ଅଧିକାର। ଏ ବିଶ୍ୱ ଉପରେ ସମସ୍ତଙ୍କର ଅଧିକାର। ଆକାଶ, ପାତାଳ, ମର୍ତ୍ତ୍ୟ, ଜଳ, ଜଙ୍ଗଲ, ମା', ମାଟି ସବୁ ଆମର। ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ ସମସ୍ତଙ୍କର ଏ ମହାଜଗତ ଉପରେ ଅଧିକାର ଅଛି। ମାତ୍ର ଆମ ଅଧିକାର କ'ଣ ଆମେ ସାବ୍ୟସ୍ତ କରିପାରୁଛେ?

ଆପଣମାନେ ଜାଣନ୍ତି କି, କ୍ଷୁଧା ଓ କ୍ଷୁଧାଜନିତ ବ୍ୟାଧିରେ ପୃଥିବୀ ପ୍ରତିବର୍ଷ ପ୍ରାୟ ୯୦ ଲକ୍ଷ ମଣିଷଙ୍କ ମୃତ୍ୟୁରେ ଜର୍ଜରିତ। ରୋଗରେ ମରିବା ଅପେକ୍ଷା ଭୋକରେ ମରିବାର ହାର ଏହି ଦୃଷ୍ଟିରୁ କଳ୍ପନାତୀତ ଭାବରେ ଅଧିକ। ହିସାବକରି ଦେଖାଯାଇଛି, ପୃଥିବୀବ୍ୟାପୀ ୮୧୫ ମିଲିଅନରୁ ଊର୍ଦ୍ଧ୍ୱ ଲୋକ ବର୍ତ୍ତମାନ ଭୋକର ବଳୟରେ ବନ୍ଦୀ। ପିଢ଼ି ପରେ ପିଢ଼ି ଓଳିଏ ଖାଇ ଓଳିଏ ଉପାସ ରହିଆସୁଛନ୍ତି ବହୁ ବର୍ଷ ହେଲା। ପ୍ରତି ୯ ଜଣରେ ଜଣେ ଭୋକିଲା ପେଟରେ ରାତିର ବିଛଣାକୁ ଯାଆନ୍ତି ଶୋଇବା ପାଇଁ। ପୃଥିବୀର ବିକାଶଶୀଳ ରାଷ୍ଟ୍ରାଞ୍ଚଳ ୯୮ ଶତାଂଶ କ୍ଷୁଧାର୍ତ୍ତମଣିଷର ମାନଚିତ୍ର। ଏସିଆରୁ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଛି ଭୟଙ୍କର ଗୋଟାଏ ଭୋକର ଭୂଗୋଳ। ପୃଥିବୀର ତିନିଭାଗରୁ ଭାଗେ କ୍ଷୁଧାର୍ତ୍ତଙ୍କ ବାସଭୂମି ହେଉଛି ଆମରି ଏ ଦେଶ ଭାରତବର୍ଷ। ୨୦ କୋଟିରୁ ଅଧିକ ଭାରତୀୟ ଖାଲିପେଟରେ କଟାଇଦିଅନ୍ତି ରାତିର ନିଦ। ଜାଣନ୍ତି କି ଖାଇବାକୁ ନ ପାଇ ପ୍ରତିଦିନ ୧୬ ହଜାର ଶିଶୁ ମୃତ୍ୟୁବରଣ କରନ୍ତି? ପ୍ରତି ୫ ସେକେଣ୍ଡ୍‌ରେ କ୍ଷୁଧାଜନିତ କାରଣରୁ ଗୋଟିଏ ପିଲା ଏ ପୃଥିବୀରେ ମରିବାକୁ ହିଁ ଜନ୍ମ ହୋଇଥାଏ! ଜାତିସଂଘ ସୂତ୍ରରୁ ଗୋଟିଏ ସାଂଘାତିକ ସତ୍ୟ ଆମେ ହାସଲ କରିଛୁ– ପୃଥିବୀରେ କ୍ଷୁଧା ହିଁ ହେଉଛି ଅଜସ୍ର ଅକାଳ ମୃତ୍ୟୁର ଏକ ନମ୍ବର କାରଣ। ଆମ ଚିକିତ୍ସାବିଜ୍ଞାନ ବ୍ୟାଧି ଓ ବାର୍ଦ୍ଧକ୍ୟ ବିରୋଧରେ କେବେଠୁ ଯୁଦ୍ଧଘୋଷଣା କରିସାରିଛି। ମାତ୍ର ବିଶ୍ୱବ୍ୟାପୀ କ୍ଷୁଧା ବିରୋଧରେ ଆମ ଜ୍ଞାନଜଗତ କେବେ ନିଜ ବିବେକ–ପରିଚାଳିତ ମାନବିକ ଅଭିଯାନ ଆରମ୍ଭ କରିବ? କ୍ଷୁଧାମୁକ୍ତ ବିଶ୍ୱ ଆଜିର ମଣିଷସମାଜ ଆଗରେ ସବୁଠାରୁ ବଡ଼ ଆହ୍ୱାନ।

ବର୍ତ୍ତମାନ ଅନ୍ୟୂନ ୧୯୫ଟି ଦେଶର ଦୁନିଆ ଏ ୭ ମହାଦେଶର ପୃଥିବୀ ପ୍ରତି ସବୁଠୁ ଲାଞ୍ଛନାକର ଲଜ୍ଜା ହେଉଛି ଉଦଗ୍ର କ୍ଷୁଧା ଓ ଉତ୍କଟ ଅନାହାର ମୃତ୍ୟୁ। ୫୦ଟି ଦେଶ ଥିବା ଆମ ଏସିଆ ପୁଣି ହେଉଛି ପୃଥିବୀର ସର୍ବାଧିକ କ୍ଷୁଧାପୀଡ଼ିତ ମହାଦେଶ। ଏବେ ବି ଏସିଆରେ ପ୍ରାୟ ୫୧୨ ମିଲିଅନ ଲୋକ ମର୍ମବିଦାରକ ବୁଭୁକ୍ଷାର ବିଭୀଷିକାଗ୍ରସ୍ତ। ଭାରତରେ ୧୯୪ ମିଲିଅନ ଲୋକ ଅନାହାରକ୍ଲିଷ୍ଟ। ସବୁଠୁ କ୍ଷୋଭର ବିଷୟ ହେଉଛି, ପୃଥିବୀର ଶତକଡ଼ା ୭୦ ଭାଗ ଖାଦ୍ୟାଭାବର ଶିକାର ପାଲଟିଥିବା ସରଳ ନିରୀହ ଶିଶୁମାନଙ୍କର ଅଭିଶପ୍ତ ଅନ୍ଧାରୀମୁଲକ ହେଉଛି ଏହି ଏସିଆ। ପୃଥିବୀର ସର୍ବାଧିକ କ୍ଷୁଧାପୀଡ଼ିତ ଓ ଅନାହାର ମୃତ୍ୟୁଯନ୍ତ୍ରଣାଜର୍ଜରିତ ୧୦ଟି ଦେଶ ହେଉଛି– ହାଇତି, ଜାମ୍ବିଆ, ୟେମେନ୍, ଇଥିଓପିଆ, ଚାଦ୍, ସୁଦାନ, କୋମୋରୋସ୍, ତିମୋର–ଲେଷ୍ଟ୍, ଏରିଟ୍ରେଆ, ବୁରୁଣ୍ଡି।

କ୍ଷୁଧାମୁକ୍ତ ବିଶ୍ୱ ପାଇଁ ପ୍ରଥମେ କ'ଣ ଯୋଜନା କରିବା ଜରୁରୀ? ପ୍ରଥମେ ଜରୁରୀ ହେଉଛି ବିଶ୍ୱବ୍ୟାପୀ ଏକ ସାର୍ବଜନୀନ ନୀତି ନିର୍ଦ୍ଧାରଣ। ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ରାଷ୍ଟ୍ର ଓ ସମାଜ ପରସ୍ପରକୁ ବନ୍ଧୁ ଅପେକ୍ଷା ବଇରୀ ରୂପରେ ବିଚାରିବାରେ ଅଭ୍ୟସ୍ତ। ଏହାର କାରଣ ହେଉଛି ମୁନାଫାଖୋର ଶିଳ୍ପପତି ଓ ମହଜୁଦକାରୀ ମାରଣାସ୍ତ୍ର ବେପାରୀବର୍ଗ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲାଗୁ ବୋଲି ଠାକୁରଙ୍କୁ ପ୍ରାର୍ଥନା କରନ୍ତି ଏବଂ ଏକପ୍ରକାର ସାଂଘାତିକ ସାମରିକ ସନ୍ତ୍ରାସବାଦ ଉପୁଜାଇବାରେ ନାନାଦି କୂଟକର୍ମ କରନ୍ତି। ଯୁଦ୍ଧ ମଧ୍ୟ ଏକପ୍ରକାର ବିଶ୍ୱବ୍ୟାପୀ ବ୍ୟବସାୟ, ଯାହାର ଅଂଶୀଦାର ବିଭିନ୍ନ ରାଷ୍ଟ୍ରୀୟ ରାଜନୀତିର ସୂତ୍ରଧରବର୍ଗ। ମାତ୍ର ଗୋଟିଏ କଥା ସବା ଉପରର ସତ୍ୟ ଯେ, ଆମର ସର୍ବପ୍ରଥମ ଜାତଶତ୍ରୁ ହେଉଛି– କ୍ଷୁଧା, ଅନାହାର। ସମଗ୍ର ପୃଥିବୀ ଯଦି ଏ ଗୋଟିଏ ଶତ୍ରୁ ସହିତ ଲଢ଼ିବାକୁ ଶପଥ କରେ, ତା'ହେଲେ ମଣିଷ ମଣିଷ ମଧ୍ୟରେ ମାନଚିତ୍ରକୁ ନେଇ ଓ ଜାତୀୟତାକୁ ଆଳକରି ଛିଡ଼ାକରାଯାଇଥିବା ବାଦବିବାଦର ପାଚେରିଗୁଡ଼ାକ ଭାଙ୍ଗିଯାଇ ମାଟିରେ ମିଶିଯିବ। ଗୋଟିଏ ନବ ମାନବସମାଜରେ ପରିଣତ ହେବ କ୍ଷୁଧାମୁକ୍ତ ବିଶ୍ୱ। ସବୁ ଯୁଦ୍ଧକ୍ଷେତ୍ରକୁ ଶସ୍ୟକ୍ଷେତ୍ରରେ ପରିଣତ କରିବା ଲାଗି ବିଦ୍ୟାବୁଦ୍ଧିର ବହପ ଦେଖାଉଥିବା ମଣିଷ ଚିନ୍ତା କରିବା ଉଚିତ। କିନ୍ତୁ କ୍ଷୁଧାଗ୍ରସ୍ତ ବର୍ଗର ଦାରୁଣ ଦୁର୍ଦ୍ଦଶାଗ୍ରସ୍ତ ଜୀବନର କଥା ଉଠିଲେ, ଆମ ବିଦ୍ୟାବନ୍ତ, ବୁଦ୍ଧିମନ୍ତବର୍ଗ ତ ଅନ୍ଧମୂକବଧିର ଅଭିନୟ କରିବାରେ ଏକଦମ୍ ଆଗୁଆ! କିଏ ଦେଖିବ ଦୁନିଆର ଦୁଃଖ? କିଏ କହିବ ମଣିଷଜାତିର କଷ୍ଟ? କିଏ ଶୁଣିବ ସାରା ଜୀବନର ସତ୍ୟ? ମିଶନାରୀ ପାଦ୍ରୀମାନେ ଧର୍ମପ୍ରଚାର ପାଇଁ ଅନ୍ଧାରୀ ଆଫ୍ରିକାରୁ ଆରମ୍ଭ କରି ଅନାଲୋକିତ ଏସିଆର ଦୁର୍ଗମ ଆଦିବାସୀ ଘାଟିବଣ ଭିତରକୁ ପଶିଛନ୍ତି, ହିନ୍ଦୁ–ମୁସଲମାନ–ଶିଖ୍ ଇତ୍ୟାଦି ଧର୍ମସମ୍ପ୍ରଦାୟ ଦଙ୍ଗା ଓ ରକ୍ତପାତରେ ଏଯାବତ୍ ଅଜସ୍ର ବହୁମୂଲ୍ୟ ଜୀବନନାଶର ସାକ୍ଷୀ ହୋଇଆସିଛନ୍ତି– ଅଥଚ ଦୁନିଆର ଧର୍ମଗୁରୁମାନେ କ'ଣ ମଣିଷକୁ କ୍ଷୁଧା ବିରୋଧରେ ମୁକାବିଲା କରିବାକୁ କେବେହେଲେ ଆବେଦନ କରିଛନ୍ତି? ବଡ଼ ବିଡ଼ମ୍ବନାର ବିଷୟ ଯେ ଯେଉଁଠି କ୍ଷୁଧାର ଜରୁରୀ ପରିସ୍ଥିତି ଏ ଯାଏ ଜାରି ରହିଛି, ବଶମ୍ବଦ ଭକ୍ତସମାଜ ମଧ୍ୟରୁ କେହି କେବେ ଏ ପ୍ରଶ୍ନ ଉଠାଇଛନ୍ତି– ସେଠି ଈଶ୍ୱର କ'ଣ କଷ୍ଟ ପାଉନାହାନ୍ତି?

ଆଜି କ୍ଷୁଧାମୁକ୍ତ ବିଶ୍ୱର ସର୍ବପ୍ରଥମ ଆହ୍ୱାନ ଧର୍ମକୁ, ଧର୍ମଗୁରୁମାନଙ୍କୁ ଏବଂ ମର୍ମଜ୍ଞ ଭକ୍ତମଣ୍ଡଳୀକୁ; ଆମେ ଧାର୍ମିକମାନଙ୍କୁ ନୁହଁ, ମାର୍ମିକମାନଙ୍କୁ ହିଁ ଅଗ୍ରାଧିକାର ଦେବୁ– ଗୋଟିଏ କ୍ଷୁଧାମୁକ୍ତ ବିଶ୍ୱର ଭିତ୍ତିପ୍ରସ୍ତୁତି ସଂକଳ୍ପରେ। ଖାଦ୍ୟ, ପାନୀୟ ଜଳ ପାଇଁ ଆମେ ଆମର ସ୍ୱେଦକଣିକା କ'ଣ– ରକ୍ତବିନ୍ଦୁ ନିଗାଡ଼ିବାକୁ ବି ପଛାଇବା ନାହିଁ – ମାତ୍ର ଅନ୍ୟକୁ ଶତ୍ରୁ ଭାବି ତା' ରକ୍ତ କି ନିଜ ରକ୍ତ ବୁହାଇଦେବାକୁ ଆଗଭର ହେଉଥିବାଯାଏ ଅସଲ ଶତ୍ରୁ ଜିତିଚାଲିଥିବ। ସେ ଶତ୍ରୁ– ଏ କ୍ଷୁଧା, ଏ ଅନାହାର, ଏ ଅନଟନ – ମନୁଷ୍ୟକୃତ ଏ ମର୍ମନ୍ତୁଦ ମୃତ୍ୟୁନାଟକର ଆୟୋଜନ। ଏ ଦିଗରେ ସମୁଚିତ ପଦକ୍ଷେପ ନେବାର ସମୟ ପହଞ୍ଚିଯାଇଛି। ଆମ ସମସ୍ତଙ୍କ ପାଇଁ ବର୍ତ୍ତମାନର ଏହି ମୁହୂର୍ତ୍ତଠାରୁ ଏକ ନମ୍ବର କର୍ତ୍ତବ୍ୟ ହିଁ ହେଉଛି– ଏକ କ୍ଷୁଧାମୁକ୍ତ ବିଶ୍ୱର ଆହ୍ୱାନ।

ଏଇଥିପାଇଁ ଜାତିର ପିତା ମହାତ୍ମା ଗାନ୍ଧୀ କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ଆପ୍ରାଣ ଉଦ୍ୟମ ଚଳେଇଥିଲେ। ଆଜି କିନ୍ତୁ କ୍ଷୁଧାମୁକ୍ତ ବିଶ୍ୱ ପାଇଁ ଆହ୍ୱାନ। ଆଜି ସମଗ୍ର ବିଶ୍ୱର କୋଟି କୋଟି ଜନତା ଭୋକ, ଶୋଷ, ରୋଗ, ବୈରାଗ୍ୟ, ଅଭାବ, ଅନଟନ, ବେକାରି, ଈର୍ଷା, ହିଂସା, ରକ୍ତପାତ, ବଳାତ୍କାର, ଶିଶୁହତ୍ୟା, ଭ୍ରୂଣହତ୍ୟା, ଚୋରି, ଡକାୟତି, ରାହାଜାନି, ହତାଶା, ନିରାଶା, ଦୁଃଖଯନ୍ତ୍ରଣାରେ ଜର୍ଜରିତ। କ୍ଷମତା, ଅର୍ଥ ପାଇଁ ବହୁ ଲୋକ ଅର୍ଦ୍ଧପାଗଳ, ବଦ୍ଧପାଗଳ। ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଟେକାଟିଏ ଫିଙ୍ଗିବ, ଯେଉଁଠି ପଡ଼ିବ ସେ ମାଟିରେ ଜଣେ ଦି'ଜଣଙ୍କୁ ଛାଡିଦେଲେ ଆଉ ସବୁ ସ୍ୱାର୍ଥମୋହରେ ମଜବୁର। ସେମାନଙ୍କ ଆଶା, ଆକାଂକ୍ଷା ପୂରଣ ହୋଇପାରୁ ନ ଥିବାରୁ ସେମାନେ ହତାଶା, ନିରାଶା ରୋଗରେ ଆକ୍ରାନ୍ତ। ଜୀବନରୁ ଶାନ୍ତି ଉଭେଇଯାଇଛି। ନିରାଶାର ତତଲା ଭୂଇଁରେ ପଡ଼ି ଛଟପଟ ହେଉଛନ୍ତି। ସ୍ୱାର୍ଥ, ଆଶା, ଆକାଂକ୍ଷା ପୂରଣ ପାଇଁ ଜୀବନସାରା ମିଛ, ମାୟା, ମରୀଚିକା ପଛରେ ଗୋଡ଼େଇଗୋଡ଼େଇ ପ୍ରାଣ ଚାଲିଯାଉଛି। ଅଢ଼େଇହଜାର ବର୍ଷ ତଳେ ବୁଦ୍ଧଦେବ ସଂସାର ମୋହ ତ୍ୟାଗ କରି ଅଶ୍ୱତ୍ଥବୃକ୍ଷ ମୂଳେ ସାଧନାରତ ରହି ଜ୍ଞାନପ୍ରାପ୍ତ ହୋଇଥିଲେ। ତାଙ୍କ ଶ୍ରୀମୁଖରୁ ମାନବସମାଜ ପାଇଁ ମନ୍ତ୍ର ଉଚ୍ଚାରିତ ହୋଇଥିଲା– କାମନାର ବିନାଶରେ ଦୁଃଖର ବିନାଶ। ଆଜି କ୍ଷୁଧାର ବିନାଶ ଲାଗି ଲଢ଼େଇ ଆରମ୍ଭ ହେଉ।

ଯାଜପୁର ରୋଡ, ଯାଜପୁର,
ମୋ– ୯୮୬୧୦୩୪୧୬୩

# ସମାଜ, ସଂସ୍କୃତି ଓ ଭଗବାନ୍ ଶିବ



ବ୍ରହ୍ମାନନ୍ଦ ପଣ୍ଡା

### ମହାଶିବରାତ୍ରି ଉପଲକ୍ଷେ

ଭାରତୀୟ ସମାଜ, ସଭ୍ୟତା ଓ ସଂସ୍କୃତିକୁ ଯୁଗ ଯୁଗ ଧରି ପରିପୁଷ୍ଟ କରିଆସିଥିବା ପଞ୍ଚଦେବତାଙ୍କ ମଧ୍ୟରେ ଶିବ ଅନ୍ୟତମ। ପୁରାଣକଥିତ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷକୁ ଗ୍ରହଣ କରିବାକୁ ଅନ୍ୟ ଦେବତା–ଅସୁରମାନେ ଅନିଚ୍ଛା ପ୍ରକାଶ କରନ୍ତେ ସୃଷ୍ଟିର କଲ୍ୟାଣ ପାଇଁ ରୁଦ୍ର ସେ ବିଷକୁ ପାନ କରିଥିବାରୁ ତାଙ୍କର ନାମ ହେଲା ଶିବ (କଲ୍ୟାଣକାରୀ)। ସାଧକ ଓ ଜ୍ଞାନପିପାସୁମାନଙ୍କୁ ଶିବଙ୍କ ସାଧନାସର୍ବସ୍ୱ ଜୀବନ ପ୍ରେରଣା ଦିଏ। ତାଙ୍କ ପରିବାରରେ ଖାଦ୍ୟ–ଖାଦକ, ବିରୋଧ ଓ ବିଭିନ୍ନତା ମଧ୍ୟରେ ଯେଉଁ ସୁସମ୍ପର୍କ ବିଦ୍ୟମାନ ତାହା ଭାରତୀୟ ସମାଜରେ ବିଭିନ୍ନତା ମଧ୍ୟରେ ଏକତା ଓ ସଂହତି ରକ୍ଷା କରିବାକୁ ଯୁଗେ ଯୁଗେ ପଥପ୍ରଦର୍ଶକ ହୋଇ ଆସିଛି। ଆଜି ବିଶ୍ୱରେ ସର୍ବତ୍ର ବ୍ୟକ୍ତି ଚରିତ୍ରରେ ନୈତିକ ସ୍ଖଳନ, ଅସହିଷ୍ଣୁତା, ସ୍ୱାର୍ଥପରତା ଓ ମାନବିକ ମୂଲ୍ୟବୋଧ ହ୍ରାସ ପାଇ ଜାତୀୟ ଜୀବନ କଳୁଷିତ ହୋଇଥିବା ବେଳେ ଏବଂ ଆମ୍ଭର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିଗହରା ହୋଇଥିବା ବେଳେ ଶୈବଦର୍ଶନର ସରଳ, ତ୍ୟାଗପୂତ ଓ ଯୋଗସର୍ବସ୍ୱ ଜୀବନଚର୍ଯ୍ୟା ନୂତନ ଆଶାର କିରଣ ସୃଷ୍ଟି କରିଛି।

ଭଗବାନ୍ ଶିବଙ୍କର ଅବ୍ୟକ୍ତ ରୂପ ହେଉଛି ଲିଙ୍ଗ। ସେ ଶକ୍ତିଯୁକ୍ତ ହେଲେ ଶିବ ଏବଂ ଶକ୍ତିମୁକ୍ତ ହେଲେ ଶବ ହୁଅନ୍ତି। ଶକ୍ତି ବା ମାୟା ବା ପ୍ରକୃତି ହେଉଛି ତାଙ୍କର ଆଧାର ଏବଂ ଶିବ ହେଉଛନ୍ତି ଆଧେୟ। ଭଗବାନ୍ ଶିବଙ୍କର ଅବ୍ୟକ୍ତ ରୂପ ଲିଙ୍ଗ ଶକ୍ତିପୀଠ ମଧ୍ୟରେ ଚିର ବିରାଜମାନ। ଯେଉଁଦିନ ଭଗବାନ୍ ଶିବଙ୍କର ଅବ୍ୟକ୍ତ ରୂପ ଲିଙ୍ଗ ପ୍ରଥମକରି ପୃଥିବୀରେ ପ୍ରକାଶ୍ୟ ରୂପ ନେଲା ସେଦିନ ରାତ୍ରିକୁ ମହାଶିବରାତ୍ରି ରୂପେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ପାଳନ କରାଯାଏ। ଅନ୍ୟ ମାସର କୃଷ୍ଣ ଚତୁର୍ଦ୍ଦଶୀକୁ କେବଳ ଶିବରାତ୍ରି ରୂପେ ପାଳନ କରାଯାଏ। ମହତ୍ ଲକ୍ଷ୍ୟରେ କରଣୀୟ କର୍ମକୁ ବ୍ରତ କୁହାଯାଏ। ମହାଶିବରାତ୍ରି ବ୍ରତ କଲେ ସିଦ୍ଧି, ଋଦ୍ଧି ମିଳିଥାଏ ଓ ପାପ ନାଶ ହୁଏ। ସେଥିପାଇଁ ଈଶାନ ସଂହିତାରେ ଅଛି: "ଶିବରାତ୍ରି ବ୍ରତ ନାମ ସର୍ବପାପବିନାଶନମ୍। ଆଚଣ୍ଡାଳମନୁଷ୍ୟାଣାଂ ଭୁକ୍ତିମୁକ୍ତିପ୍ରଦାୟକମ୍।।" ଶିବରାତ୍ରି ବ୍ରତରେ ଉପବାସ କଲେ କାମନା ସିଦ୍ଧି ହେବା ସହ ଶିବଲୋକ ପ୍ରାପ୍ତି ହୁଏ। ସୂର୍ଯ୍ୟାସ୍ତ ସମୟକୁ ଚତୁର୍ଦ୍ଦଶୀ ଥିଲେ ସେ ଦିନ ଶିବରାତ୍ରି ରୂପେ ପାଳନୀୟ। ମାତ୍ର ଭିନ୍ନ ମତ ଅନୁସାରେ ଚତୁର୍ଦ୍ଦଶୀ ମଧ୍ୟରାତ୍ରିକୁ ବ୍ୟାପିଥିଲେ ସେ ଦିନ ଶିବରାତ୍ରି ବ୍ରତ କରଣୀୟ।

ଶିବରାତ୍ରି ଦିନ ଉପବାସ କରାଯାଏ। ସଂଯତ ଇନ୍ଦ୍ରିୟ, ମନ ଓ ବୃଦ୍ଧିକୁ ନେଇ ଭଗବାନ୍‌ଙ୍କୁ ସମର୍ପିତ ଦିନଚର୍ଯ୍ୟାକୁ ଉପବାସ କୁହାଯାଏ। ଅନାହାର ବ୍ରତ ପାଳନ ଶରୀର ଶୋଧନ, ପାଚନକ୍ରିୟା, ଶକ୍ତିବୃଦ୍ଧି, ମାନସିକ ଓ ବୌଦ୍ଧିକ ବିକାଶ, ଉତ୍ତମ ସ୍ୱାସ୍ଥ୍ୟ ଓ ଶ୍ରୀବୃଦ୍ଧି ପାଇଁ ସହାୟକ। ମହାଶିବରାତ୍ରି ଦିନ ମଧ୍ୟରାତ୍ରିପରେ ମହାଦୀପ ଶିବମନ୍ଦିର ଊର୍ଦ୍ଧ୍ୱକୁ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଜାଗ୍ରତ ରହୁଥିବାରୁ ଏହାକୁ ଜାଗର ବ୍ରତ କୁହାଯାଏ। ଉପବାସ, ଅନାହାର ସହ ଶ୍ରଦ୍ଧା, ଭକ୍ତି, ସଦାଚାରଯୁକ୍ତ ଦିବାରାତ୍ର ଜାଗରଣ ଦ୍ୱାରା କାମ, କ୍ରୋଧ ଆଦି ଷଡ଼ରିପୁ ଦମିତ ହୁଅନ୍ତି। ଭଗବାନ୍ ଶିବ ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ, ମାତ୍ର ତାଙ୍କ ଜୀବନଚର୍ଯ୍ୟାରେ ସେ ଜଣେ ଭିକ୍ଷାଥାଳଧାରୀ ଦିଗମ୍ବର ଯୋଗୀ, ଯିଏ ବିଶ୍ୱ କଲ୍ୟାଣ ପାଇଁ ସଦା ଧ୍ୟାନମଗ୍ନ ଓ ସମାଧିସ୍ଥ। ସେ ମାତୃଶକ୍ତି ଓ ସ୍ତ୍ରୀଙ୍କୁ ସର୍ବଦା ପ୍ରାଧାନ୍ୟ ଦିଅନ୍ତି, ମାତ୍ର ସେ ଜିତେନ୍ଦ୍ରିୟ।

ଶିବରାତ୍ରି ଦିନ ଭକ୍ତମାନେ ମୋକ୍ଷ ଲକ୍ଷ୍ୟରେ ସଂକଳ୍ପ କରି ବ୍ରତ କରନ୍ତି। ନବଧା ଭକ୍ତି ମାର୍ଗରେ ଶିବଙ୍କର ପୂଜା କରନ୍ତି। ଭଗବାନ୍ ଶିବଙ୍କର ଜଳ, ଭୂମି, ଅଗ୍ନି, ବାୟୁ, ଆକାଶ – ପଞ୍ଚଭୂତାତ୍ମକ ରୂପ ସହ ସୂର୍ଯ୍ୟ, ଚନ୍ଦ୍ର ଓ ଜୀବାତ୍ମା –ଏହି ଆଠଟି ରୂପ ଅଛି। ପ୍ରଥମ ସୃଷ୍ଟି ଜଳ ଏବଂ ଶେଷ ସୃଷ୍ଟି ଜୀବାତ୍ମା। ନଦୀ ସମୁଦ୍ର ଅଭିମୁଖୀ ହୋଇ ନିଜର ସତ୍ତା ହରାଇଲା ପରି ପରମାତ୍ମା ଶିବଙ୍କର ସୃଷ୍ଟ ଜୀବାତ୍ମା ପରମାତ୍ମାଙ୍କ ସହ ମିଶିବା ପାଇଁ ଶିବରାତ୍ରି ବ୍ରତ କରିଥାଏ। ଏଥିପାଇଁ ସେ ଜଳ ଆଦି ଅନ୍ୟ ସପ୍ତ ସୃଷ୍ଟିର ସାହାଯ୍ୟ ନେଇଥାଏ। ଗାୟତ୍ରୀ ମନ୍ତ୍ର ଦ୍ୱାରା ଶିବଙ୍କ ପୂଜା କରାଯାଏ। କଳିଯୁଗରେ ୩୩ ଗୋଟି (ଅପଭ୍ରଂଶରେ ୩୩ କୋଟି) ଦେବତା ଅଛନ୍ତି। ଅଷ୍ଟ ବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ, ଇନ୍ଦ୍ର ଓ ପ୍ରଜାପତିଙ୍କୁ ନେଇ ୩୩ ଦେବତା ଭଗବାନ୍ ଶିବଙ୍କର ମହାମୃତ୍ୟୁଞ୍ଜୟ ମନ୍ତ୍ରର ୩୩ ଅକ୍ଷର ଓ ଶବ୍ଦବ୍ରହ୍ମ ସହ ସଂପୃକ୍ତ। ସବୁ ଦେବଙ୍କ ଅସ୍ତ୍ରରେ ଦେବୀ ଦୁର୍ଗା ବଳୀୟାନ ହୋଇ ମହିଷାସୁର ଆଦିଙ୍କୁ ବଧ କଲାପରି ସବୁ ଦେବତାଙ୍କ ଶକ୍ତିରେ ସମୃଦ୍ଧ ଶିବଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର ଦ୍ୱାରା ମୃତ୍ୟୁ ଓ ଅପମୃତ୍ୟୁକୁ ଜୟ କରାଯାଇପାରେ। ଶିବଙ୍କର ପାଞ୍ଚଟି ମୁଖ। ଏଥିପାଇଁ ଶିବଙ୍କୁ ପଞ୍ଚାକ୍ଷର ମନ୍ତ୍ର 'ନମଃ ଶିବାୟ' ମନ୍ତ୍ରରେ ପୂଜା କରାଯାଏ। ଏହି ମହାଶିବରାତ୍ରି ବ୍ରତ ପାଳନକରି ଭକ୍ତମାନେ ଭୁକ୍ତିମୁକ୍ତି ଲାଭ କରିବା ସହ ସାରା ବିଶ୍ୱରେ ଶାନ୍ତି ବିରାଜମାନ କରୁ, ଏହାହିଁ କାମନା।

ମିର୍ଜାପୁର, ଧର୍ମଶାଳା, ଯାଜପୁର,
ମୋ–୮୨୪୯୬୯୭୯୪୪

## ଏଇ ଭାରତରେ

୪ଶହ ବର୍ଷ ଧରି ଶିବଲିଙ୍ଗଙ୍କୁ ପୂଜା କରୁଛନ୍ତି ମୁସଲମାନ ପରିବାର। ଏ କଥା ଅବିଶ୍ୱାସ୍ୟ ହେଲେ ମଧ୍ୟ ସତ୍ୟ। ଦେଶରେ ଜାତି, ଧର୍ମ ଓ ସମ୍ପ୍ରଦାୟକୁ କେନ୍ଦ୍ରକରି ବିଭିନ୍ନ ସମୟରେ ବାଦବିବାଦ ମୁଣ୍ଡ ଟେକୁଛି। ତେବେ ଆସାମର ଏକ ମୁସଲମାନ ପରିବାର ଦୀର୍ଘ ୫ଶହ ବର୍ଷ ଧରି ସାମ୍ପ୍ରଦାୟିକ ସଦ୍‌ଭାବର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପରିବାର ପ୍ରାୟ ୮ପିଢ଼ି ଧରି ଶିବଲିଙ୍ଗ ତଥା ନଟରାଜଙ୍କୁ ପୂଜା କରିଆସୁଛନ୍ତି। ସ୍ଥାନୀୟ ରଙ୍ଗମହଲ ଗାଁରେ ଥିବା ଶିବ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି ଏହି ମୁସଲମାନ ପରିବାର ଉପରେ। ସମ୍ପ୍ରତି ମନ୍ଦିରର ଦାୟିତ୍ୱ ପିଢ଼ି ପରେ ପିଢ଼ି ଅତିକ୍ରମ କରି ମତିବୁର୍ ରହେମାନ୍‌ଙ୍କ ଉପରେ ନ୍ୟସ୍ତ ହୋଇଛି। ସେ ପ୍ରତିଦିନ ସକାଳୁ ଉଠି ନମାଜ୍ ପାଠ ପରେ ମନ୍ଦିରରେ ପୂଜା ଆରମ୍ଭ କରନ୍ତି। ମହାଦେବଙ୍କୁ ସ୍ନେହରେ ଅଜା ବୋଲି ଡାକନ୍ତି। ମତିବୁର କହନ୍ତି, ମହାଦେବ ହେଉଛନ୍ତି ତାଙ୍କ ମା'ଙ୍କର ପିତା ଭଳି। ପ୍ରତିଦିନ ମନ୍ଦିରରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଲୋକେ ପୂଜା କରିବାକୁ ଆସନ୍ତି। ମନ୍ଦିରଟି ସର୍ବଧର୍ମ ସମନ୍ୱୟର ଏକ ପୀଠ ଭାବେ ସ୍ଥାନୀୟ ଅଞ୍ଚଳରେ ଖ୍ୟାତି ହାସଲ କରିଛି। ପ୍ରତିବର୍ଷ ଜାଗରରେ ସେଠାରେ ଏକ ବଡ ମେଳାର ଆୟୋଜନ ହୋଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୪

- ପପ୍ ଗାୟିକା ହ୍ୱିଟନ୍ ହସ୍‌ଟନଙ୍କୁ ତାଙ୍କର 'ବଡିଗାର୍ଡ' ନାମକ ଗୀତ ପାଇଁ ଗ୍ରାମୀ ପୁରସ୍କାର।
- ଦେଶରେ ଅର୍ଥନୈତିକ ଓ ରାଜନୈତିକ ସଂସ୍କାର ନିମନ୍ତେ ମେକ୍ସିକୋ ସରକାର ଏବଂ ସରକାରୀ ବିରୋଧୀ ମାୟା ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଓଡ଼ିଶା ସରକାର କର୍ମଚାରୀମାନଙ୍କର ଦୀର୍ଘଦିନର ଦାବି ସରେଣ୍ଡର ଲିଭ୍, ଏଲ୍‌ଟିସି ଓ ବର୍ଦ୍ଧିତ ମହଙ୍ଗା ଭତ୍ତା ଦେବା ପାଇଁ ଘୋଷଣା କରିଛନ୍ତି।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୨୪–ସୌଦୀ ଆରବର ରାଜକୁମାରୀ ରୀମା ବିଣ୍ଟ ବନ୍ଦାର ବିନ୍ ସୁଲତାନ ଅଲ୍ ସୌଦ୍‌ଙ୍କୁ ଦେଶର ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି।

୨୫– ସିରିଆରେ ଆଇଏସ୍ ଆତଙ୍କବାଦୀଙ୍କ ଅମାନବିକ କାଣ୍ଡ: ସୁଡ଼ଙ୍ଗରୁ ମିଳିଲା ୫୦ କଟାମୁଣ୍ଡ।

୨୬– ଭାରତୀୟ ବାୟୁସେନାର ୧୨ଟି ମିରାଜ୍ ୨୦୦୦ ଯୁଦ୍ଧ ବିମାନ ନିୟନ୍ତ୍ରଣ ରେଖା ଡେଇଁ ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍–ଏ–ମହମ୍ମଦ ଆତଙ୍କବାଦୀ ସଂଗଠନର ଶିବିରଗୁଡ଼ିକୁ ଧ୍ୱଂସ କରିଦେଇଛି। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଓ ସେମାନଙ୍କ ତାଲିମଦାତା ନିହତ ହେଇଥିବା କୁହାଯାଉଛି।

୨୭– ଭାରତୀୟ ବାୟୁସେନାର ଏକ ମିଗ୍ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖସିପଡ଼ିଥିବା ବେଳେ ଜୀବନରକ୍ଷା ପାଇଁ ପାରାଶୁଟ୍‌ରେ ଓହ୍ଲାଉଥିବା ଏହାର ବୈମାନିକ ଅଭିନନ୍ଦନ ବର୍ଥମାନ ପାକିସ୍ତାନ ଭିତରେ ଖସିପଡ଼ି ପାକିସ୍ତାନ ସେନା ହାତରେ ଗିରଫ ହୋଇଛନ୍ତି।

୨୮– କେନ୍ଦ୍ର ସରକାର ଆତଙ୍କବାଦ–ନିରୋଧୀ ଆଇନ ବଳରେ ଜମାତ୍–ଇ–ଇସ୍‌ଲାମୀ ଜମ୍ମୁ–କଶ୍ମୀରକୁ ୫ ବର୍ଷ ପାଇଁ ନିଷିଦ୍ଧ କରିଛନ୍ତି।

ମାର୍ଚ୍ଚ ୧– ଭାରତର ପ୍ରବଳ ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ଅଟକ ରଖିଥିବା ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ମୁକ୍ତ କରି ଭାରତକୁ ହସ୍ତାନ୍ତର କରିବାକୁ ବାଧ୍ୟ ହୋଇଛି।

## ଆମ ସମସ୍ୟା

### ଆରଡ଼ି ଛକ ଶ୍ରୀରାମ ମାର୍ଗ ପ୍ରତି ଦୃଷ୍ଟି ପଡୁ

ମହାଶୟ,

ଭଦ୍ରକ ଆରଡି ଛକ ଓଭର ବ୍ରିଜ ନିକଟ ପ୍ରାଚୀନଗର ପ୍ରଥମ ଲାଇନ୍ ଶ୍ରୀରାମ ମାର୍ଗ ରାସ୍ତା ଅବସ୍ଥା ୧୦ ବର୍ଷ ହେଲା ସୁଧୁରିନି। ଅଳ୍ପ ରାସ୍ତା ପିଚୁ ହୋଇଥିଲା ବେଳେ ଅବଶିଷ୍ଟ ରାସ୍ତା ବର୍ଷାଦିନେ କାଦୁଅ ପାଣିରେ ବୁଡି ରହୁଛି। ଡ୍ରେନ ନ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ସ୍ଥିତି ଉପୁଜୁଛି। ସରକାର ଆମ ଗାଁ ଆମ ବିକାଶ ଯୋଜନାରେ ଗାଁ ଗହଳି ଚାରିଆଡେ ପକ୍କା ରାସ୍ତା କରୁଛନ୍ତି କିନ୍ତୁ ଭଦ୍ରଖ ଜିଲା ହେଡ୍‌କ୍ୱାର୍ଟର ରାସ୍ତାର ଅବସ୍ଥା ଏମିତି। ତେଣୁ ପ୍ରଶାସନକୁ ଅନୁରୋଧ ଏହାକୁ ଶୀଘ୍ର ମରାମତି କଲେ କଲୋନୀବାସୀ ଉପକୃତ ହେବେ।

ଚନ୍ଦ୍ରକାନ୍ତ ନାୟକ, ପ୍ରାଚୀ ନଗର, ଶ୍ରୀରାମ ମାର୍ଗ, ଆରଡି ବ୍ଲକ, ଭଦ୍ରକ

### ଗନ୍ଧିଆ ପରିବେଶରେ ମିଠା ବେପାର

ସାଲେପୁର ରସଗୋଲା ପାଇଁ ପ୍ରସିଦ୍ଧ। ଯାତ୍ରୀମାନେ ଜଳଖିଆ ଓ ମିଠା ଖାଇବା ପାଇଁ କ୍ଷଣିକ ଲାଗି ଏଠାରେ ଅଟକି ଯାଆନ୍ତି। ହେଲେ ଏଠାରେ ଥିବା ମିଠା ଦୋକାନର ବାହାର ଓ ଭିତର ଅପରିଚ୍ଛନ୍ନ। ରସଗୋଲା ଦୋକାନ ଆଗରେ ଡ୍ରେନ ଥିଲେ ମଧ୍ୟ ମଇଳାପାଣି ଦୋକାନ ଆଗରେ ଜମି ରହୁଛି। ମଶା, ମାଛି ଓ ଜୀବାଣୁ ବଂଶ ବଢ଼ୁଛି। ପଚା ପାଣିର ଗନ୍ଧ ସହିହେଉନି। ତଥାପି ମିଠାଲୋଭୀ ଗ୍ରାହକ ଗୋଡ ଟେକି ନାକରେ ହାତଦେଇ ମିଠା ଖାଉଛନ୍ତି। ଦୋକାନୀଙ୍କର ବେପାର ଦରକାର, ଲୋକେ ରୋଗରେ ମରନ୍ତୁ। ବିଭାଗୀୟ ଅଧିକାରୀଙ୍କୁ ବି କିଛି ଦିଶୁନି। ଗ୍ରାହକମାନେ ଏପରି ଅସନା ଜାଗାରୁ କିଛି ନ କିଣିବା ପାଇଁ ବଦ୍ଧପରିକର ହେଲେ ବଳେ ସବୁ ସୁଧୁରିଯିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଆଧାର କାର୍ଡରେ ତ୍ରୁଟି

ମିଳିଥିବା ଆଧାର କାର୍ଡରେ ଅନେକ ତ୍ରୁଟି ରହିଛି। ଫଳରେ ଉକ୍ତ କାର୍ଡ କୌଣସି କାମରେ ଆସୁନାହିଁ। ତ୍ରୁଟି ସଂଶୋଧନ ପାଇଁ କୌଣସି ସହଜ ବ୍ୟବସ୍ଥା ନାହିଁ। ଅନ୍‌ଲାଇନ୍ ସଂଶୋଧନ ହେଉଥିଲେ ମଧ୍ୟ ଏହା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଆଗକୁ ନିର୍ବାଚନ, ତେଣୁ ଏହାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ।

ଦେବଭକ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମଦ୍ୟପାନ ବେଳେ ଧରିଲେ ସୁରକ୍ଷାକର୍ମୀ

ବଅଁରପାଳ, ୩।୩ (ଡି.ଏନ.ଏ.)- ନାଲ୍‌କୋ କଲୋନୀ ପରିସରରେ ରବିବାର ସନ୍ଧ୍ୟାରେ ମଦ୍ୟପାନ ବେଳେ ୩ ଜଣଙ୍କୁ ନାଲ୍‌କୋ ସୁରକ୍ଷା କର୍ମୀ ଧରିଥିଲେ। ସେମାନେ ଅପରାହ୍ନ ୪ଟା ୪୫ରେ ଗିରାଙ୍ଗ ଗେଟ୍‌ଦେଇ କଲୋନୀକୁ ପ୍ରବେଶ କରିଥିଲେ। ପରେ ଏକ ପାର୍କରେ ମଦ୍ୟପାନ କରି ରାସ୍ତାରେ ବୁଲିବା ସହ କେତେଜଣ ମହିଳାଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଏହାପରେ ସେମାନେ କମ୍ୟୁନିଟି ସେଣ୍ଟର ପାଖରେ ଗାଡ଼ି ଭିତରେ ମଦ୍ୟପାନ କରୁଥିବା ଖବରପାଇ ସୁରକ୍ଷା କର୍ମଚାରୀମାନେ ସେମାନଙ୍କୁ ଧରି ସିକ୍ୟୁରିଟି କାର୍ଯ୍ୟାଳୟକୁ ଆଣିଥିଲେ। ଉକ୍ତ ଗାଡିରୁ ମଦ ବୋତଲ ମଧ ଜବତ କରାଯାଇଥିଲା। ତେବେ ଜଣେ ପୋଲିସ ଅଧିକାରୀଙ୍କ ଫୋନ ଆସିବା ପରେ ସମ୍ପୃକ୍ତ ୩ ଜଣଙ୍କୁ ଛାଡି ଦିଆଯାଇଥିବା ଜନୈକ ସୁରକ୍ଷା କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

### ଆଜି ମହାଶିବରାତ୍ରି

# ଚଳଚଞ୍ଚଳ ଈଶାନେଶ୍ୱରାୟ ପୀଠ

**ବଅଁରପାଳ, ୩।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁରୁଡୁଲୁ ପଞ୍ଚାୟତ ନୂଆପଡ଼ା ଠାରେ ରହିଛି ପ୍ରଭୁ ଈଶାନେଶ୍ୱରାୟଙ୍କ ପୀଠ। ନିକଟରେ ଏକ ଚିରୋସ୍ରୋତା ନାଳ ପ୍ରବାହିତ ହେଉଥିବାରୁ ଏଠାକାର ପରିବେଶ ବେଶ୍ ମନମୁଗ୍ଧକର। ପ୍ରତିବର୍ଷ ପରି ଏଠାରେ ସୋମବାର ମହାଶିବରାତ୍ରି ପାଳନ ହେବ। ଏଥିପାଇଁ ପୀଠ ସ୍ଥାନ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ହଜାର ହଜାର ଭକ୍ତ ଜାଗର ଜାଳିବାକୁ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି।

ଗ୍ରାମର ବୟସ୍କମାନେ କୁହନ୍ତି, ପ୍ରାୟ ୩ଶହ ବର୍ଷ ତଳେ ଏକ ଚାଷ ଜମିରେ ଠାକୁରଙ୍କ ଆବିର୍ଭାବ ହୋଇଥିଲା। ପ୍ରଥମେ ଚାଳ ଘରେ ରଖି ଲୋକେ ପୂଜାର୍ଚ୍ଚନା କରୁଥିଲେ। ପରେ ଗ୍ରାମବାସୀ ମନ୍ଦିର ନିର୍ମାଣ କରି ପୂଜା ବ୍ୟବସ୍ଥା କରିଥିଲେ। ପ୍ରତିବର୍ଷ ଏହି ପୀଠରେ କାର୍ତ୍ତିକ ମାସ, ରୁଦ୍ରାଭିଷେକ, ଶିବ ବିବାହ, ଯଜ୍ଞ ଆଦି ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଉଥିବାରୁ ଶହ ଶହ ଲୋକଙ୍କ ସମାଗମ ହୁଏ। ଠାକୁର ସମସ୍ତଙ୍କ ମନସ୍କାମନା ପୂରଣ କରୁଥିବାରୁ ଅନେକ ଶ୍ରଦ୍ଧାଳୁ ଏଠାକୁ ଧାଇଁ ଆସିଥାନ୍ତି। ଏପରି କି ସାପକାମୁଡ଼ାରେ ଗୁରୁତର ଲୋକଙ୍କ ଆରୋଗ୍ୟ କାମନା କରି ପରିବାରବର୍ଗ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି। ତେବେ ମନ୍ଦିରରେ ପାଳନ ହେଉଥିବା ପର୍ବପର୍ବାଣି ମଧ୍ୟରୁ ମହାଶିବରାତ୍ରି ପାଇଁ ଧୁମ୍‌ଧାମରେ ଆୟୋଜନ କରାଯାଇଥାଏ। ବିଶେଷକରି ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଉଜାଗର ହୋଇ ମହିଳାମାନେ ଜାଗର ଜାଳୁଥିବା ବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ବୋଲି ମନ୍ଦିର କମିଟି ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ସଦସ୍ୟ ନଳିନୀ ରଞ୍ଜନ ପ୍ରଧାନ କହିଛନ୍ତି।




ପ୍ରଭୁ ଈଶାନେଶ୍ୱରାୟଙ୍କ ପୀଠସ୍ଥଳୀ।

# ଜଙ୍ଗଲ ସୁରକ୍ଷା, ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ବନ୍ତଳା, ୩।୩ (ଡି.ଏନ.ଏ.)**

ଅନୁଗୋଳ ଗୁରଙ୍ଗ ଠାରେ ବିଶ୍ୱ ବନ୍ୟଜୀବନ ଦିବସ ପାଳିତ ହୋଇଯାଇଛି। ପ୍ରକୃତି ପରିବେଶ, ବନ୍ୟଜୀବନ ସମିତି ଓ ଗୁରୁଙ୍ଗ ବନସୁରକ୍ଷା ସମିତିର ମିଳିତ ଉଦ୍ୟମରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟପ୍ରାଣୀଙ୍କ ପ୍ରକାରଭେଦ, ପରିବେଶ ପ୍ରତି ଅବଦାନ, ବିଲୋପର ବିଭିନ୍ନ କାରଣ ଏବଂ ପ୍ରତିକାର ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ସୁରକ୍ଷା ଓ ଅଭିବୃଦ୍ଧି ହେଲେ ମଣିଷ-ବନ୍ୟପ୍ରାଣୀ ବିବାଦ ଓ ମୃତାହତ ସଂଖ୍ୟା କ୍ରମଶଃ ହ୍ରାସ ହେବ ବୋଲି ଅତିଥିମାନେ କହିଥିଲେ। ଜଙ୍ଗଲ ନିଆଁର ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସୁରକ୍ଷା ସମିତି ସଭାନେତ୍ରୀ ସାଧବାଣୀ ନାଏକ ଅଧ୍ୟକ୍ଷତା କରିଥିବାବେଳେ ପ୍ରସନ୍ନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁବ୍ରତ କୁମାର ପ୍ରଧାନ, ଆଦିତ୍ୟ ବେହେରା ଓ ଗୁରଙ୍ଗ ଗ୍ରାମ ସଭାପତି ମୋହନ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରିୟବ୍ରତ ବେହେରା, ସନ୍ତୋଷ ନାଏକ, ଅରୁଣ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜଳିଗଲା ୬ ବଖରା

**କଣିହାଁ,୩।୩(ଡି.ଏନ.ଏ.)-** କଣିହାଁ ବ୍ଲକ କମରେଇ ପଞ୍ଚାୟତ ଖଇରାନାଲି ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଅନୁକୂଳ ଭୁତିଆ, ପଞ୍ଚାନନ ଭୁତିଆ, ସମ୍ପେଇ ଭୁତିଆଙ୍କ ୬ ବଖରା ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ଦୁଃଖବନ୍ଧୁ ଭୁତିଆ ଅଗ୍ନିବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଇନ୍ଦୁମତି ଦାସ**
**ସ୍ୱାମୀ ସ୍ୱର୍ଗତ: ପଦ୍ମଲୋଚନ ଦାସ (ବରିଷ୍ଠ ଓକିଲ)**
**ତିରୋଧାନ: ୨୨।୦୨।୨୦୧୯, ଅମଳାପଡ଼ା, ଅନୁଗୁଳ**
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମ୍ଭମାନଙ୍କ ଜୀବନରେ ସର୍ବଦା ପାଥେୟ ହୋଇ ରହିଥାଉ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ: ବଡ଼ପୁଅ-** ବିଭୂତି ପ୍ରସାଦ ଦାସ (ସଭାପତି ଓଡ଼ିଶା ଟ୍ରକ ମାଲିକ ମହାସଂଘ), **ସାନପୁଅ-** ଭକ୍ତି ପ୍ରସାଦ ଦାସ (ପୂର୍ବତନ ନଗରପାଳ, ଅନୁଗୁଳ), **ଝିଅ-** ବୀଣାପାଣି, କୃଷ୍ଣପ୍ରିୟା, ପୁଷ୍ପରେଣୁ, **ଜ୍ୱାଇଁ-** ବୈକୁଣ୍ଠ ବିହାରୀ ସିଂସାମନ୍ତ, ସୁଶାନ୍ତ କୁମାର ରାଉତରାଏ, **ନାତି-** ସୌରଭ, ବାପୁନ, ବିକି, ରିକି, **ନାତୁଣୀ-** ରିତି, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

# ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ



**କଣିହାଁ,୩।୩(ଡି.ଏନ.ଏ.)**

କଣିହାଁ ବ୍ଲକ ପାଲଲହଡ଼ା ବିଧାନସଭା ମଣ୍ଡଳୀରେ ଥିବା ବିଭିନ୍ନ ପଞ୍ଚାୟତକୁ ରବିବାର ବିଧାୟକ ତଥା ଅନୁଗୋଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହେଶ ସାହୁ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ ହେବାକୁ ଥିବା ନାଲମ ତାଳପଦା ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ପରେ ଜିଲା ଖଣିଜ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ଡେରେଙ୍ଗ ରାମ ମନ୍ଦିର ରାସ୍ତା, ଘଣ୍ଟିଆନାଳୀ-ମୋହିନୀପାଳ ରାସ୍ତା, ଟାଙ୍ଗୁଡ଼ିଆ ବାଲିସାହି, କାକୁଡ଼ିଆ ଶିବ ମନ୍ଦିର ରାସ୍ତାର ଭୂମିପୂଜନ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସାହୁ ଡେରେଙ୍ଗ ଓ କାକୁଡ଼ିଆ ପଞ୍ଚାୟତର ବିଜୁ ଜନତା ଦଳ ତରଫରୁ ଅନୁଷ୍ଠିତ ୱାର୍ଡ କମିଟି ବୈଠକରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ରାଜ୍ୟ ସମ୍ମିଳନୀ




ବିଦ୍ୟୁତ୍ ଶ୍ରମିକ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୩।୩**

ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ସହବନ୍ଧିତ ଅଲ୍ ଇଣ୍ଡିଆ ପାୱାରମେନ୍ସ ଫେଡେରେଶନ୍ (ଏଆଇପିଏଫ୍) ଉଦ୍ୟୋଗରେ ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ପ୍ରଥମ ରାଜ୍ୟ ସମ୍ମିଳନୀ ରବିବାର ଅନୁଗୋଳ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଭିକାରୀ ପ୍ରଧାନଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ଏଆଇପିଏଫ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ସମର ସିହ୍ନା ମୁଖ୍ୟବକ୍ତା ଓ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର ଅନ୍ୟତମ ବକ୍ତାଭାବେ ଯୋଗଦେଇଥିଲେ। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବଣ୍ଟନ କ୍ଷେତ୍ରରେ କାର୍ଯ୍ୟରତ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀମାନେ ଶୋଭାଯାତ୍ରା ଷ୍ଟାଡିୟମ ଠାରୁ ବାହାରି ଟାଉନ ହଲ୍ ଠାରେ ପହଞ୍ଚିଥିଲେ। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଓ ଅନୁଗୋଳ ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେବା ପରେ ଏଆଇପିଏଫ୍ ରାଜ୍ୟ ଆବାହକ ରାଜେଶ ପାଣି ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ। ପରେ ତାହା ଗୃହୀତ ହୋଇଥିଲା। ଜନବିରୋଧୀ ଏବଂ ଶ୍ରମିକ କର୍ମଚାରୀ ବିରୋଧୀ ବିଦ୍ୟୁତ୍ ଆଇନ୍-୨୦୦୩ ଓ ସଂଶୋଧନ ବିଲ୍ ୨୦୧୮କୁ ବାତିଲ କରିବା, ବିଦ୍ୟୁତ୍ କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା, ସ୍ଥାୟୀ କାମରେ କାର୍ଯ୍ୟରତ ଚୁକ୍ତି ଭିତ୍ତିକ ଓ ଠିକା ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଉପରେ ପଦକ୍ଷେପ ଗ୍ରହଣ କରିବା ଦାବିରେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ପ୍ରସ୍ତାବକ୍ରମେ ସଭାପତି କାହ୍ନୁ ବିଶ୍ୱାଳ, ଉପସଭାପତି ଭିକାରୀ ପ୍ରଧାନ, ଜୟସେନ ମେହେର, ପ୍ରତାପ ଚନ୍ଦ୍ର ସାହୁ, କୈଳାସ ମାଝିଙ୍କ ସମେତ ଏକ ୩୨ଜଣିଆ ରାଜ୍ୟ କମିଟି ନିର୍ବାଚିତ ହୋଇଥିଲା।

ସଂଚାର ମନ୍ତ୍ରଣାଳୟ
ରେଳ ମନ୍ତ୍ରଣାଳୟ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର



**ପୂର୍ବୋଦୟ**
ପୂର୍ବ ଭାରତରୁ ହେଉଅଛି
ନୂଆ ଭାରତର ଉଦୟ

**ଘୋଷଣା**
ସପ୍ତାହକୁ ତିନିଥର ସମ୍ବଲପୁର-ସାଲିମାର ଭାୟା ତାଳଚେର ଏକ ନୂତନ ଟ୍ରେନ୍
ଗଣ୍ଡୁଆନା ଏକ୍ସପ୍ରେସ୍ ଭାୟା ଝାରସୁଗୁଡ଼ା ରୋଡ଼ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ
ଢେଙ୍କାନାଳ ରେଳ ଷ୍ଟେସନ ଠାରେ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ (୨୦୮୧୭/୧୮)ର ରହଣି
ବାଲେଶ୍ୱର ରେଳ ଷ୍ଟେସନ ଠାରେ ହାଓଡ଼ା-ସତ୍ୟସାଇ ନିଳୟ ପ୍ରସାନ୍ତି ଏକ୍ସପ୍ରେସ୍ (୨୨୮୩୧/୩୨)ର ରହଣି
ବାଲେଶ୍ୱର ରେଳ ଷ୍ଟେସନ ଠାରେ ହଳଦିଆ-ମାଡ୍ରାସ୍ ସୁପରଫାଷ୍ଟ ଏକ୍ସପ୍ରେସ୍ (୨୨୬୧୩/୧୪)ର ରହଣି
ଭଦ୍ରକ ରେଳ ଷ୍ଟେସନ ଠାରେ ହାଓଡ଼ା-କନ୍ୟାକୁମାରୀ ଏକ୍ସପ୍ରେସ୍ (୧୨୬୬୫/୬୬)ର ରହଣି
ଜଳେଶ୍ୱର ରେଳ ଷ୍ଟେସନ ଠାରେ ପୁରୁଲିଆ-ଭିଲୁପୁରମ୍ ଏକ୍ସପ୍ରେସ୍ (୨୨୬୦୫/୦୬)ର ରହଣି
କଣାସରୋଡ଼ ରେଳ ଷ୍ଟେସନ ଠାରେ ପାରାଦୀପ-ପୁରୀ ଏକ୍ସପ୍ରେସ୍ (୧୮୪୧୩/୧୪)ର ରହଣି
ମାର୍କୋଣା ରେଳ ଷ୍ଟେସନ ଠାରେ ହାଓଡ଼ା-ପୁରୀ ଏକ୍ସପ୍ରେସ୍ (୧୨୮୨୧/୨୨)ର ରହଣି
ଧାନମଣ୍ଡଳ ରେଳ ଷ୍ଟେସନ ଠାରେ ନୂଆଦିଲ୍ଲୀ-ପୁରୀ ନୀଳାଚଳ ସୁପରଫାଷ୍ଟ ଏକ୍ସପ୍ରେସ୍ (୫୮୪୨୫/୨୬)ର ରହଣି
ଧାନମଣ୍ଡଳ ରେଳ ଷ୍ଟେସନ ଠାରେ କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର (୨୨୬୧୩/୧୪)ର ରହଣି
କଣାସରୋଡ଼ ରେଳ ଷ୍ଟେସନ ଠାରେ ବଡ଼ବିଲ୍-ପୁରୀ ପାସେଞ୍ଜର ଟ୍ରେନ (୧୮୪୧୫/୧୬)ର ରହଣି

**ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ**
ବିବିଏନ୍‌ଏଲ୍ ଦ୍ୱାରା ୨୮୦ ଟି ଗ୍ରାମୀଣ ୱାଇ-ଫାଇ ହଟ୍‌ସ୍ପଟ୍
ବିଏସ୍‌ଏନ୍‌ଏଲ୍ ଦ୍ୱାରା ୪୦୦ଟି ୨ଜି ଟ୍ରାନ୍ସମିଶନ୍ ଷ୍ଟେସନ ଏବଂ ୪୮୦ଟି ୩ଜି ଟ୍ରାନ୍ସମିଶନ୍ ଷ୍ଟେସନ
ବିବିଏନ୍‌ଏଲ୍ ଏବଂ ସିଏସ୍‌ସି ଦ୍ୱାରା ଜଗତ୍‌ସିଂହପୁର ଜିଲ୍ଲାର ୧୦୦ଟି ଗ୍ରାମ ପଞ୍ଚାୟତରେ ୱାଇ-ଫାଇ ଚୌପାଲ୍ ପ୍ରକଳ୍ପ
ବିଏସ୍‌ଏନ୍‌ଏଲ୍ ଦ୍ୱାରା ୭୦୮ଟି ସ୍ଥାନ ପାଇଁ କମ୍ପ୍ରେହେନସିଭ୍ ପର୍ଲ ଆର୍କାଇଭ୍ ନେଟ୍‌ୱାର୍କ
ବିଏସ୍‌ଏନ୍‌ଏଲ୍ ଦ୍ୱାରା ମଲ୍ଟି ପ୍ରୋଟକଲ୍ ଲେଭଲ୍ ସୁଇଚିଂ ଟ୍ରାନ୍ସପୋର୍ଟ ପ୍ୟାକେଟ୍ ଆଗ୍ରେଗେସ୍‌ନ ନେଟ୍‌ୱାର୍କ
ବ୍ରହ୍ମପୁର ରେଳ ଷ୍ଟେସନଠାରେ ନୂତନ ଏସ୍କାଲେଟର ଏବଂ ଫୁଟ୍ ଓଭର ବ୍ରିଜ୍
ତାଳଚେର ରେଳ ଷ୍ଟେସନଠାରେ ଯାତ୍ରୀ ସୁବିଧା ଏବଂ ଉନ୍ନତମାନର ସଞ୍ଚାରକ୍ଷେତ୍ର

**ଭିତ୍ତିପ୍ରସ୍ତର ସ୍ଥାପନ**
ଭୁବନେଶ୍ୱର ରେଳ ଷ୍ଟେସନଠାରେ ନୂତନ ଏସ୍କାଲେଟର

**ବିତରଣ**
ଭାରତ ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗ ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍, ଏନଟିପିସି, ନାଲକୋ ଦ୍ୱାରା ୪୦୦ ନୂତନ ଉଜ୍ଜ୍ୱଳା ସାନିଟାରୀ ପ୍ରସ୍ତୁତି ମେସିନ୍

**ବୁଝାମଣାପତ୍ର ସାକ୍ଷର**
୨ ହଜାର କେନ୍ଦ୍ରରେ ଏଲ୍‌ପିଜି ସେବା ପ୍ରଦାନ କରିବା ପାଇଁ ଅଏଲ୍ ମାର୍କେଟିଂ କମ୍ପାନୀ ଏବଂ ଜନସେବା କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଅଏଲ ମାର୍କେଟିଙ୍ଗ୍ କମ୍ପାନୀମାନଙ୍କ ଦ୍ୱାରା ସମାଜିକ ଦାୟିତ୍ୱବୋଧ ଭିତ୍ତିରେ ଦେବଗଡ଼ ଜିଲ୍ଲାରେ
ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ଏବଂ

**ମନୋଜ ସିହ୍ନା**
ରେଳ ରାଷ୍ଟ୍ରମନ୍ତ୍ରୀ ଏବଂ ସଂଚାର ମନ୍ତ୍ରୀ (ସ୍ୱାଧୀନ),
ଭାରତ ସରକାର

ଙ୍କ
କରକମଳରେ

**୪ ମାର୍ଚ୍ଚ, ୨୦୧୯, ଭୁବନେଶ୍ୱର**

ଏବେ ଅସମ୍ଭବ
**ହୋଇଛି ସମ୍ଭବ**

# ରଷିକୁଲ୍ୟା ମୁହାଣରେ ମୃତ କଇଁଛ



ରଷିକୁଲ୍ୟା ବେଳାଭୂମିରେ ପଡ଼ିଥିବା ମୃତ କଇଁଛ।

**ଗଞ୍ଜାମ,୩।୩(ଡି.ଏନ.ଏ.)**

ଗଞ୍ଜାମ ସହର ପୁରୁଣାବନ୍ଧ ନିକଟ ରଷିକୁଲ୍ୟା ମୁହାଣ ବେଳାଭୂମିଠାରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି। ଚଳିତ ବର୍ଷ ଏହା ବିଳମ୍ବରେ ଆରମ୍ଭ ହୋଇଛି। ସମୁଦ୍ର କୂଳ ଲଂଘିବା ଏବଂ ବେଳାଭୂମି ଅବକ୍ଷୟ ବିଳମ୍ବର କାରଣ ବୋଲି ସ୍ଥାନୀୟ ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଭଳି ସମୟରେ ରଷିକୁଲ୍ୟା ନଦୀ ଏବଂ ସମୁଦ୍ର କୂଳରେ କେତୋଟି ମୃତ କଇଁଛ ପଡ଼ି ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏ ନେଇ ଖଲ୍ଲିକୋଟ ରେଞ୍ଜର ଦିଲୀପ କୁମାର ମାର୍ଥାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପାରାଦୀପ ଓ ଅନ୍ୟାନ୍ୟ ଅଞ୍ଚଳରେ ଟ୍ରଲର ମାଡ଼ରେ କଇଁଛ ମରିଥାନ୍ତି। ୧୦ରୁ ୧୫ ଦିନ ମଧ୍ୟରେ ମଲା କଇଁଛଗୁଡିକ ଗଞ୍ଜାମ ବେଳାଭୂମିରେ ଲାଗିଥାନ୍ତି। ତେବେ ଅନ୍ୟାନ୍ୟ ବେଳାଭୂମି ଅପେକ୍ଷା ଏହି ବେଳାଭୂମିରେ କମ କଇଁଛ ମରନ୍ତି ବୋଲି ରେକର୍ଡ ଥିବା ସେ କହିଛନ୍ତି। ସେହିପରି ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ କହିଛନ୍ତି, କଇଁଛଙ୍କ ଗଣ ଅଣ୍ଡାଦାନ ସମୟ ହୋଇଥିବାରୁ ବେଳାଭୂମି ଠାରୁ ୫ କି.ମି. ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରାକୁ ବେଆଇନ କରାଯିବା ସହ ଏହାକୁ ନିଷେଦ୍ଧାଞ୍ଚଳ ଘୋଷଣା କରାଯାଇଛି । କଇଁଛଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ବ୍ୟାରିକେଡ ନିର୍ମାଣ କରାଯାଇଛି, କୋଷ୍ଟଗାର୍ଡ ମଧ୍ୟ ନିୟୋଜିତ ହୋଇଛନ୍ତି। ଅଲିଭ ରିଡ୍‌ଲେ କଇଁଛଗୁଡ଼ିକ ହଜାର ହଜାର କିମି ଅତିକ୍ରମ କରି ଏଠାକୁ ଅଣ୍ଡାଦାନ ନିମନ୍ତେ ଆସିଥାନ୍ତି। କିଛି କଇଁଛଙ୍କ ବୟସ ଅଧିକ ଯୋଗୁ ସ୍ୱାଭାବିକ ମୃତ୍ୟୁ କିମ୍ବା ବଡ଼ ଜାହାଜ ଦ୍ୱାରା ଆଘାତପ୍ରାପ୍ତ ହୋଇ ମଧ୍ୟ ମୃତ୍ୟୁ ଘଟିଥାଇପାରେ ବୋଲି ସେ କହିଛନ୍ତି ।

# କଣ୍ଠଶିଳ୍ପୀ ହ୍ୟୁମାନ ସାଗର ବିଜେଡିରେ ସାମିଲ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ରବିବାର ଅପରାହ୍ନରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ହୋଇଥିବା ମିଶ୍ରଣ ପର୍ବରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ସାଗରଙ୍କ ସହିତ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ, ସଙ୍ଗୀତକାର ମହମ୍ମଦ ଆବିଦ୍, କ୍ଷୀରୋଦ ସିଂହ, ଶିବ ଶର୍ମା, ମହମ୍ମଦ ୟାସିନ୍, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି।

ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା କଣ୍ଠଶିଳ୍ପୀ ସାଗର ଏବଂ ସାଥୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାଗର ଦଳରେ ଯୋଗ ଦେଇଥିବାରୁ ସେ ବହୁତ ଖୁସି। ଏହି ଯୋଗଦାନ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସେହିପରି ହ୍ୟୁମାନ କହିଛନ୍ତି ଯେ,



ମୁଖ୍ୟମନ୍ତ୍ରୀ ଜଣେ ସହୃଦୟ ବ୍ୟକ୍ତି। ତାଙ୍କ ପ୍ରତି ସମସ୍ତ ଓଡ଼ିଶାବାସୀଙ୍କ ଭଲ ପାଇବା ରହିଛି। ସେହିପରି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଜୟପାଟଣା ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ୧୯ ସମିତି ସଭ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏମାନେ ହେଉଛନ୍ତି– ବେଣୁଧର ରାଉତ, ଉପାଧ୍ୟକ୍ଷ କୃଷ୍ଣ ରାଉତ, ସମିତି ସଭ୍ୟ ନଳୀନ୍ଦ୍ର ମାଝୀ, ଶ୍ରୀକାନ୍ତ ସାହୁ, ଇସ୍‌ମାଇଲ ବେଗ, ଗଜେନ୍ଦ୍ର ମାଝୀ, ଦେବକି ବାନୁଆ, ଧ୍ରୁବ ସାହୁ, ଡମ୍ବରୁ ନାଏକ, ଯୁଧିଷ୍ଠି ନାଏକ, ଭୁବନେ ନାଏକ, ଦେବରାଜ ରାଉତ, ଯୁଧିଷ୍ଠି ସୁନା, ମଳୟ ରାଉତ, ଭୁଜବଳ ପୂଜାରୀ, ନୀଳମଣି ବେହେରା, ମୋତିରାମ ଶବର, ଶଙ୍କର ନାଏକ, ସୁଶୀଲ ନାଏକ, ଭବାନୀପାଟଣା ବ୍ଲକ ବିଜେପି ପୂର୍ବତନ ସଭାପତି କ୍ଷୀରସିନ୍ଧୁ ରଣା ପ୍ରମୁଖ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳ ବିହୁନେ ସୃଷ୍ଟିନାଶ**
**ଜଳ ଗହଳେ ସୃଷ୍ଟି ନାଶ ।**

ପ୍ରକୃତିର କ୍ରୁର ରୂପ ଆଗରେ ମଣିଷ ଅତ୍ୟନ୍ତ ଅସହାୟ ହୋଇଥାଏ। ବର୍ଷା ନ ହେଲେ ମରୁଡ଼ି ପଡ଼େ, ଜଳ ଅଭାବରୁ ଫସଲ ମରିଯାଏ ବା ନଷ୍ଟ ହୋଇଯାଏ। ସେହିପରି ଅଧିକ ବର୍ଷା ହେଲେ ବଢ଼ି ହୁଏ, ଫସଲ ବଢ଼ି ବା ବନ୍ୟାରେ ଧୋଇଯାଏ। ଯେ କୌଣସି କଥା ମାତ୍ରାଧିକ୍ୟ ହେଲେ ସୁପରିଣାମ ନ ଦେଇ କୁପରିଣାମ ଦେଉଥାଏ। ତା'ର ଭଲ ଗୁଣ ବଦଳରେ ଖରାପ ଗୁଣ ପ୍ରକାଶ ପାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯାଉ ଖୁଆଇବ ଯିଏ**
**ଛଞ୍ଚେଇ ନବ ସିଏ ।**

ସାଧାରଣତଃ ଯାଉ ବା ଖିରି ଟିକେ ଅଧିକ ପରିମାଣର ଖାଇଦେଲେ ପେଟ ଖରାପ ହୋଇଯାଉଥିବାର ଜଣାଯାଇଥାଏ। ଅନ୍ୟଅର୍ଥରେ ଯାହା ପାଇଁ ବା ଯାହା ଯୋଗୁ ଅନ୍ୟ ଜଣେ ଅସୁବିଧାରେ ପଡ଼େ ତଥା କଷ୍ଟ ଭୋଗ କରେ ତା'ର ସୁଖ ସୁବିଧା ପ୍ରତି ଦୃଷ୍ଟିଦେବା ଉକ୍ତ ବ୍ୟକ୍ତି ପକ୍ଷେ ଜରୁରୀ ହୋଇପଡ଼େ। ବିପଦ ଆପଦରେ ତା' ପାଖେ ପାଖେ ରହିବା ନେଇ ଏକରକମ ସେ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


# ଠକେଇ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୩।୩–**

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଠକିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଲକ୍ଷ୍ମଣ ପଣ୍ଡା ନାମକ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ପାଦଗଡା ଅଞ୍ଚଳରେ ହୋଇଥିବାବେଳେ ସେ ମଙ୍ଗଳାବାଗ ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଉକ୍ତ କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କର ବିଭିନ୍ନ ପରୀକ୍ଷା କମ୍ ଖର୍ଚ୍ଚରେ କରାଇଦେବାକୁ କହି ସେମାନଙ୍କୁ ଲକ୍ଷ୍ମଣ ଠକୁଥିଲେ। ବିଭିନ୍ନ ଘରୋଇ ପାଥୋଲୋଜି ସହ ଯୋଗାଯୋଗ କରି ସେମାନଙ୍କ ଠାରୁ ରୋଗୀ ପିଛା ଟଙ୍କା ଆଣୁଥିଲେ। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜାଣି ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୯/୧୯) ରୁଜୁ କରିଥିଲା।

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No. CAD-1543

## E-Procurement Notice

**NIT No-OMC/MAT/E-PROC/08/19 Dtd. 02.03.2019**

| | | |
|---|---|---|
| 1. | Name of the work | Supply of LED Street Lights, Flood lights, tube light fittings, HPSV lamp/ bulb, Choke & Ignitors to different regions of OMC |
| 2. | Availability of bid document in Govt. portal | 06.03.2019 after 05:00PM |
| 3. | Last date of online submission of tender in portal | 28.03.2019 up to 05:00PM |
| 4. | Submission of EMD | The bidder has to deposit Rs.50,000.00 (Fifty thousand) only as EMD through online as available in www.tendersodisha.gov.in |
| 5. | Date of opening of Technocommercial Bid | 29.03.2019 up to 11:00AM |

All other details can be seen from the tender document available at Govt. website www.tendersodisha.gov.in & in OMC website i.e. www.omcltd.in.
OMC reserves the right to reject any or all tenders without assigning any reason therefor.

**General Manager (Material)**
30005/11/0199/1819 **E-mail: omcmatho@orissamining.com**

**ଓଡ଼ିଶା ସରକାର**
**ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ**
**ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, SUNDARGARH**
**Phone No: 06622-272247, e-mail: eemisundargarh@yahoo.co.in**
**No./ 719/MIDSNG/ Dt. 01.03.2019**

**e-Procurement Notice**
**BID IDENTIFICATION NO. ONLINE- 14/ MID SNG/2018-19**

**No.1371-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | Improvement to MIP in different blocks of Sundargarh District under DPIW & MIPSP Scheme 2019-20. |
| 2 | No. of Works | : | 12 ( Twelve ) Nos. |
| 3 | Estimated cost | : | Varies from Rs 7.14 lakh to Rs. 60.50 lakhs (Approximately) |
| 4 | Period of completion | : | 02(Two) to 04 (Four) Calendar months |
| 5 | Date and Time of availability of bid documents in the portal | : | From 11.03.2019 (10.00 AM) to 22.03.2019 (5.00 PM) |
| 6 | Last date/ time of receipt of bids in the portal | : | 22.03.2019 (5.00 PM) |
| 7 | Date of opening of Bid | : | 23.03.2019 at 11.00 AM onwards |
| 8 | Name and address of the OIT | : | Executive Engineer, Minor Irrigation Division, Sundargarh |
| 9 | Mode of payment of Bid Cost & Bid security | : | Online |

** Further details can be seen from the e-Procurement market place http://tendersodisha.gov.in.

**Sd./- Er.S.K.Sahu**
**Executive Engineer**
**M.I. Division Sundargarh**
**32124/11/0019/1819**

## OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR

**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com Tel/FAX:- 0680-2404287**
**E-Mail / E-Despatch**

**NATIONAL COMPETITIVE BIDDING THROUGH e-Procurement**
No.1904-O **Bid Identification No. Online Tender /48-2018-19/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 48-2018-19 BPR | Road Works under MMSY | 06 Nos. | From Rs. 113.21 lakhs to Rs. 1397.99 Lakhs | "B" Class or "A" Class or "Special" Class or "Super" Class as applicable | 06 (Six), 11 (Eleven), 12 (Twelve) & 15 (Fifteen) Calendar Months as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/48-2018-19/ BPR | 08.03.2019 at 10.00 A.M. | 28.03.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - **www.tendersodisha.gov.in**
25071/11/0071/1819 ***Sd./- Superintending Engineer,R.W.Circle, Berhampur***

## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION

**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA, Tel: 0674-2395734,**
**FAX: 0674-2394946, e-mail: cerwssodisha@gmail.com**
**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**
**No. 2656 Date: 01.03.2019**
**Request for Proposal (RFP)**

**No.1887-O:-** The Engineer-in-Chief, RWSS (Water Supply), Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No | Indicative project cost (Rs. in crore) | Period for completion & O&M period | Availability of Bid document for online bidding | |
|---|---|---|---|---|---|---|
| | | | | | From | To |
| Pkg- I | Execution of Rural Piped Water Supply Project pertaining to the GB Nagar & Saraskana Block of Mayurbhanj district including 5 years O&M on EPC contract under the package | EIC, RWSS -59/18-19 | 89.61 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- II | Execution of Rural Piped Water Supply Project pertaining to Sukinda block of Jajpur District & Anandapur Block of Keonjhar District & Kusumi Block of Mayurbhanj district, including 5 years O&M on EPC contract under the package | EIC, RWSS -60/18-19 | 611.15 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- III | Execution of Rural Piped Water Supply Project pertaining to the Hemagiri, Kutra & Rajgangpur Block of Sundargarh district including 5 years O&M on EPC contract under the package | EIC, RWSS -61/18-19 | 387.04 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- IV | Execution of Rural Piped Water Supply Project pertaining to the Gurundia, Koira & Lahunipada Block of Sundargarh district including 5 years O&M on EPC contract under the package | EIC, RWSS -62/18-19 | 344.03 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- V | Execution of Rural Piped Water Supply Project pertaining to the Kuanramunda & Nuagaon Block of Sundargarh district including 5 years O&M on EPC contract under the package | EIC, RWSS -63/18-19 | 366.10 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- VI | Execution of Rural Piped Water Supply Project pertaining to the Saharapada, Ghasipura & Anandapur Block of Keonjhar district including 5 years O&M on EPC contract under the package | EIC, RWSS -64/18-19 | 468.90 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- VII | Execution of Rural Piped Water Supply Project pertaining to the Telkoi, Patna, Harichandanpur, Ghatagaon Block of Keonjhar district including 5 years O&M on EPC contract under the package | EIC, RWSS -65/18-19 | 1081.22 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |

Name & address of officer inviting Bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com
Further details can be seen from the e-procurement portal http://tendersorissa.gov.in.

**Sd./- 1.3.2019**
**Engineer-in-Chief, RWSS**
**25040/11/0047/1819**

## GOVERNMENT OF ODISHA OFFICE OF THE ENGINEER-IN-CHIEF RURAL WATER SUPPLY & SANITATION, BHUBANESWAR

**Jal O Parimal Bhawan, Unit-V, Bhubaneswar-751001, Tel: 0674-2395734, Fax No.0674-2394946, Email: cerwss@nic.in, cerwssodisha@gmail.com**
**No: Dated: 02.03.2019**
**REQUEST FOR PROPOSAL (RFP)**
**No.1902-O:- BID. NO. EIC/RWSS/66/2018-19**

**RFP for Hiring of Agency for Professional Manpower Support for Water Testing Laboratory at State, District and Sub -Divisional Level under Rural Water Supply and Sanitation(RWSS), Panchayati Raj & Drinking Water Department, Government of Odisha**

The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP for Hiring of Agency for Professional Manpower Support for Water Testing Laboratory at State, District and Sub Divisional Level under Rural Water Supply and Sanitation(RWSS), Panchayati Raj & Drinking Water Department, Government of Odisha.

The eligibility criteria for selection of Agency/Firms are provided below:

(a) The bidder should be registered for a minimum period of 3 years under the Indian Companies Act, 1956/ Societies Registration Act/ Trust Act/ Any Other relevant Act in India.
(b) The bidder should have the average annual turnover of at least 10 crores during the last three Financial Years 2015-16, 2016-17 and 2017-18.
(c) The agency must have successfully undertaken at least either of the following Similar assignment/project of value specified herein during the last five financial years as on last date of submission for International/National/State level Govt./Corporate Sector Programs.
   - One project of similar nature not less than the amount Rs. 4 crores or
   - Two project of similar nature not less than the total amount of Rs. 2.5 crores each;
(d) The firm or any partners of the firm should not be blacklisted by any Government or any other organization in respect of any assignment or behaviour.
(e) Firm should have never been indicted by any court of law or any regulatory body or any State/Central Government agencies.

Interested Agency/ Firms may download the RFP document from Government of Odisha website i.e. www.tendersodisha.gov.in / www.odishapanchayat.gov.in from 03.03.2019 to 25.03.2019. The last date for submission of RFP document is 25.03.2019 at 3 PM.

A pre-bid meeting shall be conducted on 11:30 hours of dt. 14.03.2019 at Office of the Engineer-In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting.

The Authority reserves the right to accept or reject any/all RFP without assigning any reason.

**Sd./- Engineer-in-Chief**
**Rural Water Supply & Sanitation**
**Bhubaneswar**
**25040/11/0048/1819**


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ODISHA STATE MEDICAL CORPORATION LIMITED (OSMC)

**IN FRONT OF RAM MANDIR, CONVENT SQUARE, UNIT - III, BHUBANESWAR-751 001**
**Tel. : (0674) 2380608, Website : www.osmcl.nic.in, Email : proc.osmcl.od@nic.in**
*Assuring Quality Saving Lives* **Date : 28.02.2019**

**NOTICE INVITING E-TENDER FOR SUPPLY & INSTALLATION OF LIQUID MEDICAL OXYGEN SYSTEM**

No. CAD-1531: Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of items as per the particulars mentioned below :

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-SLMO/29 | Supply, installation and commissioning of Liquid Medical Oxygen (LMO) Storage Vessel on Turnkey Basis and Supply of Liquid Medical Oxygen on Rate Contract Basis at SCBMCH-Cuttack, MKCGMCH-Berhampur and VIMSAR-Burla | 5,600/- |
| 2 | OSMCL/2018-19/ EQP-BURN/30 | Supply and installation of Items for Burn Unit at SCBMCH-Cuttack and Re-tender of items under Dept. of Plastic and Reconstructive Surgery at SCBMCH-Cuttack and MKCGMCH-Berhampur | 5,600/- |

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | **01.03.2019, 3 PM** | |
| 2 | Date & time of Pre-bid meeting | **12.3.2019, 11 AM (LMO Tender)** **08.03.2019, 11 AM (Burn Unit Tender)** Venue : Conference Hall, Odisha State Medical Corporation Ltd. Convent Square, Unit-III, Bhubaneswar | |
| 3 | Date & Time of Online bid submission | Start Date & Time | End Date & Time |
| | | **16.03.2019, 3 PM** | **02.04.2019, 5 PM** |
| 4 | Date & Time of online Technical bid opening | 05.04.2019, 11 AM | |
| 5 | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6 | Date of opening of price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites :www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

10112/11/0064/1819 **Sd./- Managing Director, OSMC Ltd., Odisha**

## ସଂକ୍ଷେପରେ

### ଚିତ୍ରକୋଣ୍ଡା ତୃଣମୂଳସ୍ତରୀୟ ନେତା ବିଜେଡିରେ ସାମିଲ

**ଭୁବନେଶ୍ୱର, ୩।୩(ବ୍ୟୁରୋ):** ବିଧାୟକ ଡମ୍ବରୁ ଶିଶାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ଖଇରପୁଟ ବ୍ଲକ ଅଧକ୍ଷା କଂଗ୍ରେସର କୁମୁଦିନୀ କିର୍‌ସାନୀ, ଉପାଧକ୍ଷା ଗୀତାଞ୍ଜଳି ଭତ୍ରା, କଂଗ୍ରେସର ପୂର୍ବତନ ବ୍ଲକ ସଭାପତି କିଶୋର କୁମାର ରାଜୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଓ ଭାଜପାର ପାଖାପାଖି ୫୦ କର୍ମୀ ମଧ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟକରି ଦଳରେ ଯୋଗଦେଇଥିବା ସମସ୍ତ ଜନପ୍ରତିନିଧି ଓ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ଏଥିସହିତ ସେ କହିଛନ୍ତି ଯେ, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ନିର୍ବାଚିତ ବ୍ଲକ ଅଧକ୍ଷା, ଉପାଧକ୍ଷାଙ୍କ ସହ କଂଗ୍ରେସ ଓ ଭାଜପାର ସଦସ୍ୟମାନେ ବିଜେଡିରେ ଯୋଗ ଦେଇଥିବାରୁ ସେ ବହୁତ ଖୁସି। ଏହି ଯୋଗଦାନ ସ୍ଥାନୀୟ ଅଞ୍ଚଳ ସହ ମାଲକାନଗିରି ଜିଲାରେ ବିଜେଡି ଶକ୍ତି ବୃଦ୍ଧିରେ ସହାୟକ ହେବ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ସ୍ୱତନ୍ତ୍ର ଜନଜାତି ବିକାଶ ପରିଷଦ ଅଧକ୍ଷ ଆଡମା ରବା, ଜିଲା ସହ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ ଏହଂ ଜିଲା ସଂଯୋଜକ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସରେ ଯୋଗଦେଲେ ଚିଲିକା ଅଞ୍ଚଳର ବହୁ ଭାଜପା ନେତା

**ଭୁବନେଶ୍ୱର,୩।୩ (ବ୍ୟୁରୋ):** ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ତଥା ଚିଲିକା ମତ୍ସ୍ୟ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ଦିଲୀପ କୁମାର ବେହେରା, ମୋଚିରାମ ବେହେରା, ମଙ୍ଗୁଳି ବେହେରା, ଟୁନା ବେହେରା ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟର ବହୁ ସଦସ୍ୟ ସେମାନଙ୍କ ସମର୍ଥକମାନଙ୍କ ସହ ରବିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। ଏହି ଅବସରରେ ନିରଞ୍ଜନ ନୂତନ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ କଂଗ୍ରେସରେ ସାମିଲ କରିଛନ୍ତି। ଚିଲିକା ମତ୍ସ୍ୟଜୀବୀ ବହୁଳ ନିର୍ବାଚନମଣ୍ଡଳୀ ହୋଇଥିବା ହେତୁ ଆସନ୍ତା ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟୀ କରିହେବ, ସେଥିପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସେମାନଙ୍କୁ କହିଛନ୍ତି।

### ଭାଜପାରେ ମିଶିଲେ ବହୁ ବିଜେଡି, କଂଗ୍ରେସ କର୍ମୀ

**ଭୁବନେଶ୍ୱର,୩।୩ (ବ୍ୟୁରୋ):** ବରଗଡ, ଝାରସୁଗୁଡା, କଟକ ଏବଂ ପୁରୀ ଜିଲାର ବହୁ ପ୍ରମୁଖ ବ୍ୟକ୍ତି ରବିବାର କଂଗ୍ରେସ ଓ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନବାଗତ କର୍ମୀ ଓ ନେତାମାନେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବରଗଡର ପୂର୍ବତନ ଏମ୍‌ପି କୃପାସିନ୍ଧୁ ଭୋଇଙ୍କ ଭାଇ ତଥା ପ୍ରଯୁକ୍ତି ଓ ସୂଚନା ବିଦ୍ୟା କ୍ଷେତ୍ରରେ ନିଜକୁ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିଥିବା ଜଗବନ୍ଧୁ ଭୋଇ ଭାଜପାରେ ଯୋଗଦାନ କରିଛନ୍ତି। ଜଗବନ୍ଧୁ ଥାଇଲାଣ୍ଡ ସରକାରଙ୍କ ଯୌଥ ଉଦ୍ୟମରେ ସେଠାକାର ଗ୍ରାମୀଣ ବିକାଶ ବିଶେଷ କରି କୃଷି ଓ ପଶୁପାଳନ କ୍ଷେତ୍ରରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେହିପରି ଝାରସୁଗୁଡା ବ୍ଲକର କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଚ୍ୟାୟରମ୍ୟାନ୍ ସନ୍ତୋଷ କୁମାର ସାହୁ ମଧ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଉତ୍କଳ ସମ୍ମିଳନୀର ରାଜ୍ୟ ସାଧାରଣ ସମ୍ପାଦକ ରାଧାନାଥ ପ୍ରହରାଜ ଦଳରେ ସାମିଲ ହୋଇଛନ୍ତି। ପୁରୀ ଜିଲା ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଦପୁର ପଞ୍ଚାୟତ କଂଗ୍ରେସ ସଭାପତି ଧନେଶ୍ୱର ମିଶ୍ର, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ସାହୁ, ତୁଳସୀପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଧଳେଶ୍ୱର ସାହୁ, ଅଣ୍ଟୁରା ବୁଦ୍ଧିଜୀବୀ ଶ୍ରୀକାନ୍ତ ଚନ୍ଦ୍ର ସ୍ୱାଇଁ ଏବଂ ଧ୍ରୁବଚରଣ ବିଶ୍ୱାଳଙ୍କ ସମେତ କଂଗ୍ରେସ ଓ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। କଟକ ଜିଲା ନିଆଳି କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ଶେକ୍ ହସନ୍‌ଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ଭାଜପାରେ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧଭାବେ ସମସ୍ତଙ୍କୁ ଦଳରେ ସାମିଲ କରିଛନ୍ତି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ୍ ହେବ ବୋଲି ସମୀର କହିଛନ୍ତି।

## ଖ୍ୱିଚିଂ ସଂଗ୍ରହାଳୟ

# ନିର୍ଦ୍ଦେଶ ସତ୍ତ୍ୱେ ହୋଇପାରୁନି ପୁନଃ ନାମକରଣ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୩।୩(ବ୍ୟୁରୋ)**

ସମଗ୍ର ଓଡ଼ିଶାରେ ରାଜ୍ୟ ସଂଗ୍ରହାଳୟର ରହିଛି ମୋଟ ୧୦ଟି ଶାଖା ମ୍ୟୁଜିୟମ୍। ତନ୍ମଧ୍ୟରୁ ମୟୂରଭଞ୍ଜରେ ଥିବା ଖ୍ୱିଚିଂ ମ୍ୟୁଜିୟମ୍ ରାଜ୍ୟର ଏକ ସର୍ବପୁରାତନ ମ୍ୟୁଜିୟମ୍ ଭାବେ ଜଣାଶୁଣା। ୧୯୨୨ ମସିହାରେ ଐତିହାସିକ ଖ୍ୱିଚିଂ ଗ୍ରାମର ପ୍ରସିଦ୍ଧ କୀଚକେଶ୍ୱରୀ ମନ୍ଦିର ପରିସରରେ ନିର୍ମିତ ଏହି ସଂଗ୍ରହାଳୟ ରାଜ୍ୟ ଇତିହାସର ଅନେକ ଗୌରବଗାଥା ବହନ କରିଛି। କୀଚିକଗଡ଼ ଓ ବିରାଟଗଡ଼ରୁ ମିଳିଥିବା ୧୦ମ ଶତାବ୍ଦୀର ବହୁ ବିରଳ ତଥା ମୂଲ୍ୟବାନ୍ ସାମଗ୍ରୀ ଏଠାରେ ରହିଛି। ଐତିହାସିକ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ସଂଗୃହୀତ ବହୁ ଦେବଦେବୀଙ୍କ ବିରଳ ପ୍ରତିମୂର୍ତ୍ତି ସହ ମହାଭାରତ ଯୁଗର ଅନେକ ସାମଗ୍ରୀକୁ ଏହି ସଂଗ୍ରହାଳୟ ସାଇତି ରଖିଛି। ତେବେ ଅନେକ ସମୟରେ ଏହି ସଂଗ୍ରହାଳୟର ସୁରକ୍ଷା ଓ ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହାର ନାମକରଣକୁ ନେଇ ମଧ ସମସ୍ୟା ଲାଗିରହିଛି। ୨୦୧୨ ମସିହାରୁ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମରେ ଏହି ସଂଗ୍ରହାଳୟର ନାମକରଣ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଗୃହୀତ କରିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସେହିଭଳି କାହା ଅଧୀନରେ ଏହାର ରକ୍ଷଣାବେକ୍ଷଣ ଭାର ନ୍ୟସ୍ତ କରାଯିବ, ତାହାକୁ ନେଇ ମଧ ଟଣାଓଟରା ଚାଲିଛି।

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ବ୍ରାଞ୍ଚ୍ ମ୍ୟୁଜିୟମ୍, ଖ୍ୱିଚିଂର ପୁନଃ ନାମକରଣ କରିବାକୁ ୨୦୧୨ରେ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସଂଗ୍ରହାଳୟ ପ୍ରତି ଅବଦାନକୁ ଦୃଷ୍ଟିରେ ରଖି ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମରେ ଏହି ସଂଗ୍ରହାଳୟର ନାମକରଣ କରିବାକୁ ବିଭାଗ ସ୍ଥିର କରିଥିଲା। ସେତେବେଳେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ଥିବା ଅଶୋକ କୁମାର ତ୍ରିପାଠୀ ୨୦୧୨ ଅଗଷ୍ଟ ୨୩ରେ ଏ ନେଇ ସଂକଳ୍ପନାମା (ମେମୋ ନଂ-୭୨୯୩) ଜାରି କରିଥିଲେ। ଓଡ଼ିଶାର ସାହିତ୍ୟ ଓ ଇତିହାସ ପ୍ରତି ତାଙ୍କର ଅବଦାନକୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଥିବା ଉକ୍ତ ପତ୍ରରେ ଉଲ୍ଲେଖ ରହିଥିଲା। ବାରିପଦା ସାହିତ୍ୟ ସଂସଦ ସଭାପତି ଡ. ଦୀପକ ଷଡ଼ଙ୍ଗୀ ମଧ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ରିଜୋଲ୍ୟୁଶନ ପରେ ବି ଆଜି ପର୍ଯ୍ୟନ୍ତ ଏହି ସଂଗ୍ରହାଳୟର ପୁନଃ ନାମକରଣ ହୋଇପାରିଲା ନାହିଁ। ଓଲଟା ସ୍ଥାନୀୟ ଲୋକେ ବିରୋଧ କରୁଥିବା ଆଳ ଦେଖାଇ ବିଭାଗ ପକ୍ଷରୁ ଏହାର ନାମ ପରିବର୍ତ୍ତନ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ଇତିହାସ ପ୍ରତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ରହିଥିବା ଅବଦାନକୁ ସମ୍ମାନ ଜଣାଇ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ ଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ହେଲେ ତାହାକୁ ଏବେ ଏଠାରୁ ଉଠାଇ ନିଆଯାଇ ଖ୍ୱିଚିଂରେ ପ୍ରତିଷ୍ଠା କରାଯିବ ବୋଲି କୁହାଯାଇଛି। ଉକ୍ତ ସ୍ଥାନରେ ପାଣିଗ୍ରାହୀଙ୍କର ଆଉ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ପ୍ରଥମେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନ କରି ଅସମ୍ମାନଜନକ ଭାବେ ରାଜ୍ୟ ସଂଗ୍ରହାଳୟ ପରିସରରୁ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି କାଢ଼ିନେବା କେଉଁଭଳି ନ୍ୟାୟ ବୋଲି ପ୍ରଶ୍ନ ଉଠିଛି। ଏହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷିକା ଡ. ଜୟନ୍ତୀ ରଥଙ୍କୁ ପଚାରିବାରେ ସେ କହିଛନ୍ତି, ୨୦୧୨ରେ ଅର୍ଡର ବାହାରିଥିଲେ ମଧ ସ୍ଥାନୀୟ ଲୋକେ ପ୍ରତିବାଦ କରିବାରୁ ପୁନଃ ନାମକରଣ ହୋଇପାରୁନାହିଁ। ଖ୍ୱିଚିଂ ସଂଗ୍ରହାଳୟ ପ୍ରତିଷ୍ଠା କରିବାରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଓ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ଅବଦାନ ରହିଥିଲା। ତେଣୁ କେତେଜଣ ଲୋକ ପରମାନନ୍ଦ ଆଚାର୍ଯ୍ୟଙ୍କ ନାମରେ ନାମକରଣ କରିବାକୁ ଚାହୁଁଥିବା ବେଳେ କେତେଜଣ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମରେ କରିବାକୁ ଚାହୁଁଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଆମେ ଏହାକୁ ପୁନଃ ନାମକରଣ ନ କରିବାକୁ ନିଷ୍ପତ୍ତି ନେଇଛୁ। ପ୍ରତିମୂର୍ତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଜନ୍ମସ୍ଥାନ ଖ୍ୱିଚିଂ ହୋଇଥିବାରୁ ପ୍ରତିମୂର୍ତ୍ତିକୁ ସେଠାକୁ ନିଆଗଲା। ଏଠାରେ ଆଉ ଏକ ବଡ଼ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବ। ଲଳିତକଳା ଏକାଡେମୀ ଏବେ ପ୍ରତିମୂର୍ତ୍ତି ତିଆରି କରୁଥିବା ବେଳେ ଖୁବ୍‌ଶୀଘ୍ର ତାହା ପ୍ରତିଷ୍ଠା ହେବ ବୋଲି ସେ କହିଥିଲେ।

**ରାଜ୍ୟ ସଂଗ୍ରହାଳୟରୁ କାଢ଼ିନେଲେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି**



# ଓଡ଼ିଶାରେ ଡବଲଇଞ୍ଜିନ ସରକାର ଦରକାର: ସିହ୍ନା

■ ସଂଘୀୟ ବ୍ୟବସ୍ଥାରେ ରହି ଏପରି କହିବା ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

ଓଡ଼ିଶାର ଆର୍ଥିକ ବିକାଶ ପାଇଁ ବିମାନବନ୍ଦରର ବିକାଶ ଆବଶ୍ୟକ। ଏଥିଲାଗି ବିମାନ ଚଳାଚଳରେ ମଧ ବୃଦ୍ଧି ହେବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଆସିବାପରେ ଓଡିଶାକୁ ବିମାନ ଚଳାଚଳ କ୍ଷେତ୍ରରେ ଆଗକୁ ନେବା ପାଇଁ ଉଡାନ୍ ଯୋଜନାରେ ଓଡିଶାକୁ ପ୍ରାଧାନ୍ୟ ଦେଇଛନ୍ତି । ଓଡିଶାର ଏବେ ଝାରସୁଗୁଡା ବିମାନବନ୍ଦର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଗତ ୧ତାରିଖରେ ସ୍ୱାଇସ୍ ଜେଟ୍ ମାଧମରେ ଝାରସୁଗୁଡାରୁ ଅନେକ ଜାଗାକୁ ବିମାନ ସେବା ଆରମ୍ଭ ହୋଇଛି। ଝାରସୁଗୁଡା ଏବେ ଦେଶର ସମସ୍ତ ମହତ୍ତ୍ୱପୂର୍ଣ୍ଣ ସହର ତଥା ଦିଲ୍ଲୀ, ବାଙ୍ଗାଲୋର, ହାଇଦ୍ରାବାଦ ଏବଂ କଲିକତାକୁ ଯୋଡିବା ସହ ଝାରସୁଗୁଡା ସହର ବିମାନ ଚଳାଚଳ ନକ୍ସାରେ ଯୋଡ଼ାଯାଇଛି, ଯାହା ପଶ୍ଚିମ ଓଡ଼ିଶାକୁ ଅଧିକ ଲାଭ ମିଳିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା କହିଛନ୍ତି। ଏହାସହ କେନ୍ଦ୍ରଭଳି ରାଜ୍ୟରେ ମଧ ଭାଜପା ସରକାର ଶାସନକୁ ଆସିଲେ ଓଡିଶାର ବିକାଶ ହେବ। ଏହାସହ ଏଠାରେ ଡବଲଇଞ୍ଜିନ୍ ସରକାର ହେଲେ ଲୋକମାନଙ୍କୁ ସବୁ ପ୍ରକାର ସୁବିଧା ମିଳିପାରିବ ବୋଲି ସିହ୍ନା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିହ୍ନା କହିଛନ୍ତି ଯେ, ଭୁବନେଶ୍ୱର ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଅନେକ ନୂଆ ଯୋଜନା କରାଯାଇଛି। ସର୍ବପ୍ରଥମେ ଥିବା ଟର୍ମିନାଲ ଟି-୧କୁ ପୁରୁଣା ଟର୍ମିନାଲ ସଂଯୋଗ କରି କିଭଳି ଅଧିକ ଯାତ୍ରୀଙ୍କୁ ସମ୍ଭାଳି ହେବ ସେଥିପାଇଁ ୯୩୫କୋଟି ଟଙ୍କାର ଏକ ନୂଆ ଟର୍ମିନାଲ ଭୁବନେଶ୍ୱର ବିମାନବନ୍ଦରରେ ନିର୍ମାଣ କରାଯିବ। ଭୁବନେଶ୍ୱର ବିମାନବନ୍ଦରରେ ଥିବା କ୍ଷମତାରେ ୩ଗୁଣ ବୃଦ୍ଧି କରାଯିବ। ଭବିଷ୍ୟତରେ ଭୁବନେଶ୍ୱରର ବିମାନଯାତ୍ରୀଙ୍କୁ ଅଧିକ ସୁବିଧା ଯୋଗାଇବା ସହ ବିମାନବନ୍ଦରକୁ ଆହୁରି ଆଧୁନିକୀକରଣ କରାଯିବ । ଏହି କାମକୁ ଆଗାମୀ ଦୁଇରୁ ଅଢେଇ ବର୍ଷ ଭିତରେ ପୂରା କରାଯିବ । ଏବେ ଭୁବନେଶ୍ୱରରେ ୪ଟି ଏୟାର ବ୍ରିଜସେ୍ ଅଛି, ଯାହା ଆଗାମୀ ଦିନରେ ୧୧କୁ ପହଞ୍ଚିବ। ଦେଶର ଅନ୍ୟ ସମସ୍ତ ବିମାନବନ୍ଦର ତୁଳନାରେ ଭୁବନେଶ୍ୱର ବିମାନବନ୍ଦର ବିମାନ ସେବାର ଗତି ୪୦ପ୍ରତିଶତ ଅଧିକ ହାରରେ ବୃଦ୍ଧି ପାଇଛି । ପାର୍କିଂ ସମସ୍ୟାକୁ ଆସନ୍ତା ୧ ଏପ୍ରିଲ ସୁଦ୍ଧା ଦୂର କରାଯିବ। ପ୍ରାଇଭେଟ୍ ଗାଡିକୁ ପାର୍କିଂ ଫି ଦେବାକୁ ପଡିବନି, କେବଳ କମର୍ସିଆଲ ଟ୍ୟାକ୍ସିକୁ ୪୦ଟଙ୍କା ପାର୍କିଂ ବାବଦ ଦେବାକୁ ପଡିବ। ଭୁବନେଶ୍ୱର ଏବଂ ଝାରସୁଗୁଡା ବାଦ୍ ଓଡିଶାରେ ଆହୁରି ଅନେକ ଜାଗାରେ ନୂଆ ବିମାନବନ୍ଦର ନିର୍ମାଣ କରାଯାଇଛି। ରାଉରକେଲାର ବିମାନବନ୍ଦର ଓ ଜୟପୁର ବିମାନବନ୍ଦରର ନିର୍ମାଣ କାର୍ଯ୍ୟ ବହୁତ ଆଗକୁ ବଢିଛି। ଏହାକୁ ଉଡାଣ ଯୋଜନାରେ ଖୁବ୍‌ଶୀଘ୍ର ସାମିଲ କରାଯିବ। ଉଡାଣ ଯୋଜନା ପାଇଁ ଓଡିଶାକୁ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ଦେଇଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚାଲିଥିବା ସରକାର ଦେଶର ଗରିବମାନଙ୍କର ବିକାଶ ପାଇଁ ଅହରହ ଚେଷ୍ଟା କରୁଛନ୍ତି । ୨୦୧୯ ନିର୍ବାଚନରେ ନରେନ୍ଦ୍ର ମୋଦି ନିର୍ବାଚନ ଜିତି ପୁଣିଥରେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଦେଶବାସୀ ଚାହାନ୍ତି । ଓଡିଶାରେ ମଧ ଏହାର ଏକ ବଡ ଭୂମିକା ରହିଛି ।

ଜୟନ୍ତ ସିହ୍ନାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଗୋଟିଏ ସଂଘୀୟ ବ୍ୟବସ୍ଥା ଉପରେ ଯଦି କାହାର ବିଶ୍ୱାସ ଥାଏ ତେବେ କେବେହେଲେ କେହି କହିବେନି ଆମେ ରାଜ୍ୟ ଓ କେନ୍ଦ୍ରରେ ସରକାରରେ ରହିବୁ। ତା'ପରେ ଯାଇ ଓଡିଶାର ବିକାଶ କରିବୁ। ଏପରି ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ସଂଘୀୟ ବ୍ୟବସ୍ଥା ଉପରେ କୁଠାରାଘାତ ବୋଲି ସସ୍ମିତ କହିଛନ୍ତି।


ଖବରଦାତା ସମ୍ମିଳନୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା।

# ମାଟ୍ରିକ୍ ପରୀକ୍ଷା ବିଭ୍ରାଟରେ ରାଜ୍ୟବାସୀ ଅସହ୍ୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

ରାଜ୍ୟରେ ଚାଲୁଥିବା ମାଟ୍ରିକ ପରୀକ୍ଷା ପରିଚାଳନାରେ ବିଭ୍ରାଟ ରାଜ୍ୟବାସୀଙ୍କୁ ଅସହ୍ୟ କଲାଣି । ପରୀକ୍ଷା ଆରମ୍ଭରୁ ଗୋଟିଏ ଦିନ ନାହିଁ, ଯେଉଁଦିନ ପ୍ରଶ୍ନପତ୍ର ଭାଇରାଲ ହେଉନାହିଁ। ପ୍ରଶ୍ନପତ୍ର ଭାଇରାଲ ହେବା ଉଚିତ ନୁହେଁ । ମାତ୍ର ଥରେ ଭାଇରାଲ ହେବା ପରେ ଏ ଦିଗରେ କଡା ନଜର ରଖି ଯେପରି ଏଭଳି ତ୍ରୁଟି ନ ହୁଏ ସେଥିପାଇଁ ଯତ୍ନବାନ ହେବା କଥା। ଏଥିପାଇଁ ସରକାର ଓ କର୍ତ୍ତୃପକ୍ଷଙ୍କ ଦୃଢ ପ୍ରତିଶ୍ରୁତି ସତ୍ତ୍ୱେ ବାରମ୍ବାର ପ୍ରଶ୍ନପତ୍ର ଭାଇରାଲ ହେବାରେ ଲାଗିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସାମାଜିକ ଗଣମାଧମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏତେସବୁ ଅବ୍ୟବସ୍ଥା ପରେ ରବିବାର ଆଉ ଏକ ନୂଆ ପ୍ରକାର ଅବ୍ୟବସ୍ଥା ସାମ୍ନାକୁ ଆସିଛି। ମାଲକାନଗିରିର ଗୋଟେ ପରୀକ୍ଷା କେନ୍ଦ୍ରରେ ୧୦୮ ଓଏମଆର ସିଟ୍ ଗାଏବ ହେବା ଭଳି ଘଟଣା ପ୍ରମାଣିତ ହୋଇଛି । ମାଟ୍ରିକ ପରୀକ୍ଷା ସାଧାରଣ ପରିବାରର ପିଲାମାନଙ୍କ ପାଇଁ ଭବିଷ୍ୟତ ଗଢିବା ଲାଗି ବଡ ସୁଯୋଗ ସୃଷ୍ଟି କରିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ସବୁଦିନ ବିଭ୍ରାଟର ପରିସ୍ଥିତିକୁ ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା ଯଦି କୁହା ନ ଯିବ ତେବେ କ'ଣ କୁହାଯିବ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ଥାଣୁ, ଅପାରଗ ଓ ସମ୍ବେଦନହୀନ କହିଲେ ଶାସକ ଦଳକୁ ଚେଙ୍କ ଲାଗେ । ସେମାନେ ପ୍ରତିକ୍ରିୟାଶୀଳ ହୋଇ ଉଠନ୍ତି । ପ୍ରଶାସନିକ ବ୍ୟବସ୍ଥାକୁ ପିଲାଙ୍କ ଭବିଷ୍ୟତ ଗଢୁଥିବା ପରୀକ୍ଷାର ପରିଚାଳନାରେ ନ ଲଗାଇ ସରକାର ରାଜନୈତିକ କାମରେ ଲଗାଇଛନ୍ତି । ପିଲାଙ୍କ ଭବିଷ୍ୟତ ପଛେ ଚୁଲିକୁ ଯାଉ ମାତ୍ର ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସ୍ୱାର୍ଥ ସୁରକ୍ଷିତ ରହୁ ସେଥିପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଅବ୍ୟବସ୍ଥା କାରଣରୁ ଅରାଜକ ପରିସ୍ଥିତି ସୃଷ୍ଟି ହୋଇଛି । ଚଳିତ ମାଟ୍ରିକ ପରୀକ୍ଷାରେ ପ୍ରାୟ ୬ଲକ୍ଷ ପିଲା ପରୀକ୍ଷା ଦେଉଛନ୍ତି। ଏହି ପରୀକ୍ଷାରେ ଅରାଜକତା, ଏହି ପିଲାଙ୍କର ପରିବାର ଉପରେ ଯେଉଁ ମାନସିକ ଚାପ ତିଆରି କରୁଛି ଓଡିଶାର ମୁଖ୍ୟମନ୍ତ୍ରୀ ତାହାକୁ ବୁଝିପାରିବେନି । କେବଳ ରାଜନୈତିକ ସ୍ୱାର୍ଥ ଓ ନିର୍ବାଚନ ସର୍ବସ୍ୱ ନ ହୋଇ ଓଡିଆ ପିଲାଙ୍କ ଭବିଷ୍ୟତ କଥା ମୁଖ୍ୟମନ୍ତ୍ରୀ ଟିକେ ଗୁରୁତ୍ୱର ସହ ନିଅନ୍ତୁ। ଗରିବ, ସାଧାରଣ ପରିବାରର ଓଡିଆ ପିଲାଙ୍କ ମେଧାଶକ୍ତି ହିଁ ଓଡିଶାର ମୂଳ ସମ୍ବଳ । ମାଟ୍ରିକ ପରୀକ୍ଷା ଆମ ରାଜ୍ୟର ମୂଳ ପୁଞ୍ଜିଙ୍କ ଭବିଷ୍ୟତ ଗଢିବାର ପ୍ରଥମ ପାହାଚ । ମୁଖ୍ୟମନ୍ତ୍ରୀ ଲକ୍ଷ ଲକ୍ଷ ପିଲା ଓ ପରିବାର ପ୍ରତି ସମ୍ବେଦନହୀନ ହେବା ବଦଳରେ ପରୀକ୍ଷା ପରିଚାଳନାକୁ ଠିକ୍ ମାର୍ଗରେ ନେବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ଇଂରେଜ ଅଧିକାରୀଙ୍କ ହୀନ ଚକ୍ରାନ୍ତ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

ଗତ ସଂଖ୍ୟାରେ ମଳିପଡ଼ାର ଜାଗିରଦାର କିଭଳି ଏକ ଅବିଶ୍ୱସନୀୟ କାର୍ଯ୍ୟ କରିଥିଲେ ତାହା ଉଲ୍ଲେଖ କରିଥିଲୁ। ଏହି ଅବସରରେ ସେହି ମଳିପଡ଼ାର ଓଡ଼ିଶା ପ୍ରତି ଥିବା ଅବଦାନକୁ ପ୍ରସଙ୍ଗ ଦୃଷ୍ଟିରୁ ଆମେ ବିଚାର କରିବା କଥା। ମଳିପଡ଼ାର ସରଣି ପାତ୍ରଙ୍କର ତ୍ୟାଗ ଓ ସ୍ୱାଭିମାନ ଆଜି ବି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏହି ଘଟଣାଟି ଲୋମହର୍ଷଣକାରୀ ଇତିହାସ ସୃଷ୍ଟି କରିଥିବା ବର୍ବର କଳାପାହାଡର ଶ୍ରୀମନ୍ଦିର ଆକ୍ରମଣ କରିବା ବେଳର କଥା। କଳାପାହାଡ଼ ଆକ୍ରମଣର ସୂଚନା ପାଇ ସେବକମାନେ ରାଜକର୍ମଚାରୀଙ୍କ ସହାୟତାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କୁ ସ୍ଥାନାନ୍ତରିତ କରି ନେଇଥିଲେ ଚିଲିକା ହ୍ରଦ ଭିତରକୁ। ସେମାନେ ଚିଲିକା ମୁହାଣ ପାର କରାଇ ଛପଲି ହାତୀପଡ଼ାଠାରେ ସୁରକ୍ଷିତ ଭାବେ ରଖିଥିଲେ। ମହାପ୍ରଭୁଙ୍କର ଏହି ଲୀଳାକ୍ଷେତ୍ରକୁ କଳାପାହାଡ଼ ଯିବା ସମ୍ଭବ ନ ଥିଲା। ମହାପ୍ରଭୁ ଯେତେଥର ଶ୍ରୀମନ୍ଦିର ଛାଡ଼ି ବାହାରକୁ ଯାଇଥିଲେ, ତହିଁରେ ଦୁଇଥର ସେ ପାତାଳି ଲୀଳା କରିଥିଲେ। ପାତାଳି ଲୀଳାର ଅର୍ଥ ହେଉଛି ମାଟି ଭିତରେ ପୋତି ହୋଇ ରହିବା। ହାତୀପଡ଼ାଠାରେ ବିସ୍ତୃତ ବାଲିବନ୍ତରେ ସେବକମାନେ ମହାପ୍ରଭୁଙ୍କୁ ପାତାଳି କରାଇଥିଲେ।

ଏ କଥା କୋକଲଗଡ଼ ନାୟକ ଦାନ ପାତ୍ର ଜାଣିପାରି କଳାପାହାଡ଼କୁ ପାହାନ୍ତା ସମୟରେ ଚିଲିକା ମୁହାଣ ପାର କରାଇ ମହାପ୍ରଭୁଙ୍କୁ ଗୋପନରେ ରଖାଯାଇଥିବା ସ୍ଥାନର ସନ୍ଧାନ ଦେଇଦେବାରୁ ଦାନ ପାତ୍ର ପାଇଥିଲେ 'ପାହାନ୍ତାସିଂହ' ଉପାଧି। କଳାପାହାଡ଼ କେବଳ ଏଇ ଉପାଧି ଦେଇ ନ ଥିଲେ। ଏଥି ସହିତ ଦେଇଥିଲେ 'ଚବିଶକୁଦ ଓ ରାହାଙ୍ଗ ଅଞ୍ଚଳର ଜାଗିରି'। ଦାନ ପାତ୍ର ହୋଇଗଲେ 'ଦାନ ପାତ୍ର ପାହାନ୍ତାସିଂହ ଜାଗିରିଦାର।' କଳାପାହାଡ଼ ସେଇଠାରୁ ଶ୍ରୀବିଗ୍ରହମାନଙ୍କୁ ହାତୀ ପିଠିରେ ନେଇ ହୁଗୁଳି ନଦୀ କୂଳରେ ପୋଡ଼ି ଦେବାକୁ ଆଦେଶ ଦେଇଥିଲା।

କିନ୍ତୁ ମହାପ୍ରଭୁଙ୍କ ମାୟାରେ କାଳାପାହାଡ଼ ଦ୍ୱାରା ଅପହୃତ ମହାପ୍ରଭୁଙ୍କ ଅର୍ଦ୍ଧଦଗ୍ଧ ଶ୍ରୀବିଗ୍ରହରୁ ବ୍ରହ୍ମ କୁଜଙ୍ଗ ଗଡ଼କୁ ଫେରି ଆସିଥିଲା। ବୈଷ୍ଣବ ବେଶଧାରୀ ବିଶର ମହାନ୍ତିଙ୍କ ଦ୍ୱାରା ୨ ବର୍ଷ କାଳ ଗଡ଼ କୁଜଙ୍ଗର ମହାବୀର ମନ୍ଦିରରେ ସୁରକ୍ଷିତ ରହିବା ପରେ ୫ ବର୍ଷ କୁଜଙ୍ଗ ରାଜା ଗଡ଼ ମଧ୍ୟରେ ମନ୍ଦିର ତୋଳାଇ ନୂତନ ବିଗ୍ରହଙ୍କ ଭିତରେ ବ୍ରହ୍ମ ସ୍ଥାପନ କରି ପୂଜା ଉପାସନା ଚାଲୁ ରଖିଥିଲେ। ଭୋଇ ବଂଶର ପ୍ରତିଷ୍ଠାତା ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ କୁଜଙ୍ଗ ଗଡ଼ରୁ ଶ୍ରୀବିଗ୍ରହଙ୍କୁ ଖୋର୍ଦ୍ଧାର ଗୋପାଳ ମନ୍ଦିରକୁ ଅଣାଯାଇ ବିଧିମୁତାବକ ନବକଳେବର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଜପତି ରାମଚନ୍ଦ୍ର ଦେବ ଖୋର୍ଦ୍ଧାରେ ନବକଳେବର କରାଇ ଶଗଡ଼ିରେ ମହାପ୍ରଭୁଙ୍କୁ ଆଣି ଶ୍ରୀମନ୍ଦିରରେ ବିଜେ କରାଇଥିଲେ। ଗଜପତି ରାମଚନ୍ଦ୍ରଙ୍କ ଶାସନ କାଳରେ ପାହାନ୍ତାସିଂହ ଜୀବନର ଯବନିକା ପଡ଼ିଥିଲା। ଗଜପତି ଖୋର୍ଦ୍ଧାରେ ଅଭିଷିକ୍ତ ହେବା ପଛରେ ତିନୋଟି ଗଡ଼ର ପ୍ରତ୍ୟକ୍ଷ ସହଯୋଗ ଥିଲା। ଗଡ଼କୋକଲ ବାଘୁ ପାତ୍ର, ଯେ କି ଦାନପାତ୍ରର ସାନ ଭାଇ, ଘୋରଡ଼ିଆ ଗଡ଼ର ଝାଡୁ ପରିଡ଼ା ଓ ମଳିପଡ଼ା ଗଡ଼ର ସରଣୀ ପାତ୍ର ଗଜପତିଙ୍କ ସହିତ ଥିଲେ। ନବକଳେବର ମହୋତ୍ସବଠାରୁ ମହାପ୍ରଭୁଙ୍କ ଶ୍ରୀମନ୍ଦିର ବିଜେ ପର୍ଯ୍ୟନ୍ତ ମଳିପଡ଼ା ଗଡ଼ର ସରଣି ପାତ୍ରଙ୍କ ଅବଦାନ ଅବିସ୍ମରଣୀୟ। ସେମାନେ ଗଜପତିଙ୍କ ଆଦେଶକୁ ମଧ କାର୍ଯ୍ୟକାରୀ କରିଥିଲେ। ଗଜପତି ଦାନ ପାତ୍ର ପାହାନ୍ତାସିଂହଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ। ବିଶ୍ୱାସଘାତକ ଦାନ ପାତ୍ରକୁ ଶେଷ କରିଦେବାରେ ପ୍ରମୁଖ ଭୂମିକା ଥିଲା ମଳିପଡ଼ା ଗଡ଼ର ସରଣି ପାତ୍ରଙ୍କର। ସେଥିପାଇଁ ଗଜପତି ସେହି ବୀର ସରଣି ପାତ୍ରଙ୍କୁ ହରିଚନ୍ଦନ ଉପାଧି ଦେଇଥିଲେ। ଏ ଜାତିର ପରିଚୟ ଓ ଇଷ୍ଟଙ୍କୁ ସୁରକ୍ଷା ଦେବାରେ ଯେଉଁ ମଳିପଡ଼ା ଗଡ଼ର ଅବଦାନ ଥିଲା, ସେଇ ମଳିପଡ଼ା ଗଡ଼ର ଜାଗିରିଦାର ଇଂରେଜମାନଙ୍କ ଚକ୍ରାନ୍ତରେ ପଡ଼ି ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପରି ଇତିହାସ ପୁରୁଷଙ୍କୁ ଦୁଦୁରା ମଞ୍ଜି ଖାଇବାକୁ ଦେବାରେ ପଶ୍ଚାତ୍‌ପଦ ହୋଇ ନ ଥିଲେ।

ଆମରି ଲୋକଙ୍କୁ ଆମରି ଲୋକଙ୍କ ବିରୋଧରେ ଲଢ଼େଇ ପରିସ୍ଥିତିରୁ ଫାଇଦା ନେବା ପାଇଁ ଇଂରେଜ ପ୍ରଶାସନ ଅହରହ ପ୍ରଚେଷ୍ଟା ଚଳାଇଥିଲା। ତା'ର ଅନେକ ଉଦାହରଣ ଇତିହାସରେ ବିରଳ ନୁହେଁ। ଭେଦୁଆଙ୍କ ଜାଲରେ ପଡ଼ି ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ ଓ ଧନୀ ଜେନା ପୁରସ୍କାର ପାଇଥିବାର ଉଦାହରଣ ଇତିହାସରେ ଅଛି। ମଙ୍ଗରାଜେ ୨୫୦ ଟଙ୍କା, ବିଷ୍ଣୁ ପାଇକରାୟେ ୨୫୦ ଟଙ୍କା ଓ ଧନୀ ଜେନା ୫୦ ଟଙ୍କା ପୁରସ୍କାର ପାଇଥିଲେ। ଇଂରେଜ ଶାସକ ଓଡ଼ିଶାର ଯୁଦ୍ଧ ମତୁଆଲା ବୀର ସୈନିକମାନଙ୍କୁ କିପରି ଭୟ କରୁଥିଲେ ଏହି ଘଟଣାରୁ ଆମେ ଅନୁଭବ କରିପାରିବା। କଳେ-ବଳେ-କୌଶଳେ ବିପ୍ଳବୀମାନଙ୍କୁ ନିୟନ୍ତ୍ରଣ କରିବାକୁ ସେମାନଙ୍କ ପ୍ରଶାସନ ପ୍ରାଥମିକତା ଦେଇଥିଲା। ଯୁଦ୍ଧ ଦୁନ୍ଦୁଭି ଯଦି ନ ବାଜି 'ବିଦ୍ରୋହ'ର ସାହାନାଇ ବାଜିଥାନ୍ତା, ତେବେ କ'ଣ ସେମାନେ ଭୟଭୀତ ହୋଇଥାନ୍ତେ? ସେମାନେ ବିନା ପୁରସ୍କାରରେ କ୍ଷମା ଦେବାର ପରମ୍ପରା ଆରମ୍ଭ କରିଥିଲେ। ସେହି ଜାଲରେ ପଡ଼ିଥିଲେ ନିଧି ମହାନ୍ତି ଓ ବାମନ ମହାନ୍ତି। ଯେ ହେଉଛି ୧୮୧୮ ମସିହାର ନଭେମ୍ବର ୬ ତାରିଖ ଘଟଣା। ବାସ୍ତବିକ୍ ୧୮୦୪ ମସିହାରୁ ଆରମ୍ଭ ହୋଇଥିବା ଯୁଦ୍ଧ ୧୮୧୭ ମସିହା ଦେଇ ଆଗକୁ ଆଗକୁ ମାଡ଼ି ଚାଲିଥିଲା। ୧୮୦୬ ମସିହାରେ ରାଜଗୁରୁଙ୍କୁ ଫାଶୀ ଦିଆଯିବା ପରେ ଯୁଦ୍ଧ ଥମିଯିବ ବୋଲି ଇଂରେଜ ଅଧିକାରୀ ଯେଉଁ ସମ୍ଭାବନା କରିଥିଲେ, ତାହା ଭୁଲ ପ୍ରମାଣିତ ହୋଇଥିଲା। ଏହି ଅବିଚ୍ଛିନ୍ନ ଯୁଦ୍ଧର ଧାରା ୧୮୦୩ ମସିହା ପରଠାରୁ କିପରି ଆରମ୍ଭ ହୋଇ ଗତି କରିଥିଲା, ତା'ର ଏକ ସଂକ୍ଷିପ୍ତ ଚିତ୍ର ପୂର୍ବ ସଂଖ୍ୟାରେ ଅବଗତି ପାଇଁ ଦେଇଥିଲୁ। ସେଇ ଅବିଚ୍ଛିନ୍ନ ଧାରାକୁ ଏବେ ଆମେ ସବିଶେଷ ଦେବାକୁ ଚେଷ୍ଟା କରୁଛୁ। କଟକର ଜନଶକ୍ତି ପୁସ୍ତକାଳୟ ପକ୍ଷରୁ ପ୍ରକାଶିତ ୫୪ ବର୍ଷ ତଳର ଏକ ପ୍ରାମାଣିକ ପୁସ୍ତକକୁ ଆଧାର କରିଛୁ। ଏହି ପୁସ୍ତକଟି ଲେଖିଥିଲେ ଲକ୍ଷ୍ମୀନାରାୟଣ ରାୟସିଂହ।

## ଟଙ୍କା ପଇସାର ଥୋପ ଦେଇ ବିଭେଦ ରାଜନୀତି


ଗଡ଼ଖୋର୍ଦ୍ଧାର ଗୋପାଳମନ୍ଦିର। (ଫଟୋ- ଲୋକନାଥ ମିଶ୍ର)

# କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ



## ମନ୍ତ୍ରୀଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ

ନିର୍ମଳ ପଣ୍ଡା
କଟକ ଅଫିସ,୩।୩

ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ନେତାମାନେ ଟିକେ ମାପି ଚୁପି ଆଗକୁ ପାଦ ପକାଉଛନ୍ତି। କାରଣ କିଏ ଟିକେଟ ପାଇବେ କିଏ ପାଇବେନି ସେ ଶଙ୍କାରେ ନେତାମାନେ ସାମାନ୍ୟ ପଛଘୁଞ୍ଚା ଦେଉଛନ୍ତି। ଏ ସବୁ ରାଜନୈତିକ ଘନଘଟା ମଧ୍ୟରେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ରାଜନୈତିକ ପାଣିପାଗ


ଚନ୍ଦ୍ରସାରଥି ବେହେରା


ବାଙ୍କନିଧି ବେହେରା


ଶ୍ରୀମନ୍ତିନୀ ବେହେରା


ଦିଲୀପ ମଲିକ


ପ୍ରମିଳା ବେହେରା

ବେଶ୍ ସରଗରମ। ୨୦୦୯ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହି ଆସନଟି ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। କଟକ ସଦର ବ୍ଲକର ୨୩, ନିଶ୍ଚିନ୍ତକୋଇଲି ବ୍ଲକର ୧୪ ପଞ୍ଚାୟତ ଓ କଟକ ମହାନଗର ନିଗମର ୬ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଚନ୍ଦ୍ରସାରଥି ବେହେରା | ୭୧,୨୪୭ |
| ଭାଜପା | ଦିଲୀପ ମଲିକ | ୪୫,୪୫୬ |
| କଂଗ୍ରେସ | ଚନ୍ଦ୍ରଶେଖର ସାମଲ | ୧୮,୨୭୧ |

୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନର ରାଜ୍ୟ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଦିଲୀପ ମଲିକଙ୍କୁ ୨୫,୭୯୧ ଭୋଟରେ ହରାଇଥିଲେ। କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାମଲ ୧୮,୨୭୧ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ନିର୍ବାଚନରେ ଯଦିଓ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ତେବେ ଲଢେଇ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିଲା। କଟକ ସଦର ବିଧାନସଭା ଆସନ ଜିଲାର ଗୋଟିଏ ଆସନ ଯେଉଁଠି ବିଜେଡି ସହିତ ଭାଜପାର ସିଧା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେଣୁ ଚଳିତଥର ଏହି ଆସନରେ ଭାଜପା କଡ଼ା ପ୍ରତିଦ୍ୱନ୍ଦ୍ୱୀଭାବେ ପୁନର୍ବାର ଉଭା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। କାରଣ ୨୦୦୯ ନିର୍ବାଚନରେ ସଦର ଆସନ ସଂରକ୍ଷିତ ହେବା ପରେ ସାଲେପୁରର ତତ୍କାଳୀନ ବିଧାୟକ କାଳିନ୍ଦୀ ବେହେରାଙ୍କୁ ବିଜେଡି ସଦରରେ ପ୍ରାର୍ଥୀ କରିଥିଲା। ସାଲେପୁରରେ କାଳିନ୍ଦୀଙ୍କ ପୁଅ ତଥା ବର୍ତ୍ତମାନର ସଦର ବିଧାୟକ ପ୍ରାର୍ଥୀ ହୋଇ ଜିତିଥିଲେ। ମାତ୍ର ୨୦୧୪ରେ କାଳିନ୍ଦୀ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ବେଳେ ସଦରରୁ ଚନ୍ଦ୍ରସାରଥିଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏଥର ବିଜେଡିରୁ ପ୍ରାର୍ଥୀ ହେଉଛନ୍ତି କି ପ୍ରଶ୍ନରେ ଚନ୍ଦ୍ରସାରଥି କହିଥିଲେ, ସେ କଥା ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନିର୍ଣ୍ଣୟ କରିବେ। ଟିକେଟ ନ ମିଳିଲେ ଦଳ ସହିତ ରହିବି, ଆଉ ବିଜେଡି ହିଁ ଜିତିବ ବୋଲି ଚନ୍ଦ୍ରସାରଥି ମତ ଦେଇଥିଲେ। ହେଲେ ସେ ମନ୍ତ୍ରୀ ଥିବାରୁ ତାଙ୍କ ପାଇଁ ଦଳୀୟ ଟିକେଟ୍ ମର୍ଯ୍ୟାଦାର ବିଷୟ ବୋଲି କୁହାଯାଉଛି।

ଆଉ ଏକ ବଡ଼ କଥା ହେଉଛି ମୁଖ୍ୟମନ୍ତ୍ରୀ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣକୁ ଗୁରୁତ୍ୱ ଦେଉଛନ୍ତି। ଯଦି ସେହି ଭିତ୍ତିରେ ଦଳୀୟ ଟିକେଟ୍ ଦିଅନ୍ତି ତା'ହେଲେ ସଦର ଆସନରୁ ବିଜେଡି ଜଣେ ମହିଳାଙ୍କୁ ପ୍ରାର୍ଥୀ କରିପାରେ। ଏହିକ୍ରମରେ ଚନ୍ଦ୍ରସାରଥିଙ୍କ ମା' ତଥା ପୂର୍ବତନ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ବେହେରା ଓ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରାଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଶ୍ରୀମନ୍ତିନୀଙ୍କୁ ପଚାରିବାରୁ ସେ ଦଳରୁ ଟିକେଟ ଆବେଦନ କରିଛନ୍ତି। ଟିକେଟ ମିଳିବ କି ନାହିଁ ତାହା ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭରକରେ। ଯଦି ଟିକେଟ ନ ମିଳେ ତେବେ ଦଳରେ ରହିବି ବୋଲି ସେ ପ୍ରତିକ୍ରିୟା ଦେଇଥିଲେ। ଭାଜପାକୁ ଦେଖିଲେ, ଦିଲୀପ ମଲିକଙ୍କ ନାମ ବ୍ୟତୀତ ଆଉ କାହା ନାମ ଚର୍ଚ୍ଚା ଆଲୋଚନାକୁ ଆସୁନାହିଁ। ମୋଦିଙ୍କ ଲୋକପ୍ରିୟତା ଆଗରେ ବିରୋଧୀ ନିଷ୍ପ୍ରଭ ହେବେ ଓ ଭାଜପା ସଦର ଆସନରେ ଜିତିବ ବୋଲି ଦିଲୀପ କହିଛନ୍ତି। ଭାଜପାର ପ୍ରତିଦ୍ୱନ୍ଦ୍ୱିତା ଏଠାରେ ବିଜେଡି ସହିତ ହେବ ବୋଲି ଦିଲୀପ କହିଛନ୍ତି।

ଶେଷ ଥର ପାଇଁ ୧୯୯୫ ମସିହାରେ ଏହି ଆସନରୁ ବିଜୟଲକ୍ଷ୍ମୀ ସାହୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ଜିତିଥିଲେ। ଏହାପରଠୁ ଦଳ ପରାଜୟ ଦେଖିଆସୁଛି। ଏଥର କଂଗ୍ରେସ ଦୁଇ ଆଶାୟୀଙ୍କ ନାମ ଦଳର ସ୍କ୍ରିନିଂ କମିଟିକୁ ପଠାଇଛି। କାରଣ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଚନ୍ଦ୍ରଶେଖର ସାମଲଙ୍କର ଆଉ ନିର୍ବାଚନମଣ୍ଡଳୀ ସହିତ କୌଣସି ସମ୍ପର୍କ ନଥିବା ଖୋଦ୍ ଦଳର ଜିଲା ସଭାପତି ଗୁରୁପଦ ନନ୍ଦ କହିଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସରୁ ରତ୍ନାକର ବେହେରା ଓ ବାଙ୍କନିଧି ବେହେରା ଟିକେଟ ଦୌଡରେ ଅଛନ୍ତି। ରତ୍ନାକର କହିଛନ୍ତି ଯେ, ସେ ଲବି କରୁନାହାନ୍ତି। ବାଙ୍କନିଧିଙ୍କ ମତ ହେଉଛି ଛାତ୍ର ଜୀବନରୁ ଦଳ ପାଇଁ କାର୍ଯ୍ୟ କରିଆସୁଛି। ତେଣୁ ମୋତେ ଟିକେଟ ମିଳିବ ବୋଲି ଦୃଢ ଆଶାବାଦୀ। ତେବେ ଟିକେଟ ନ ମିଳିଲେ ଦଳ ପାଇଁ କାମ କରିବୁ ବୋଲି ଉଭୟ ନେତା କହିଛନ୍ତି। କଂଗ୍ରେସ ସହିତ ଏଠାରେ ବିଜେଡିର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ମଧ୍ୟ ଉଭୟ ଆଶାୟୀ ଆକଳନ କରିଛନ୍ତି।

# ବିଜେଡି, ଭାଜପାରେ ଟିକେଟ ପାଇଁ କସରତ

ବୀରେନ୍ଦ୍ର କୁମାର ଝାଙ୍କର
ବଲାଙ୍ଗୀର ଅଫିସ,୩।୩

ରାଜ୍ୟ ରାଜନୀତିରେ ଏକ ପ୍ରଭାବଶାଳୀ ବିଧାନସଭା କ୍ଷେତ୍ରଭାବେ ବଲାଙ୍ଗୀର ବିଧାନସଭା ଆସନ ବେଶ୍ ଚର୍ଚ୍ଚିତ। ବଲାଙ୍ଗୀର ମ୍ୟୁନିସିପାଲିଟିର ୨୧ୱାର୍ଡ, ବଲାଙ୍ଗୀର ସଦର ବ୍ଲକର ୨୫ ଓ ଦେଓଗାଁ ବ୍ଲକର ୨୬ ପଞ୍ଚାୟତକୁ ନେଇ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ। ୨୦୧୪ ନିର୍ବାଚନରେ ଏହି କ୍ଷେତ୍ରରେ ଦୁଇ ହେଭିୱେଟ୍ ନେତା କଂଗ୍ରେସର ନରସିଂହ ମିଶ୍ର ଓ ବିଜେଡିର ଅନଙ୍ଗ ଉଦୟ ସିଂଦେଓଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ର ୧୨୨୫୪ ଖଣ୍ଡ ଭୋଟ ବ୍ୟବଧାନରେ ଅନଙ୍ଗଙ୍କୁ ପରାସ୍ତ କରିଥିଲେ। ଭାଜପା ପ୍ରାର୍ଥୀ ଡା. ବାସୁଦେବ ପତି ତୃତୀୟ ସ୍ଥାନରେ ଥିଲେ।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭାଜପା ଓ ବିଜେଡିରେ ଆଶାୟୀଙ୍କ ଭିତରେ ଟିକେଟ କସରତ ଚାଲିଛି। ଏକାଧିକ ଆଶାୟୀ ଟିକେଟ ଦୌଡରେ ରହିଛନ୍ତି। କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଭାବେ ଏ ପର୍ଯ୍ୟନ୍ତ କେବଳ ନରସିଂହ ମିଶ୍ରଙ୍କ ନାଁ ଶୁଣାଯାଉଛି। ୨୦୧୯ ନିର୍ବାଚନରେ ଅନଙ୍ଗ ଆଉ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ତାଙ୍କ ସ୍ଥାନରେ ଦଳ ଯାହାକୁ ପ୍ରାର୍ଥୀ କରିବ ସେ ତାଙ୍କୁ ସମର୍ଥନ କରିବେ ବୋଲି କହୁଛନ୍ତି। ବିଜେଡି ଆଶାୟୀ ତାଲିକାରେ ଅନଙ୍ଗଙ୍କ ସାନପୁଅ ଅର୍କେଶ ନାରାୟଣ ସିଂଦେଓ ଆଗରେ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଅର୍କେଶ କହିଛନ୍ତି, ଟିକେଟ ବଣ୍ଟନ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ହାତରେ ରହିଛି। ସେ ଯାହାକୁ ଟିକେଟ ଦେବେ ସିଏ ନିର୍ବାଚନ ଲଢ଼ିବେ। ବିଜେଡିରୁ ଅନ୍ୟତମ ଆଶାୟୀ ସାମାଜିକ କର୍ମୀ ଲଳିତ କୁମାର ନାୟକ। ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପସଭାପତି ଥିବା ନାୟକ ନିଜକୁ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ବୋଲି କହିଛନ୍ତି। ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱ ଓ ଜନସେବାରେ ସେ ଜଡିତ ଥିବାରୁ ତାଙ୍କୁ ଏଥର ଟିକେଟ ମିଳିଲେ ସେ ବିଜୟ ହେବେ ବୋଲି ଆଶା ରଖିଥିବା କହିଛନ୍ତି। ବିଜେଡିର ଅନ୍ୟତମ ଟିକେଟ ଆଶାୟୀ ହରେକୃଷ୍ଣ ଷଡଙ୍ଗୀ। ସେ ଟିକେଟ ପାଇଁ ଆବେଦନ କରିବେ ବୋଲି କହିଛନ୍ତି।


**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଂଗ୍ରେସ | ନରସିଂହ ମିଶ୍ର | ୬୨୭୩୦ |
| ବିଜେଡି | ଅନଙ୍ଗ ଉଦୟ ସିଂଦେଓ | ୪୯୪୭୬ |
| ଭାଜପା | ଡା. ବାସୁଦେବ ପତି | ୩୫୧୩୦ |


୨୦୧୪ ନିର୍ବାଚନ ପାଇଁ ପ୍ରଥମେ ହରେକୃଷ୍ଣଙ୍କୁ ଟିକେଟ ଦିଆଯାଇଥିବା ବିଜେଡି ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅନଙ୍ଗ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ବିଜେଡି ଅବ୍‌ଜରଭର ଭାବେ କାର୍ଯ୍ୟ କରୁଥିବା ଷଡଙ୍ଗୀଙ୍କୁ ପୁଣି ଥରେ ଟିକେଟ ମିଳିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ରାଜ୍ୟ ମହିଳା ବିକାଶ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଅନ୍ୟତମ ଟିକେଟ ଆଶାୟୀ ବୋଲି କୁହାଯାଉଛି। ହେଲେ ସେ ଟିକେଟ ପାଇଁ ଆବେଦନ କରିବେ ନାହିଁ ବୋଲି କହିଛନ୍ତି। ଦଳର ସଭାପତି ଯଦି ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଯୋଗ୍ୟ ଭାବି ଟିକେଟ ଦେବେ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ନବୀନ ଯଦି ଏଥର ମହିଳା କାର୍ଡ ଖେଳନ୍ତି ତାଙ୍କୁ ଟିକେଟ ମିଳିବ ବୋଲି ଆଲୋଚନା ହେଉଛି। ଅନ୍ୟତମ ମହିଳା ସଦସ୍ୟାଭାବେ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ ଓ ତାଙ୍କ ସ୍ୱାମୀ ତଥା କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସରୋଜ ପାଣିଗ୍ରାହୀ ମଧ୍ୟ ଟିକେଟ ଦୌଡରେ ଥିବା କୁହାଯାଉଛି। ଗୋଟିଏ ପରିବାରରୁ ଗୋଟିଏ ଟିକେଟ ନୀତି ଲାଗୁ ହେଲେ ବଲାଙ୍ଗୀର ରାଜପରିବାରରୁ ଜଣେ ସଦସ୍ୟ ବିଜେଡି ଟିକେଟ ପାଇବେ ଓ ଏହା ପ୍ରକାରାନ୍ତରେ ଦଳର ଅନ୍ୟ ଆଶାୟୀଙ୍କ ପାଇଁ ସୁଯୋଗ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଭାଜପାରେ ମଧ୍ୟ ଟିକେଟ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ୨୦୦୯ ଓ ୨୦୧୪ ନିର୍ବାଚନରେ ଦଳ ପକ୍ଷରୁ ଡା ବାସୁଦେବ ପତି ପ୍ରାର୍ଥୀ ହୋଇ ବିଜୟୀ ହୋଇ ନ ଥିଲେ ବି ସମ୍ମାନଜନକ ଭୋଟ ପାଇଥିଲେ। ଏଥର ବି ସେ ଆଶାୟୀ ରହିଛନ୍ତି। ସେ ଦଳୀୟ ଟିକେଟ ପାଇବେ ବୋଲି ସମ୍ପୂର୍ଣ୍ଣ ଆଶାବାଦୀ ଥିବା କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ତାଙ୍କର ସାଙ୍ଗଠନିକ ଦକ୍ଷତା, ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଆଧାରକରି ତାଙ୍କୁ ଟିକେଟ ଦିଆଗଲେ ଭାଜପା ବିଜୟୀ ହେବାର ଅଧିକ ସମ୍ଭାବନା ରହିଥିବା ସେ କହିଛନ୍ତି। ଅନ୍ୟତମ ଟିକେଟ ଆଶାୟୀ ଭାବେ ଗୋପାଳଜୀ ପାଣିଗ୍ରାହୀ ଦୌଡରେ ଅଛନ୍ତି। ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଆନ୍ଦୋଳନରେ ତାଙ୍କର ଭୂମିକା ଓ ସଙ୍ଗଠନ ତାଙ୍କୁ ଦଳୀୟ ଟିକେଟ ପାଇବାରେ ସହାୟକ ହେବ ବୋଲି କହିଛନ୍ତି। ଅନ୍ୟତମ ଆଶାୟୀ ଭାବେ ଅନନ୍ତ ଦାଶ, ପ୍ରଭାସ ପାଣିଗ୍ରାହୀ, ଡା. ଶଶୀଭୂଷଣ ସାହୁ, ଶଶିଭୂଷଣ ପୁରୋହିତ, ପଙ୍କଜିନୀ ପଣ୍ଡା ଦଳୀୟ ଟିକେଟ ପାଇବେ ବୋଲି ଆଶା ରଖି ଲବି କରୁଛନ୍ତି।

କଂଗ୍ରେସ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ରାଜ୍ୟ ରାଜନୀତିରେ ଜଣେ ବରିଷ୍ଠ ରାଜନେତା। ଗତ ୫ ବର୍ଷ ଧରି ବଲାଙ୍ଗୀରରେ ନିଜର ବିକାଶମୂଳକ କାର୍ଯ୍ୟ ପ୍ରତିଷ୍ଠା କରିଥିବାରୁ ସେ ଦଳରୁ ଏକମାତ୍ର ଆଶାୟୀ। ଲୋକେ ଓ ଦଳ ତାଙ୍କୁ ଯେତେଦିନ ଯୋଗ୍ୟ ମନେ କରୁଥିବେ ସେ ପ୍ରାର୍ଥୀ ହେବେ ବୋଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ସଭାରେ ବିଧାୟକ ମିଶ୍ର ନିଜେ ସ୍ପଷ୍ଟ କରି ସାରିଛନ୍ତି। ତାଙ୍କ ବିଧାୟକତ୍ୱ ସମୟରେ ବଲାଙ୍ଗୀରରେ ବିକାଶର ନୂଆ ଧାରା ଆରମ୍ଭ ହୋଇଥିବା ନରସିଂହ ଦାବି କରିଛନ୍ତି। ବହୁପ୍ରତୀକ୍ଷିତ ବଲାଙ୍ଗୀର ସନ୍ଥ ଭୀମ ଭୋଇ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା, ଭୀମଡୁଙ୍ଗୁରୀକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା, ସିଟି ଫରେଷ୍ଟ ପାର୍କ ନିର୍ମାଣ, ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ, ଦେଓଗାଁ କଲେଜରେ ବିଜ୍ଞାନ ବିଭାଗ ଖୋଲିବା, ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ସହ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବିକାଶର ମାପକାଠି ବୋଲି ବିଧାୟକ ମିଶ୍ର କହିଛନ୍ତି।




ମୋଟ ଭୋଟର ସଂଖ୍ୟା ୨,୩୪,୧୯୩
ମହିଳା ଭୋଟର ୧,୧୩,୬୬୬
ପୁରୁଷ ଭୋଟର ୧,୨୦,୫୧୭
ଅନ୍ୟାନ୍ୟ ଭୋଟର ୧୦


ଅର୍କେଶ ସିଂଦେଓ


ନରସିଂହ ମିଶ୍ର


ଡା. ବାସୁଦେବ ପତି

# ଆଶାୟୀ ତାଲିକାରେ କଂଗ୍ରେସ ଆଗରେ

## ନିର୍ବାଚନମଣ୍ଡଳୀର ରୂପରେଖ

ଅନୁଗୋଳ ମ୍ୟୁନିସିପାଲିଟିର ୨୩ ୱାର୍ଡ, ଅନୁଗୋଳ ବ୍ଲକର ୨୫ ପଞ୍ଚାୟତ ଓ ବଣ୍ଟାଁରପାଳ ବ୍ଲକର ୧୭ ପଞ୍ଚାୟତକୁ ନେଇ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଗତ ଜାନୁୟାରୀ ସୁଦ୍ଧା ଏଠାରେ ମୋଟ୍ ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୯ ହଜାର ୧୫୧। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୦ ହଜାର ୨୭୨ ପୁରୁଷ ଓ ୯୮ ହଜାର ୮୭୩ ମହିଳା ଭୋଟର ଅଛନ୍ତି।

ଅମିତ ସାମଲ
ଅନୁଗୋଳ ଅଫିସ, ୩।୩




ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ। ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ। ଜିଲାର ଏହି ଛାମୁଆ ବିଧାନସଭା ଆସନକୁ ଗତ ୧୯ ବର୍ଷ ହେଲା ବିଜେଡି ନିଜ କବ୍‌ଜାରେ ରଖିଆସିଛି। ୨୦୦୦ରେ ବିଜେଡିରୁ ଅଦ୍ୱୈତ ପ୍ରସାଦ ସିଂ ଏଠାରୁ ବିଜୟୀ ହୋଇଥିବା ବେଳେ ୨୦୦୪, ୨୦୦୯ ଓ ୨୦୧୪ ନିର୍ବାଚନରେ ତାଙ୍କ ପୁଅ ତଥା ଜିଲା ବିଜେଡି ସଭାପତି ରଜନୀକାନ୍ତ ସିଂ ଲଗାତାର ଜିତି ଆସୁଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ମଧ୍ୟ ସେ ଏଠାରୁ ଦଳୀୟ ପ୍ରାର୍ଥୀ ହେବେ ବୋଲି ବିଶ୍ୱାସ ରଖିଛନ୍ତି। କିନ୍ତୁ ତାଙ୍କ ବ୍ୟତୀତ ବିଜେଡିରୁ ପ୍ରାର୍ଥୀ ହେବାକୁ ଏକାଧିକ ସ୍ଥାନୀୟ ନେତା ଆଶାୟୀ ଅଛନ୍ତି। ତେବେ ଆଶାୟୀଙ୍କ ତାଲିକାରେ ବିଜେଡି ଓ ଭାଜପାକୁ ପଛକୁ ଠେଲି କଂଗ୍ରେସ ଆଗରେ ରହିଛି। ଦଳର ୬ଜଣ ନେତା ଏଠାରୁ ପ୍ରାର୍ଥୀ ହେବାକୁ ସ୍କ୍ରିନିଂ କମିଟି ନିକଟରେ ଆବେଦନ କରିସାରିଥିବାରୁ କାହାକୁ ଟିକେଟ୍ ମିଳୁଛି ଓ ତିନି ପ୍ରମୁଖ ଦଳ ମଧ୍ୟରୁ ଅନୁଗୋଳ କିଏ ହାତଉଛି ତାହା ହିଁ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି।

ଗତ ୩ଟି ନିର୍ବାଚନରେ ଏଠାରୁ ବିଜୟୀ ହୋଇ ଆସୁଥିବା ବିଜେଡିର ରଜନୀକାନ୍ତ ସିଂ ଥରେ ମନ୍ତ୍ରୀ ପଦ ଅଳଂକୃତ କରିଛନ୍ତି। ହେଲେ ଅନୁଗୋଳ ବିକାଶ ଆଇନାରେ ତାଙ୍କ ଛବି ସେତେଟା ସ୍ପଷ୍ଟ ହେଉ ନ ଥିବାରୁ ଦଳୀୟ କର୍ମୀଙ୍କ ମହଲରେ ତାଙ୍କୁ ନେଇ ସେପରି ସନ୍ତୋଷ ପ୍ରକାଶ ପାଉନାହିଁ। ବିଶେଷକରି ଶିଳ୍ପାନୁଷ୍ଠାନରେ ଭରପୂର ଏହି ନିର୍ବାଚନମଣ୍ଡଳୀର ଯୁବପିଢ଼ିଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ନ ମିଳିବା, ସ୍ୱାସ୍ଥ୍ୟସେବା, ରାସ୍ତା, ପାନୀୟ ଜଳ, ଜଳସେଚନ ଓ ଚାଷୀଙ୍କ ସମସ୍ୟା ଆଦିର ସମାଧାନ ଦୀର୍ଘ ୧୫ ବର୍ଷ ମଧ୍ୟରେ କରି ନ ପାରିବା ବିଧାୟକଙ୍କ ଲୋକପ୍ରିୟତାକୁ ହ୍ରାସ କରିଛି। ଅନୁଗୋଳ ଓ ବଣ୍ଟାଁରପାଳ ଦୁଇଟି ବ୍ଲକର ଲୋକମାନେ ତାଙ୍କ ବିରୋଧରେ ମାଳ ମାଳ ଅଭିଯୋଗ ଗୁଛି ରଖିଛନ୍ତି। କେତେଜଣ ଲିଫ୍‌ଲେଟ୍ ବାଣ୍ଟି ତାଙ୍କୁ ବିକାଶ କାର୍ଯ୍ୟର ହିସାବ ମାଗିଥିବା ଦେଖିବାକୁ ମିଳିଛି। ତେଣୁ ଆସନ୍ତା ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ୍ ଦେବ କି ନାହିଁ ତାହାକୁ ନେଇ କର୍ମୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରି ସ୍ଥିତିରେ ଅନୁଗୋଳ ବିଜେଡିର ଦୁଇ ବରିଷ୍ଠ ନେତା ପୂର୍ବତନ ନଗରପାଳ (ଏନ୍‌ଏସି) ଭକ୍ତିପ୍ରସାଦ ଦାସ ଓ ତାମଡା (ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ) ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ନାମ ଚର୍ଚ୍ଚାକୁ ଆସିଛି। ଏମାନଙ୍କ ବ୍ୟତୀତ ନବୀନଙ୍କ ୩୩ ପ୍ରତିଶତ ମହିଳା ଥିଓରି ଭିତରେ ଅନୁଗୋଳ ପଡ଼ିପାରେ ବୋଲି ମଧ୍ୟ ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ବିଧାୟକ ସିଂ କିନ୍ତୁ ଟିକେଟ୍ ପାଇବା ନିଶ୍ଚିତ ବୋଲି କହିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିବାରୁ ଦଳୀୟ ଟିକେଟ ନ ପାଇବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ସେହିପରି ଭକ୍ତିପ୍ରସାଦ ଦାସ କହିଛନ୍ତି, ଦଳର ସୁପ୍ରିମୋ ଯଦି ମୋତେ ଉପଯୁକ୍ତ ଭାବିବେ ତା'ହେଲେ ନିର୍ବାଚନ ମଇଦାନକୁ ଓହ୍ଲାଇବି। ଟିକେଟ ନ ମିଳିଲେ ବର୍ତ୍ତମାନ ପରି ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିବି। ଶକ୍ତିପ୍ରସାଦ ପଟ୍ଟନାୟକ କହିଛନ୍ତି, ଦୀର୍ଘବର୍ଷ ହେଲା ଦଳର ସାଙ୍ଗଠନିକ କାର୍ଯ୍ୟରେ ନିୟୋଜିତ ଥିବାରୁ ଟିକେଟ୍ ମିଳିବା ଆଶା ରଖିଛି। ତାହା ନ ମିଳିଲେ ବି ଦଳ କିପରି ନିର୍ବାଚନମଣ୍ଡଳୀରେ ଉନ୍ନତ ପ୍ରଦର୍ଶନ କରିବ ସେଥିପ୍ରତି ଦୃଷ୍ଟି ଦେବି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରଜନୀକାନ୍ତ ସିଂ | ୭୨୩୭୯ |
| କଂଗ୍ରେସ | ପ୍ରତାପ ଚନ୍ଦ୍ର ପ୍ରଧାନ | ୫୨୦୩୬ |
| ଭାଜପା | ମୀନକେତନ ଅମାନ୍ତ | ୧୯୯୪୮ |


ଅନ୍ୟପକ୍ଷରେ ଅନୁଗୋଳ ଆସନ ଦଖଲ ପାଇଁ ଲକ୍ଷ୍ୟ ରଖିଥିବା ଭାଜପାରେ ମଧ୍ୟ ଏକାଧିକ ଆଶାୟୀ ଅଛନ୍ତି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ପ୍ରତାପ ଚନ୍ଦ୍ର ପ୍ରଧାନ ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏବେ ସେ ଭାଜପାରେ ଥିବାରୁ ଦଳୀୟ ଟିକେଟ୍ ପାଇଁ ଲବି ଚଳାଇଛନ୍ତି। ସେହିପରି ମୀନକେତନ ଅମାନ୍ତ ଓ ଦିଲୀପ ପ୍ରଧାନ ମଧ୍ୟ ଟିକେଟ ପାଇଁ ଆଶା ବାନ୍ଧିଛନ୍ତି। ପ୍ରତାପ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଗ୍ରୀନ୍ ସିଗ୍‌ନାଲ ଦେଇଛନ୍ତି। ତେଣୁ ଟିକେଟ୍ ନେଇ ନିଶ୍ଚିତ ରହିଛି। ମୀନକେତନ କହିଛନ୍ତି, ଦଳରେ ୩୦ ବର୍ଷ ହେଲା କାର୍ଯ୍ୟ କରୁଛି। ଦୁଇ ଥର ଦଳୀୟ ଟିକେଟରୁ ପ୍ରତିଦ୍ୱନ୍ଦ୍ୱିତା କରିଛି। ଶୃଙ୍ଖଳିତ କର୍ମୀ ହୋଇଥିବାରୁ ଟିକେଟ୍ ମିଳିବ ବୋଲି ଆଶା ରଖିଛି। ଦିଲୀପ କହିଛନ୍ତି, ଯେଉଁ ସମୟରେ ଏଠାରେ ଦଳର ସ୍ଥିତି ନ ଥିଲା ସେତେବେଳେ ସଙ୍ଗଠନ ସମ୍ଭାଳିଥିଲି। ତେଣୁ ଟିକେଟ୍ ପାଇଁ ହକ୍‌ଦାର ବୋଲି ସେ କହିଛନ୍ତି। ଟିକେଟ୍ ଆଶାୟୀଙ୍କ ଦୌଡ଼ରେ କଂଗ୍ରେସ ଅନୁଗୋଳରେ ସବୁଠାରେ ଆଗରେ ରହିଛି। କାରଣ ସ୍କ୍ରିନିଂ କମିଟି ନିକଟରେ ଏଠାକାର ୬ ଜଣ ନେତା ବିପ୍ଳବ ଜେନା, ଅମ୍ବିକା ଭଞ୍ଜ, ସୁକାନ୍ତି ଦାଶ, ଜିତେନ୍ଦ୍ର ସାହୁ, ବେଣୁଧର ସାହୁ ଓ ଜୟନ୍ତ କୁମାର ସାହୁ ଆବେଦନପତ୍ର ଦାଖଲ କରିଛନ୍ତି। ବିପ୍ଳବ କହିଛନ୍ତି, ଦଳ ଯାହାକୁ ପ୍ରାର୍ଥୀ କରିବ ଅନ୍ୟମାନେ ତାଙ୍କୁ ସହଯୋଗ କରିବେ। ଅମ୍ବିକା ଭଞ୍ଜ କହିଛନ୍ତି, ଦଳୀୟ ଟିକେଟ ପାଇଁ ଆଶାବାଦୀ ଅଛି। ଏ ନେଇ ଜୋରଦାର ଲବି ଆରମ୍ଭ କରିଛି। ସୁକାନ୍ତି ଦାଶ କହିଛନ୍ତି, ଟିକେଟ ପାଇଁ ଆଶା ରଖିଛି। ମହିଳା ହୋଇଥିବାରୁ ଟିକେଟ ମିଳିବା ସୁନିଶ୍ଚିତ। ଜିତେନ୍ଦ୍ର ସାହୁ କହିଛନ୍ତି, ଦଳ ଟିକେଟ ଦେବ ବୋଲି ଦୃଢ଼ ଆଶା ବାନ୍ଧିଛି। ଯଦି ନ ମିଳେ ଦଳ ବିରୋଧୀ କାର୍ଯ୍ୟ କରିବି ନାହିଁ। ବେଣୁଧର ସାହୁ କହିଛନ୍ତି, ଗତ ୩ଟି ନିର୍ବାଚନରେ ଦଳୀୟ ଟିକେଟ ପାଇଁ ଆବେଦନ କରିଆସୁଛି। ତେଣୁ ଏଥର ଟିକେଟ ମିଳିବ ବୋଲି ଆଶା ରଖିଛି।


ରଜନୀକାନ୍ତ ସିଂ


ପ୍ରତାପ ଚନ୍ଦ୍ର ପ୍ରଧାନ


ବିପ୍ଳବ ଜେନା


ଶକ୍ତିପ୍ରସାଦ ପଟ୍ଟନାୟକ


ଭକ୍ତିପ୍ରସାଦ ଦାସ

## ସଂକ୍ଷେପରେ

### ମଦ ଜବତ, ୪ ଗିରଫ

ବଅଁରପାଳ, ୩।୩ (ଡି.ଏନ୍.ଏ.)- ବଅଁରପାଳ ଥାନା ଫୁଲପଡ଼ା ଅଞ୍ଚଳରୁ ପୋଲିସ ୨ ବସ୍ତା ପାଉଚ ମଦ ସହିତ ୨୦ରୁ ଊର୍ଦ୍ଧ୍ୱ ବୋତଲ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସଞ୍ଜୟ୍ ସିଂ, ଜନାର୍ଦ୍ଦନ ରାୟ, ତଳମୂଳର ମହେନ୍ଦ୍ର ମହାଲିକ ଓ ସାନ୍ତରାପୁର ଗ୍ରାମର ସରୋଜ ସାହୁଙ୍କୁ ଗିରଫ କରାଯାଇଛି। ସଞ୍ଜୟ୍ ସିଂ ଓ ଜନାର୍ଦ୍ଦନ ରାୟ ୨ ବସ୍ତା ପାଉଚ ମଦ ନେଇ ଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସେହିପରି ଅନ୍ୟ ଦୁଇଜଣଙ୍କ ଠାରୁ ମଧ ପାଉଚ ଓ ବିଦେଶୀ ମଦ ଜବତ କରାଯାଇଛି। ପୋଲିସ ଏ ନେଇ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ତାଳଚେର ବିଜୁଳି ଉପଭୋକ୍ତା ମଞ୍ଚ ଗଠିତ

ତାଳଚେର,୩।୩(ନି.ପ୍ର)- ତାଳଚେରରେ ରହିଥିବା ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ପ୍ରତିଟି କ୍ଷେତ୍ରରେ ସାହାଯ୍ୟ କରିବାସହ ଏ କ୍ଷେତ୍ରରେ ସେମାନେ ଦୀର୍ଘ ବର୍ଷ ଧରି ସମ୍ମୁଖୀନ ହୋଇ ଆସୁଥିବା ବିଭିନ୍ନ ସମସ୍ୟାର ମୁକାବିଲା କରିବା ପାଇଁ ଗଠିତ ହୋଇଛି ତାଳଚେର ବିଜୁଳି ଉପଭୋକ୍ତା ମଞ୍ଚ। ରବିବାର ମଞ୍ଚ ସଭାପତି ଇଂ ବିଷ୍ଣୁମୋହନ ରଥ ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତାଳଚେର ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଦ୍ୟୁତ ଉତ୍ପାଦନକାରୀ କେନ୍ଦ୍ର ଏଠାରେ ରହିଥିଲେ ମଧ ସାମାନ୍ୟ ପବନ ହେଲେ ବିଦ୍ୟୁତ୍ କାଟ ହେଉଛି। ଫଳରେ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସଭାପତି ରଥ ପ୍ରକାଶ କରିଥିଲେ। ସେହିପରି ତାଳଚେର ନିର୍ବାଚନ ମଣ୍ଡଳୀ ଅଧୀନରେ ବାସ କରୁଥିବା ପରିବାରଗୁଡ଼ିକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ କରିବା, ଲୋ ଭୋଲଟେଜ ସମସ୍ୟାର ସମାଧାନ କରାଯିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭାଗୀରଥି ସାହୁ, ଉପଦେଷ୍ଟା ଜୟନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଜୀବନଜ୍ୟୋତି ଗଡ଼ନାୟକ, ହେମନ୍ତ କୁମାର ଦେହୁରି, ଶ୍ରବଣ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଗୋଷ୍ଠୀ ମଧ୍ୟରେ ମାରପିଟ

ବିରଜାକ୍ଷେତ୍ର,୩।୩(ଡି.ଏନ୍.ଏ) ନିର୍ବାଚନ ଯେତେ ପାଖେଇ ଆସୁଛି କଂଗ୍ରେସ ଦଳ ମଧ୍ୟରେ କନ୍ଦଳ ସେତେ ବଢୁଛି। ରବିବାର ଦଶରଥପୁର ବ୍ଲକ ଗସ୍ତରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆସିଥିବାବେଳେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ନେଇ କଂଗ୍ରେସର ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ପଟ୍ଟନାୟକଙ୍କୁ ଯାଜପୁର ଟାଉନରୁ ଏକ ରାଲିରେ ଦଶରଥପୁର ପର୍ଯ୍ୟନ୍ତ ଦଳର ବହୁ ନେତା, କର୍ମୀ ସାଙ୍ଗରେ ନେଇଯାଉଥିଲେ। ଯାଜପୁର ବିଧାନସଭା ଆସନର ସମ୍ଭାବ୍ୟ ଆଶାୟୀ ପ୍ରାର୍ଥୀ ଏଆଇସିସି ସଭ୍ୟ ଯୁବନେତା ପୁଲିନ ପ୍ରକାଶ ପୁହାଣଙ୍କ ନେତୃତ୍ୱରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଯୁବ କଂଗ୍ରେସ କର୍ମୀ ଏକଜୁଟ୍ ହୋଇ ରାମବାଗଠାରେ ଅପେକ୍ଷା କରିଥିଲେ। ପିସିସି ସଭାପତିଙ୍କ ଗାଡ଼ି ଆସିବା ପରେ ପୁହାଣଙ୍କ ନେତୃତ୍ୱରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପଟ୍ଟନାୟକଙ୍କ ଗାଡ଼ି ଚାଲିଯିବା ପରେ ତାଙ୍କ ପଛରେ ଥିବା ଦଳର ଅନ୍ୟତମ ଆଶାୟୀ ପ୍ରାର୍ଥୀ ବଳଭଦ୍ର ଦାସଙ୍କୁ ନେଇ ଯାଉଥିବା ଜଣେ କର୍ମୀ ଓ ପୁହାଣଙ୍କ କର୍ମୀଙ୍କ ମଧ୍ୟରେ କୌଣସି କାରଣବଶତଃ ଯୁକ୍ତିତର୍କ ହେବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାରପିଟ ହୋଇଥିଲା। ଏହି ସମୟରେ ବଳଭଦ୍ରଙ୍କ ପୋଷାକକୁ କେହି ଚିରି ଦେଇଥିଲେ। ପୁହାଣଙ୍କ ଇଙ୍ଗିତରେ ଏଭଳି କରାଯାଇଛି ବୋଲି ଦାସ ଅଭିଯୋଗ କରିଥିଲେ। ଗଣ୍ଡଗୋଳ ସମୟରେ ପୁହାଣ ସେଠାରେ ନ ଥିବା ବହୁ କର୍ମୀ ପ୍ରକାଶ କରିଛନ୍ତି। ଏହି ସମୟରେ ପିସିସି ସଭାପତି ତାଙ୍କ କାର୍ଯ୍ୟକ୍ରମରେ ଚାଲିଯାଇଥିଲେ। ଗଣ୍ଡଗୋଳ ସମ୍ପର୍କରେ ପୁଲିନଙ୍କୁ ପଚାରିବାରେ, ତାଙ୍କ ଟିକେଟ୍ ପାଇବା ଏକପ୍ରକାର ନିଶ୍ଚିତ ବୋଲି ଜାଣିବା ପରେ ଯାଜପୁରର କିଛି କୁଚକ୍ରୀ କଂଗ୍ରେସ ନେତା ତାଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି ବୋଲି କହିଛନ୍ତି। ଗଣ୍ଡଗୋଳ ସ୍ଥାନରେ ସେ ନ ଥିବାବେଳେ ତାଙ୍କୁ ଅଯଥାରେ ବଦନାମ କରାଯିବାକୁ ଷଡ଼ଯନ୍ତ୍ର କରାଯାଇଛି ବୋଲି କହିଛନ୍ତି। ଏ ବିଷୟରେ ରାଜ୍ୟ କଂଗ୍ରେସର ପଦ୍ମାକର ଗୁରୁ କହିଛନ୍ତି, ବିଶୃଙ୍ଖଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନିଆଁ ଦ୍ୱାରା ବନ୍ୟପ୍ରାଣୀ ବଂଶ ଲୋପ ପାଇବ



ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନ କର୍ମଚାରୀ ଓ ଅନ୍ୟମାନେ।

ବଇଣ୍ଡା,୩।୩(ଡି.ଏନ.ଏ.)

ଅନେକ ଜଙ୍ଗଲ ବର୍ତ୍ତମାନ ସୁରକ୍ଷିତ ନାହିଁ। ପ୍ରତ୍ୟେକ ବର୍ଷ ସେଥିରେ ନିଆଁ ଲାଗିଯିବା ଯୋଗୁ ସେଗୁଡ଼ିକ ଧୀରେ ଧୀରେ ଲୋପ ପାଇଯାଉଛି। ଜନ ସାଧାରଣଙ୍କୁ ଯେତେ ସଚେତନ କରାଇଲେ ମଧ ସେଥିପ୍ରତି କାହାରି ନଜର ପଡୁନାହିଁ। ନିଜର ସ୍ୱାର୍ଥ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲରେ ଥିବା ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏପରି କି ବନ୍ୟପ୍ରାଣୀ ମୃତ୍ୟୁବରଣ କରୁଥିବାବେଳେ କେତେକ ଗ୍ରାମାଭିମୁଖୀ ହେଉଛନ୍ତି। ଏଥିଯୋଗୁ ମଣିଷ ବନ୍ୟଜନ୍ତୁ ଲଢେଇ ହେଉଛି। ନିଆଁ ଦ୍ୱାରା ବନ୍ୟପ୍ରାଣୀ ବଂଶ ଲୋପ ପାଇଯିବ ବୋଲି ରବିବାର କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ପଥରଗଡ଼ ଗ୍ରାମରେ ବାମୁର ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାମୁର ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡବ୍ଲ୍ୟୁଡିଓ ଦିଲୀପ କୁମାର ମିଶ୍ର, ଫରେଷ୍ଟର ଜୟନ୍ତ କୁମାର ଦାସ, ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗଦେଇ କିଭଳି ଜଙ୍ଗଲକୁ ସୁରକ୍ଷିତ ରଖାଯାଇପାରିବ ସେ ନେଇ ପରାମର୍ଶ ଦିଆଯାଇଥିଲା। ଏଥିରେ ବନବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

### ଭଉଣୀ ଘରେ ଆତ୍ମହତ୍ୟା

ବସ୍ତା, ୩।୩(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀ ଗ୍ରାମସ୍ଥିତ ଭଉଣୀ ଘରକୁ ବୁଲିବାକୁ ଆସି ପୁଷ୍ପାଞ୍ଜଳି ରାଉତ (୧୯) ନାମ୍ନୀ ଯୁବତୀ ଫାଶୀଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ରାସଗୋବିନ୍ଦପୁର ଥାନା ପାଇକସାହି ଗ୍ରାମରେ। ଶନିବାର ରାତିରେ ପରିବାରର ସମସ୍ତ ଲୋକ ଖାଇ ଶୋଇବା ପରେ ପୁଷ୍ପାଞ୍ଜଳି ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫୯/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ଆତ୍ମହତ୍ୟାର ଠିକ୍ କାରଣ ଜଣାପଡିନାହିଁ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୩।୩(ଡି.ଏନ୍.ଏ.)

ବିଶୋଇ ଥାନା ଯୁଡ଼ିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଯୁଡ଼ିଆ ଗ୍ରାମର ଗୋପୀନାଥ ସୋରେନ(୧୮)ଙ୍କ ମୃତଦେହ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ଗୋପୀନାଥ ନିଖୋଜ ଥିଲେ। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବୈଜ୍ଞାନିକଙ୍କ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ, ୩।୩

ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ତଥା କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଯୋଜନା ଆଧାରରେ 'ବୈଜ୍ଞାନିକ ଦୃଷ୍ଟିକୋଣରେ ବିକାଶ' ଶୀର୍ଷକ କର୍ମଶାଳା ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ବିଶ୍ୱାଳ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗନ୍ଧର୍ବ ଜେନା ଉପସ୍ଥିତ ରହି ଭାରତୀୟ ବୈଜ୍ଞାନିକଙ୍କ ଉଦ୍ଭାବନ ତଥା ଆମ ସଂସ୍କୃତିରେ ବିଜ୍ଞାନ କିପରି ଶ୍ରେଷ୍ଠ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଷଷ୍ଠ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ନେଇ କନ୍ୟା ଓ ବାଲ୍ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗାଚାର୍ଯ୍ୟ ପ୍ରଭାକର ଦାସ, ବସଲା ଡାକ୍ତରଖାନାର ଡାକ୍ତର ସ୍ୱପ୍ନା ମଲ୍ଲିକ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରାଇଥିଲେ। ପ୍ରଶ୍ନମଞ୍ଚ, ଅନ୍ତାକ୍ଷରୀ, ବକ୍ତୃତା ଓ ମେହେନ୍ଦୀ ପ୍ରତିଯୋଗିତାର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ତପସ୍ୱିନୀ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରାଣୀ ବିଭାଗର ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

କାମାକ୍ଷାନଗର,୩।୩(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମଠକରଗୋଳା ମହାବିଦ୍ୟାଳୟର ପ୍ରାଣୀ ବିଭାଗ ଆନୁକୂଲ୍ୟରେ 'ରକ୍ତ ଏକ ତରଳ ସଂଯୋଜକ ଟିସୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଦ୍ୟାବତୀ ରବିନ୍ଦ୍ରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଅଭିଲିପ୍ସା ମଲିକ ସ୍ୱରଚିତ ପ୍ରବନ୍ଧ ପାଠ କରିବା ସହ ଶିକ୍ଷାର ଗୁଣାତ୍ମକ ମାନ ଉପରେ ଆଲୋଚନା କରିଥିଲେ। ଶ୍ରାବଣୀ ପାଣିଗ୍ରାହୀ, ପ୍ରଭୁଦେବ ଦାସ, ସ୍ୱର୍ଣ୍ଣଲକ୍ଷ୍ମୀ ସ୍ୱାଇଁ, ଶତାବ୍ଦୀ ତନୟା ମହନ୍ତ, ଲକି ପରିଡା ଓ ମନସ୍ୱିନୀ ସାହୁ ପ୍ରମୁଖ ସନ୍ଦର୍ଭ ପାଠ କରି ରକ୍ତର ଗୁଣବତ୍ତା ସମ୍ପର୍କରେ ତଥ୍ୟ ରଖିଥିଲେ। ହୃଷୀକେଶ ସାହୁ, ଉମ୍ବରୁଧର ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଅଭିଲିପ୍ସା ମଲିକ ଧନ୍ୟବାଦ ଦେଇଥିଲେ।

### କୂଅରେ ପଡ଼ିଲା ଭାଲୁ

**■ଉଦ୍ଧାର କଲା ବନବିଭାଗ**

ସଜନାଗଡ଼, ୩।୩(ଡି.ଏନ.ଏ.)

ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତରେ ଶନିବାର ବିଳମ୍ବିତ ରାତିରେ ଏକ ଖୋଲା କୂଅରେ ଭାଲୁ ପଡ଼ିଯାଇଥିଲା। ରବିବାର ସକାଳେ ଭାଲୁର ଗର୍ଜନ ଶୁଣି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ନୀଳଗିରି ବନ ବିଭାଗ ଓ ଅଗ୍ନିଶମ ବିଭାଗ ପହଞ୍ଚି ଭାଲୁକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ୪ଘଣ୍ଟାର ଉଦ୍ୟମ ପରେ ଭାଲୁକୁ କୂଅରୁ ଉଦ୍ଧାର କରାଯାଇଛି। କୂଅ ଚାରିପଟେ ଜାଲ ବିଛାଇ ଏକ ରଶି ସାହାଯ୍ୟରେ ଭାଲୁର ଗୋଡ଼ ବାନ୍ଧି କୂଅ ଭିତରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ବନ ବିଭାଗ ପକ୍ଷରୁ ଭାଲୁକୁ ଯନ୍ତାରେ ନେଇ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ଭାଲୁଟି ପଳାଇ ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ପିତାବଳୀ କପ୍ କ୍ରିକେଟ : ଏନ୍ଆର୍ସିଏ ଚାମ୍ପିୟନ

ବଅଁରପାଳ, ୩।୩ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ କାଣ୍ଡସର ପିତାବଳୀ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଯାଇଛି। ୟୁଥ୍ କ୍ଲବ ତାଳଚେର ଓ କୁଲାଡ଼ ଏନ୍ଆର୍ସିଏ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତାଳଚେର ପ୍ରଥମେ ବ୍ୟାଟିଂ କରି ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ଏନ୍ଆର୍ସିଏ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ମୁଦୁଲି, ସୁନୀଲ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ଅନନ୍ତ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜୟୀ ଦଳର ରାକେଶ କୁମାର ମ୍ୟାନ ଅଫ୍ ଦି ମ୍ୟାଚ ଓ ୱାଲଟର ଟପୋ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ନାଲ୍କୋ କଂଗ୍ରେସ ୟୁନିୟନ କାର୍ଯ୍ୟକାରୀ ସଭାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାଣ୍ଡସର ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି, ସାମାଜିକ କର୍ମୀ ସୁକାନ୍ତ କୁମାର ନାଥ, ସୁନୀଲ ପ୍ରଧାନ, ହୃଦାନନ୍ଦ ମୁଦୁଲି, ଶ୍ରୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ରଞ୍ଜନ କୁମାର ସାହୁ, ପ୍ରକାଶ କୁମାର ମୁଦୁଲି, ଦେବାଶିଷ ବେହେରା, ବିକାଶ ପ୍ରଧାନ ଓ ସରୋଜ ସେଠୀ ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ବ୍ଲକସ୍ତରୀୟ ଉଦ୍ଭାବନ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବଇଣ୍ଡା,୩।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସ୍ଥିତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଉଦ୍ଭାବନ(ବିଜ୍ଞାନ) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ହଣ୍ଡପା କ୍ଲଷ୍ଟର ସିଆରସିସି ହରିହର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁକ୍ରବାର ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରଗଞ୍ଜ କ୍ଲଷ୍ଟର ସିଆରସିସି ବସନ୍ତ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୫୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭବାନୀ ଶଙ୍କର ପ୍ରଧାନ, ଉଦିତ କୁମାର ସାହୁ, ରଞ୍ଜନ କୁମାର ବିଶ୍ୱାଳ ପ୍ରଶିକ୍ଷଣ ଭାବେ ଯୋଗ ଦେଇଥିଲେ।

## ଉଦ୍ଧାର ଶିଶୁପୁତ୍ର ପରିବାରକୁ ହସ୍ତାନ୍ତର

ଯାଜପୁରରୋଡ,୩।୩(ନି.ପ୍ର.)

ରବିବାର ଯାଜପୁରରୋଡ ଥାନା ଅନ୍ତର୍ଗତ ପଦ୍ମପୁର ସବରସାହି ନିକଟରେ ରବିବାର ଭୋରରୁ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ୩ ବର୍ଷର ଶିଶୁ ପୁତ୍ରକୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଶିଶୁପତ୍ରର ଘର କେନ୍ଦୁଝର ଜିଲାରେ। ହେଲେ ସେମାନେ ଯାଜପୁରରୋଡସ୍ଥିତ ଗାୟତ୍ରୀ ବିହାରରେ ରହୁଛନ୍ତି। ପୋଲିସ ତଦନ୍ତ କରି ତାଙ୍କ ଘରର ଠିକଣା ଜାଣିବା ପରେ ବାପା ବସନ୍ତ ମହନ୍ତଙ୍କୁ ଶିଶୁପୁତ୍ରକୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଶିଶୁଟି ଏକ ଚାବି ଧରି ଘରୁ ପଳାଇ ଆସି ରାସ୍ତା ଉପରେ କାନ୍ଦୁଥିଲା। ଏହି ସମୟରେ ପ୍ରାତଃଭ୍ରମଣ କରୁଥିବା ପାତିନ ଖଟୁଆ ନାମକ ଜଣେ ମହିଳା ଜଣକ ଶିଶୁଟି ଏକୁଟିଆ କାନ୍ଦିବା ଦେଖି ତାକୁ ଡାକିଥିଲେ। ହେଲେ କିଛି ସୂଚନା ନ ମିଳିବାରୁ ଶେଷରେ ପୋଲିସକୁ ଜଣାଇଥିଲେ।

## ପ୍ରିୟାପ୍ରୀତିରେ ଚାଲିଛି ଠିକାଦାରି

**■ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ଅଭିଯୋଗ**

**■ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

**■ତୁରନ୍ତ ବଦଳି କରିବାକୁ ଦାବି**

ବିରଜାକ୍ଷେତ୍ର,୩।୩(ଡିଏନ୍ଏ)

ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ଜଣେ ପଦାଧିକାରୀ ବିଭିନ୍ନ ଉପାୟରେ ଦୁର୍ନୀତି କରିବା ଓ ପ୍ରିୟାପ୍ରୀତିରେ ଠିକାଦାରଙ୍କୁ କାର୍ଯ୍ୟ ବାଣ୍ଟିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଯାଜପୁର ସହରର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ରହିଛି। ଏହି ବିଭାଗରେ ଜଣେ ଅଧିକାରୀ ଆଜକୁ ୭ରୁ ଊର୍ଦ୍ଧ୍ୱ ବର୍ଷ ହେବ ସହକାରୀ ନିର୍ବାହୀ ଯନ୍ତ୍ରୀଭାବେ କାର୍ଯ୍ୟରତ। କାର୍ଯ୍ୟରେ ଯୋଗଦାନ ପରଠାରୁ ସେ ପ୍ରିୟାପ୍ରୀତି ତୋଷଣ ଓ ବିଭିନ୍ନ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଆସୁଛି। ଜିଲା ବାହାରର ଠିକାଦାରଙ୍କୁ କାର୍ଯ୍ୟାଦେଶ ଦେବା ନେଇ ଅଭିଯୋଗ ହେଉଛି। ଅନିୟମିତଭାବେ ଟେଣ୍ଡର କରାଯାଇ ଜିଲା ବାହାରର ଓ ନିଜ ବ୍ୟକ୍ତିଗତ ଠିକାଦାରଙ୍କୁ କାର୍ଯ୍ୟଦେଶ ଦେଉଥିବା ଓ ନିମ୍ନମାନର କାମକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଇବା ଦିଗରେ ହୋଇଥିବା ଟେଣ୍ଡରରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୁଏ। ପାନୀୟ ଜଳ ଯୋଗାଣ ପାଇଁ ଟେଣ୍ଡର ନେଇଥିବା ଠିକାଦାର ନିମ୍ନମାନର ପାଇପ ଯୋଗେ ଗ୍ରାମାଞ୍ଚଳକୁ ଜଳ ଯୋଗାଇ ଦେଉଥିବାରୁ ତାହା ଖୁବ୍ କମ୍ ଦିନ ଭିତରେ ନଷ୍ଟ ହୋଇଯାଉଛି। ଉନ୍ନତମାନର କାର୍ଯ୍ୟ କରୁଥିବା ଓ ବିଭାଗରେ ନାମ ଥିବା ଠିକାଦାରଙ୍କୁ କାର୍ଯ୍ୟରୁ ଅନ୍ତର ରଖାଯାଉଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଠିକାଦାରୀ ନେଇଥିବା ଠିକାଦାର ଟ୍ୟୁବୱେଲ କାର୍ଯ୍ୟ ସାରିଥିଲେ ମଧ ତାଙ୍କର ବିଲ୍ କରାଯାଉ ନାହିଁ। ବିଲ୍ ପାଉ ନ ଥିବାରୁ ଠିକାଦାର ଏନେଇ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଠିକାଦାର ବିଲ୍ ପାଇଁ ଅଭିଯୋଗ କଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ନାଲିଆଖି ଦେଖାଉଥିବା ଶୁଣିବାକୁ ମିଳିଛି। ଏପରିକି ଅଭିଯୋଗ କରିଥିବା ଠିକାଦାରଙ୍କ ବିଲ୍ ବନ୍ଦ କରିବା ସହ ଯେଉଁଠି ଅଭିଯୋଗ କଲେ ବି ମୋର କେହି କିଛି କରିପାରିବେ ନାହିଁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କୁ ତାଗିଦ୍ କରୁଛନ୍ତି। ଏପରିକି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ବଡ଼ ବଡ଼ ଟେଣ୍ଡରରେ ଅନିୟମିତତା କରାଯାଇ ରାଜନୈତିକ ପ୍ରଭାବରେ ଠିକାଦାରଙ୍କୁ ସୁଯୋଗ ଦିଆଯାଉଥିବା ଅଭିଯୋଗ ହେଉଛି। ଯାଜପୁର ସହରର ଜଣେ ଠିକାଦାରଙ୍କୁ ଅଫିସ୍ କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟକୁ ବିନା ଟେଣ୍ଡରରେ ଦେଉଥିବା ଅଭିଯୋଗ ହେଉଛି। ବିନା ଟେଣ୍ଡରରେ କାର୍ଯ୍ୟ କରୁଥିବା ଠିକାଦାରଙ୍କ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଗତ ବୁଧବାର ଚଢ଼ାଉ କରିଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ମନମୁଖୀ ଶାସନ କରିବା, ପ୍ରିୟାପ୍ରୀତି ତୋଷଣ, ବେନିୟମଭାବେ କାର୍ଯ୍ୟାଦେଶ ଦେବା ଓ ବହୁଦିନ ଧରି ରହିବାରୁ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବାରୁ ଯାଜପୁର ବ୍ଲକ ବିଚିତ୍ରପୁର ଗ୍ରାମର ଜନସାଧାରଣ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ, ଅଭିଯୋଗ ବିଷୟରେ ଅବଗତ ନାହିଁ। ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ନନ୍ଦିପଦା ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ହାଟଡ଼ିହୀ, ୩। ୩ (ଡି.ଏନ.ଏ.):** ନନ୍ଦିପଦା ଥାନା ଅଧିକାରୀ ଭାବେ ମାନସ କୁମାର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘଦିନ ହେବ ଥାନା ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଆଗକୁ ନିର୍ବାଚନ ଆସୁଥିବାବେଳେ ବିଭିନ୍ନ ଦୃଷ୍ଟି କୋଣରୁ ମାନସଙ୍କୁ ଦାୟିତ୍ୱ ଦିଆଯାଇଛି। ମାନସ ପୂର୍ବରୁ ରାଉରକେଲାରେ ନିୟୋଜିତ ଥିଲେ। ଜଣେ ଦକ୍ଷ ଅଧିକାରୀ ଭାବେ ତାଙ୍କର ନାମ ରହିଥିବା କୁହାଯାଉଛି।

### ଗୃହରକ୍ଷୀଙ୍କ ମୃତ୍ୟୁ

**ହାଟଡ଼ିହୀ, ୩।୩ (ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ମରେିଗାଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଗୃହରକ୍ଷୀ ଆଦିକନ୍ଦ ଯେନା (୪୮)ଙ୍କ ମୃତ୍ୟୁ ଘଟିଛି। ଗୃହରକ୍ଷୀ ଯେନା ନନ୍ଦିପଦା ଥାନାରେ କାର୍ଯ୍ୟରତ ଥିଲେ। ମୃତଦେହ ନନ୍ଦିପଦା ଥାନାକୁ ଅଣାଯାଇଥିଲା। ଥାନା ଅଧିକାରୀ ମାନସ କୁମାର ସ୍ୱାଇଁ, ଏସଆଇ ଅନୁପ କୁମାର କର, ଅନୁପ କୁମାର ସାମଲ, ଏଏସଆଇ ଡମ୍ବରୁଧର ମହାନ୍ତ ଓ ସନାତନ ମହାରଣା, ଥାନାର ଅନ୍ୟ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଆଦିକନ୍ଦଙ୍କ ଶେଷ ଦର୍ଶନ କରିଥିଲେ।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଆନନ୍ଦପୁର, ୩।୩(ସ୍ୱ.ପ୍ର.):** ଆନନ୍ଦପୁର ତହସିଲ ଅଧୀନ କାଠକଟା ନିକଟରୁ ରବିବାର ୨ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। କଣ୍ଟିପାଳ ଆରଆଇ ସର୍କଲ ଅଧୀନ ଏକ ସ୍ଥାନରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇଁ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଅଚାନକ ଚଢ଼ାଉ କରିଥିଲେ। ଜବତ ୨ ଟ୍ରାକ୍ଟର ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଭିନ୍ନ ସମୟରେ ଆନନ୍ଦପୁର ଅଞ୍ଚଳରେ ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ହେଉଛି।

### ଭାଜପାର ସଂକଳ୍ପ ଶୋଭାଯାତ୍ରା



**ଆନନ୍ଦପୁର, ୩।୩(ସ୍ୱ.ପ୍ର.):** ଆଗାମୀ ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ଆନନ୍ଦପୁର ଭାଜପା ପକ୍ଷରୁ ସଂକଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ବହୁ ବାଇକ୍ ସାମିଲ ହୋଇଥିଲା। ଭାଜପା କର୍ମୀଙ୍କ ଆନନ୍ଦପୁର ବ୍ରିଜଛକଠାରୁ ବାଇକ୍ ଶୋଭାଯାତ୍ରା ବାହାରି ଶାଳପଡ଼ା, ଘସିପୁରା, ଶୈଳଙ୍ଗ, ଜଅଁରା, ଆନନ୍ଦପୁର ପଦ୍ମପୁର ଆଦି ସ୍ଥାନ ପରିଭ୍ରମଣ କରିଥିଲା। ଏହି ଅବସରରେ ଭାଜପା କର୍ମୀ ଅବ୍ କି ବାର୍ ମୋଦି ସରକାର ନାରା ବାଜି କରି ଅଞ୍ଚଳ ପରିକ୍ରମା କରିଥିଲେ। ଏଥିରେ ଆନନ୍ଦପୁର ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁବ୍ରତ ମହାନ୍ତି, ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ, ଜିଲା ସଭାନେତ୍ରୀ ସୁମତୀ ଯେନା, ଜିଲା ହରିଜନ ମୋର୍ଚ୍ଚା ସଭାପତି ହେମନ୍ତ ଯେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ସାହୁ, ଯୁବମୋର୍ଚ୍ଚା ସଭାପତି ଆଶିଷ ବେହେରା, ଆନନ୍ଦପୁର ନଗରମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ର ପ୍ରମୁଖଙ୍କ କର୍ମୀ ସାମିଲ ହୋଇଥିଲେ।

# ଅଦରକାରୀ ସାମଗ୍ରୀରୁ ରୋଜଗାର

**ହାଟଡ଼ିହୀ, ୩।୩(ଡି.ଏନ.ଏ.)**



ଶିକ୍ଷକ ନିରାକାର ଜେନା।



ତିଆରି ହୋଇଥିବା ଘରକରଣା।

- ଗଢ଼ା ହୋଇଛି ଆକର୍ଷଣୀୟ ଘରକରଣା
- ଉଦାହରଣ ସୃଷ୍ଟି କରିଛନ୍ତି ଶିକ୍ଷକ

ଅଦରକାରୀ ସାମଗ୍ରୀରୁ ଆକର୍ଷଣୀୟ ଘରକରଣା ତିଆରି କରି ଜଣେ ଶିକ୍ଷକ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏଥିରେ ଛାତ୍ରୀଛାତ୍ରଙ୍କୁ ସାମିଲ କରି ନିଜର ଦକ୍ଷତା ପରିପ୍ରକାଶ କରିଛନ୍ତି। ଏକ ପ୍ରକୋଷ୍ଠ ଶାଳା ମଧ୍ୟ ସୃଷ୍ଟିକରି ପରିବେଶ ସନ୍ତୁଳନ ରକ୍ଷା କରିଛନ୍ତି। ଏଭଳି ଶିକ୍ଷକ ହେଲେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପନ୍ଦାଡ଼ୋ ୟୁଜି ୟୁପି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରାକାର ଜେନା। ବିଦ୍ୟାଳୟ ପରିସର ଓ ରାସ୍ତାରେ ପଡ଼ିଥିବା ପ୍ଲାଷ୍ଟିକ ଓ କାଚ ବୋତଲ, ଥଣ୍ଡା ବୋତଲର ଠିପି, ସୋଲ ଠୁଙ୍ଗି, ଚଢ଼େଇଙ୍କ ପର, ଜରି, ପ୍ଲାଷ୍ଟିକ ଚାମଚ, ଅଣ୍ଡା ଖୋଳ, ମୋଟର ସାଇକେଲ ଫିଲଟର, ଇତ୍ୟାଦି ଜିନିଷକୁ ନିଜ ମାନସପଟରେ ରଖି ବିଭିନ୍ନ ଘରକରଣା ତିଆରି କରିଛନ୍ତି। ଥଣ୍ଡା ବୋତଲର ଠିପିକୁ ରଙ୍ଗ ବେରଙ୍ଗ କରି ଗଣନ ପ୍ରକ୍ରିୟା, ମୋଟର ସାଇକେଲରୁ ବାହାରୁଥିବା ନଷ୍ଟ ଫିଲଟରକୁ ପେନ ଷ୍ଟାଣ୍ଡ, ଫୁଲଦାନୀ ତିଆରି କରିପାରିଛନ୍ତି। ନଷ୍ଟ ପ୍ଲାଷ୍ଟିକ ପାଇପରେ ଛାତ୍ରୀଛାତ୍ରଙ୍କ ପାଇଁ ମିଶାଣ ଯନ୍ତ୍ର ତିଆରି ହୋଇଛି। ନଷ୍ଟ ଷ୍ଟିଲ ପାଇପ ଓ ଲୁହାରେ ଛାତ୍ର ସୁରକ୍ଷା କବଜ ତିଆରି, ଅଣ୍ଡା ଖୋଳ ଚୋପାରେ ୱାଲ ହେଙ୍ଗିଙ୍ଗ ଏବଂ ୱାଲ ଚାନ୍ଦୁଆ ହୋଇଛି। ବିଭିନ୍ନ ଅଦରକାରୀ ବୋତଲରେ ପଡ଼ିଥିବା ଜରିକୁ କାଠି ପକ୍ଷୀର ପର ଭଳି କରି ରଙ୍ଗ ବେରଙ୍ଗ କରାଯାଇ ଆକର୍ଷଣ କରିବା, ସୌରଶକ୍ତିର ସୁବିନିଯୋଗ ଇତ୍ୟାଦି ନିର୍ମାଣ କରାଯାଇ ସୌନ୍ଦର୍ଯ୍ୟ ସୃଷ୍ଟି କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ନେଇ ଅନ୍ତର୍ନିହିତ ଦକ୍ଷତାର ପରି ପ୍ରକାଶ କରିଛନ୍ତି ଶିକ୍ଷକ।

ଅଦରକାରୀ ଓ ନଷ୍ଟ ହୋଇ ପଡ଼ିଥିବା ଜିନିଷକୁ ଠୋଳାଇ ତାକୁ ନିଜର ବୁଦ୍ଧି ବଳରେ ରଙ୍ଗ ବେରଙ୍ଗ ଦେଇ ବିକ୍ରି କରି ରୋଜଗାର କରିବାର ଦକ୍ଷତା ସୃଷ୍ଟି କରିଛନ୍ତି। ପରିବେଶ ସନ୍ତୁଳନ ରକ୍ଷା କରୁଥିବାରୁ ଏହା ଅନ୍ୟ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏ ନେଇ ପ୍ରଧାନଶିକ୍ଷକ କୁହନ୍ତି ଯେ, ଶିକ୍ଷା ସହିତ ଅବର୍ଜନା ଜିନିଷରୁ ନୂତନତ୍ୱ ସୃଷ୍ଟି କରି ସାମଗ୍ରୀ ତିଆରି କରିବା ସମୟରେ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରି ଆଗାମୀ ଭବିଷ୍ୟତ ସେମାନଙ୍କ ପାଇଁ ରୋଜଗାରର ବାଟ ଫିଟାଉଛି। ବେକାରି ସମସ୍ୟା ଓ ପରିବେଶ ସନ୍ତୁଳନ ରକ୍ଷାରେ ଆଗାମୀ ଦିନରେ ସହାୟକ ହେବ ବୋଲି ସେ କହିଛନ୍ତି।

## ମଦ କାରବାର ବଢ଼ୁଛି, ନୀରବ ପ୍ରଶାସନ

**ତେଲକୋଇ, ୩।୩(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଞ୍ଚଳରେ ଦେଶୀ ମହୁଲି ଓ ନକଲି ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନି। ଗତ ଫେବୃୟାରୀ ୧୮ରେ ଜିଲାପାଳଙ୍କ ଜନସମ୍ପର୍କ ଶିବିରରେ ଲୋକେ ଅଭିଯୋଗ କରିଥିଲେ। ଢେଙ୍କାନାଳର ଆମ୍ବପଳାଶ ଅଞ୍ଚଳରୁ ନକଲି ବିଦେଶୀ ମଦ ତେଲକୋଇ ଅଞ୍ଚଳକୁ ଆସୁଥିବା ଲୋକେ କହୁଛନ୍ତି। ପୋଲିସ ବିଭାଗର ଜାଣତରେ ମଦ କାରବାର ହେଉଥିବା ଚର୍ଚ୍ଚା ହେଉଛି। ତେଲକୋଇ ରାସ୍ତା କଡ଼ରେ ଥିବା ବିଦେଶୀ ମଦ ଦୋକାନକୁ ହଟାଯିବା ପାଇଁ ବାରମ୍ବାର ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏ ନେଇ ଆଗାମୀ ଦିନରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ କରି ବିଦେଶୀ ମଦ ଦୋକାନକୁ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଆଇଆଇସି ପଦ୍ମାସିନୀ ମେହେରଙ୍କୁ ପଚାରିବାରୁ ଏଥିପ୍ରତି ପଦକ୍ଷେପ ନିଆଯିବ। ପୋଲିସ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

■ ଫୁଟବଲ ଟୁର୍ନାମେଣ୍ଟ

## ଡାଇମଣ୍ଡ କ୍ଲବ ଚାମ୍ପିୟନ

**ବଡ଼ବିଲ, ୩।୩(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ବିକାଶ ମହଲ ପଡ଼ିଆରେ ରବିବାର ଡାଇମଣ୍ଡ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ନକଆଉଟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଜିଏସ ଇଲେଭେନକୁ ପେନାଲଟି କର୍ଣ୍ଣରରେ ପରାସ୍ତ କରି ଡାଇମଣ୍ଡ କ୍ଲବ ଚାମ୍ପିୟନ ହୋଇଛି। ମୋଟ ୧୬ ଟିମ୍ ଅଂଶଗ୍ରହଣ କରିଥିଲା। ଦୁଇଟି ଗ୍ରୁପରେ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସ ଗ୍ରୁପ-ଏ ରେ ମୋଟ ୭ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରୁପର ସମସ୍ତ ଟିମ୍‌କୁ ହରାଇ ଡାଇମଣ୍ଡ କ୍ଲବ ଫାଇନାଲକୁ ପ୍ରବେଶ କରିଥିଲା। ରବିବାର ଗ୍ରୁପ-ବିରେ ମୋଟ ୭ ମ୍ୟାଚରେ ଗ୍ରୁପ-ବିର ସମସ୍ତ ଟିମ୍‌କୁ ପଛରେ ପକାଇ ଜିଏସ ଇଲେଭେନ ଫାଇନାଲକୁ ଉନ୍ନୀତ ହୋଇଥିଲା। ଜିଏସ ଇଲେଭେନ ଏବଂ ଡାଇମଣ୍ଡ କ୍ଲବ ମଧ୍ୟରେ ଆକର୍ଷଣୀୟ ଫାଇନାଲ ମ୍ୟାଚ ହୋଇଥିଲା। ଏହି ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ପୁଲୱାମା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଚାମ୍ପିୟନ, ରନର୍ସଅପ୍ ସହ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଟିମ୍ ଗୁଡିକୁ ଟ୍ରଫି ଏବଂ ନଗଦ ଯଥାକ୍ରମେ ୩୦ ହଜାର, ୨୦ ହଜାର, ୧୫ ହଜାର ଓ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି କିଶୋର ବାହାଦୁର, ସମ୍ପାଦକ ଚନ୍ଦ୍ର ଗୋପ, କୋଷାଧ୍ୟକ୍ଷ ସୁଦର୍ଶନ ଗୋପ, ସଞ୍ଜୀବ ରଣା, କ୍ରିଷ୍ଣା ଥାପା, ଅମିତ ବାହାଦୁର, ବାଲବାହାଦୁର ଯାଦବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ହଟାଅ, ଓଡ଼ିଶା ବଞ୍ଚାଓ

**କେନ୍ଦୁଝର, ୩।୩(ସ୍ୱ.ପ୍ର.)**




ରାଲିରେ ସାମିଲ ହୋଇଥିବା ମହିଳାପୁରୁଷ।

ନିଶା ନିବାରଣ ନାହିଁ ତ ରାଜ ନେତାଙ୍କୁ ଭୋଟ ନାହିଁ, ଯୁବକମାନଙ୍କୁ ମଦୁଆ କରି ଖଣି ଲୁଟ୍ କରିବା ବନ୍ଦ କର, ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ନାହିଁ ତ ମଦର ବନ୍ୟା କ'ଣ ପାଇଁ, ଚାଉଳ ପଛେ ନ ଦିଅ ନାହିଁ ଓଡ଼ିଶାରୁ ମଦ ହଟାଓ ବୋଲି ନିଶା ନିବାରଣରେ ସାମିଲ ହୋଇଥିବା ମହିଳାପୁରୁଷ, ସାମାଜିକ କର୍ମୀ ସ୍ଲୋଗାନ ଦେଇଛନ୍ତି। କେନ୍ଦୁଝର ମଦମୁକ୍ତ ଜିଲା ଶାଖା ପକ୍ଷରୁ ରବିବାର ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ମହିଳାପୁରୁଷ ସହର ପରିକ୍ରମା କରିଥିଲେ। ସ୍ଥାନୀୟ କାଳି ପଡ଼ିଆଠାରୁ ବାହାରି ଥିବା ରାଲି ଲାବନ୍ୟ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖଦେଇ ଗାନ୍ଧୀଛକ ଓ ଜେଲରୋଡ୍ ହୋଇ କାଳୀ ତୀର୍ଥ ପଡ଼ିଆଠାରେ ପହଞ୍ଚିଥିଲା। ଓଡ଼ିଶା ନିବାରଣ ଅଭିଯାନ ଓ ମଦମୁକ୍ତି ଯୁବ ବାହିନୀ ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଦ ନ ହଟିବା ଯାଏ ମଦ ପ୍ରସାରଣ କରୁଥିବା ସରକାରଙ୍କୁ କ୍ଷମତାରୁ ହଟାଇବାକୁ ସଂକଳ୍ପ ନେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣିତ ୧୯୫୬ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରି ମଦମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦାବି ହୋଇଛି।

ଫେବୃୟାରୀ ୨୩ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ରାଜ୍ୟରେ ଚାଲି ଆସିଛି। କାଁଚନାଳା ଯତୀ, କବିତା ଦାସ, ପୀତାମ୍ବର ଭୂୟାଁ, ଅଶୋକ କୁମାର ମହାରଣା, ନରେନ୍ଦ୍ର ବେହେରା, ସର୍ବେଶ୍ୱର ବାରିକ, ଗଣେଶ ପରିଡ଼ା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଜିଲାର ବିଭିନ୍ନ ବ୍ଲକର ପ୍ରତିନିଧି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଗାନ୍ଧୀବାଦୀ ସାମାଜିକ କର୍ମୀ ଭକ୍ତ ବତ୍ସଳ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେବତୀ ମହକୁଡ଼, ଭଗବତୀ ମହାନ୍ତ, ସୁଶୀଳା ପ୍ରଧାନ, ମାନୁ ନାଏକ, କଳ୍ପତରୁ କଟେଇ, ଚନ୍ଦ୍ରମଣି ଦେହୁରି, ଶୈଳ ସନଗି ସମେତ ଜିଲାର ବହୁ ଲୋକ ଆନ୍ଦୋଳନକୁ ବ୍ୟାପକ କରିବାକୁ ଶପଥ ନେଇଥିଲେ। ଧୀରେନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ ଶକ୍ତି ରଥକୁ ସ୍ୱାଗତ

**ହାଟଡ଼ିହୀ, ୩।୩(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକର ମହିଳା ମିଶନ ଶକ୍ତି ସଚେତନତା ରଥକୁ ସଡ଼ାରେ ସ୍ୱାଗତ କରାଯାଇଛି। ସରପଞ୍ଚ ଜୟନ୍ତୀ ସାମଲ, ଅଙ୍ଗନୱାଡ଼ି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଯୋଗଦେଇ ରଥକୁ ପୂଜାର୍ଚ୍ଚନା କରି ସ୍ୱାଗତ କରିଥିଲେ। ମିଶନ ଶକ୍ତି ରଥର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏସ୍‌ଏଚ୍‌ଜି ଗ୍ରୁପ ମଧ୍ୟରେ ହୁଳହୁଳି, ଲୁଡୁ ଓ ପାସବଲ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ସୁପରଭାଇଜର ଶକୁନ୍ତଳା ମହାନ୍ତି, ଅଙ୍ଗନୱାଡ଼ି କର୍ମୀ କନକଲତା ସାମଲ, ରିତାରାଣୀ ଜେନା, କୁନ୍ତଳା ସ୍ୱାଇଁ, ପୂର୍ଣ୍ଣିମା ସ୍ୱାଇଁ, ହେମଲତା ଅମାନ୍ତ, ସସ୍ମିତା ଘଡ଼େଇ, ରଶ୍ମିରେଖା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଜେଇ ହେଲାଣି ବୈଦ୍ୟନାଥ ପୀଠ

**ହାଟଡ଼ିହୀ, ୩।୩(ଡି.ଏନ.ଏ.)**

ଜାଗର ପାଇଁ ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଏହି ଅବସରରେ ହାଟଡିହୀ ବ୍ଲକ ସଡ଼ା ପଞ୍ଚାୟତରେ ଥିବା ପୁରାତନ ଶୈବ ବୈଦ୍ୟନାଥ ମନ୍ଦିର ନିଆରା ଢଙ୍ଗରେ ସଜେଇ ହୋଇ ସାରିଲାଣି। ଏଠାରେ ସ୍ୱୟଂ ଶିବ ବୈଦ୍ୟନାଥ ରୂପରେ ପୂଜା ପାଇଥାନ୍ତି। ଗ୍ରାମବାସୀଙ୍କ ସହାୟତାରେ ପ୍ରତିବର୍ଷ ଜାଗର ଉତ୍ସବ ପାଳିତ ହେଉଛି। ବୈଦ୍ୟନାଥ ସମସ୍ତଙ୍କର ମାନସିକ ପୂରଣ କରିଥାନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ରାଜା ଗୁଜୁଡ଼ା ସମୟରୁ ଏହି ମନ୍ଦିରରେ ବୈଦ୍ୟନାଥ ପୂଜା ପାଇ ଆସୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଜାଗର ମେଳା ୭ଦିନ ଧରି ଚାଲିଥାଏ। ବିଭିନ୍ନ ଦୋକାନ ବଜାର, ଦୋଳି, ରଙ୍ଗ ବେରଙ୍ଗର ଆଲୋକ ଓ ଯାତ୍ରା ପାର୍ଟିର ଯାତ୍ରା ଗାଁ ତଥା ଅଞ୍ଚଳ ଲୋକଙ୍କୁ ଚଳଚଞ୍ଚଳ କରିଥାଏ।

## କ୍ରିକେଟ ଟୁର୍ନାମେଣ୍ଟ: ବେଗୁନିଆଡ଼ିହୀ ଚାମ୍ପିୟନ

**ଆନନ୍ଦପୁର, ୩।୩(ସ୍ୱ.ପ୍ର)**

ଘସିପୁରା ବ୍ଲକ ବାତୋଖେଳପଡ଼ିଆଠାରେ ବାବା ବକୁଳି ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବେଗୁନିଆଡିହୀ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଇଲେଭେନ୍ ଷ୍ଟାର୍ ତମ୍ପୋ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ମାତ୍ର ୧୨୧ ରନ୍ କରିବାକୁ ସମର୍ଥ ହୋଇଥିଲା। ବେଗୁନିଆଡିହୀ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ମ୍ୟାଚକୁ ଶରତ କୁମାର ମାଝୀ ଓ ରବୀନ୍ଦ୍ର ପରିହାଡି ଅମ୍ପାୟାର୍ ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୌରାଙ୍ଗ ସରଘରିଆ ଦାୟିତ୍ୱ ନିର୍ବାହ କରିଥିବାବେଳେ ମ୍ୟାଚର ଧାରା ବିବରଣୀ ଶୁଭମ୍ ପଣ୍ଡା ଓ ଶ୍ରୀନିବାସ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ପରିଷଦର ସଦସ୍ୟ ପୃଥ୍ୱୀରାଜ କୁଅଁର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦିଲ୍ଲୀପ ପାଲ୍ ଏବଂ ଅଭିନେତ୍ରୀ ପ୍ରୀତି ଜେନା ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବାବୁଲି ବାରିକ, ଚିନ୍ତାମଣି ଜେନା, ପ୍ରଭାତ ଜେନା, ଶାନ୍ତନୁ ଜେନା, ଦିବ୍ୟରଞ୍ଜନ ଓଝା, ସୁଧାଂଶୁ ଶେଖର ବାରିକ, ଅଶୋକ ବାରିକ, ଦେବାଶିଷ ପଣ୍ଡା, ଯଦୁମଣି ପରିଡା, ପିଣ୍ଟୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ହାଟଡ଼ିହୀ, ୩।୩(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ଢେଙ୍କା ପଞ୍ଚାୟତ ପୁରୁଣାପାଣି ଉନ୍ନୀତ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିରଞ୍ଜନା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ନିମାଁଇ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଆନନ୍ଦଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସିଆରସିସି ବୃନ୍ଦାବନ ବେହେରା, କମିଟି ଚେୟାରମ୍ୟାନ ଗଣେଶ ସୋରେନ, ରବୀନ୍ଦ୍ର ସାହୁ, କେଶବ ଚନ୍ଦ୍ର କର ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜବାମଣୀ ହାଁସଦା, ଊର୍ମିଳା ହେମ୍ବ୍ରମ, ଭାଗବତ ସୋରେନ, ଦାମ ହାଁସଦା କାଙ୍ଗାଳି ଚରଣ ଦେହୁରି, ସୋନିଆଁ ମାଝୀ, ଗୀତାରାଣୀ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମିଶନ ଶକ୍ତି ଋଣ କର୍ମଶାଳା

**ଆନନ୍ଦପୁର/ ହାଟଡ଼ିହୀ, ୩।୩(ସ୍ୱ.ପ୍ର/ (ଡି.ଏନ.ଏ.)**

ଘସିପୁରା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ମିଶନ ଶକ୍ତି ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କର୍ମଶାଳା ବ୍ଲକ ଅଧୀନ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର କର୍ମଚାରୀ ଉପସ୍ଥିତ ରହି ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ୩ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଡମି ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଧିକାରୀ, କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଋଣ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ବିଦ୍ୟାଧର ବିଶ୍ୱାଳ, ସିଡିପିଓ ସୌଦାମିନୀ ନାୟକ, ବିପିଓ ସତ୍ୟବ୍ରତ ସାମଲ, ସମାଜସେବୀ କାମପାଳ ନାୟକ, ମିଶନ ଶକ୍ତିର କୋଡିନେଟର ଜ୍ୟୋସ୍ନାମୟୀ ଜେନା ପ୍ରମୁଖ ଉପସ୍ଥିତ ରହି ଋଣ କର୍ମଶାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ, ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଯୋଗଦେବା ସହିତ ସୁପରଭାଇଜର କନକଲତା ଦାସ, କାଦମ୍ବିନୀ ଜେନା, ପୁଷ୍ପାଞ୍ଜଳୀ ଜେନା, ପ୍ରଭାସିନୀ ଜେନା, ରେଣୁବାଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ୟାପକ ବ୍ୟତିକ୍ରମ ଦେଖାଯାଇଥିଲା। କର୍ମଶାଳାର ପ୍ରଚାର ପ୍ରସାର ନିମନ୍ତେ ପୂର୍ବରୁ ବ୍ୟବସ୍ଥା କରାଯାଇ ନ ଥିଲା। ଉକ୍ତ କର୍ମଶାଳା କେବଳ ଲୋକ ଦେଖାଣିଆ ଓ ନାମକୁ ମାତ୍ର ବୋଲି ମତ ପ୍ରକାଶ ପାଇଛି।



ସ୍ୱୟଂ ସହାୟିକା ଗୋଷ୍ଠୀକୁ ଡମି ଚେକ୍ ପ୍ରଦାନ କରାଯାଉଛି।

# ରକ୍ତଦାନ ସାଙ୍ଗକୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଯୋଡ଼ା, ୩।୩(ଡି.ଏନ.ଏ.)**




ସଙ୍ଗଠନର କର୍ମକର୍ତ୍ତା।

ଯୋଡ଼ା ଖଣି ଅଞ୍ଚଳରେ ସାମାଜିକ ସଙ୍ଗଠନ ମାଇନିଂ ଏରିଆ ସୋସିଆଲ ସର୍ଭିସ୍ ପକ୍ଷରୁ ରକ୍ତଦାନ ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମାରଯୋଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସଙ୍ଗଠନର କର୍ମକର୍ତ୍ତା ଏକତ୍ରିତ ହୋଇ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପ୍ରତିମାସର ପ୍ରଥମ ରବିବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଉଛି ବୋଲି ସଙ୍ଗଠନର ସଭାପତି ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି। ଚିକିତ୍ସା ପାଇଁ ଅତି ଆବଶ୍ୟକୀୟ ହେଉଥିବା ରକ୍ତ ପାଇଁ ସଙ୍ଗଠନର କର୍ମକର୍ତ୍ତା ରକ୍ତଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଯୋଡ଼ା ମୁଖାର୍ଜୀ ହଟିଂର ୨ ବର୍ଷ ଝିଅ ସିୟା ଲୋହାର ଓ ୧୧ ନଂ ୱାର୍ଡ କମାରଯୋଡ଼ା ହୁଡିସାହିର ମହିଳା ସୁରୁ ମହାକୁଡ଼ଙ୍କୁ ଅତି ଆବଶ୍ୟକ ବେଳେ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ସଙ୍ଗଠନର କର୍ମକର୍ତ୍ତା ମଖମନ ମୁଣ୍ଡା ଓ ସୁଶାନ୍ତ ପଲେଇ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତା ଚର୍ଚ୍ଚିଲ ମହାକୁଡ଼, ବାଞ୍ଛାନିଧି ପଲେଇ , ଏମ.ଡି. ୱାଇଦଜାମା, ହୃଷୀକେଶ ପଲେଇ, ସୁଶୀଲ ଗୁଣ୍ଡା, ରୁଦ୍ର ମହାକୁଡ଼ ଓ ସତ୍ୟଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲ ତଥା ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

# ଛାତ୍ରୀ ଆବାସର ପାଚେରି ନାହିଁ

**ହାଟଡ଼ିହୀ, ୩।୩(ଡି.ଏନ.ଏ.)**

**କୁଶଟିକିରି ବିଦ୍ୟାଳୟ**

ହାଟଡ଼ିହୀ ବ୍ଲକ କୁଶଟିକିରି ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଏହି ବିଦ୍ୟାଳୟ ୧୯୫୪ ମସିହାରୁ ଚାଲି ଆସୁଛି। ସେଠାରେ ଏକ ଛାତ୍ରୀ ଆବାସ ରହିଛି। ତାହାର ସୁରକ୍ଷା ପାଚେରି ଅସୁରକ୍ଷିତ ହୋଇପଡ଼ିଛି। ବିଦ୍ୟାଳୟରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଥିମଧ୍ୟରୁ ଏକ ଶହ ଛାତ୍ରୀ ଆବାସିକରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ବିଦ୍ୟାଳୟର ଚାରିପଟ ସୁରକ୍ଷା ପାଚେରି ନାହିଁ। ସ୍କୁଲ ପରିସରରେ ଗୋରୁଙ୍କ ଆଡ଼ାସ୍ଥାଳୀ ପାଲଟୁଛି। ବିଦ୍ୟାଳୟଟି ବଉଳା ପାହାଡ଼ ନିକଟବର୍ତ୍ତୀ ହୋଇଥିବାରୁ ବନ୍ୟଜନ୍ତୁଙ୍କର ଭୟ ରହୁଛି। ହାତୀ ସେହି ରାସ୍ତାଦେଇ ବେଳେବେଳେ ଯାତାୟାତ କରୁଛି। ଅସାମାଜିକଙ୍କ ଭୟ ରହୁଛି। ରୋଷେଇ ଘର ନ ଥିବାରୁ ମେଲା ଆକାଶରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି। ଆବଶ୍ୟକୀୟ ଗୃହ ନ ଥିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଖେଳ ପଡ଼ିଆଟି ନାହିଁ। ପାନୀୟ ଜଳର ସମସ୍ୟା ରହିଛି। ଶୌଚାଳୟ ମଧ୍ୟ ନାହିଁ। ପ୍ରଶାସନର ଅବହେଳା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସରପଞ୍ଚ ଅନ୍ନପୂର୍ଣ୍ଣା ରାଉତ ଅଭିଯୋଗ କରିଛନ୍ତି। ସୁରକ୍ଷା ପାଚେରି ନ ଥିବାରୁ ଆବାସିକ ବିଦ୍ୟାଳୟ ଅସୁରକ୍ଷିତ ହୋଇପଡ଼ିଛି। କେତେକ ଅସାମାଜିକ ହଇରାଣ କରୁଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଗୃହ ନ ଥିବାରୁ ମେଲାରେ ରୋଷେଇ ହେଉଛି ବୋଲି ପ୍ରଧାନଶିକ୍ଷକ ବେଣୁଧର ସାହୁ କହିଛନ୍ତି।

## ସଂକ୍ଷେପରେ

### ଭାଜପାର ବାଇକ୍ ରାଲି

ଯଶିପୁର, ୩।୩ (ଡି.ଏନ୍.ଏ.): ଭାଜପା ଯଶିପୁର ନିର୍ବାଚନମଣ୍ଡଳରେ ବାଇକ୍ ରାଲି କରିଛି। ଏଥିରେ ବହୁ କର୍ମୀ ଏବଂ ସମର୍ଥକମାନେ ସାମିଲ ହୋଇ ବାଇକ୍ ଯୋଗେ କୁସୁମୀ, ଯଶିପୁର, ରଗୁଆଁ, ଶୁକୁଲି ବ୍ଲକ୍ ମୁଖ୍ୟ ବଜାର ଓ କେତେକ ଗାଁ ଗହଳି ପରିକ୍ରମା ପରେ ଶେଷରେ ଯଶିପୁର ରାମତୀର୍ଥରେ ପହଞ୍ଚିଥିଲେ। ଗଣେଶ ରାମ ସିଂ ଖୁଣ୍ଟିଆ, ନରେନ୍ଦ୍ର ସାହୁ, ପଙ୍କଜିନୀ ନାଏକ, ମୁନା ପ୍ରତିହାରୀ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ।

### ସତ୍ୟସାଇଙ୍କ ଗୁରୁପିତ ଯଜ୍ଞ

କୁଆମରା, ୩।୩ (ଡି.ଏନ୍.ଏ.): ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ ଗୁଡିପଦାରେ ଭାଗ୍ୟଶ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ସତ୍ୟସାଇଙ୍କ ଗୁରୁପିତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ମିଶ୍ର ପୂଜାକାର୍ଯ୍ୟ କରିଥିଲେ। ଅନେକ ଶ୍ରଦ୍ଧାଳୁ ସାଇଙ୍କ କୃପା ଲାଭପୂର୍ବକ ପ୍ରସାଦ ସେବନ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଗୌରମୋହନ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ସାଇଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ଶେଷରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### କୂଅରେ ପଡ଼ି ବୃଦ୍ଧା ମୃତ

ହିଞ୍ଜିଳିକାଟୁ, ୩।୩ (ଡି.ଏନ୍.ଏ.): ହିଞ୍ଜିଳି ଥାନା ମକରଯୋଳ ଗ୍ରାମ ବଡ଼ସାହି ରାସ୍ତାରେ ଥିବା ଏକ କୂଅରେ ପଡ଼ି ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜି.ମାଙ୍ଗାମା। ପୂର୍ବାହ୍ନରେ ମାଙ୍ଗାମା ପୂଜା ପାଇଁ ପାଣି ଆଣିବାକୁ ଯାଇ ଅସାବଧାନତାରୁ କୂଅରେ ପଡ଼ିଯାଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରିଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ମହିଳାଙ୍କ ପୁଅ ଜି.ଶତ୍ରୁଘ୍ନଙ୍କ ଏତଲା କ୍ରମେ ପୋଲିସ ନଂ.୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଟ୍ରକ ଧକ୍କାରେ ଯୁବକ ମୃତ

ଗୋଳନ୍ତରା, ୩।୩: ଗୋଳନ୍ତରା ଥାନା ହରଚଣ୍ଡୀ ଗ୍ରାମ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ବେହେରାଙ୍କ ପୁଅ ଶିବରାମ (୨୭)। ଏ ନେଇ ନଂ. ୪୨/୧୯ରେ ଏକ ମାମଲା ରୁଜୁ ହୋଇଛି। ଶିବରାମ କୌଣସି କାମରେ ବ୍ରହ୍ମପୁର ଯାଇ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ହରଚଣ୍ଡୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ତରା ପୋଲିସ ପହଞ୍ଚି ଉଭୟ ଗାଡ଼ି ସହ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ବାପ, ପୁଅଙ୍କୁ ଆକ୍ରମଣ

ଦିଗପହଣ୍ଡି, ୩।୩ (ଡି.ଏନ୍.ଏ.): ଦିଗପହଣ୍ଡି ଥାନା କରପଡ଼ା ଗ୍ରାମରେ ବ୍ୟବସାୟିକ ଶତ୍ରୁତାରୁ ଗଙ୍ଗାଧର ପ୍ରଧାନ ଏବଂ ତାଙ୍କ ପୁଅ ସଦାନନ୍ଦ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗଙ୍ଗାଧରଙ୍କ ସ୍ତ୍ରୀ କବିତା ପ୍ରଧାନ ରବିବାର ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୭ଟାରେ ସଦାନନ୍ଦଙ୍କୁ ତାଙ୍କ ଘର ସମ୍ମୁଖରେ ଗ୍ରାମର ଲାବଣ୍ୟ ସାହୁ ଓ ତାଙ୍କ ପୁଅ ଅରୁଣ ସାହୁ ମିଶି ଲାଠି ମାଡ଼ କରିଥିଲେ। ଗଙ୍ଗାଧର ଓ ତାଙ୍କ ପତ୍ନୀ କବିତା ଛଡ଼ାଇବାକୁ ଯିବାରୁ ତାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ଅଛି। ଗୁରୁତର ଆହତ ଗଙ୍ଗାଧର ଓ ସଦାନନ୍ଦଙ୍କୁ ପ୍ରଥମେ ଦମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ କବିତାଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଚଳାଇଛି।

# ଦୁଇ ଥର ପଡ଼ିଲାଣି ଭିତ୍ତି

**ନାଲୁହା ନଦୀ ଉପରେ ପ୍ରସ୍ତାବିତ ପୋଲ**
- **ନିର୍ମାଣ ହେବା ନେଇ ପ୍ରଶ୍ନ**
- **ପ୍ରତିଶ୍ରୁତିରେ ଲଟକିଛି କାମ**

କୁଆମରା, ୩।୩ (ଡି.ଏନ୍.ଏ.)

ଦୁଇଥର ପଡ଼ିଲାଣି ଭିତ୍ତିପ୍ରସ୍ତର। ଥରେ କେନ୍ଦ୍ରମନ୍ତ୍ରୀ, ଆଉ ଥରେ ସ୍ଥାନୀୟ ବିଧାୟକ ଭିତ୍ତିପ୍ରସ୍ତରର ଶୁଭ ଉଦ୍‌ଘାଟନ କରିଛନ୍ତି। ମାତ୍ର ଅଦ୍ୟାବଧି ପୋଲ ନିର୍ମାଣ ପାଇଁ ପଥର ଖଣ୍ଡେ ପଡ଼ିନାହିଁ। କାମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ କହି ଲୋକଙ୍କୁ ଭୁଆଁ ବୁଲାଯାଉଛି। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପଶୁଦା ପଞ୍ଚାୟତ ଭୋଜପଦା ନିକଟରେ ପ୍ରବାହିତ ନାଲୁହା ନଦୀ ଉପରେ ପୋଲ ନିର୍ମାଣ ପାଇଁ ଲୋକମାନେ ଚାତକ ଭଳି ଚାହିଁଛନ୍ତି। କିନ୍ତୁ ରାଜନେତାମାନେ ରାଜନୈତିକ ଫାଇଦା ପାଇଁ ଅଢ଼ାଇକି କହି ଦିନ ଗଡ଼େଇଚାଲିଛନ୍ତି। ଉକ୍ତ ନଦୀ ଉପରେ ସେତୁ ନିର୍ମାଣ ତତ୍କାଳୀନ ଏବଂ ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ଖାରବେଳ ସ୍ୱାଇଁ ଏବଂ ମନ୍ତ୍ରୀ ଗୋଲକ ବିହାରୀ ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୁନର୍ବାର ଗଣ୍ଡେ ବର୍ଷ ପରେ ପୁଣି ବିଧାୟକ ଏହାର ଭିତ୍ତିପ୍ରସ୍ତର ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ ପାଖାପାଖି ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣ କାମ ଆରମ୍ଭ ହେଉନାହିଁ। ଉକ୍ତ ପୋଲ ଯଥାଶୀଘ୍ର ନିର୍ମାଣ କରାଗଲେ ଅଞ୍ଚଳବାସୀ ବହୁ ଉପକୃତ ହୁଅନ୍ତେ। ଲୋକଙ୍କୁ ବେଶି ଦୂର ଆଉ ବୁଲିବାକୁ ପଡ଼ନ୍ତା ନାହିଁ ବୋଲି ପଶୁଦା ସରପଞ୍ଚ ମାଇନ ମୁର୍ମୁ କହିଛନ୍ତି। ଉକ୍ତ ନଦୀ ଉପରେ ପୋଲ ନିର୍ମାଣ ହେଲେ ମୁଖ୍ୟତଃ ଖୁଣ୍ଟା-ବାରିପଦାକୁ ଦୂରତା କମିବା ସହ ଆରପଟା, ପୁରୁଣା ବାରିପଦା, କୁଆମରା, ପଶୁଦା ଏବଂ ବିଭିନ୍ନ ପଞ୍ଚାୟତ ସହିତ ବ୍ୟବସାୟିକ ଅଭିବୃଦ୍ଧି ଘଟିବ। ମାତ୍ର ଦୁଇ ଦୁଇ ଥର ନେତାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କେବଳ ନିର୍ବାଚନ ଚାଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପୋଲ ନିର୍ମାଣ କାମ ନ ହେଲେ ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ ବୋଲି ମହେଶ ଦାଶଙ୍କ ସମେତ ଅଞ୍ଚଳବାସୀ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବହଲଦା, ୩।୩ (ଡି.ଏନ୍.ଏ.)

ବିଜୟୱାଡ଼ା-ରାଞ୍ଚି ନଂ ୫୦ ରାଜପଥର ତିରିଂ ଥାନା ଅଧୀନ ବରେହାନଦୀ ନିକଟସ୍ଥ ନୂଆସାହିଠାରେ ରବିବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମହୁଲବେଡ଼ା ନୂଆସାହିର ସୁକୁ ପାତ୍ର ବହଲଦା ସାପ୍ତାହିକ ହାଟରୁ ଚାଲିଚାଲି ଫେରୁଥିବାବେଳେ ନିଜ ଘର ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବହଲଦା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁକୁ ଗାଁ ଗାଁ ବୁଲି ଗଛା ସିଲେଇ କରି ପରିବାର ଭରଣ ପୋଷଣ କରୁଥିଲେ। ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଆଜି ବାବାଙ୍କଠାରେ ମାନସିକ

ଉଦଳା, ୩।୩ (ଡି.ଏନ୍.ଏ.)

କପ୍ତିପଦା ଉପଖଣ୍ଡର ସଦରମହକୁମା ଉଦଳା ସହାଞ୍ଚଳ ସହିତ ସ୍ଥାନୀୟ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଜାଗରଯାତ୍ରା ପାଇଁ ଶୈବପୀଠଗୁଡ଼ିକରେ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ଶ୍ରଦ୍ଧାଳୁମାନେ ଜାଗରଦୀପ ଜାଳିବେ। ଉଦଳା ସହରାଞ୍ଚଳର ସର୍ବପୁରାତନ ଶୈବପୀଠ ବାବା ମଣିନାଗେଶ୍ୱର, ମେଣ୍ଢାଖାଇ ଅକ୍ଷୟଶମ୍ଭୁ, କଲେଜ ରୋଡସ୍ଥିତ ଭୈରବ ଶଙ୍କର, ନାଗପାଳ ନାଗେଶ୍ୱର, ଜ୍ୟୋତିର୍ଲିଙ୍ଗେଶ୍ୱର, ସ୍ୱପ୍ନେଶ୍ୱର ଏବଂ ଗୌଡ଼ୀୟ ମଠ ଗୁପ୍ତେଶ୍ୱର ଶୈବପୀଠରେ ଜାଗରଯାତ୍ରା ପାଳନ ହେଉଛି। ସେହିପରି ଉଦଳା ବ୍ଲକ୍ ଅଧୀନ ରାଢ଼ୋ ପଞ୍ଚାୟତର ଶିଖରେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ଡିହିରାଜୁଙ୍ଗର ସ୍ୱପ୍ନେଶ୍ୱର, ଗଙ୍ଗେଶ୍ୱର, ବୈରାଟପୁର ମଲ୍ଲିକେଶ୍ୱର, ଧୁଳିନ୍ଦା ଗ୍ରାମର ଚନ୍ଦ୍ରନେଶ୍ୱର, ଖଳାଡି ଗ୍ରାମରେ ଖାଡ଼େଶ୍ୱର ପୀଠ ସହିତ ଅଠଗାଁ ଗ୍ରାମର କଷ୍ଣୁରିଆ ବାଣେଶ୍ୱର ଶୈବପୀଠରେ ମଧ୍ୟ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଦେବକୁଣ୍ଡର ସହସ୍ର ଶିବଲିଙ୍ଗ ସ୍ଥଳରେ ମଧ୍ୟ ଜାଗର ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବ। କୁଣ୍ଡାବାଈ ଫାଣ୍ଡି ପୋଲିସ ଏବଂ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଶୈବପୀଠଗୁଡ଼ିକରେ ଜାଗର ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯଥାରୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା ଏବଂ ମହାଦୀପ ପ୍ରଜ୍ୱଳନ ପର୍ଯ୍ୟନ୍ତ ଲୋକଙ୍କ ସୁରକ୍ଷା ନିମନ୍ତେ ମନ୍ଦିର କମିଟି ଏବଂ ପୋଲିସ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି।

# ସୂଚନା ଅଧିକାର ଆଇନ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି।

ବାଙ୍ଗିରିପୋଷି, ୩।୩ (ଡି.ଏନ୍.ଏ.)

ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନୀତି ବିଭାଗର ପକ୍ଷରୁ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. ପୁଷ୍ପା ପାତ୍ର ଏବଂ ଅଧ୍ୟାପକ ସତ୍ୟନାରାୟଣ ସାମଲ ଉପସ୍ଥିତ ରହି 'ସୂଚନା ଅଧିକାର ଆଇନ' ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ରତିକାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ଅଧ୍ୟାପିକା କିରଣ କାର୍ଯ୍ୟ ବିବରଣୀ ପାଠ କରିଥିଲେ। +୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ରଣଜିତ କଲ୍ୟାଣ, ଅହଲ୍ୟା, ବାଦଲ, ଶୁଭଲକ୍ଷ୍ମୀ, ଶେଖର,ଫାଗୁ, ମାମିନା, ମାୟାବତୀ, ରୂପ, ମଞ୍ଜରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ସ୍ୱୟଂ ଶିକ୍ଷଣ ହିଁ ବିକାଶର ମୂଳମନ୍ତ୍ର'

ବାଙ୍ଗିରିପୋଷି, ୩।୩ (ଡି.ଏନ୍.ଏ.)

ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ତୃତୀୟ ବର୍ଷ ସମ୍ମାନ ଶିକ୍ଷାର୍ଥୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅଧକ୍ଷା ପୁଷ୍ପା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା କିରଣ ପାଠକ ମୁଖ୍ୟ ଅତିଥି ରୂପେ ଯୋଗଦେଇ 'ସ୍ୱୟଂ ଶିକ୍ଷଣ ହିଁ ବିକାଶର ମୂଳମନ୍ତ୍ର' ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ପବିତ୍ର ଦାଶ ମନୋନିବେଶପୂର୍ବକ ଅଧ୍ୟୟନ ଓ ବ୍ୟକ୍ତିତ୍ୱର ବିକାଶ ସହ ନିଜ ମହାବିଦ୍ୟାଳୟର ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ଉଦ୍ୟମ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ହିରଣ୍ମୟୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲାବେଳେ ଅଧ୍ୟାପକ ଅଶୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ, ସୁମନ୍ତ, ପାଟାମର, ମଙ୍ଗଳ, ସବନ, ବୈଜୟନ୍ତୀ, ଡଲି ଏବଂ ପ୍ରିୟଙ୍କା ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବାୟୁସେନା ଶିବିରରେ ୧୨୭ ଚୟନ


ଶିବିର ଶେଷ ଦିବସରେ ବାୟୁସେନା ଅଧିକାରୀ, ଜିଲାପାଳ ଓ ଅନ୍ୟମାନେ।

ବାରିପଦା ଅଫିସ, ୩।୩

ମୟୂରଭଞ୍ଜ ଜିଲା ବାରିପଦା ପୋଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ବାୟୁସେନା କର୍ମଚାରୀ ଚୟନ ଶିବିରରେ ୧୨୭ ଜଣଙ୍କୁ ଚୟନ କରାଯାଇଛି। ଏଥିରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରୁ ୮୭୬ ଆଶାୟୀ ପ୍ରାର୍ଥୀ ଭାଗ ନେଇଥିଲେ। ମୟୂରଭଞ୍ଜ ଜିଲ୍ଲାରୁ ୮ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଇଛି। ଚୟନ ହୋଇଥିବା ପ୍ରାର୍ଥୀଙ୍କର ମେଡିକାଲ ଟେଷ୍ଟ କାଲାଇକୁଣ୍ଡା ଏୟାର ବେସ୍‌ରେ ଅନୁଷ୍ଠିତ ହେବ। ଶିବିରର ଶେଷ ଦିନରେ ଜିଲାପାଳ ଭିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଆବୋଲି ସୁନିଲ ନରଭାଲେ, ଜିଲା ନିୟୋଜନ ଅଧିକାରୀ ବିଜୟ ପାତ୍ର ପ୍ରମୁଖଙ୍କ ସହ ବାୟୁସେନାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡ଼ସାହି, ୩।୩ (ସ୍ୱ.ପ୍ର.)

ବଡ଼ସାହି ବ୍ଲକ୍ ବିକେବି ଉଚ୍ଚ ବିଦ୍ୟାଳୟର ଅବସରଗ୍ରହଣ କରିଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟି ସଭାପତି ବୈଦ୍ୟନାଥ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଆରସିସି ବାବାଜୀ ଚରଣ ବେହେରା, ମୁଖ୍ୟବକ୍ତା ଏବିଇଓ ପଦ୍ମଲୋଚନ ଦାସ, ସମ୍ମାନିତ ଅତିଥି ସିଆରସିସି କାର୍ତ୍ତିକ ଚନ୍ଦ୍ର ଜେନା, ତପନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଗଙ୍ଗାଧର ସିଂଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ତୋଫାନ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଋଷିକୁଲ୍ୟା ମୁହାଣରେ ମଲା କଇଁଛ

ଗଞ୍ଜାମ, ୩।୩ (ଡି.ଏନ୍.ଏ.)

ଗଞ୍ଜାମ ସହର ପୁରୁଣାବନ୍ଧ ନିକଟ ଋଷିକୁଲ୍ୟା ମୁହାଣ ବେଳାଭୂମିରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି। ଚଳିତ ବର୍ଷ ଏହା ବିଳମ୍ବରେ ଆରମ୍ଭ ହୋଇଛି। ସମୁଦ୍ର କୂଳ ଜଙ୍ଗିଲା ଏବଂ ବେଳାଭୂମି ଅବକ୍ଷୟ ବିଳମ୍ବର କାରଣ ବୋଲି ସ୍ଥାନୀୟ ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଭଳି ସମୟରେ ଋଷିକୁଲ୍ୟା ମୁହାଣ ଏବଂ ସମୁଦ୍ର କୂଳରେ କେତୋଟି ମଲା କଇଁଛ ପଡ଼ି ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଖଲ୍ଲିକୋଟ ରେଞ୍ଜର ଦିଲୀପ କୁମାର ମାଝୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପାରାଦୀପ ଓ ଅନ୍ୟାନ୍ୟ ଅଞ୍ଚଳରେ ଟ୍ରଲର ମାଡ଼ରେ କଇଁଛ ମରିଯାଇ। ୧୦ରୁ ୧୫ ଦିନ ମଧ୍ୟରେ ମଲା କଇଁଛଗୁଡ଼ିକ ଗଞ୍ଜାମ ବେଳାଭୂମିରେ ଲାଗିଥାନ୍ତି। ତେବେ ଅନ୍ୟାନ୍ୟ ବେଳାଭୂମି ଅପେକ୍ଷା ଏହି ବେଳାଭୂମିରେ କମ କଇଁଛ ମରନ୍ତି ବୋଲି ରେକର୍ଡ ଥିବା ସେ କହିଛନ୍ତି। ସେହିପରି ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ କହିଛନ୍ତି, କଇଁଛଙ୍କ ଗଣ ଅଣ୍ଡାଦାନ ସମୟ ହୋଇଥିବାରୁ ବେଳାଭୂମି ଠାରୁ ୫ କି.ମି. ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରାକୁ ବେଆଇନ କରାଯିବା ସହ ଏହାକୁ ନିଷେଧାଜ୍ଞ ଘୋଷଣା କରାଯାଇଛି। କଇଁଛଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ବ୍ୟାରିକେଡ ନିର୍ମାଣ କରାଯାଇଛି, କୋଷ୍ଟଗାର୍ଡ ମଧ୍ୟ ନିୟୋଜିତ ହୋଇଛନ୍ତି। ଏଠାକୁ ଆସିଥିବା ଅଲିଭ ରିଡ୍ଲେ କଇଁଛଗୁଡ଼ିକ ମଧ୍ୟରୁ କିଛି କଇଁଛଙ୍କ ବୟସ ଅଧିକ ଯୋଗୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

■ ବେତନଟୀକୁ ଏନ୍‌ଏସି ଘୋଷଣା

# ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ବେତନଟୀ, ୩।୩ (ଡି.ଏନ୍.ଏ)

ବେତନଟୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି ହେଉଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବାକୁ ଆଉ କିଛି ଦିନ ବାକି ଅଛି। ତେବେ ଏବେ ବେତନଟୀକୁ ଏନ୍‌ଏସି ମାନ୍ୟତା ମିଳିବ ବୋଲି ପ୍ରଶ୍ନ ଉଠିଛି। ଦୀର୍ଘ ବର୍ଷ ହେଲାଣି ବେତନଟୀକୁ ଏନ୍‌ଏସି ଘୋଷଣା ପାଇଁ ସ୍ଥାନୀୟ ଲୋକଙ୍କ ଦାବି ରହିଛି। ମୟୂରଭଞ୍ଜ ଜିଲାର ବାରିପଦା ପୌରସଂସ୍ଥା ଅଞ୍ଚଳ ହୋଇଥିବା ବେଳେ ରାଇରଙ୍ଗପୁର, କରିଆ ଓ ଉଦଳାକୁ ଏନ୍‌ଏସି ମାନ୍ୟତା ମିଳିଛି। ଏବେ ଜିଲା ବେତନଟୀକୁ ୪ର୍ଥ ଏନ୍‌ଏସି ଭାବେ ଘୋଷଣା କରିବାକୁ ଅଞ୍ଚଳବାସୀ ଦାବି ଉଠାଉଛନ୍ତି। ରାଜ୍ୟ ସରକାର ମୟୂରଭଞ୍ଜ ଜିଲାପାଳଙ୍କୁ ଏ ସମ୍ପର୍କରେ ସୂଚନା ମାଗିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ତତ୍କାଳୀନ ବେତନଟୀ ତହସିଲଦାର ୨୨ ଫେବୃୟାରୀ ୨୦୧୧ ରେ (ମେମୋ ନଂ. ୨୪୪୪) ରେ ଏନ୍‌ଏସି ଗଠନ ସମ୍ପର୍କରେ ତଥ୍ୟ ବାରିପଦା ଉପଜିଲାପାଳଙ୍କୁ ଦେଇଥିଲେ। ବେତନଟୀ ଓ ଯୋଗିଲ ପଞ୍ଚାୟତର ୯ ଗ୍ରାମ ଓ ୧୮ ୱାର୍ଡକୁ ନେଇ ଏନ୍‌ଏସି ହେବା କୌଣସି ଅସୁବିଧା ନାହିଁ। ଦୁଇ ପଞ୍ଚାୟତର ସରପଞ୍ଚଙ୍କର ଆପତ୍ତି ନ ଥିବାର ଯୁକ୍ତି ମଧ୍ୟ ପ୍ରଦାନ କରିଥିଲେ। ୨୦୧୧ ଠାରୁ ୨୦୧୬ ମସିହା ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି ଜିଲାପାଳଙ୍କ ଜରିଆରେ ବେତନଟୀ ବିଡିଓ ଓ ତହସିଲଦାରଙ୍କ ନିକଟକୁ ଆଦାନ ପ୍ରଦାନ ହୋଇଛି। ବେତନଟୀକୁ ଏନ୍‌ଏସି ମାନ୍ୟତା ମିଳିବାରେ କୌଣସି ବାଧା ନ ଥିବା ଚିଠିରୁ ଜଣାପଡ଼ିଛି। କିନ୍ତୁ ପ୍ରଶାସନ ଘୋଷଣା କରିବାରେ ବିଳମ୍ବ କରିଥିବା ଅଭିଯୋଗ ହୋଇଛି। ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି। ଅଞ୍ଚଳବାସୀ ପ୍ରଶାସନକୁ ଜବାବ ମାଗିବା ପାଇଁ ଘେରିଛନ୍ତି। ୨୦୧୪ ନିର୍ବାଚନ ସମୟରେ ବେତନଟୀକୁ ଏନ୍‌ଏସି ଘୋଷଣା ଦାବି ଉଠିଥିଲା। ବହୁ ଆନ୍ଦୋଳନ ହୋଇଥିଲା। କିନ୍ତୁ ସବୁ ବ୍ୟର୍ଥ ଯାଇଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ବେତନଟୀକୁ ଏହି ମାନ୍ୟତା ମିଳିବ କି ନାହିଁ ତାହା ସନ୍ଦେହ ଘେରରେ। ଏଥିପାଇଁ ସରକାର ଓ ପ୍ରଶାସନର ଆନ୍ତରିକତା ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବେତନଟୀ ବିଡିଓ ପ୍ରଭାସ ଚନ୍ଦ୍ର ଭୋଇ କୁହନ୍ତି, ସେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ୨୦୧୬ରେ ତଦନ୍ତ ରିପୋର୍ଟ ପଠାଇବା ପରେ ଆଉ ତାଙ୍କର କୌଣସି ଚିଠି ହସ୍ତଗତ ହୋଇନାହିଁ। ସ୍ଥାନୀୟ ବିଧାୟକଙ୍କ ଅଣଦେଖା ପାଇଁ ବେତନଟୀକୁ ଏନ୍‌ଏସି ମାନ୍ୟତା ମିଳିପାରୁନାହିଁ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ବିଜେଡି ବେତନଟୀ ବ୍ଲକ୍ ସଭାପତି ଏସ୍. ଲେଙ୍କା କୁହନ୍ତି, ବିଧାୟକଙ୍କ ସହିତ ଏକ ଟିମ୍ ତତ୍କାଳୀନ ମୟୂରଭଞ୍ଜ ଜିଲାପାଳ ସୁରେନ୍ଦ୍ର ମିନାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲା। ମାତ୍ର ଏନ୍‌ଏସି ଘୋଷଣା ହୋଇପାରିନାହିଁ। ସେ ତହସିଲଦାର ଥିବା ଭିତରେ ତାଙ୍କ ନିକଟକୁ କୌଣସି ଚିଠି ଆସି ନ ଥିବା ବେଳେ ପୂର୍ବରୁ ଆସିଥିବା ଚିଠି ଖୋଜି ଦେଖିଲା ପରେ କାର୍ଯ୍ୟ କେଉଁଠୁ ଅଗ୍ରସର ହୋଇଛି ତାହା ଜଣାଇବେ ବୋଲି ବେତନଟୀ ତହସିଲଦାର ଅନ୍ୱେଷା ଦାସ କହିଛନ୍ତି।

## 'ଗାନ୍ଧିଜୀ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ନାୟକ'

ବଡ଼ସାହି, ୩।୩ (ସ୍ୱ.ପ୍ର.)

ବଡ଼ସାହି କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର ଅଧକ୍ଷ ସୁବାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ଗାନ୍ଧିଜୀ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ନାୟକ' ଶୀର୍ଷକ ଆଲୋଚନାଚକ୍ରରେ ରିସୋର୍ସ ପର୍ସନ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ହରିହର ଜେନା, ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ସୁଧୀର ସାହୁ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ସାହୁ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କର ଅବଦାନ ବିଶ୍ୱବ୍ୟାପୀ ପ୍ରଶଂସନୀୟ ହୋଇପାରିଛି ବୋଲି ବକ୍ତାମାନେ କହିଥିଲେ। ବିଭାଗୀୟ ମୁଖ୍ୟ ସୁକାନ୍ତ ଦାସ ପ୍ରବନ୍ଧ ପାଠ କରିଛନ୍ତି। ଦୀପାଞ୍ଜଳି ନାୟକ, ଜ୍ୟୋତ୍ସ୍ନାରାଣୀ ସିଂ, ବୈଶାଖୀ ସିଂ ଓ ଚନ୍ଦନ ପାତ୍ର ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ଆକାଶ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ଜଙ୍ଗଲ ସୁରକ୍ଷିତ ରଖିବାକୁ ଶପଥ


କାର୍ଯ୍ୟକ୍ରମରେ ଅତିଥି ଜଙ୍ଗଲ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଉଛନ୍ତି।

ବାଙ୍ଗିରିପୋଷି, ୩।୩ (ଡିଏନ୍‌ଏ)

ବାଙ୍ଗିରିପୋଷି ବନ ବିଭାଗ ଟାଙ୍ଗିଆବସା ଗ୍ରାମରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିଛି। ବନାଞ୍ଚଳ ଅଧିକାରୀ ତପନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଧକ୍ଷ ସଂଯୁକ୍ତା ବସ୍ତା ଅତିଥିଭାବେ ଯୋଗ ଦେଇଥିଲେ। ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷିତ ରଖିବାକୁ ଶପଥ ନିଆଯାଇଛି।

■ ଏମ୍‌ପିସି ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନ

ବାରିପଦା ଅଫିସ, ୩।୩

ବାରିପଦା ଚକଡ଼ପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଜୀବବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଦୁର୍ଗାଚରଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସିଣ୍ଡି କାଉନସିଲ ଚେୟାରମ୍ୟାନ ପ୍ରଫେସର ସୁସ୍ମିତା କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରଫେସର ଏମ୍ ହିମାବିନ୍ଦୁ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଥିଲେ। ଭୁବନେଶ୍ୱର ଜାତୀୟ ଜୀବ ବିଜ୍ଞାନ ସଂସ୍ଥାନର ଜୀବବିଜ୍ଞାନୀ ଡ. ମାମାନି ଦାଶ ଯୋଗଦେଇ ଜୀବନରେ ବିଜ୍ଞାନର ବିଭିନ୍ନ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ଗୋଚ୍ଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଜାତୀୟ ଜୀବ ବିଜ୍ଞାନ ସଂସ୍ଥାନ ପକ୍ଷରୁ ସମ୍ମାନିତ କରାଯାଇଛି। ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମ ମହାବିଦ୍ୟାଳୟର ପ୍ରଫେସର ବିଦ୍ୟାଧରଙ୍କ ପାଲ, ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ, ଡ. ପ୍ରଶାନ୍ତ ପଟ୍ଟନାୟକ, କୈଳାସ ଚନ୍ଦ୍ର ମିଶ୍ର, ଆଶୁତୋଷ ଦାଶ, ସୁଧୀର ଚନ୍ଦ୍ର ଜିଷ୍ଣୁ, ଭାମ ଚରଣ ମୁର୍ମୁ, ସରୋଜ ପାତ୍ର, ଅଧ୍ୟାପିକା ପୂଜା ଦାସ, ରାଇମଣି ମାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ସହାୟକ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ୟୁନିଟ୍ ରକ୍ତ ସଂଗ୍ରହ


ଜଣେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଉଛି।

ଯଶିପୁର, ୩।୩ (ଡି.ଏନ୍.ଏ.)

ଯଶିପୁର ବ୍ଲକ୍ ଡାକ୍ତରଖାନାରେ ଛାତ୍ର ବିଜେଡି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାହିଦ୍ ଖାଁ ଏବଂ ସ୍ଥାନୀୟ ବିଧାୟକ ମଙ୍ଗଳ ସିଂ ମୁଦି ଉପସ୍ଥିତ ରହି ଶିବିର କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ଚକ୍ରଧର ହେମ୍ବ୍ରମ, ବ୍ଲକ୍ ଚେୟାରମ୍ୟାନ ମାନଗୋବିନ୍ଦ ନାଏକ, ଗୋଲକବିହାରୀ ନାଏକ, ଶତ୍ରୁଘ୍ନ ମହାକୁଡ଼, ନରହରି ମହନ୍ତି, ବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ସଂକ୍ଷେପରେ

### ଆର୍ଥିକ ପରିଚାଳନା ତାଲିମ ଉଦ୍‌ଯାପିତ

ଢେଙ୍କାନାଳ ଅଫିସ,୩।୩- ଢେଙ୍କାନାଳ ସହରର ଦକ୍ଷିଣକାଳୀଠାରେ ଥିବା ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ମାସେ ଧରି ଚାଲିଥିବା କମ୍ପ୍ୟୁଟର ଭିତ୍ତିକ ଆର୍ଥିକ ପରିଚାଳନା ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଲିଡ୍ ବ୍ୟାଙ୍କ ପରିଚାଳକ ମହେଶ୍ୱର ସାହୁ, ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ମ୍ୟାନେଜର ଆଲୋକ ମହାନ୍ତି, କମ୍ପ୍ୟୁଟର ଶିକ୍ଷକ ପ୍ରଭାତ ଦେହୁରୀ ଓ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ହୃଦାନନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ମାଧମରେ ଆର୍ଥିକ ପରିଚାଳନା କରାଯିବା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ । ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସୁଚିତ୍ରା ଗଡନାୟକ, କାଦମ୍ବରୀ ମହାଖୁଡ, ପ୍ରବଣ ରଞ୍ଜନ ମିଶ୍ର, ସତ୍ୟମ ଶୁଭମ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ମହିଳାମାନେ ଯୋଗ ଦେଇଥିଲେ ।

### ଆଶ୍ରମ ପରିଚାଳନା ଉପରେ ଆଲୋଚନା

ଢେଙ୍କାନାଳ ଅଫିସ,୩।୩- ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି କଣ୍ଟେଇକୋଳିଆସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶୃଙ୍ଖଳିତ ଭାବେ ଆଶ୍ରମର ପରିଚାଳନା ପାଇଁ ଆଲୋଚନା ହୋଇଥିଲା । ବାବା ମୁରାରୀ ଦାସଙ୍କ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ରାଧାଗୋବିନ୍ଦ ଜୀଉଙ୍କ ପୂଜାର୍ଚ୍ଚନା ଓ ଗୋଶାଳାର ପରିଚାଳନା ପାଇଁ ଅସ୍ଥାୟୀ ଭାବେ ଆୟୋଜନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଆଶ୍ରମ ସଭାପତି ସଚ୍ଚିଦାନନ୍ଦ ମହାନ୍ତି, ସମ୍ପାଦକ ସତ୍ୟ ରଥ, ଉପସଭାପତି ଅଞ୍ଜନ କୁମାର ହୋତା, ସରୋଜ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା ।

### ଦୁଇ ନୂଆ ଥାନା ଅଧିକାରୀଙ୍କ ଯୋଗଦାନ




କାମାକ୍ଷାନଗର, ୩।୩(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ଓ କଙ୍କଡାହାଡ଼ ଥାନାରେ ଦୁଇ ନୂତନ ଅଧିକାରୀ ରବିବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। କାମାକ୍ଷାନଗର ଥାନାରେ ଇନ୍ସପେକ୍ଟର ନିରଞ୍ଜନ ସେଠୀ ଓ କଙ୍କଡାହାଡ଼ ଥାନାରେ ଇନ୍ସପେକ୍ଟର ପ୍ରମୋଦ ସ୍ୱାଇଁ ଯୋଗ ଦେଇଛନ୍ତି। କାମାକ୍ଷାନଗର ଆଇଆଇସି ଜ୍ଞାନରଞ୍ଜନ ସାମଲଙ୍କ ଅନୁଗୋଳ ଜିଲାକୁ ବଦଳି ହୋଇଥିବାବେଳେ କଙ୍କଡାହାଡ ଥାନା ଆଇଆଇସି ସୁବାସ ଚନ୍ଦ୍ର ପଣ୍ଡା ଗତ ଜାନୁୟାରୀରୁ ଅବସର ନେଇଥିଲେ। ଏହାପରଠାରୁ କଙ୍କଡାହାଡ଼ ଥାନାରେ ଏହି ପଦବୀ ଖାଲି ପଡିଥିଲା। ଆଇଆଇସି ସେଠୀ ପୂର୍ବରୁ ଅନୁଗୋଳ ଜିଲା ତାଳଚେର କଲିୟାରୀ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଆଇଆଇସି ସ୍ୱାଇଁଙ୍କୁ ଭୁବନରୁ କଙ୍କଡାହାଡ଼ ବଦଳି କରାଯାଇଛି।

### ରାଜ୍ୟସ୍ତରୀୟ ଗଣ୍ଡ ମହାସଭା

କାମାକ୍ଷାନଗର,୩।୩(ଡି.ଏନ.ଏ)- ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ କଣ୍ଟାପାଳ ପଞ୍ଚାୟତ ଓଡ଼ଶ ଗ୍ରାମରେ ୨ ଦିନିଆ ରାଜ୍ୟସ୍ତରୀୟ ଗଣ୍ଡ ମହାସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରଥମ ଦିବସରେ କଳସଯାତ୍ରା ଓ ଜଙ୍ଘା ବଡଦେଓଙ୍କ ପୂଜାର୍ଚ୍ଚନା ସହ ସମ୍ପ୍ରଦାୟର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ରାଜ୍ୟ ଛାତ୍ର ସଭାପତି ସୁରେଶ ଝାଙ୍କର, ଗଣ୍ଡ ସମାଜର ଜିଲା ସଭାପତି କୁଳମଣି ସିଂହ, ସମ୍ପାଦକ ବିଦ୍ୟାଧର ସିଂ, ରାଜ୍ୟ ସଭାପତି ମହେନ୍ଦ୍ର ନାୟକ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ ଆର୍ଥିକ ପରିସ୍ଥିତି ଓ ସରକାରଙ୍କ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଶତାଧିକ ଗଣ୍ଡ ଆଦିବାସୀ ଉପସ୍ଥିତ ଥିଲେ।

# କଣ୍ଟାବଣିଆ ଟାଟାଷ୍ଟିଲରେ ଫଟୋ ପ୍ରଦର୍ଶନୀ



ଜାମଶେଦ୍‌ଜୀ ଟାଟାଙ୍କ ଜୟନ୍ତୀ ପାଳନ କରାଯାଉଛି।

ଓଡାପଡା,୩।୩ (ଡି.ଏନ.ଏ)

ଢେଙ୍କାନାଳ ଜିଲା କଣ୍ଟାବଣିଆଠାରେ ଥିବା ଟାଟାଷ୍ଟିଲ ବିଏସ୍ଏଲ୍ କାରଖାନା ପରିସରରେ ରବିବାର ଟାଟାଗ୍ରୁପ୍ ପ୍ରତିଷ୍ଠାତା ଜାମସେଦଜୀ ଟାଟାଙ୍କ ୧୮୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭୂଷଣ ଷ୍ଟିଲକୁ ଟାଟା ଅଧିଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଏହି ଜୟନ୍ତୀ ପାଳିତ ହୋଇଛି। କାରଖାନା ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଥମେ ଜାମସେଦଜୀଙ୍କ ପ୍ରତିମୂର୍ତ୍ତିରେ କମ୍ପାନୀ କର୍ମଚାରୀ ଓ ପରିବାର ସଦସ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରରେ ସ୍ୱର୍ଗତ ଟାଟାଙ୍କ ଜୀବନୀ ତଥା ଟାଟାଷ୍ଟିଲର ଦୀର୍ଘ ୧୦୦ ବର୍ଷର ଯାତ୍ରା ସମ୍ପର୍କିତ ତଥ୍ୟକୁ ନେଇ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଏସ୍ଏସ୍ ହୋତା, କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ, ତାପସି ସାକ୍ସେନା, ସିଆରଏମ୍ କମ୍ପ୍ଲେକ୍ସ ପ୍ରେସିଡେଣ୍ଟ ପି.କେ. ତାମ୍ବେ ପ୍ରମୁଖ ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଶୁକ୍ରବାର କଲୋନୀ ପରିସରରେ କମ୍ପାନୀ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାଜୀବ ସିଙ୍ଘଲଙ୍କ ନେତୃତ୍ୱରେ ନରେନ୍ଦ୍ରପୁର ପ୍ଲାଣ୍ଟ ସମେତ ଦେଶର ବିଭିନ୍ନ ଭାଗରେ ଥିବା କମ୍ପାନୀ କାର୍ଯ୍ୟସ୍ଥଳରୁ ଏକ ୩୦ ଜଣିଆ ଦଳ ଜାମସେଦପୁରରେ ଟାଟାଷ୍ଟିଲ ଦ୍ୱାରା ପାଳିତ ପ୍ରତିଷ୍ଠାତା ଦିବସରେ ଯୋଗ ଦେଇଥିଲେ । ସେହିପରି କମ୍ପାନୀର ଉତ୍ତର ପ୍ରଦେଶର ସାହିବାବାଦ, ମହାରାଷ୍ଟ୍ରର ଖପୋଲି, ଔରଙ୍ଗାବାଦ, ଚାକନ୍ ଓ ତାମିଲନାଡୁର ହସୁରଠାରେ ଥିବା ପ୍ଲାଣ୍ଟରେ ମଧ୍ୟ ଜାମସେଦଜୀଙ୍କ ୧୮୦ତମ ଜୟନ୍ତୀ ପାଳିତ ହୋଇଯାଇଛି ।

## ବିବି ହାଇସ୍କୁଲ ୧୯୬୯ ମାଟ୍ରିକ ବ୍ୟାଚ ବୈଠକ

ଢେଙ୍କାନାଳ ଅଫିସ,୩।୩

ଶତାୟୁ ଶିକ୍ଷା ଅନୁଷ୍ଠାନ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ଢେଙ୍କାନାଳର ୧୯୬୯ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ବିରଞ୍ଚି ନାରାୟଣ ପାଣି, ଶିକ୍ଷାବିତ୍ ବିମଳ ନନ୍ଦ, ଗୋପାଳ ପଟ୍ଟନାୟକ, ୱଲି ମହମ୍ମଦ୍, ରମେଶ ପତି, ସୁଲେମାନ୍ ଖାଁ, ଆଡଭୋକେଟ୍ ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, କ୍ରୀଡାବିତ୍ ଶୈଳେନ୍ଦ୍ର ପ୍ରସାଦ ବର୍ମା, ଶରତ ପାଣି, ଆଇନଜୀବୀ ଶ୍ୟାମ ସୁନ୍ଦର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୧୦ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମତାମତ ପ୍ରଦାନ କରିଥିଲେ। ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ସଂଯୋଜକ ଡା. ଦେବୀ ପ୍ରସାଦ ମିଶ୍ର ସ୍କୁଲର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ଆସନ୍ତା ୧୦ ତାରିଖରେ ଜିଲା ଲେଖକ ସଂସଦ ସଂସ୍କୃତି ଭବନ ଶାଣ୍ଡିଲ୍ୟ ବସନ୍ତ ଭବନ ଓ ବ୍ରଜନାଥ ପାଠଗାର ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

## ସେଲ୍ଫି କର୍ଣ୍ଣର



@ ଦେବେନ୍ଦ୍ର



@ ସୁନନ୍ଦା

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ବିଦ୍ୟାର୍ଥୀ ସଚେତନ, ସଙ୍ଗଠିତ ହୁଅନ୍ତୁ



ଭୁବନ,୩।୩(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ରବିବାର ଏବିଭିପିର ଭୁବନ ଶାଖା ପକ୍ଷରୁ ଭାରତ ଗୌରବ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲାର ପ୍ରତି ମହାବିଦ୍ୟାଳୟର ୭୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ଶିଶିକାନ୍ତ ମିଶ୍ର ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଢେଙ୍କାନାଳ ବିଭାଗ ପ୍ରମୁଖ ଏବିଭିପି ରାଜ୍ୟ ପୂର୍ବତନ ସଭାପତି ଦିଲୀପ କୁମାର ଦାସ ବର୍ତ୍ତମାନ ଭାରତର ସାମଗ୍ରିକ ଅର୍ଥନୀତିର ଅଗ୍ରଗତିକୁ ଗୁରୁତ୍ୱ ଦେଲେ ବିଶ୍ୱଗୁରୁ ମାନ୍ୟତା ପାଇପାରିବ ବୋଲି କହିଥିଲେ। ଏଥିପାଇଁ ବିଦ୍ୟାର୍ଥୀମାନେ ସଚେତନ ଓ ସଙ୍ଗଠିତ ହେବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଯୁବକମାନେ ଚାକିରି ପଛରେ ନ ଗୋଡାଇ ଚାକିରି ସୃଷ୍ଟି ପାଇଁ ନୂଆ ଚିନ୍ତାଧାରା ଆପଣାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ବିଭାଗ ସହ ପ୍ରମୁଖ ଅଧ୍ୟାପକ ମୁରଲୀ ଜେନାମଣି, ଜିଲା ସଂଯୋଜକ ଗୁଲସନ ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

## ମହିମା କଲେଜ ବାର୍ଷିକ ଉତ୍ସବ

# ଚରିତ୍ରବାନ୍, ଶୃଙ୍ଖଳିତ ହେବାକୁ ପରାମର୍ଶ

ଢେଙ୍କାନାଳ ଅଫିସ, ୩।୩

ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା ପରିଷଦ ସଭାପତି ତଥା ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଏବଂ ଚରିତ୍ରବାନ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଗ୍ରହାଳୟ କ୍ୟୁରେଟର ଡ. ଭାଗ୍ୟଲିପି ମଲ୍ଲ ଯୋଗଦେଇ କହିଲେ, କଲେଜ ହେଉଛି ପବିତ୍ର ଅନୁଷ୍ଠାନ। ଛାତ୍ରୀଛାତ୍ରମାନେ ଶିକ୍ଷାରେ ମନୋନିବେଶ କରି ଏହାର ଟେକ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସୁନାଗରିକ ହୋଇ ଦେଶର ଯଶ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।



ମହିମା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ।

ଅଧ୍ୟକ୍ଷ ଡ. ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅଧ୍ୟାପକ ଶରତ ଚନ୍ଦ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଯୁକ୍ତ ୨ ବିଭାଗର ୨୫ ଏବଂ ଯୁକ୍ତ ୩ର ୨୯ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ର ସୁବ୍ରତ କୁମାର ରାଉତ ଏବଂ ଯୁକ୍ତ ୩ର ସଂଯୁକ୍ତା ଦାସ ଚାମ୍ପିୟନ ହୋଇଛନ୍ତି। ସେହିପରି ୨୦୧୮ ବାର୍ଷିକ ପରୀକ୍ଷାର ଶ୍ରେଷ୍ଠ ଗ୍ରାଜୁଏଟ୍ ଭାବେ ସୁମିତା ସାହୁ (କଳା), ଶୁଭଲକ୍ଷ୍ମୀ ସାହୁ (ବିଜ୍ଞାନ), ତ୍ରିନାଥ ସାହୁ (ବାଣିଜ୍ୟ) ପୁରସ୍କୃତ ହୋଇଥିଲେ। ଯୁକ୍ତ ୨ ଦ୍ୱିତୀୟବର୍ଷ ଛାତ୍ର ପ୍ରୀତିଶ ସାମଲଙ୍କୁ ଗଣିତରେ ଶ୍ରେଷ୍ଠତା ଲାଗି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ରତ୍ନାକର ଦାସ, ଅଧ୍ୟାପକ ପ୍ରହଲ୍ଲାଦ ସ୍ୱାଇଁ, ଆଦିକନ୍ଦ ମହାନ୍ତି, ଡ. ନିବେଦିତା ମହାନ୍ତି, ସଂଯୁକ୍ତା ଜେନା, କ୍ରୀଡା ଶିକ୍ଷକ ବୈକୁଣ୍ଠ ବିହାରୀ ସାହାଣୀ, କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ସାଇ ଶିବଶଙ୍କର, ଡ. ତନ୍ମୟ କବି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ପ୍ରଦୀପ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ଗଁଦିଆରେ ଉଜ୍ଜ୍ୱଳ ତାଲିମ



ତାଲିମ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ମହିଳାମାନେ।

ଢେଙ୍କାନାଳ ଅଫିସ,୩।୩

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆଖଣ୍ଡଳମଣିସାହି ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂସାର ଭୋଇଙ୍କ ତତ୍ତ୍ୱାବଧାନରେ ଉଜ୍ଜ୍ୱଳ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଶନିବାର ଆରମ୍ଭ ହୋଇଛି। ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଓଗାଁ ପ୍ରଧାନ ଶିକ୍ଷକ ହରିହର ସାହୁ, ମହୁଲଖୋଲି ବିଦ୍ୟାଳୟ ଶିକ୍ଷକ ସୁଦର୍ଶନ ପରିଡା, ଦଣ୍ଡେଇବେରେଣୀର ସର୍ବେଶ୍ୱର ଦାସ ଓ ଶିକ୍ଷକ ପୃଥ୍ୱୀରାଜ ନାୟକ ପ୍ରମୁଖ ସହାୟତା କରୁଛନ୍ତି । କର୍ମଶାଳାରେ ବିଶ୍ଳେଷଣ, ପରିକଳ୍ପନା ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ, ମୂଲ୍ୟାୟନ ସହିତ ଶିକ୍ଷକ ଅଭିବୃଦ୍ଧି କାର୍ଯ୍ୟକ୍ରମ ଚାଲୁ ରହିଛି। ସିଆରସିସି ନରେନ୍ଦ୍ର କୁମାର ତ୍ରିପାଠୀ, ଜୟଦେବ ଶତପଥୀ, ଅଭୟ ଚରଣ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# କଣିହାଁ ଖଣି ଅଞ୍ଚଳରେ ହାତୀ

କଣିହାଁ,୩।୩(ଡି.ଏନ.ଏ.)

କଣିହାଁ ବ୍ଲକ ମହକୁମାଠାରୁ ୫ କି.ମି ଦୂରରେ ଥିବା କଣିହାଁ କୋଇଲା ଖଣି ଅଞ୍ଚଳକୁ ରବିବାର ଏକ ଦନ୍ତା ହାତୀ ପ୍ରବେଶ କରିଥିଲା। ଏହାକୁ ନେଇ ଖଣି ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ସହିତ ପଥଚାରୀମାନେ ଭୟଭୀତ ହୋଇପଡ଼ିଛନ୍ତି। କଣିହାଁ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ କହିଛନ୍ତି, ଦନ୍ତାଟି ଛେଣ୍ଡିପଦା ଜଙ୍ଗଲ ଏରିଆକୁ ରବିବାର ସକାଳେ ଆସିଛି। ସନ୍ଧ୍ୟାରେ ଖଣି ନିକଟ ପଥରମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ରହିଛି। ଘଉଡ଼ାଇବା ପାଇଁ ବନବିଭାଗର ଟିମ୍ କାର୍ଯ୍ୟରେ ଲାଗିଛି। ହାତୀ ଯିବା ବାଟରେ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

## ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଆଲୋଚନା

କାମାକ୍ଷାନଗର,୩।୩(ଡି.ଏନ.ଏ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲି ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବ୍ଲକ ବିଆରସିସି ତଥା ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଜଳଧର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ପଢିଆରୀ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ବିଶ୍ୱାଳ ମୁଖ୍ୟଅତିଥି, ମହୁଲି ଗ୍ରାମ ସଭାପତି ରବିନାରାୟଣ ସାହୁ, ସରପଞ୍ଚ ଅନିମା ନାୟକ, ସମିତି ସଭ୍ୟା ସଂଘମିତ୍ରା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ରାଉତ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିଶୁର ସର୍ବାଙ୍ଗୀନ ବିକାଶ ଉପରେ ଆଲୋଚନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମଞ୍ଜରୀ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ହେମଲତା ସାହୁ, ଇନ୍ଦୁଲତା ସାହୁ, ଜ୍ୟୋତିର୍ମୟୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବସନ୍ତ ମିଳନ ଉତ୍ସବରେ କବିତା ପାଠ

# ଅଙ୍ଗୀକାରବଦ୍ଧତା ସାହିତ୍ୟକୁ କାଳଜୟୀ କରିପାରିବ

ଢେଙ୍କାନାଳ ଅଫିସ,୩।୩

ଢେଙ୍କାନାଳ ସହର ଦେଉଳସାହିସ୍ଥିତ କବିକୁଟୀରଠାରେ କବିଭୂଷଣ ସ୍ମୃତି ସଂସଦର ବସନ୍ତ ମିଳନ ଉତ୍ସବ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ଯୋଗଦେଇ କହିଲେ, ସମାଜ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଲେଖନୀ ଚାଳନା କଲେ ସାହିତ୍ୟ କାଳଜୟୀ ହୋଇପାରିବ। ସମ୍ମାନିତ ଅତିଥି ଭାବେ ରେଣୁବାଳା ସ୍ମୃତି ସଂସଦର ରାଜ୍ୟ ସଭାନେତ୍ରୀ ସଂଯୁକ୍ତା ମିଶ୍ର, ସଂସଦର ଉପସଭାନେତ୍ରୀ ନିରୁପମା ଦାସ ଯୋଗ ଦେଇଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅର୍ଚ୍ଚନା ରଥଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୨୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଇଂ ମାନସ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଉମେଶଚନ୍ଦ୍ର ଦାଶଙ୍କ ପରିଚାଳନାରେ କବିଭୂଷଣ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମନୋରଞ୍ଜନ ନନ୍ଦ, ଉପସଭାପତି ନିରୁପମା ଦାସ ଓ ଅର୍ଚ୍ଚନା ରଥ, ସମ୍ପାଦକ ପରେଶଚନ୍ଦ୍ର ପଟ୍ଟନାୟକ, ଅର୍ଥ ସମ୍ପାଦକ ସୁମିତା ପଟ୍ଟନାୟକ, ସଂଗଠନ ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ମାନସ କୁମାର ନନ୍ଦ ଓ ମାକ୍ଷିତମାମି ମହାପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ନମିତା ମନୋହରୀ, ଡ. ନିଳନ ମିଶ୍ର, ମୈତ୍ରୟୀ ଶୁଭଦା, ସଂଯୁକ୍ତା ମିଶ୍ର, ମନୋଜ ମଞ୍ଜରୀ ଦାଶ, ପ୍ରିୟଦର୍ଶିନୀ ହୋତା ପ୍ରମୁଖ ନିର୍ବାଚିତ ହୋଇଥିଲେ ।



କବିଭୂଷଣ ସ୍ମୃତି ସଂସଦର ବସନ୍ତ ମିଳନ ଉତ୍ସବ।

# ସରକାରକୁ ଆସିଲେ ଶିକ୍ଷକମାନଙ୍କ ସମସ୍ୟା ଦୂର କରାଯିବ: ନିରଞ୍ଜନ

ଭୁବନେଶ୍ୱର,୩।୩ (ବ୍ୟୁରୋ)

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଦେଶ କଂଗ୍ରେସ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ଶତାଧିକ ପ୍ରତିନିଧି ଯୋଗଦେଇଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନିରଞ୍ଜନ କହିଛନ୍ତି ଯେ, ଶିକ୍ଷକ ଜାତି ସମାଜର ଜାଗ୍ରତ ପ୍ରହରୀ। ସମାଜକୁ ଉଜ୍ଜୀବିତ କରି ଗଢ଼ିତୋଳିବାରେ ଅତୀତରେ ଶିକ୍ଷକ ସମାଜ ନେତୃତ୍ୱ ନେଇଛି ଓ ନେଉଛି। ଆଗରୁ ମଧ୍ୟ ନେଉଥିବ। ସମାଜର ପରିବର୍ତ୍ତନରେ ଶିକ୍ଷକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ କ୍ଷମତାକୁ ଆସିଲେ ଅବିଳମ୍ବେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଓ ଶିକ୍ଷକମାନଙ୍କର ସମସ୍ୟାକୁ ଦୂର କରାଯିବ ବୋଲି ନିରଞ୍ଜନ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପ୍ରାରମ୍ଭରେ ଅମର ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପରେ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ରାଜ୍ୟର ଶିକ୍ଷକ ଓ କର୍ମଚାରୀମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ସେ ଉପସ୍ଥାପନ କରିଛନ୍ତି। ଓଡ଼ିଶାର ସମସ୍ତ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାରୀକରଣ କରିବା ସହ ଅବସର ପାଇଥିବା ଓ ପାଇବାକୁ ଥିବା ସମସ୍ତ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ଶିକ୍ଷା ବର୍ଷ ଆରମ୍ଭରୁ ଖାଲିପଡ଼ିଥିବା ସମସ୍ତ ପଦବୀ ପୂରଣ, କର୍ମଚାରୀମାନଙ୍କର କ୍ୟାଡ଼ର, ପଦୋନ୍ନତି ଓ ବଦଳି କାର୍ଯ୍ୟକ୍ରମ ନିର୍ଦ୍ଧାରଣ, ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କ ଭିନ୍ନଭିନ୍ନ ନାମକରଣକୁ ଉଚ୍ଛେଦ, ବେକାରି ବିଇଡି ଓ ତାଲିମପ୍ରାପ୍ତ ଶିକ୍ଷକମାନଙ୍କର ମେରିଟ ଲିଷ୍ଟ ପ୍ରସ୍ତୁତ କରି ସେଥିରୁ ପ୍ରତିବର୍ଷ ନିଯୁକ୍ତି ଦିଆଯାଉ ବୋଲି ରମାକାନ୍ତ କହିଛନ୍ତି। ସଙ୍ଗଠନର ଯୁବନେତା ଅଧ୍ୟାପକ ସଂଜୀବ ମହାନ୍ତି କହିଛନ୍ତି ଯେ, କଂଗ୍ରେସକୁ ବଳିଷ୍ଠ କରିବା ପାଇଁ କଂଗ୍ରେସ ଶିକ୍ଷକ ସେଲ ପ୍ରତି ପଞ୍ଚାୟତସ୍ତରରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସଂଜୀବ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୩(ବ୍ୟୁରୋ)- ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ତରଫରୁ ରବିବାର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। କିଛିଦିନ ତଳେ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ସେବିକାମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସେବିକାମାନଙ୍କର ଦରମାରେ ଥିବା ଅସଙ୍ଗତି ଦୂର କରିବା ଓ କ୍ୟାଡର ଅପଗ୍ରେଡସନ କରି ପଦୋନ୍ନତି ଦେବା ପାଇଁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସମୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପଦେଷ୍ଟା କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ମହାସଚିବ ସୁବାସ ସିଂହ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ସଭାନେତ୍ରୀ ପ୍ରତିମା ସାମନ୍ତରାୟ, ସାଧାରଣ ସମ୍ପାଦିକା ପ୍ରଭାତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଦିଅର ଟାଙ୍ଗିଆ ଚୋଟରେ ଭାଉଜ ମୃତ

ଜମନକିରା/କୁଚିଣ୍ଡା,୩।୩ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଗୁଣ୍ଡୁରୁଚୁଆଁ କିସାନପଡ଼ାରେ ରବିବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି । ଜଣେ ବ୍ୟକ୍ତି ତାଙ୍କ ଭାଉଜଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସୁଖ କିଷାନ(୬୮) । କୁଚିଣ୍ଡା ପୋଲିସ ଅଭିଯୁକ୍ତ ରାମ କଷାନ (୬୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାକୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, କିଷାନପଡ଼ାର ସୁଖ ସକାଳେ ଖାଇବା ପାଇଁ ନାତୁଣୀକୁ ଗରମ ଭାତ ମାଗିଥିଲେ। ଏ କଥାକୁ ନେଇ ରାମ ଅସନ୍ତୋଷ ପ୍ରକାଶ କରି ଭାଉଜ ସୁଖଙ୍କ ଉପରେ ବିରକ୍ତି ହୋଇଥିଲେ। ସେହି କଥାକୁ ନେଇ ଭାଉଜ ଓ ଦିଅରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସାମନ୍ୟ କଥା ଯୋଗୁ ହିତାହିତ ଜ୍ଞାନ ହରାଇ ରାମ ଏକ ଟାଙ୍ଗିଆରେ ଭାଉଜ ସୁଖଙ୍କୁ ହାଣି ପକାଇଥିଲେ।

नालको NALCO

National Aluminium Company Limited
(A Government of India Enterprise)
Smelter Plant, Nalco Nagar,
Angul - 759 145, Odisha
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
**NIT No. : OMC-4988, Name of the work :** Disposal of Carbon portion of spent pot lining (SPL) materials at Smelter Plant.
For details of NITs like contract period, EMD, Date and time of E-submission, Part-I Bid Opening, Modification / Amendments (if any) please log in to **www.nalcoindia.com** & **http://eprocure.gov.in**

**DGM (Mech.)T&C**

**DISTRICT PROJECT OFFICE, SARVA SIKSHA ABHIYAN, BOLANGIR**

**SHORT TENDER CALL NOTICE FOR PRINTING AND SUPPLY OF REPORT CARDS FROM CLASS-I TO VIII, 2018-19**

**Notice No.V/PDG/19/2018-336, Date- 01.03.2019**

Sealed quotations of rate are invited by the undersigned from the registered Firms or Printers having valid Production Certificate, valid regd. No., PAN No. and up to date GST certificate and 3 years audited Balance sheet for printing and supply of Report Cards to the Block point for -2018-19 from Class- I to Class VIII of Bolangir Dist. The bidder shall apply as per the terms and conditions laid down in the bid document. The Bid Documents containing detailed terms and conditions are available at District Project Office, SSA, Bolangir and the website **www.balangir.nic.in** and **www.opepa.in** during office hours on working days from 02.03.2019 to 10.03.2019 up to 05.00 PM. The Quotation paper shall be received only through Regd. Post / Speed Post / Courier or by hand on or before 11.03.2019 up to 04.00 PM. Quotation papers will be opened at Chamber of the Additional District Magistrate, Bolangir in the presence of the bidders on 12.03.2019 at 04.00 PM. under the Chairmanship of Additional District Magistrate, Bolangir. EMD of unsuccessful bidders will be refunded after finalization of the Tender. The authority reserves the right to amend, alter, modify or cancel any / all quotations without assigning any reason thereof.

**Sd./- Collector-cum-Chairman, Bolangir**

idco Your power to grow | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

No. HO/CIV/T&E/E/4376/04/2019/4463 Dated :- 01.03.2019

**CORRIGENDUM TO E.O.I No. 2970 Dt. 13.02.19**

The Bid document with Annexure, last date of receipt of the Techno-Financial bid & opening of Technical Bid for the EOI notice called for the "Construction of Science Centre at Khandapada in Nayagarh District" have been modified. Revised Bid Document and BOQ can be uploaded from our website.
The detail corrigendum notice can be seen in our website **www.idco.in** (in tenders EOI/REP/Others).

Sd/-
Chief General Manager (Civil) I/C
IDCO, Bhubaneswar

# ଘରେ ନିଆଁ ଲାଗି ପୁଅ ଜୀବନ୍ତ ଦଗ୍ଧ

ଭବାନୀପାଟଣା/ଧର୍ମଗଡ଼/ଗୋଲାମୁଣ୍ଡା,୩।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଟେମରି ଗାଁରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି । ଘରେ ନିଆଁ ଲାଗି ଜଣେ ଯୁବକ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ତାଙ୍କ ସାନଭାଇ ଓ ମା' ନିଆଁରେ ପୋଡ଼ି ଆହତ ହୋଇଛନ୍ତି । ମୃତକ ହେଲେ ସଞ୍ଜୀବ ପଟେଲ (୨୨)। ସଞ୍ଜୀବଙ୍କ ସାନ ଭାଇ ରଞ୍ଜିତ(୧୭) ଓ ମା' ସୁକାନ୍ତି(୫୨) ଆହତ ହୋଇଛନ୍ତି । ଉଭୟଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନାନୁଯାୟୀ, ଅପରାହ୍ନରେ ଟେମରି ଗ୍ରାମର କପିଳ ପଟେଲଙ୍କ ଘରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଖୁବ୍ କମ୍ ସମୟ ଭିତରେ ସେହି ନିଆଁ ଚାରି ଆଡ଼କୁ ବ୍ୟାପିଯାଇଥିଲା । ଏହି ସମୟରେ ଘରେ କପିଳଙ୍କ ସ୍ତ୍ରୀ ଓ ଦୁଇ ପୁଅ ଥିଲେ । ସଞ୍ଜୀବ ମା' ଓ ସାନ ଭାଇଙ୍କୁ ନିଆଁ କବଳରୁ ରକ୍ଷା କରିଥିବା ବେଳେ ସେ ନିଜକୁ ରକ୍ଷା କରି ପାରି ନ ଥିଲେ । ଖବର ପାଇ ଧର୍ମଗଡ଼ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ସେତେବେଳକୁ ସଞ୍ଜୀବ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସୁକାନ୍ତି ଓ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୋଲାମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକେ ଗ୍ୟାସ ସିଲିଣ୍ଡରରୁ ନିଆଁ ବ୍ୟାପିବା ଯୋଗୁ ଏଭଳି ଘଟଣା ଘଟିଥିବା କହିଛନ୍ତି । ହେଲେ ପ୍ରକୃତ କାରଣ ଜଣାପଡିନାହିଁ । ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହକୁ ଘର ଭିତରୁ ବାହାର କରାଯାଇନାହିଁ।

# ପ୍ରଫେସର ଦାସରଥି ଦାସ ପାଇଲେ ସାହିତ୍ୟ ଏକାଡେମି ପୁରସ୍କାର

କଟକ ଅଫିସ, ୩।୩- ବିଶିଷ୍ଟ ସମାଲୋଚକ ପ୍ରଫେସର ଦାସରଥି ଦାସଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ରବିବାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କଟକ ଶତାବ୍ଦୀ ଭବନରେ ସାହିତ୍ୟ ଏକାଡେମି ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ତଥା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ. ବିଜୟାନନ୍ଦ ସିଂହ ଏହି ପୁରସ୍କାର ପ୍ରଫେସର ଦାସଙ୍କୁ ସାହିତ୍ୟ ଏକାଡେମି ପକ୍ଷରୁ ପ୍ରଦାନ କରିଥିଲେ। ପ୍ରଫେସର ଦାସଙ୍କ ସାହିତ୍ୟ ସାଧନା ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ଡ. ସିଂହ କହିଥିଲେ। ପ୍ରଫେସର ଦାସ ପୁରସ୍କାର ଗ୍ରହଣକରି କହିଥିଲେ, ପୁରସ୍କାର ଘୋଷଣା ପରେ ମୋର ଶୁଭେଚ୍ଛୁ ଓ ପାଠକମାନଙ୍କ ଶ୍ରଦ୍ଧା, ସ୍ନେହ ଓ ଆନ୍ତରିକତାରେ ମୁଁ ମୁଗ୍ଧ ହୋଇଛି। କେନ୍ଦ୍ର ସାହିତ୍ୟଏକାଡେମି କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ମାନପତ୍ର ପାଠ କରିଥିଲେ।

## କଟକ ମହାନଗର ନିଗମ

**ଚୌଧୁରୀ ବଜାର, କଟକ-୭୫୩୦୦୯**

ପତ୍ର ନଂ. ୨୧୯୮ ତାରିଖ: ୦୨।୦୩।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ ଓ କିଲିଖାନାଗୁଡ଼ିକ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ଏବଂ ପୋଖରୀ ଆଦି ସୈରାତଗୁଡ଼ିକ ୨୦୧୯-୨୦ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ଆସନ୍ତା ତା୨୬।୦୩।୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତଗୁଡ଼ିକ ପାଇଁ ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ ୨୮।୦୩।୨୦୧୯ ରିଖ ଦିବା ୧୧ ଘଟିକା ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପାଗୁଡ଼ିକ ପର୍ଯ୍ୟାୟକ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.gov.in**ରେ ଦେଖି ପାରିବେ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ।**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରିନଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ।
୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରି ମାମଲା ବିଚାରାଧୀନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରିନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ।
୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ। ତାହା ନହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ।
୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନହୁଏ, ତାହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ପୁନି ଟେଣ୍ଡର କରି ପାରିବେ।
୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମହାସୁଲ) ନିମ୍ନମତେ ଆଦାୟ କରିବେ।
(କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା।
(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୧୦.୦୦ଙ୍କା।
(ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୫.୦୦ଙ୍କା।
(ଘ) ସାଇକେଲ ପ୍ରତି ଦୈନିକ ଟ.୨.୦୦ଙ୍କା।
୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ।
୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟପତ୍ର ବେକରେ ଝୁଲାଇବେ।
୮. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହନର ନିରାପତ୍ତା ନିମନ୍ତେ ଜଗୁଆଳିର ବ୍ୟବସ୍ଥା କରିବେ।
୯. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ।
୧୦. ଉକ୍ତ ଟେଣ୍ଡର ଡାକକୁ କର୍ତ୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

| କ୍ର. ନଂ. | ସୈରାତଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | ଟେଲିଫୋନ ଭବନ ସମ୍ମୁଖ ପାର୍କିଂ ସ୍ଥାନ, ବକ୍ସିବଜାର ରୋଡ଼ | ଟ.୪୪୮୦୦/- | ଟ.୪୪୯୦/- | ଆର୍ଥିକ ବର୍ଷ ୨୦୧୯-୨୦ |
| ୨. | ପୋଷ୍ଟ ଅଫିସ ସମ୍ମୁଖ ପାର୍କିଂ ସ୍ଥାନ, ଚାନ୍ଦିନୀଚୌକ | ଟ.୩୧୯୯୦/- | ଟ.୩୧୯୦/- | |
| ୩. | ବମ୍ବେ ହୋଟେଲ ସମ୍ମୁଖ ପାର୍କିଂ ସ୍ଥାନ, ଯୋବ୍ରାରୋଡ଼ | ଟ.୧୨୭୦୦୦/- | ଟ.୧୨୭୦୦/- | |
| ୪. | କଟକ ସୁଇଟ୍ସଷ୍ଟଲ ସମ୍ମୁଖ ପାର୍କିଂ ସ୍ଥାନ, କଲେଜଛକ | ଟ.୧୯୮୦୦/- | ଟ.୨୦୦୦/- | |
| ୫. | ପେଟ୍ରୋଲ ପମ୍ପ ସମ୍ମୁଖ ପାର୍କିଂ ସ୍ଥାନ, କଲେଜଛକ | ଟ.୧୩୨୦୦୦/- | ଟ.୧୩୨୦୦/- | |
| ୬. | ଗୌରୀଶଙ୍କର ପାର୍କ ସମ୍ମୁଖ ପାର୍କିଂ ସ୍ଥାନ | ଟ.୯୧୩୦୦/- | ଟ.୯୧୩୦/- | |
| ୭. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୪୩୦୦/- | ଟ.୭୪୩୦/- | |
| ୮. | ଏସ୍.ବି.ଆଇ. ମୁଖ୍ୟ ଶାଖା ସାମନା ତିନିକୋଣିଆ ପାର୍କିଂ ସ୍ଥାନ | ଟ.୨୯୯୦୦୦/- | ଟ.୨୯୯୦୦/- | |
| ୯. | ପି.ଏମ୍. ଏକାଡେମୀ ପାଖ ପାର୍କିଂ ସ୍ଥାନ | ଟ.୪୮୭୦୦/- | ଟ.୪୮୭୦/- | |
| ୧୦. | ମଙ୍ଗଳାବାଗ ଭେଟେରିନାରୀ କାର୍ଯ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୧୮୦୦/- | ଟ.୭୧୮୦/- | |
| ୧୧. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ.୩୪୧୦୦/- | ଟ.୩୪୧୦/- | |
| ୧୨. | ପୁରୁଣା ଜେଲ ସମ୍ମୁଖ ପାର୍କିଂ ସ୍ଥାନ, ଦରଘା ବଜାର | ଟ.୧୧୧୩୧୦୦/- | ଟ.୧୧୧୩୧୦/- | |
| ୧୩. | ଗୋପବନ୍ଧୁ ପାର୍କ ପାର୍ଶ୍ୱବର୍ତ୍ତୀ ପାର୍କିଂ ସ୍ଥାନ, ବକ୍ସିବଜାର | ଟ.୭୬୦୦/- | ଟ.୭୬୦/- | |
| ୧୪. | ଗୌରୀଶଙ୍କର ପାର୍କ ପଛପଟ ପାର୍କିଂ ସ୍ଥାନ | ଟ.୭୭୯୦୦ | ଟ.୭୭୯୦/- | |
| ୧୫. | କନିକା ଛକ ପାର୍କିଂ ସ୍ଥାନ | ଟ.୧୦୦୦୦/- | ଟ.୧୦୦୦/- | |
| ୧୬. | ରାଣୀହାଟ ଦୁର୍ଗା ଘର ସାମନା ପାର୍କିଂ ସ୍ଥାନ | ଟ.୧୯୪୦୦/- | ଟ.୧୯୪୦/- | |
| ୧୭. | ତିନିକୋଣିଆ ବଗିଚା ପାଖ ପାର୍କିଂ ସ୍ଥାନ | ଟ.୧୪୩୦୦/- | ଟ.୧୪୩୦/- | |
| ୧୮. | ଡା. ତେଜେଶ୍ୱର ରାଓ ଛକଠାରୁ ଏସ୍.ସି.ବି. ମେଡ଼ିକାଲ ପ୍ରସ୍ଥାନ ଦ୍ୱାର ପର୍ଯ୍ୟନ୍ତ ପାର୍କିଂ ସ୍ଥାନ, ରାଣୀହାଟ | ଟ.୩୬୫୮୦୦/- | ଟ.୩୬୫୮୦/- | |
| ୧୯. | ମ୍ୟୁନିସିପାଲିଟି ମାର୍କେଟ ବିପରୀତ ପାଖ ପାର୍କିଂ ସ୍ଥାନ, ରାଣୀହାଟ କେନାଲ ରୋଡ଼ | ଟ.୬୮୦୦୦/- | ଟ.୬୮୦୦/- | |
| ୨୦. | ବକ୍ସିବଜାର ରୋଡ଼ ଉପର ମାଳିସାହି ଗଡ଼ା ନିକଟ ପାର୍କିଂସ୍ଥାନ | ଟ.୫୬୪୦୦/- | ଟ.୫୬୪୦/- | |
| ୨୧. | ମାତାମଠ ଛକ ବିଏସ୍‌ଏନ୍‌ଏଲ ପାଚେରୀ ପଟ ପାର୍କିଂସ୍ଥାନ, ରିଙ୍ଗରୋଡ଼ | ଟ.୧୩୨୦୦/- | ଟ.୧୩୨୦/- | |
| ୨୨. | ସତୀଚୌରା କାଠ ଗୋଲାଠାରୁ ଅଶ୍ୱିନୀ ହସ୍ପିଟାଲ ସମ୍ମୁଖ ପର୍ଯ୍ୟନ୍ତ ପାର୍କିଂ ସ୍ଥାନ | ଟ.୨୨୦୭୪୦/- | ଟ.୨୨୦୮୦/- | |
| ୨୩. | ଷ୍ଟାର ହସ୍ପିଟାଲ ସମ୍ମୁଖ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟ ଛାତ୍ରାବାସ ପାଚେରୀପାଖ ପାର୍କିଂ ସ୍ଥାନ, ଯୋବ୍ରାରୋଡ଼ | ଟ.୭୩୫୦୦/- | ଟ.୭୩୫୦/- | |
| ୨୪. | ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ ଓ ସହିଦ ପାର୍କ ପାର୍ଶ୍ୱବର୍ତ୍ତୀ ଖାଲିସ୍ଥାନ | ଟ.୭୭୩୦୦/- | ଟ.୭୭୩୦/- | |
| ୨୫. | ବାଦାମବାଡ଼ି ଟ୍ୟାକ୍ସି ଷ୍ଟାଣ୍ଡ | ଟ.୨୦୩୫୦୦/- | ଟ.୨୦୩୫୦/- | ଆର୍ଥିକ ବର୍ଷ ୨୦୧୯-୨୦ |
| ୨୬. | ଅରବିନ୍ଦ ଲଜ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ, କଲେଜ ଛକ | ଟ.୬୦୬୦୦/- | ଟ.୬୦୬୦/- | |
| ୨୭. | ଗୌରୀଶଙ୍କର ପାର୍କ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ | ଟ.୬୧୪୦୦/- | ଟ.୬୧୪୦/- | |
| ୨୮. | କେଶରପୁର କିଲିଖାନା | ଟ.୮୦୧୦୦/- | ଟ.୮୦୧୦/- | |
| ୨୯. | ସତୀଚୌରା କିଲିଖାନା | ଟ.୫୦୧୦୦/- | ଟ.୫୦୧୦/- | ଆର୍ଥିକ ବର୍ଷ ୨୦୧୯-୨୦ |
| ୩୦. | ପଟ୍ଟାପୋଲ କିଲିଖାନା | ଟ.୭୧୫୦୦/- | ଟ.୭୧୫୦/- | |
| ୩୧. | ଖାନନଗର କିଲିଖାନା | ଟ.୧୭୬୦୦୦/- | ଟ.୧୭୬୦୦/- | |
| ୩୨. | ନେହେରୁପଲ୍ଲୀ କିଲିଖାନା | ଟ.୬୪୧୭୦/- | ଟ.୬୪୨୦/- | |
| ୩୩. | ପନ୍ଦରଫୁଟିଆ ପୋଖରୀ, ଗୋପାଳପୁର | ଟ.୫୫୦୦/- | ଟ.୫୫୦/- | ଆର୍ଥିକ ବର୍ଷ ୨୦୧୯-୨୦ ଠାରୁ ୨୦୨୧-୨୨ |
| ୩୪. | ଗାନ୍ଧୀ ସ୍ମୃତି ପୋଖରୀ, ତେଲେଙ୍ଗାପେଣ୍ଠ | ଟ.୭୯୦୦/- | ଟ.୭୯୦/- | |
| ୩୫. | ପଦ୍ମପୋଖରୀ | ଟ.୯୭୦୦/- | ଟ.୯୭୦/- | |
| ୩୬. | ଘି ପୋଖରୀ | ଟ.୨୧୪୦୦/- | ଟ.୨୧୪୦/- | |
| ୩୭. | କଣ୍ଡରାପୋଖରୀ | ଟ.୧୮୭୦୦/- | ଟ.୧୮୭୦/- | |

**ପ୍ଲାଷ୍ଟିକ ମୁକ୍ତ, ଆମ ସଂକଳ୍ପ**

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**- ଘୋଷଣା -**

RDM-LAB-BOUDH-0037-2017 / 714 ତା.14.01.2019

**No.XXXI-103:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମ ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଝାରମୁଣ୍ଡା, ଥାନା- ବୌଦ୍ଧ, ନଂ-୪୮, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୨୦୬ ତା.୩୧।୦୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଝାରମୁଣ୍ଡା, ଥାନା- ବୌଦ୍ଧ ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।
ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.boudh,nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- ବୌଦ୍ଧ** **ତହସିଲ-ବୌଦ୍ଧ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଝାରମୁଣ୍ଡା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୨୩.୧୫୦ | ଏ.୮.୩୮୦ | ଏଥିସହ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- ବୌଦ୍ଧ ତହସିଲ-ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• **ଅଧିସୂଚନାର ବୌଧ ତାରିଖ:- ୧୧।୦୮।୨୦୧୮**


**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଏଲୋରା ସାମଲ) ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ**

ଜମିର ତାଲିକା
ଖୋର୍ଦ୍ଧା ରୋଡ- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ
ଗ୍ରାମ-ଝାରମୁଣ୍ଡା, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ, (ନଂ-୪୮) ଜିଲ୍ଲା- ବୌଦ୍ଧ
ଏ. ବ୍ୟକ୍ତିଗତ. ଜମି

| କ୍ରମିକ ନଂ | ୧ ଖତିୟାନ ନଂ | ୨ ପ୍ଲଟ୍ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୧ | ୮୦ | ୦.୬୫୦ | ୦.୫୪୦ | ଶାରଦ ଜଳ-୨ | ଅନ୍ତର୍ଯ୍ୟାମି ମହାକୁଡ, ପି-ପଦ୍ମ ମହାକୁଡ, ବା-ଝାରମୁଣ୍ଡା |
| ୨ | ୩ | ୨୫ | ୦.୨୦୦ | ୦.୨୦୦ | ଶାରଦ-୨ | ଅଭି ନାଏକ, ପି-ବମ୍ଭ ନାଏକ, ବା-ଝାରମୁଣ୍ଡା |
| ୩ | | ୧୯ | ୦.୫୮୦ | ୦.୧୦୦ | ଶାରଦ-୨ | |
| ୪ | ୬ | ୬୯ | ୧.୦୮୦ | ୦.୨୦୦ | ଶାରଦ ଜଳ-୨ | ଏକାଦଶି ମହାକୁଡ, ପି-ଗୌରାଙ୍ଗ ମହାକୁଡ, ବା-ଝାରମୁଣ୍ଡା |
| ୫ | ୧୩ | ୬୫ | ୦.୫୫୦ | ୦.୩୦୦ | ଶାରଦ ଜଳ-୨ | ଚଞ୍ଚଳ ମଳିକ, ପି-ହର୍ଷନ ମଳିକ, ବା-ଝାରମୁଣ୍ଡା |
| ୬ | | ୬୯ | ୦.୬୩୦ | ୦.୩୬୦ | ଶାରଦ ଜଳ-୨ | |
| ୭ | ୧୬ | ୪୮ | ୦.୮୨୦ | ୦.୩୨୦ | ଶାରଦ ଜଳ-୨ | ଜୟଦେବ ବାରିକ, ପି-ଗୁବର ବାରିକ, ବା-ଝାରମୁଣ୍ଡା |
| ୮ | | ୧୧୯ | ୦.୫୮୦ | ୦.୦୨୦ | ଶାରଦ ଜଳ-୨ | |
| ୯ | ୨୭ | ୮୧ | ୦.୪୦୦ | ୦.୦୫୦ | ଶାରଦ ଜଳ-୨ | ନାରାୟଣ ମହାକୁଡ, ପି-ନୃସିଂହ ମହାକୁଡ, ରୋଦନା ମହାକୁଡ, ସା-ନୃସିଂହ ମହାକୁଡ ବା-ଝାରମୁଣ୍ଡା |
| ୧୦ | ୩୪ | ୩୦ | ୦.୧୫୦ | ୦.୦୯୦ | ଶାରଦ ଜଳ-୨ | ପାଣ୍ଡବ ବାରିକ, ପି-ଗୁବର ବାରିକ, ବା-ଝାରମୁଣ୍ଡା |
| ୧୧ | | ୪୪ | ୦.୩୪୦ | ୦.୦୭୦ | ଘରବାରି | |
| ୧୨ | | ୫୦ | ୦.୨୮୦ | ୦.୧୯୦ | ଶାରଦ ଜଳ-୨ | |
| ୧୩ | | ୧୨୦ | ୦.୮୮୦ | ୦.୦୧୦ | ଶାରଦ ଜଳ-୨ | |
| ୧୪ | | ୧୧୫ | ୦.୪୮୦ | ୦.୪୮୦ | ଶାରଦ ଜଳ-୧ | |
| ୧୫ | | ୬୩ | ୦.୨୨୦ | ୦.୦୧୦ | ଆଟ | |
| ୧୬ | ୩୫ | ୨୮ | ୦.୩୯୦ | ୦.୩୯୦ | ଶାରଦ -୨ | ପାର୍ବତୀ ବାଘ ପି-ମହାଦେବ ନାଏକ ବା-ଝାରମୁଣ୍ଡା |
| ୧୭ | ୩୮ | ୬୦ | ୦.୬୭୦ | ୦.୨୯୦ | ଶାରଦ ଜଳ-୨ | ବାଇଧର ମଳିକ, ବାଇଧର ମଳିକ, ପି-ମେଘ ମଳିକ, ମାଣିକ ମଳିକ, ସ୍ୱା-ମେଘ ମଳିକ, ବା-ଝାରମୁଣ୍ଡା |
| ୧୮ | | ୭୦/୫୭୭ | ୦.୧୦୦ | ୦.୦୪୦ | ଶାରଦ ଜଳ-୨ | |
| ୧୯ | ୩୯ | ୩୨ | ୦.୨୬୦ | ୦.୦୭୦ | ଶାରଦ ଜଳ-୨ | ବାସନ୍ତି ଦେହୁରୀ, ପି-ଦୁଃଖି ବାରିକ, ଫଗୁଣି ବାରିକ ସ୍ୱା-ଦୁଃଖି ବାରିକ, ବା-ଝାରମୁଣ୍ଡା |
| ୨୦ | | ୫୪ | ୨.୦୦୦ | ୦.୫୧୦ | ଶାରଦ ଜଳ-୨ | |
| ୨୧ | | ୫୩ | ୦.୨୮୦ | ୦.୨୮୦ | ଆଟ | |
| ୨୨ | | ୧୧୨ | ୦.୫୬୦ | ୦.୦୧୦ | ଶାରଦ ଜଳ-୧ | |
| ୨୩ | ୪୬ | ୪୯ | ୦.୮୭୦ | ୦.୩୨୦ | ଶାରଦ ଜଳ-୨ | ମହାଦେବ ବାରିକ, ପି-ଗୁବର ବାରିକ, ବା-ଝାରମୁଣ୍ଡା |
| ୨୪ | | ୧୧୩ | ୦.୬୪୦ | ୦.୧୪୦ | ଶାରଦ ଜଳ-୧ | |
| ୨୫ | ୪୮ | ୧୯୬ | ୧.୪୦୦ | ୦.୦୪୦ | ଶାରଦ ଜଳ-୨ | ରମେଶ ପ୍ରସାଦ ମଳିକ, ଗିରିଶ କୁମାର ମଳିକ, ଜବାହର ଲାଲ ମଳିକ, ପି-ଛତ୍ରଧାରି ମଳିକ, ବା-ଝାରମୁଣ୍ଡା |
| ୨୬ | | ୭୭ | ୦.୫୨୦ | ୦.୫୨୦ | ଶାରଦ -୨ | |
| ୨୭ | ୫୧ | ୩୧ | ୦.୧୩୦ | ୦.୧୩୦ | ଶାରଦ ଜଳ-୨ | ସଦା ବାରିକ, ପି-ଗୁବର ବାରିକ, ବା-ଝାରମୁଣ୍ଡା |
| ୨୮ | | ୫୧ | ୦.୪୬୦ | ୦.୩୧୦ | ଶାରଦ ଜଳ-୨ | |
| ୨୯ | | ୧୧୮ | ୦.୬୮୦ | ୦.୧୭୦ | ଶାରଦ ଜଳ-୨ | |
| ୩୦ | | ୧୧୭ | ୦.୭୦୦ | ୦.୫୨୦ | ଶାରଦ ଜଳ-୧ | |
| ୩୧ | | ୧୧୪ | ୦.୪୮୦ | ୦.୨୩୦ | ଶାରଦ ଜଳ-୧ | |
| ୩୨ | ୫୮ | ୨୭ | ୦.୨୦୦ | ୦.୦୬୦ | ଶାରଦ -୨ | ସରୁମୁହିଁ ବାଘ, ପି-ସହଦେବ ନାୟକ, ବା-ଝାରମୁଣ୍ଡା |
| ୩୩ | ୭୦/୧୦୨ | ୨୯ | ୦.୧୬୦ | ୦.୧୬୦ | ଶାରଦ -୨ | ଅକ୍ଷୟ ପାତ୍ର, ପି-ଜଗନ୍ନାଥ ପାତ୍ର, ବା-ଝାରମୁଣ୍ଡା |
| ୩୪ | ୭୦/୧୦୯ | ୧୯୬ | ୧.୪୩୦ | ୦.୦୧୦ | ଶାରଦ ଜଳ-୨ | ତରଙ୍ଗିଣୀ ମାଝୀ, ସ୍ୱା-ବିଷ୍ଣୁ ଚରଣ ମାଝୀ, ବା-ଝାରମୁଣ୍ଡା |
| ୩୫ | ୭୦/୨୨ | ୨୪ | ୦.୪୦୦ | ୦.୪୦୦ | ଶାରଦ -୨ | ବିଷ୍ଣୁ ବାରିକ, ପି-ସଦା ବାରିକ, ବା-ଝାରମୁଣ୍ଡା |
| ୩୬ | ୬୦/୨୩ | ୧୧୬ | ୦.୧୨୦ | ୦.୦୧୦ | ଶାରଦ ଜଳ-୧ | ନନ୍ଦି ବାରିକ, ପି-ବିଷ୍ଣୁ ବାରିକ, ବା-ଝାରମୁଣ୍ଡା |
| ୩୭ | ୭୦/୪ | ୬୨ | ୦.୫୦୦ | ୦.୦୨୦ | ଆଟ | ଦଶରଥ ବାରିକ, ପି-ପାଣ୍ଡବ ବାରିକ, ତାଣ୍ଡ ବାରିକ, ସ୍ୱା- ଦଶରଥ ବାରିକ ବା-ଝାରମୁଣ୍ଡା |
| ୩୮ | ୭୦/୫୦ | ୨୩ | ୦.୨୫୦ | ୦.୦୨୦ | ଶାରଦ -୨ | ବିଷ୍ଣୁ ବାରିକ, ପି-ସଦାନନ୍ଦ ବାରିକ, ବା-ଝାରମୁଣ୍ଡା |
| ୩୯ | | ୨୬ | ୦.୧୪୦ | ୦.୦୧୦ | ଶାରଦ -୨ | |
| ୪୦ | ୭୦/୬୦ | ୭୮ | ୧.୦୦୦ | ୦.୦୧୦ | ଶାରଦ ଜଳ-୨ | ଆଶୁତୋଷ ମିଶ୍ର, ପି-ନଗେନ୍ଦ୍ର କୁମାର ମିଶ୍ର ବା-ଝାରମୁଣ୍ଡା |
| ୪୧ | ୭୦/୭୨ | ୭୯/୫୬୩ | ୦.୧୨୦ | ୦.୧୨୦ | ଶାରଦ ଜଳ-୨ | ଭୁବନ ମହାକୁଡ, ପି-ଏକାଦଶୀ ମହାକୁଡ, ବା-ଝାରମୁଣ୍ଡା |
| ୪୨ | ୭୦/୮ | ୭୦/୫୭୬ | ୦.୭୫୦ | ୦.୬୫୦ | ଶାରଦ ଜଳ-୨ | ଗଣ୍ଡା ବଘାର, ସୁରୁବୁଡା ବଘାର, ପି-ସିଦ୍ଧ ବଘାର, ବା-ଝାରମୁଣ୍ଡା |
| ମୋଟ | | | ୨୩.୧୫୦ | ୮.୩୮୦ | | |

24001/14/0591/1819

# ବୃକ୍କ ଶୋଥର ଉପଚାର





ଡା. ଆଶିଷ ବାନାର୍ଜୀ



"ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ କୋଷ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ଓ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରାମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତକରି ଅଦରକାରୀ ହାଇଡ୍ରୋଜେନ୍, ଆମୋନିୟମ, ପଟାସିୟମ, ୟୁରିଆ ଓ କ୍ରିଏଟିନିନ୍‌କୁ ବାହାରକୁ ବାହାର କରିଦେବା ଏବଂ ହର୍‌ମୋନ ଦ୍ୱାରା ରକ୍ତର ପ୍ରୋଟିନ ଅଂଶକୁ ଠିକ୍ ରଖିଥାଏ।".....

ବୃକ୍କ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତରୁ ବିଷାକ୍ତ ଦୂଷିତ ପଦାର୍ଥ, ଅଦରକାରୀ ଜଳୀୟାଂଶ, ଧାତବ ଲବଣ ଛାଣି ମୂତ୍ର ସହ ମୂତ୍ରଦ୍ୱାର ଦେଇ ବାହାରିଯାଏ। ତତ୍ ସଙ୍ଗେ ସଙ୍ଗେ ରକ୍ତର ସାନ୍ଦ୍ରତା, ରକ୍ତଚାପ, ପି.ଏଚ୍., ଲୌହର ସାମ୍ୟତା ରକ୍ଷା ଓ ରକ୍ତର ଯୌଗିକକୁ ଠିକ୍ ରଖିବା ସହ ରକ୍ତକଣିକା ନିର୍ମାଣ, ଭିଟାମିନ୍ 'ସି'କୁ କାର୍ଯ୍ୟରେ ଲଗାଇବାରେ ମୁଖ୍ୟ ଭୂମିକା ଗ୍ରହଣକରେ।

ଏହି ଅଙ୍ଗ ଦ୍ୱୟ ଆମ ଶରୀରର ଉଦରଗୁହା ମଧ୍ୟରେ ଓ ଉଦର୍ଯ୍ୟାବରଣ କଳାର ପଶ୍ଚାତ୍ ଭାଗରେ ଡାହାଣପଟ ଯକୃତ ତଳ ପାର୍ଶ୍ୱରେ ଓ ବାମର ଟିକିଏ ଉପରକୁ ବକ୍ଷକଶେରୁକା(T12) ଓ କଟି କଶେରୁକା (L3)ମଧ୍ୟରେ ଥିବା ଶିମ୍ବମଞ୍ଜି ସଦୃଶ ରେଟ୍ରୋପେରିଟୋନିଆଲ ଗହ୍ୱରରେ ବୟସ୍କମାନଙ୍କ ୧୧ସେ.ମି. ବା ୪.୩ ଇଞ୍ଚ ଲମ୍ବର ଅଙ୍ଗ ଦ୍ୱୟ ଅବସ୍ଥିତ।

ଏହା ବୃକ୍କୀୟ ଧମନୀରୁ ରକ୍ତ ଗ୍ରହଣକରି ବୃକ୍କୀୟ ଶିରା ମାଧ୍ୟମରେ ରକ୍ତ ନିଷ୍କାସିତ ହୋଇ ମହାଧମନୀରେ ପଡ଼ିଥାଏ। ଏହି ବୃକ୍କ ଦ୍ୱୟର ଉପରିସ୍ଥ ଭାଗରେ ଉପବୃକ୍କ ଅନ୍ତସ୍ରାବୀ ଗ୍ରନ୍ଥି ରହିଥାଏ।

ଏହି ବୃକ୍କ ସହ ବୃକ୍କୀୟ ନଳୀ, ମୂତ୍ରାଶୟ ଓ ମୂତ୍ରଦ୍ୱାର ସହ ସଂଯୁକ୍ତ ହୋଇ ମୂତ୍ର ବହିଃ ନିଷ୍କାସନ ହୋଇଥାଏ।

ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ କୋଷ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ଓ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରାମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତକରି ଅଦରକାରୀ ହାଇଡ୍ରୋଜେନ୍, ଆମୋନିୟମ, ପଟାସିୟମ, ୟୁରିଆ ଓ କ୍ରିଏଟିନିନ୍‌କୁ ବାହାରକୁ ବାହାର କରିଦେବା ଏବଂ ହରମୋନ ଦ୍ୱାରା ରକ୍ତର ପ୍ରୋଟିନ ଅଂଶକୁ ଠିକ୍ ରଖିଥାଏ।

**ଶୋଥର ମୁଖ୍ୟ କାରଣ**–ଚାଷରେ ବିଷାକ୍ତ କୀଟନାଶକ ସିଞ୍ଚନ ଓ ରାସାୟନିକ ସାରର ବହୁଳ ବ୍ୟବହାର, ପାଣିରେ ଟିଡିଏସ୍ ମାତ୍ରା ଅଧିକ ଥିଲେ, ଉଚ୍ଚ ରକ୍ତଚାପ, ଅନିୟନ୍ତ୍ରିତ ମଧୁମେହ, ମଦ୍ୟପାନ, ଅଧିକ ଯନ୍ତ୍ରଣା ନିବାରକ ଔଷଧ ସେବନ, ରାତି ଅନିଦ୍ରା, ଅଧିକ ପ୍ରୋଟିନ ଓ ଭିଟାମିନ୍ ଖାଦ୍ୟ ଖାଇଲେ, ସ୍ପିରିଟ ମିଶ୍ରିତ ଔଷଧ ପିଲାଟିବେଳୁ ବ୍ୟବହାରକଲେ, ମାନସିକ ଚିନ୍ତା, ଅବସାଦ, ମୂତ୍ର ବେଗାବରୋଧ, ଅତ୍ୟଧିକ ମାତ୍ରାରେ ଲୁଣ, ମିଠା ସେବନ, କମ୍ ପାଣି ପିଇଲେ, ପାଣିରେ ଆର୍ସେନିକ ମାତ୍ରା ରହିଲେ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍, ଥଣ୍ଡାପାନୀୟ, ରାସାୟନିକ ରଙ୍ଗ ବୋଳା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସେବନ ଯୋଗୁ ହୋଇଥାଏ।

**ଲକ୍ଷଣ**–ଫେଣଯୁକ୍ତ ପରିସ୍ରା, ଥକ୍କା ଲାଗିବା, ଦୁର୍ବଳତା, ନିଦ୍ରାହୀନତା, ପୃଥୁଳତା, ଘୁଙ୍ଗୁଡ଼ି ମାରି ନିଃଶ୍ୱାସ ଅଟକିଲା ପରି ବୋଧ, ଅଳ୍ପ ଚାଲିଲେ ବା କାର୍ଯ୍ୟ କଲେ ଶ୍ୱାସ ବଳେଇବା, ତ୍ୱଚା ଶୁଷ୍କତା, ମୂତ୍ରକୃଚ୍ଛ୍ର , ରକ୍ତ ମୂତ୍ର, ଆଖିପତା ଫୁଲିବା ଓ ଚତୁଃପାର୍ଶ୍ୱରେ କଳାଦାଗ ଆସିବା, କହୁଣି, ପାଦ ଫୁଲା ସହ ହୃଦ୍‌ରୋଗ, ଯକୃତରୋଗ ଓ ପୁରାତନ ଗୋଡ଼ ଶିର ଯନ୍ତ୍ରଣା, ଭୋକ ନ ଲାଗିବା, ବମନ ଭାବ, ଅରୁଚି, କ୍ୟାଲସିୟମ ଓ ଫସ୍‌ଫରସ ଅଭାବରୁ ମାଂସପେଶୀ ଟାଣିହେବା ଇତ୍ୟାଦି ଲକ୍ଷଣ ଦେଖିବାକୁ ମିଳେ।

**ଚିକିତ୍ସା**–ରୋଗୀ ପ୍ରଥମେ ପ୍ରୋଟିନ ଜାତୀୟ ଖାଦ୍ୟ, ଫଳ, ଲୁଣ, ତେଲ, ମିଠା ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ। ଦୈନିକ ଦୁଇଲିଟର ବା ଛଅରୁ ଆଠଗ୍ଲାସ୍ ପାଣି ପିଇ ସେଇ ଅନୁଯାୟୀ କେତେ ପରିସ୍ରା ହେଉଛି ତା'ର ବିବରଣୀ ସାରଣୀ ଲେଖିବେ। ଡାକ୍ତରଙ୍କ ପରାମର୍ଶାନୁଯାୟୀ କିଡ୍‌ନୀ ପ୍ରୋଫାଇଲ, ଲିପିଡ୍ ପ୍ରୋଫାଇଲ, ମୂତ୍ର ପରୀକ୍ଷା, କଲଚର, ବୃକ୍କ ଅଲଟ୍ରାସାଉଣ୍ଡ ଇତ୍ୟାଦି ପରୀକ୍ଷା କରାଇ ଔଷଧ ସେବନ କଲେ ରୋଗୀ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରିବେ। ବୃକ୍କ କୋଷକୁ ସୁସ୍ଥ ସବଳ କରେ 'ଶ୍ୱେତ ପୁନର୍ନବା'। ଏହାକୁ ବାଡ଼ିଅଁଳା ସ୍ୱରସ ସହ ଦୈନିକ ସକାଳେ ଖାଇବା ପୂର୍ବରୁ ଖାଇଲେ ମୃତବତ୍ କୋଷକୁ ଜୀବନ ପ୍ରଦାନ କରେ।

*–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ–୯୮୬୧୩୭୪୩୮୫*


# ଭିଟାମିନ 'ଡି' ଓ ଡାଇବେଟିସ୍

ଆମେ ସୁସ୍ଥ ରହିବା ପଛରେ ଭିଟାମିନ୍‌ଯୁକ୍ତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶରୀରରେ ଭିଟାମିନ୍‌ର ଅଭାବ ପରିଲକ୍ଷିତ ହେଲେ କେତେକ ରୋଗ ସୃଷ୍ଟି ହୋଇଥାଏ। ଆମ ଶରୀରରେ ଭିଟାମିନ୍–'ଡି' ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଓଷ୍ଟିଓପୋରିସିସ, ପ୍ରୋଷ୍ଟେଟ୍ କ୍ୟାନ୍‌ସର, ବ୍ରେଷ୍ଟ କ୍ୟାନ୍‌ସର ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଖାସ୍ କଥା ହେଲା ଏହି ଭିଟାମିନ୍ ଅଭାବ ଡାଇବେଟିସକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ 'ଭିଟାମିନ୍ 'ଡି' ଓ ଡାଇବେଟିସ୍' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜଣାପଡିଛି। କେବଳ ସେତିକି ନୁହେଁ, ଏହାର ଅଭାବରେ ଓଜନ ବଢ଼ିବାର ଆଶଙ୍କା ମଧ୍ୟ ରହିଛି। ଭିଟାମିନ୍ 'ଡି' ବ୍ୟତୀତ ଭିଟାମିନ୍–'ଏ' ଅଭାବରେ ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇଥାଏ। ବିଶେଷଭାବରେ ଛୋଟପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ। ଏକ ଆକଳନରୁ ଜଣାପଡିଛି ଯେ ଭିଟାମିନ୍–'ଏ' ଅଭାବରୁ ପ୍ରାୟ ୩୩ ପ୍ରତିଶତ ପିଲା ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।



# ସୁନିଦ୍ରାର ସହଜ ଉପାୟ

ଦିନତମାମ ପରିଶ୍ରମ ପରେ ଆମେ ରାତିରେ ଭଲରେ ଶୋଇବା ନିହାତି ଜରୁରୀ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ପରଦିନର କାମ ସହଜରେ ସମାପନ କରିହୁଏ। ତେବେ ଭଲ ନିଦ ଆସିବା ବା ସୁନିଦ୍ରା ହେବା ଏତେ ସହଜ କଥା ନୁହେଁ। ଏଥିପାଇଁ ବେଡରୁମ୍‌ର ପରିବେଶ ଶାନ୍ତ ରହିବା ସହ ମନ ଟେନ୍‌ସନ୍ ଫ୍ରି ରହିବା ଆବଶ୍ୟକ। ଅନ୍ୟପକ୍ଷରେ ରାତିରେ ହାଲୁକା ଖାଦ୍ୟ ଖାଇଲେ ଭଲ ନିଦ ହୋଇଥାଏ। ଏହି ତାଲିକାରେ ଏବେ ଆଉ ଏକ କଥାକୁ ସାମିଲ କରାଯାଇଛି। ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ଖାଦ୍ୟବିଜ୍ଞାନୀ ଏପରି ଏକ ଉପାୟ ଲୋକଲୋଚନକୁ ଆଣିଛନ୍ତି, ଯାହାକୁ ଅନୁସରଣ କଲେ ଭଲ ନିଦ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ତାହା ହେଲା ଜୁସ୍। ଅର୍ଥାତ୍ ଜୁସ୍ ପିଇଲେ ସୁନିଦ୍ରା ହୋଇଥାଏ। ବିଶେଷଭାବରେ ଚେରି ଜୁସ୍ ଏଥିପାଇଁ ବେଶ୍ ଉପକାରୀ। ଏହି ଜୁସ୍ ଦିନକୁ ଦୁଇ ଥର (ସକାଳ, ସନ୍ଧ୍ୟା) ପିଇବା ଦ୍ୱାରା ଭଲ ନିଦ ହୋଇଥାଏ ବୋଲି ସେମାନେ ପ୍ରକାଶ କରିଛନ୍ତି।



# ଛୋଟ କଥା, ହେଲେ..



ଏପରି କେତୋଟି କଥା ଅଛି ଯାହାକୁ ଆମେ ଗୁରୁତ୍ୱ ଦେଇ ନ ଥାଉ। ହେଲେ ସେଗୁଡିକ ଆମ ଦୈନନ୍ଦିନ ଜୀବନକୁ ବେଶ୍ ପ୍ରଭାବିତ କରିଥାଏ। ସେସବୁ କଥା ଛୋଟ ହେଲେ ମଧ୍ୟ ସେଗୁଡିକର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ନିଜର ଜୀବନଶୈଳୀ କିପରି ସୁସ୍ଥ ରହିବ ତାହାର ଚାବିକାଠି ଆପଣଙ୍କ ହାତରେ ହିଁ ରହିଛି। ସେଥିପାଇଁ ଏକ ରୁଟିନ୍ ଜୀବନ ଯାପନ କରନ୍ତୁ। ରାତିରେ ଶୋଇବା ଏବଂ ସକାଳେ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ରହିଛି। ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ଯେତେ ସମ୍ଭବ ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଶେଷ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ। କଦାପି ଏହି ସମୟରେ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ଖାଦ୍ୟପେୟ ସହ ନିଜର ଓଜନ କିପରି ସନ୍ତୁଳିତ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ସୁସ୍ଥ ରହିବା ପଛରେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ନିହାତି ଦରକାର। ଯଦି ଆପଣ ଏଭଳି ଅଭ୍ୟାସ ସହ ଜଡିତ ତେବେ ତାହା ତୁରନ୍ତ ପରିହାର କରିବା ଆବଶ୍ୟକ। ପ୍ରତିଦିନ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଅତିକମ୍‌ରେ ୪–୫ ଲିଟର ପାଣି ପିଅନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ ଯାହାଦ୍ୱାରା ପାଚନକ୍ରିୟା ପ୍ରଭାବିତ ହେବ। ବୟସ ବଢ଼ିବା ସହ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଜୀବନଶୈଳୀକୁ ଆହୁରି ସନ୍ତୁଳିତ କରାଏ ସ୍ମାର୍ଟ ହୋମ୍

ଏକ ସୁସ୍ଥ ଜୀବନଶୈଳୀ ଆମକୁ ଅନେକାଂଶରେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ହେଲେ ଜୀବନଶୈଳୀକୁ ସନ୍ତୁଳିତ ରଖିବା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ହିଁ ନିର୍ଭର କରେ। ଏଥିପାଇଁ ସ୍ମାର୍ଟ ହୋମ୍‌ର ଭୂମିକା ମଧ୍ୟ ରହିଛି। ଘରର ପରିବେଶ ଯଦି ଶାନ୍ତ ରହିଲା ତେବେ ତାହାର ସୁପ୍ରଭାବ ଜୀବନଶୈଳୀ ଉପରେ ପଡ଼ିଥାଏ। ଜୀବନଶୈଳୀ ସହ ସ୍ମାର୍ଟହୋମ୍‌ର ସମ୍ପର୍କକୁ ନେଇ ନିକଟରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ଶାନ୍ତ ପରିବେଶ ଏବଂ ଖୁସିର ମାହୋଲ ଭିତରେ ରହୁଥିବା ବ୍ୟକ୍ତିମାନଙ୍କର ଜୀବନଶୈଳୀ ଅନ୍ୟମାନଙ୍କ ତୁଳନାରେ ସନ୍ତୁଳିତ ରହିଥାଏ ବୋଲି ଉକ୍ତ ସର୍ଭେରୁ ଜଣାପଡିଛି।

# ଶେଷ ବସନ୍ତର ଆବାହନୀ



ନିକୁଞ୍ଜ ବିହାରୀ ସାହୁ

**ଗ୍ରୀଷ୍ମଋତୁ ବିହୀନ ସେହି ବର୍ଷଟି :** ୧୯୧୬ ଖ୍ରୀଷ୍ଟାବ୍ଦର କଥା। ଦକ୍ଷିଣ କାନାଡ଼ା ଓ ଯୁକ୍ତରାଷ୍ଟ୍ର ଆମେରିକାର ଉତ୍ତର–ପୂର୍ବାଞ୍ଚଳ ସ୍ଥାନଗୁଡ଼ିକରେ ସେ ବର୍ଷର ବସନ୍ତ ଋତୁଟି ପୂର୍ବ ବର୍ଷ ଭଳି ନିର୍ଦ୍ଧାରିତ ସମୟରେ ଆସିଥିଲା। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାରେ ପୋଖରୀ, ଝରଣାରେ ଜମାଟ ବାନ୍ଧିଥିବା ବରଫ ତରଳିବାକୁ ଆରମ୍ଭକରେ। ସବୁଆଡ଼େ ଭରିଯାଏ ସବୁଜିମା ଓ ଜାତିଜାତିକା ରଙ୍ଗବେରଙ୍ଗର ଫୁଲ। ଏ ପର୍ଯ୍ୟନ୍ତ ଶୁଷ୍କ ନିରସ ଶୀତର ପ୍ରକୋପରେ ଜର୍ଜରିତ ଜନଜୀବନ ବସନ୍ତର ଆଗମନରେ ଆଶ୍ୱସ୍ତି ଲାଭକରେ।

ମାତ୍ର ସେ ବର୍ଷର ବସନ୍ତଋତୁଟି ଯେ ଅନ୍ୟ ବର୍ଷ ତୁଳନାରେ ସାମାନ୍ୟ ମନ୍ଥର ଗତିରେ ଅଗ୍ରସର ହେଉଛି ତଥା ଉଷ୍ଣତା ଆଶାନୁରୂପ ବଢୁ ନ ଥିବାର ପ୍ରଥମେ କେତେକଙ୍କୁ ମନେହେଲା। ଏହା ସାମାନ୍ୟ ଅସ୍ୱାଭାବିକ ମନେହେଉଥିଲେ ହେଁ କିନ୍ତୁ କୌଣସି ମତେ ଉଦ୍‌ବେଗଜନକ ନ ଥିଲା। ଏପ୍ରିଲ ପରେ ଆସେ ମେ'–କୃଷକ ପାଇଁ ଏକ ଆନନ୍ଦ ତଥା କର୍ମମୁଖର ସମୟ। ଏହା ବାଡ଼ିରୁ ସଜ ପନିପରିବା ଅମଳ ତଥା ଜମିରେ ଶସ୍ୟ ଉଧେଇବାର ବେଳ। ମାତ୍ର ଆକସ୍ମିକ ଭାବେ କେଜାଣି କାହିଁକି ପରିବେଶର ଉଷ୍ଣତା କମିବାକୁ ଲାଗିଲା। ପନିପରିବା କିମ୍ବା ଖାଦ୍ୟଶସ୍ୟ ଚାଷ ନ ହୋଇପାରିବାରୁ କୃଷକ ମୁଣ୍ଡରେ ହାତ ଦେଇ ବସିଲେ।

ଏ ପର୍ଯ୍ୟନ୍ତ ବି ଲୋକେ ଏହାକୁ ସେତେଟା ଗୁରୁତର ସହ ଗ୍ରହଣ କରି ନଥିଲେ। ପୁରୁଖାମାନେ ଅତୀତରେ ମଧ୍ୟ ବେଳେବେଳେ ଏପରି ଘଟିଥିବାର କହି ସବୁ ଥରକ ଭଳି ଏଥର ମଧ୍ୟ ଗ୍ରୀଷ୍ମଋତୁ ବିଳମ୍ବରେ ହେଲେ ମଧ୍ୟ ନିଶ୍ଚିତ ଆସିବ ବୋଲି ଆଶ୍ୱାସନା ଦେଲେ। ମେ ପରେ ଆସେ ଜୁନ୍ – ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମର ଶିଖର ସମୟ। ସେତିକିବେଳେ ସୂର୍ଯ୍ୟର ପ୍ରଖର କିରଣରେ ଚତୁର୍ଦ୍ଦିଗ ଉତ୍ତପ୍ତ ଓ ଦଗ୍ଧ। ସମସ୍ତ ଘଟଣାବଳୀଠାରୁ କାହିଁ କେତେ ଗୁଣ ଅଧିକ ହେବ। ଏଥିରୁ ନିର୍ଗତ ଧୂଳି, ତେଜସ୍କ୍ରିୟ କଣିକା ଓ ପାଉଁଶ ଆକାଶରେ ଛାଇଯିବାରୁ ଭୂପୃଷ୍ଠରେ ସୂର୍ଯ୍ୟକିରଣ ବର୍ଷ ବର୍ଷ ପଡ଼ି ନ ପାରି ପୃଥିବୀରେ ନଇଁ ଆସିବ କଳା ଅନ୍ଧକାର। ପୃଥିବୀ ଅତିଶୟ ଥଣ୍ଡା ହୋଇଯିବ ଓ ଆଉ ଜୀବନୋପଯୋଗୀ ହୋଇ ରହିବ ନାହିଁ। ସୂର୍ଯ୍ୟାଲୋକର ଅଭାବରେ କୃଷି ସମ୍ପୂର୍ଣ୍ଣ ଅଚଳ ହୋଇଯିବ ଏବଂ ପୁନଶ୍ଚ ଆନୁଷଙ୍ଗିକ ଯନ୍ତ୍ରପାତି ଯଥା ସାର, କୀଟନାଶକ ଇତ୍ୟାଦିର ଅଭାବରେ ଏହା ଆହୁରି ଜଟିଳ ଓ ଉଗ୍ର ରୂପ ଧାରଣ କରିବ। ଖାଦ୍ୟ ଅଭାବରେ ମନୁଷ୍ୟ ଏବେ ପଶୁପକ୍ଷୀ ଶିକାର କରିବାକୁ ବାଧହେବ ଏବଂ ସେ ସମସ୍ତ ଲୋପ ପାଇଗଲେ ଆମେ ଆଉ କ'ଣ ଖାଇ ବଞ୍ଚିବା ? ସୁତରାଂ ମୃତ୍ୟୁ ଅବଶ୍ୟମ୍ଭାବୀ ହେବ।

"ମେ' ପରେ ଆସେ ଜୁନ୍ – ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମର ଶିଖର ସମୟ। ସେତିକିବେଳେ ସୂର୍ଯ୍ୟର ପ୍ରଖର କିରଣରେ ଚତୁର୍ଦ୍ଦିଗ ଉତ୍ତପ୍ତ ଓ ଦଗ୍ଧ। ସମସ୍ତ ଘଟଣାବଳୀଠାରୁ କାହିଁ କେତେ ଗୁଣ ଅଧିକ ହେବ। ଏଥିରୁ ନିର୍ଗତ ଧୂଳି, ତେଜସ୍କ୍ରିୟ କଣିକା ଓ ପାଉଁଶ ଆକାଶରେ ଛାଇଯିବାରୁ ଭୂପୃଷ୍ଠରେ ସୂର୍ଯ୍ୟକିରଣ ବର୍ଷ ବର୍ଷ ପଡ଼ି ନ ପାରି ପୃଥିବୀରେ ନଇଁ ଆସିବ କଳା ଅନ୍ଧକାର।"

ତେବେ ଏ ପ୍ରସଙ୍ଗରେ ଏକ ପ୍ରଶ୍ନ ଉଠେ କୋଇଲିର କୁହୁତାନ ଓ ଆମ୍ବ ବଉଳର ବାସ୍ନାରେ ମହକିତ ଋତୁରାଜ ବସନ୍ତ କ'ଣ ଆମ ପୃଥିବୀକୁ ଆଉ ଫେରିବ ନାହିଁ। ଶେଷ ବସନ୍ତର ଆବାହନୀ ତୋଳିବା ପୂର୍ବରୁ ବୋଧହୁଏ ଏ ଦିଗରେ ଶେଷ ଥରୁଟିଏ ଚିନ୍ତା କରିବା ଅଧିକ ସମୀଚୀନ ହେବ।

*–ଏଜୁକେଶନ ଅଫିସର, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ*
*ମୋ: ୮୦୧୮୭୦୮୮୪୮*



## ଗ୍ୟାଷ୍ଟ୍ରିକ୍ କିଛି କଥା



ଖାଦ୍ୟପେୟ ଏବଂ ପାଣି ପିଇବାରେ ଅନିୟମିତତା ଗ୍ୟାଷ୍ଟ୍ରିକ ସମସ୍ୟା ସୃଷ୍ଟି କରିଥାଏ। ନିଜ ଜୀବନଶୈଳୀ ପ୍ରତି ସଚେତନ ରହିଲେ ଆମେ ଏହାଠାରୁ ନିଜକୁ ଦୂରେଇ ରଖି ପାରିବା। ସେ ସମ୍ପର୍କରେ ଟିପ୍ସ..

❖ଗ୍ୟାଷ୍ଟ୍ରିକ ଏକ ପାକସ୍ଥଳୀଜନିତ ରୋଗ।

❖ପେଟରେ ଆବଶ୍ୟକତାଠାରୁ ଅଧିକ ଏସିଡ୍ କ୍ଷରଣ ହେଲେ ଏହି ସମସ୍ୟା ଦେଖାଯାଇଥାଏ।।

❖ଏହି ସମସ୍ୟା ଦେଖାଦେଲେ ପେଟରେ ଯନ୍ତ୍ରଣା ହୁଏ।

❖ଗ୍ୟାଷ୍ଟ୍ରିକ ସମସ୍ୟା ଦୁଇ ପ୍ରକାର– ଆକ୍ୟୁଟ ଏବଂ କ୍ରୋନିକ୍। ଆକ୍ୟୁଟ ଗ୍ୟାଷ୍ଟ୍ରିକ ସମସ୍ୟା ଧୀରେ ଧୀରେ କମିଯାଏ କିନ୍ତୁ କ୍ରୋନିକ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଲେ ତାହା ପେଟରେ ଘା' ସୃଷ୍ଟି କରିବାର ଆଶଙ୍କା ରହିଛି।

❖ଅଧିକ ମସଲାଯୁକ୍ତ କିମ୍ବା ସହଜରେ ହଜମ ହେଉ ନ ଥିବା କେତେକ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଆବଶ୍ୟକତାଠାରୁ ଅଧିକ ଏସିଡ କ୍ଷରଣ ହୋଇଥାଏ। ଅଧିକାଂଶ ସମୟ ଟେନ୍‌ସନ୍‌ରେ ରହିଲେ, ନିଶାଦ୍ରବ୍ୟ ସେବନ କଲେ ଏହି ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ।

❖ବାନ୍ତି ଉଠାଇବା, ବାନ୍ତି ହେବା, ଦୁର୍ବଳ ଲାଗିବା, ମୁଣ୍ଡ ବୁଲାଇବା ଆଦି ଗ୍ୟାଷ୍ଟ୍ରିକ ସମସ୍ୟାର ଅନ୍ୟତମ କାରଣ।



“ ବାହାରିନ୍‌ରେ ଭାରତୀୟ ଫିନଟେକ୍ କମ୍ପାନୀମାନେ ନିବେଶ କରିବା ସହଜ ହୋଇଛି।
– ଦଲାଲ ବୁହେଜୀ, ସିନିୟର ମ୍ୟାନେଜର,ବିଇଡି ବୋର୍ଡ



“ ପିଏସ୍‌ବିଲୋନ୍ସଇନ୍‌୫୯ମିନିଟ୍ସ.କମ୍ ୩୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଦେଇଛି।
– ରାଜୀବ କୁମାର, ଆର୍ଥିକ ସେବା ସଚିବ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ

# ମୁଦ୍ରା ଯୋଜନାରେ ବାଣ୍ଟିବାକୁ ବାକି ୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୩-୩**

ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ୧ ମାସରୁ କମ୍ ସମୟ ରହିଯାଇଥିବା ବେଳେ ମୁଦ୍ରା ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଲାଗି ବ୍ୟାଙ୍କଗୁଡ଼ିକର ମୁଣ୍ଡବ୍ୟଥା ବଢ଼ିଯାଇଛି। ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ବାଣ୍ଟିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଫେବୃୟାରୀ ୨୨ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କା ବଣ୍ଟା ଯାଇଛି। ଅର୍ଥାତ୍ ଆହୁରି ୧ ଲକ୍ଷ କୋଟି ଟଙ୍କା ବଣ୍ଟାଯିବାକୁ ବାକି ଅଛି।

ସରକାରୀ ତଥ୍ୟ ଅନୁଯାୟୀ, ମାଇକ୍ରୋ ୟୁନିଟ୍ସ ଡେଭଲପ୍‌ମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି ଲିମିଟେଡ(ମୁଦ୍ରା) ଯୋଜନା ବାବଦରେ ଫେବୃୟାରୀ ୨୨ ତାରିଖ ସୁଦ୍ଧା ଅନୁମୋଦନ ଲାଭ କରିଥିବା ୨,୧୦,୭୫୯.୫୧ କୋଟି ଟଙ୍କା ମଧ୍ୟରୁ ୨,୦୨,୬୭୮.୯୦ କୋଟି ଟଙ୍କାର ଋଣ ବଣ୍ଟା ଯାଇଛି। ଅର୍ଥ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରା ଲୋନ୍ ବାବଦରେ ୩.୮୯ ଲକ୍ଷ କୋଟି ଟଙ୍କାର ଋଣ ଅନୁମୋଦନ କରାଯାଇଛି। ୨୦୧୮-୧୯ ବଜେଟରେ କେନ୍ଦ୍ର ସରକାର ମାର୍ଚ୍ଚ ୩୧ ତାରିଖରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷ ଲାଗି ୩ ଲକ୍ଷ କୋଟି ଟଙ୍କାର ମୁଦ୍ରା ଲୋନ୍ ବାଣ୍ଟିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୧୭-୧୮ରେ ୨,୪୬,୪୩୭.୪୦ କୋଟି ଟଙ୍କା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଋଣ ବଣ୍ଟା ଯାଇଛି। ବାସ୍ତବରେ ଏହି ଯୋଜନା ଅଧୀନରେ ବିଗତ ସମସ୍ତ ଆର୍ଥିକ ବର୍ଷରେ ଲକ୍ଷ୍ୟଠାରୁ ଅଧିକ ଋଣ ପ୍ରଦାନ କରାଯାଇଛି। ସୂଚନାଥାଉ କି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ୨୦୧୫ ଏପ୍ରିଲ ୮ରୁ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ବ୍ୟାଙ୍କ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଇପାରିବେ। ଋଣକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ‘ଶିଶୁ’ ଶ୍ରେଣୀରେ ୫୦ ହଜାର ଟଙ୍କା, ‘କିଶୋର’ ଶ୍ରେଣୀରେ ୫୦,୦୦୧ ଟଙ୍କାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ‘ତରୁଣ’ ଶ୍ରେଣୀରେ ୫,୦୦,୦୦୧ ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି। କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଥିଲେ ଯେ, ସରକାର ୧୫.୫୬ କୋଟି ଲୋକଙ୍କୁ ୭.୨୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏଥିରେ ମହିଳା ଲାଭାର୍ଥୀଙ୍କ ସଂଖ୍ୟା ସର୍ବାଧିକ।




- ୩ ଲକ୍ଷ କୋଟି ଋଣ ପ୍ରଦାନ ଲକ୍ଷ୍ୟ
- ଦିଆଯାଇଛି ୨ ଲକ୍ଷ କୋଟି
- ୨୦୧୫ ଏପ୍ରିଲ ୮ରୁ ମୁଦ୍ରା ଯୋଜନା ଆରମ୍ଭ ହୋଇଥିଲା

## ସଂକ୍ଷେପରେ

### ପବନ ହଂସ ବିକ୍ରି
### ୬ ସୁଦ୍ଧା ଫାଇନାନ୍ସିଆଲ ବିଡ୍



**ନୂଆଦିଲ୍ଲୀ,୩-୩:** ରାଷ୍ଟ୍ରାୟତ୍ତ ହେଲିକପ୍ଟର ପରିବହନ କମ୍ପାନୀ ପବନ ହଂସକୁ ବିକ୍ରି କରିବା ପାଇଁ କେନ୍ଦ୍ର ସରକାର ବିଡ୍ ଆହ୍ୱାନ କରିଛନ୍ତି। ନିର୍ବାଚିତ ବିଡ୍‌ରମାନଙ୍କୁ ଆସନ୍ତା ୬ ତାରିଖ ସୁଦ୍ଧା ସେମାନଙ୍କର ଫାଇନାନ୍ସିଆଲ ବିଡ ଦାଖଲ କରିବାକୁ ପଡ଼ିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ପବନ ହଂସ ପାଇଁ ଏକ ରିଜର୍ଭ ପ୍ରାଇସ ଧାର୍ଯ୍ୟ କରି ଟ୍ରାଞ୍ଜାକସନ ଆଡ଼ଭାଇଜର ଖୁବଶୀଘ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏହା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ମନ୍ତ୍ରଣାଳୟ ଏହାକୁ ମୂଲ୍ୟାଙ୍କନ କମିଟି ନିକଟକୁ ପଠାଇବେ। ଡିପାର୍ଟମେଣ୍ଟ ଅଫ୍ ଇନଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜମେଣ୍ଟର ଏବଂ ଆଡମିନିଷ୍ଟ୍ରେଟିଭ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଆଡଭାଇଜରର ଯୁଗ୍ମ ସଚିବ ଏବଂ ସିପିଏସ୍‌ଇର ସିଏମ୍‌ଡିମାନଙ୍କୁ ନେଇ କମିଟି ଗଠନ କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି।

### ବିଦେଶୀ ନିବେଶକଙ୍କ ବଢୁଛି ଆସ୍ଥା
#### ଫେବୃୟାରୀରେ ୧୭,୨୨୦ କୋଟି ନିବେଶ

**ନୂଆଦିଲ୍ଲୀ,୩-୩:** ଭାରତୀ ଶେୟାର ବଜାର ପ୍ରତି ବିଦେଶୀ ନିବେଶକଙ୍କ ଆସ୍ଥା ବଢ଼ିବାରେ ଲାଗିଛି। ସେମାନେ ଫେବୃୟାରୀରେ ଭାରତୀୟ ବଜାରରେ ୧୭,୨୨୦ କୋଟି ଟଙ୍କା ନିବେଶ କରିଥିବା ଜଣାପଡିଛି। ଏହା ୨୦୧୭ ନଭେମ୍ବର ପରେ ସର୍ବାଧିକ। ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ(ଏଫ୍‌ପିଆଇ) ନଭେମ୍ବର ୨୦୧୭ରେ ଭାରତୀୟ ଶେୟାର ବଜାରରେ ୧୯,୭୨୮ କୋଟି ଟଙ୍କା ନିବେଶ କରିଥିଲେ। ସଦ୍ୟତମ ଡିପୋଜିଟୋରୀ ତଥ୍ୟ ଅନୁଯାୟୀ, ବିଦେଶୀ ନିବେଶକମାନେ ଶେୟାର ବଜାରରେ ଫେବୃୟାରୀରେ ୧,୧୭,୮୯୯.୭୯ କୋଟି ଟଙ୍କା ନିବେଶ କରିଥିବା ବେଳେ ୧,୦୦,୬୮୦.୧୭ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏଭଳି ଭାବେ ସେମାନେ ମୋଟ୍ ୧୭,୨୧୯.୬୨ କୋଟି ଟଙ୍କା ନିବେଶ କରିଛନ୍ତି। ଏଥିପୂର୍ବରୁ ସେମାନେ ଜାନୁୟାରୀରେ ଶେୟାର ବଜାରରୁ ୫,୨୬୩.୮୫ କୋଟି ଟଙ୍କା ଉଠାଇ ନେଇଥିଲେ।

### ୟୁନାଇଟେଡ୍ ବ୍ୟାଙ୍କ-ଏଚ୍‌ଡିଏଫ୍‌ସି ଲାଇଫ୍ ଚୁକ୍ତି

**ଭୁବନେଶ୍ୱର,୩-୩:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଚ୍‌ଡିଏଫ୍‌ସି ଲାଇଫ୍ ଇନସ୍ୟୁରାନ୍ସ ଚୁକ୍ତିରେ ସାମିଲ ହୋଇଛନ୍ତି। କର୍ପୋରେଟ ଏଜେନ୍ସି ବ୍ୟବସ୍ଥା ପଦକ୍ଷେପ ଅନ୍ତର୍ଗତ ଏହି ଚୁକ୍ତି ହୋଇଛି। ବ୍ୟାଙ୍କ୍ ପକ୍ଷରୁ ଡେପୁଟି ଜେନେରାଲ ମ୍ୟାନେଜର ବ୍ୟାଙ୍କଇସ୍ୟୁରାନ୍ସ ଧନଞ୍ଜୟ ପ୍ରତାପ ସିଂ ଏବଂ ଏଚ୍‌ଡିଏଫ୍‌ସି ଲାଇଫର ମୁଖ୍ୟ ମାର୍କେଟିଂ ଅଧିକାରୀ ପଙ୍କଜ ଗୁପ୍ତାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବ୍ୟାଙ୍କର ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିସ୍ତୃତ ଶୃଙ୍ଖଳାର ବୀମା ସୁବିଧା ଏହା ଦ୍ୱାରା ଲାଭ କରିପାରିବେ ବୋଲି ୟୁନାଇଟେଡ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଗ୍ରାମୀଣ ଉଦ୍ୟୋଗୀ ସମ୍ମିଳନୀ ଆଜି



**ଭୁବନେଶ୍ୱର,୩-୩ (ବ୍ୟୁରୋ)**

### ୪୦୦ ସାନିଟାରି ନାପ୍‌କିନ ୟୁନିଟ୍ ଉଦ୍‌ଘାଟନ କରିବେ ଧର୍ମେନ୍ଦ୍ର ପ୍ରଧାନ

ସୋମବାର ଭୁବନେଶ୍ୱରର ରେଳ ଅଡ଼ିଟୋରିୟମଠାରେ ଗ୍ରାମୀଣ ଉଦ୍ୟୋଗୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଗ୍ରାମୀଣ ଉଦ୍ୟୋଗୀଙ୍କୁ ସମ୍ବୋଧିତ କରିବେ। ଏହା ସହ ରାଷ୍ଟ୍ରାୟତ୍ତ ନାଲ୍‌କୋ, ଏନ୍‌ଟିପିସି, କୋଲ୍ ଇଣ୍ଡିଆ ଆନୁକୂଲ୍ୟରେ କର୍ପୋରେଟ ସେବାକେନ୍ଦ୍ରଗୁଡ଼ିକରେ ସ୍ଥାପନ ହୋଇଥିବା ୪୦୦ ସାନିଟାରୀ ନାପ୍‌କିନ ୟୁନିଟର ଶୁଭାରମ୍ଭ ପ୍ରଧାନ କରିବେ ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ରହିଛି। ପୂର୍ବରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଡିସେମ୍ବର ମାସରେ ୧୦୦ଟି କର୍ପୋରେଟ ସେବା କେନ୍ଦ୍ରରେ ସାନିଟାରି ନାପ୍‌କିନ ୟୁନିଟ ସ୍ଥାପନ ହୋଇଛି। ଗ୍ରାମୀଣ ମହିଳାମାନେ ପ୍ରତି ୟୁନିଟରୁ ଦୈନିକ ୧୨୦୦ରୁ ୨୦୦୦ ପ୍ୟାଡ ପ୍ରସ୍ତୁତି କରିପାରିବେ। ପ୍ୟାଡ ପ୍ରସ୍ତୁତି ଲାଗି କମ୍ପାନୀଗୁଡ଼ିକ ପକ୍ଷରୁ କଞ୍ଚାମାଲ ବ୍ୟବସ୍ଥା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆନ ଅଏଲର ସିଜିଏମ୍ ଶୁଭଜିତ ଘୋଷ, ଗ୍ରାହକ ସେବା କେନ୍ଦ୍ର ଓଡ଼ିଶା ମୁଖ୍ୟ ସ୍ୱର୍ଣ୍ଣପ୍ରଭା ସିଂ, ଇଣ୍ଡିଆନ ଅଏଲ ଜିଏମ୍ ସଞ୍ଜୟ ଝା, ବିପିସିଏଲ୍ ଓଡ଼ିଶା ଝାଡଖଣ୍ଡ ରାଜ୍ୟ ମୁଖ୍ୟ (ଏଲପିଜି) ସଞ୍ଜୟ ଶର୍ମା, ଏଚ୍‌ପିସିଏଲ୍ ଓଡ଼ିଶା ଡିଜିଏମ୍ ଧର୍ମେନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ସାମଗ୍ରୀର ଟାରିଫ ବୃଦ୍ଧି ଲାଗି ଟ୍ରମ୍ପଙ୍କ ଧମକ

**ୱାଶିଂଟନ,୩-୩**

ଭାରତକୁ ଉଚ୍ଚ ଟାରିଫ ଦେଶ ଭାବେ ଅଭିହିତ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ଏବେ ଭାରତୀୟ ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିବାକୁ ଚାହୁଁଛନ୍ତି। ମେରିଲାଣ୍ଡରେ ଆୟୋଜିତ କନଜରଭେଟିଭ ପଲିଟିକାଲ ଆକ୍ସନ କନ୍‌ଫରେନ୍ସ (ସିପିଏସି)ରେ ଉଦ୍‌ବୋଧନ ଦେଇ ଟ୍ରମ୍ପ ଭାରତ ଭଳି ଦେଶ ସହ ଦ୍ୱିପାକ୍ଷିକ ତଥା ଅନ୍ୟାନ୍ୟ ଆନ୍ତର୍ଜାତିକ ସମ୍ପର୍କ ଉପରେ ମତ ଦେଇ କହିଛନ୍ତି ଯେ, ସେ ଦୁଇତରଫା ଟିକସ ବ୍ୟବସ୍ଥା ଲାଗୁ ହେବା ଚାହୁଁଛନ୍ତି। ଆମେରିକୀୟ ସାମଗ୍ରୀ ଉପରେ ଭାରତ ଅତ୍ୟଧିକ ଶୁଳ୍କ ଆଦାୟ କରୁଛି। ସେ ହାର୍ଲେ ଡାଭିଡସନ ମୋଟର ସାଇକେଲ ଉପରେ ଆଦାୟ ହେଉଥିବା ଟାରିଫକୁ ଉଦାହରଣ ଭାବେ ଦର୍ଶାଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଭାରତ ପୂର୍ବରୁ ଏହି ମୋଟର ସାଇକେଲ ଉପରେ ୧୦୦ ପ୍ରତିଶତ ଶୁଳ୍କ ଆଦାୟ କରୁଥିଲା। ଅନ୍ୟପକ୍ଷରେ ଭାରତରୁ ଆସୁଥିବା ମୋଟର ସାଇକେଲ ଉପରେ ଆମେରିକା କୌଣସି ଟିକସ ଆଦାୟ କରୁନାହିଁ। ତେଣୁ ସମାନ ଶୁଳ୍କ ଆଦାୟ କରିବାକୁ ସେ ଚାହୁଁଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଆଦାୟ ଲାଗି ଚାହୁଁଥିବା ବେଳେ ସିନେଟରେ ଏହାକୁ ବିରୋଧ କରାଯାଉଛି।

# ୧୮ ମାନବବିହୀନ ଲେଭଲ କ୍ରସିଂ ହଟାଇଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର,୩-୩**

ଢେଙ୍କାନାଳ ଏବଂ ସଦାଶିବପୁର ଷ୍ଟେଶନ ମଧ୍ୟରେ ରେଳଧାରଣା ଉପରେ ରୋଡ ଓଭରବ୍ରିଜକୁ କାର୍ଯ୍ୟକ୍ଷମ କରାଯାଇଛି। ଲୋକଙ୍କ ଗମନାଗମନ ସୁବିଧା ପାଇଁ ରେଳୱେ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଏଠାରେ ଥିବା ମାନବ ରହିତ ଲେଭଲ କ୍ରସିଂ ବନ୍ଦ କରାଯାଇଛି। ଏହି ଲେଭଲ କ୍ରସିଂଟି ଢେଙ୍କାନାଳ କାମାକ୍ଷାନଗରକୁ ସଂଯୋଗ କରୁଥିଲା। ଏହି ଲେଭଲ କ୍ରସିଂକୁ ମିଶାଇ ଖୋର୍ଦ୍ଧା ରେଳମଣ୍ଡଳରେ ମୋଟ ୧୮ଟି ମାନବ ରହିତ ଲେଭଲ କ୍ରସିଂକୁ ବନ୍ଦ କରାଯାଇଛି। ସେହିଭଳି ଭୁବନେଶ୍ୱରର ବମିଖାଲ ରେଳ ଓଭରବ୍ରିଜକୁ କାର୍ଯ୍ୟକ୍ଷମ କରାଯିବା ସହ ମାନବ ରହିତ ଲେଭଲ କ୍ରସିଂ ବନ୍ଦ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ୬ ସ୍ଥାନରେ ରୋଡ ଓଭରବ୍ରିଜ ନିର୍ମାଣ କରାଯାଇଥିବା ବେଳେ ୧୦ ସ୍ଥାନରେ ରୋଡ ଅଣ୍ଡରବ୍ରିଜ କିମ୍ବା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ବ୍ୟବସ୍ଥା କରାଯାଇଛି। ଗୋଟିଏର ଦିଗ ପରିବର୍ତ୍ତନ କରାଯାଇଥିବା ବେଳେ ଆଉ ଗୋଟିଏକୁ ଯାନ ବାହନ ଚଳାଚଳ ଅନୁପାତ ନିୟମ ମୁତାବକ ବନ୍ଦ କରାଯାଇଥିବା ରେଳୱେ ପକ୍ଷରୁ ସୂଚନା ରହିଛି।

# ଆଲ୍ଲାହାବାଦ ବ୍ୟାଙ୍କ ଇଡି ହେଲେ ପି.ଆର୍.ରାଜଗୋପାଳ

**କଲିକତା,୩-୩**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ପି.ଆର୍. ରାଜଗୋପାଳଙ୍କୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଅବସ୍ଥାପିତ କରାଯାଇଛି। ଆଲ୍ଲାହାବାଦ ବ୍ୟାଙ୍କରେ ଯୋଗଦେବା ଆଗରୁ ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୪ ବର୍ଷର ଅଭିଜ୍ଞତା ରହିଛି। ୧୯୯୫ରେ ସେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଲ ଅଫିସର ଭାବେ ଯୋଗଦେଇଥିଲେ। ସେହିଭଳି ଇଣ୍ଡିଆ ବ୍ୟାଙ୍କ୍ସ ଆସୋସିଏଶନର ଆଇନ ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିଛନ୍ତି। ୟୁନିୟନ ବ୍ୟାଙ୍କରେ ମଧ୍ୟ ସେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ରିକଭରି ଏବଂ ଲିଗାଲ ସର୍ଭିସ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଛନ୍ତି। ଆଇନଗତ ସହାୟତା ଜେଭି ଡକ୍ୟୁମେଣ୍ଟେଶନ, ଏଏମ୍‌ସି ଜେଭି, ଏଆର୍‌ସି ପାଇଁ ସେଲ୍ ସାଇଡ୍ ଆଡଭାଇଜରି ଏବଂ ପ୍ରୋଜେକ୍ଟ ଫାଇନାନ୍ସ ଭଳିକ୍ଷେତ୍ରରେ ତାଙ୍କର ପାରଦର୍ଶିତା ରହିଛି।


ପି.ଆର୍. ରାଜଗୋପାଳ

# ମାଟିକ୍ସ ଗ୍ରୁପ ମାଲିକଙ୍କୁ ଇଡି ଜେରା

## ଭିଡିଓକନ ଋଣ ମାମଲା

**ମୁମ୍ବାଇ,୩-୩**

ବହୁଚର୍ଚ୍ଚିତ ଆଇସିଆଇସିଆଇ ବ୍ୟାଙ୍କ-ଭିଡିଓକନ ଗ୍ରୁପ୍ ଋଣ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବିବାର ମାଟିକ୍ସ ଗ୍ରୁପ୍ ମାଲିକ ନିଶାନ୍ତ କାନୋଡିଆଙ୍କୁ ଜେରା କରିଛି। ଏସାର ଗ୍ରୁପ୍ ଅଧ୍ୟକ୍ଷ ରବି ରୁଇୟାଙ୍କ ଜାମାତା ନିଶାନ୍ତଙ୍କୁ ଇଡି ପ୍ରଥମ ଥର ଜେରା କରିବା ପରେ ତଦନ୍ତ ପରିସର ବ୍ୟାପକ ହେବାକୁ ଯାଉଛି। ରବି ରୁଇୟାଙ୍କ କନ୍ୟା ସ୍ମୃତି ରୁଇୟାଙ୍କୁ ବିବାହ କରିଥିବା ନିଶାନ୍ତ ମାଟିକ୍ସ ଗ୍ରୁପ୍ ଏବଂ ଫାର୍ଷ୍ଟହ୍ୟାଣ୍ଡ ହୋଲ୍ଡିଂସ ଲିମିଟେଡର ମାଲିକ। ଏହି ଦୁଇଟି କମ୍ପାନୀ ମରିସସ୍‌ରେ ଅବସ୍ଥାପିତ। ସୂଚନାଥାଉ କି, ସିବିଆଇ ପକ୍ଷରୁ ଉକ୍ତ ମାମଲାର ତଦନ୍ତ କରାଯାଉଥିବା ବେଳେ ଏହାର ଏତଲାକୁ ଭିତ୍ତି କରି ଇଡି ତଦନ୍ତ ଚଳାଇଛି। ଏଥିପୂର୍ବରୁ ଏହି କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଶନିବାର ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚର, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର ଓ ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କୁ ଜେରା କରିସାରିଛି। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପ୍‌କୁ ୧୮୭୫ କୋଟି ଟଙ୍କା ଋଣ ପ୍ରଦାନ ବେଳେ ଅବୈଧ କାରବାର ହୋଇଥିବା ଅଭିଯୋଗ ହୋଇଛି।

# ଏସ୍‌ବିଆଇ ପକ୍ଷରୁ ନ୍ୟୁମେରୋ ୟୁନୋ ଆୟୋଜିତ

**ଭୁବନେଶ୍ୱର,୩-୩**

ଏସ୍‌ବିଆଇ ପକ୍ଷରୁ ଆନ୍ତଃ କଲେଜ କୁଇଜ ପ୍ରତିଯୋଗିତା ‘ନ୍ୟୁମେରା ୟୁନୋ’ ଭୁବନେଶ୍ୱରର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଡିଜିଟାଲ ସେବା ପ୍ଲାଟଫର୍ମକୁ ଯୁବପିଢିଙ୍କ ମଧ୍ୟରେ ଲୋକପ୍ରିୟ କରିବା ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏସ୍‌ବିଆଇର ୧୭ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଏହା ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ବିଜେତା ଦଳ ଆଗାମୀ ପର୍ଯ୍ୟାୟ ଲାଗି ମୁମ୍ବାଇଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ ବ୍ୟାଙ୍କର ମହାପ୍ରବନ୍ଧକ ଗୌତମ ଭଟ୍ଟାଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କିଟ୍ ଭୁବନେଶ୍ୱର ଦଳ ଭୁବନେଶ୍ୱର ଲାଗି ବିଜେତା ହୋଇଛି। ଏହି ଟିମ୍‌ରେ ଅଳଙ୍କାର ଦେବତା, ପାରିଜାତ ସିହ୍ନା, ସରଜବ ଅଲହକ ଅଛନ୍ତି। ବିଜେତା ଟିମକୁ ୨.୧୬ ଲକ୍ଷ ଟଙ୍କା ସ୍କଲାରଶିପ ଭାବେ ପ୍ରଦାନ କରାଯିବ।




# ଆଇଡିବିଆଇ ବ୍ୟାଙ୍କରେ ମିଳିବ ଏଲ୍‌ଆଇସି ସେବା

**ଭୁବନେଶ୍ୱର,୩-୩**

ଆଇଡିବିଆଇ ବ୍ୟାଙ୍କ ଶାଖାଗୁଡ଼ିକରେ ଭାରତୀୟ ଜୀବନ ବୀମା (ଏଲଆଇସି)ର ପ୍ରଡକ୍ଟ ଏବଂ ସେବା ଉପଲବ୍ଧ ହେବ। ଏଥି ଲାଗି ଦୁଇ ସଂସ୍ଥା ଚୁକ୍ତିରେ ସାମିଲ ହୋଇଛନ୍ତି। କର୍ପୋରେଟ ଏଜେଣ୍ଟ ଭାବେ ଆଇଡିବିଆଇ ବ୍ୟାଙ୍କର ୧୮୦୦ ଶାଖାରେ ୧.୮୦ କୋଟି ଗ୍ରାହକଙ୍କୁ ବୀମା ସୁବିଧା ପ୍ରଦାନ କରାଯିବା ନେଇ ଏଲ୍‌ଆଇସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚୁକ୍ତି ଦ୍ୱାରା ବ୍ୟବସାୟ ବୃଦ୍ଧି କରିବାକୁ ଏଲ୍‌ଆଇସି ଲକ୍ଷ୍ୟ ରଖିଛି। ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ନେଇ ଏହା ଲକ୍ଷ୍ୟ ରଖିଛି। ଏଲ୍‌ଆଇସି ଉତ୍ପାଦର ବ୍ୟବହାର ବୃଦ୍ଧି ଲକ୍ଷ୍ୟରେ ଏହି ଚୁକ୍ତି ହୋଇଥିବା ଏଲ୍‌ଆଇସି ଅଧ୍ୟକ୍ଷ ହେମନ୍ତ ଭାର୍ଗବ କହିଛନ୍ତି। ଏଲ୍‌ଆଇସି ସହ ଏହି ସହଭାଗିତାକୁ ନେଇ ଖୁସି ବୋଲି ଆଇଡିବିଆଇ ଏମ୍‌ଡି ତଥା ସିଇଓ ରାଜେଶ ଶର୍ମା ସୂଚନା ଦେଇଛନ୍ତି।

**ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା**

**ବିଜ୍ଞାପନ ସଂଖ୍ୟା : ୪୦୩ ତାରିଖ : ୦୩.୦୩.୨୦୧୯**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ୬- ବ୍ରଜରାଜନଗର ଓ ୭- ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକ ଓ ସହରାଞ୍ଚଳ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମ / ପଡା/ ୱାର୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ୍ ଓ ଭିଭିପାଟର କାର୍ଯ୍ୟକାରିତା ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ତା୦୬.୦୩.୨୦୧୯ରିଖରୁ ଅନୁଷ୍ଠିତ ହେବ। କେଉଁ ଗ୍ରାମ / ପଡା/ ୱାର୍ଡରେ କେଉଁ ଦିନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ତାହାର କାର୍ଯ୍ୟସୂଚୀ ଜିଲ୍ଲା ୱେବସାଇଟ୍ www.jharsuguda.nic.inରେ ପ୍ରକାଶିତ ହେବା ସହ ସମ୍ପୃକ୍ତ ବ୍ଲକ / ପୌରପରିଷଦ/ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ହେଉଅଛି। କାର୍ଯ୍ୟସୂଚୀ ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି।

ସ୍ୱା./– ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ
ଝାରସୁଗୁଡା

# ଲିଜ୍ ହୋଲ୍ଡ ଜମି ଫ୍ରି ହୋଲ୍ଡ କରାଯାଉ: ଶିଳ୍ପ ସଂଘ

**ଭୁବନେଶ୍ୱର,୩-୩ (ବ୍ୟୁରୋ)**

ରାଜ୍ୟରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକର ବିକାଶ ଲାଗି ବିଭିନ୍ନ ବ୍ୟବସ୍ଥା କରୁଥିବା ସରକାର କହୁଛନ୍ତି। ମାତ୍ର ଆବଶ୍ୟକତା ମୁତାବକ ଋଣ ପ୍ରବାହ, ବିଭିନ୍ନ ଆନୁଷଙ୍ଗିକ ସୁରକ୍ଷାର ଉପଲବ୍ଧତା, ଜମିର ଲିଜ୍ ହୋଲ୍ଡ ଭଳି ପ୍ରମୁଖ ସମସ୍ୟା ଶିଳ୍ପସଂସ୍ଥାଗୁଡ଼ିକ ଏବେ ସାମ୍ନା କରୁଛନ୍ତି। ଜମି ଲିଜ ହୋଲ୍ଡ କାରଣରୁ ବିଭିନ୍ନ ଏନ୍‌ଓସିର ଆବଶ୍ୟକତା ହେଉଛି। ଏଥି ଯୋଗୁ ସଂସ୍ଥାଗୁଡ଼ିକ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ ନେଇ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଅଭିବୃଦ୍ଧିରେ ଏହା ବାଧକ ହେଉଛି। ଏଭଳି ପାରିପାର୍ଶ୍ୱିକ ସ୍ଥିତି ନୂଆ ସଂସ୍ଥା ସ୍ଥାପନ ଲାଗି ଉଦ୍ୟୋଗୀଙ୍କୁ ନିରୁତ୍ସାହିତ କରୁଥିବା ରାଜ୍ୟ ଶିଳ୍ପ ସଂଘର ଆବାହକ ମାନସ ଦାସ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

ଲିଜ୍ ହୋଲ୍ଡକୁ ଫ୍ରି ହୋଲ୍ଡରେ ରୂପାନ୍ତରିତ କରିବାକୁ ଓସ୍‌ମେଇ ସମେତ ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ସଂଘଗୁଡ଼ିକ ପକ୍ଷରୁ ଦାବି ହୋଇଛି। ଏଭଳି ପ୍ରମୁଖ ପ୍ରସଙ୍ଗ ଉପରେ ୟୁସିସିଆଇ, ଓଆଇଏ, ଓସ୍‌ମେଇ, ଓସିଆ, ଓୟେଆ, ଓଆଇଏପ୍, ୟୁପିଏମ୍‌ଏ, ଏଆଇଇବିଏ, ଏନ୍‌ଓସିସିଆଇ, ବିସିସିଆଇ, ଆର୍‌ସିସିଆଇ ଭଳି ସଂଘଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ପ୍ରାୟ ୧୦୬ ଶିଳ୍ପାଞ୍ଚଳରେ ୫୦,୦୦୦ ଏମ୍‌ଏସ୍‌ଏମ୍‌ଇ ଚାଲୁ ରହିଛି। ଏଥିରେ ୪୨୦୦ ଶିଳ୍ପ ସଂସ୍ଥାକୁ ପ୍ରାୟ ୫ ହଜାର ଏକର ଜମି ପ୍ରଦାନ କରାଯାଇଛି। ସଂସ୍ଥାଗୁଡ଼ିକରେ ୧.୫ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସଂସ୍ଥାଗୁଡ଼ିକର ବିକାଶ ଲାଗି ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବକୁ ସରକାର ବିଚାର କରିବେ ସଂଘଗୁଡ଼ିକ ଆଶାବାଦୀ ରହିଛନ୍ତି।

୧୦ ବର୍ଷ ସଫଳ ଭାବେ କାର୍ଯ୍ୟ କରିଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡରେ ରୂପାନ୍ତରଣ ଭଳି ବିଭିନ୍ନ ଦାବି ଉପରେ ବିଚାର କରିବାକୁ ସଂଘଗୁଡ଼ିକ ପକ୍ଷରୁ କୁହାଯାଇଛି। ଲିଜ୍ ହୋଲ୍ଡ ଜମି ପ୍ରଦାନ ବେଳେ ସରକାର ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା କରିବା କଥା। ଉଦ୍ୟୋଗୀମାନେ ନିଜ ଉଦ୍ୟମରେ ଏହା କରୁଛନ୍ତି। ଲିଜ୍ ସରିଗଲା ଏହା ସେମାନଙ୍କ ନିକଟରେ ରହୁନାହିଁ। ଏପରି ସ୍ଥିତିରେ ଦ୍ୱିତୀୟ ପିଢିର ଉଦ୍ୟୋଗୀ ନିବେଶ ନେଇ ଆଉ ମନ ବଳାଉ ନାହାନ୍ତି। ଜମି ହୋଲ୍ଡ ଫ୍ରି ହୋଲ୍ଡ ହେଲେ ସଂସ୍ଥାଗୁଡ଼ିକ ସୁବିଧା ପାଇପାରିବେ ବୋଲି ଓସ୍‌ମେଇର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ଓଏମ୍‌ଏସ୍‌ଏମ୍‌ଇ ସଭାପତି ଗୌରୀଶଙ୍କର ଦାସ, ୟୁସିସିଆଇ ସଭାପତି, ରମେଶ ମହାପାତ୍ର, ସଞ୍ଜୀବ ମହାପାତ୍ର, ଓଆଇଏର ଅବନି କାନୁନଗୋ, ମନୋଜ ସୁବୁଦ୍ଧି, ଓଆଇଏଫ୍‌ର ସୁବ୍ରତ କୁମାର ସାହୁ, ୟୁପିଏମ୍‌ଏର ମିହିର କାନୁନଗୋ, ଏଆଇଇର ବିଦ୍ୟୁତ କୁମାର ମହାନ୍ତି, ଏନ୍‌ସିସିଆଇର ସି.ପି. ଭାରତୀଆ, ଅମିତ ବେହେରା, ବିସିସିଆଇର ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




DADLS-292

**ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୦୫.୦୩.୨୦୧୯ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ପୂର୍ବାହ୍ନ ୧୦.୩୦ ମିନିଟ**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ନବମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ଘ.୧୨.୩୦ ମିନିଟ୍**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ନବମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ କାଗଜ ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୦୫.୦୩.୨୦୧୯ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0604/1819

" ଇଂଲଣ୍ଡ ବିପକ୍ଷରେ ଚମକପ୍ରଦ ପ୍ରଦର୍ଶନ ଯୋଗୁ ୱେଷ୍ଟଇଣ୍ଡିଜ ଆସନ୍ତା ବିଶ୍ୱକପ୍‌ରେ ସମସ୍ତ ଦଳକୁ ଟକ୍କର ଦେବ ବୋଲି ମୋର ବିଶ୍ୱାସ ।

–ଡ୍ୱେନ ବ୍ରାଭୋ, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



" ବିଶ୍ୱର ନମ୍ବର ୱାନ ବ୍ୟାଟ୍ସୱମ୍ୟାନ ହେବା ପରେ ମୋର ପରବର୍ତ୍ତୀ ଲକ୍ଷ୍ୟ ହେଲା ଜାତୀୟ ଦଳକୁ ବିଶ୍ୱକପ୍ ଟାଇଟଲ ଜିତାଇବା ।

–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର



## ସଂକ୍ଷେପରେ

### ଶ୍ରୀଲଙ୍କାରେ ଅଟକିଲା ପାକିସ୍ତାନ ଦୃଷ୍ଟିହୀନ କ୍ରିକେଟ ଦଳ

**କଲମ୍ବୋ, ୩।୩ (ପି.ଟି.):** ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ପାକିସ୍ତାନ ଦୃଷ୍ଟିହୀନ କ୍ରିକେଟ ଦଳ ସେଠାରେ ଅଟକି ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାରୁ ଲାହୋର ବିମାନ ବନ୍ଦରକୁ ବର୍ତ୍ତମାନ ପାଇଁ ବନ୍ଦ ରଖାଯାଇଛି। ଫଳରେ ସେମାନେ ନିଜ ଦେଶକୁ ଫେରିପାରୁ ନାହାନ୍ତି। ଅଧିକ ଦିନ ରହିବାକୁ ହେଲେ ଏବାବଦରେ ଅତିରିକ୍ତ ଖର୍ଚ୍ଚା ଦେବାକୁ ପଡ଼ିବ ବୋଲି ସ୍ଥାନୀୟ ଦୃଷ୍ଟିହୀନ କ୍ରିକେଟ ଦଳର ମ୍ୟାନେଜର ଚାମିଣ୍ଡା ପୁଷ୍ପକୁମାରା ପ୍ରକାଶ କରିଛନ୍ତି। ପାକିସ୍ତାନ ଦଳ ନିଜସ୍ୱ ଖର୍ଚ୍ଚରେ ଶ୍ରୀଲଙ୍କା ଗସ୍ତ କରିଛି। ଅତିରିକ୍ତ ଖର୍ଚ୍ଚା ସେମାନଙ୍କୁ ବୋଝଭଳି ହେବ। ଏଥିରେ ହସ୍ତକ୍ଷେପ ଓ ସହାୟତା ଲାଗି ଶ୍ରୀଲଙ୍କା ସରକାରଙ୍କୁ ଅଫିସିଆଲ ଜଣଙ୍କ ନିବେଦନ କରିଛନ୍ତି। ଗତ ସପ୍ତାହରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ପାଇଁ ଶ୍ରୀଲଙ୍କା ଲାହୋରକୁ ଏହା ସମସ୍ତ ବିମାନସେବା ବନ୍ଦ ରଖିଛି। ଏହି ପରିସ୍ଥିତି ପାଇଁ ପାକିସ୍ତାନ ସରକାର ଏହାର ଆକାଶ ମାର୍ଗକୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଉଡାଣକୁ ମଧ ସ୍ଥଗିତ ରଖିଛନ୍ତି। ପାକିସ୍ତାନ ଦୃଷ୍ଟିହୀନ କ୍ରିକେଟ ଦଳ ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜକୁ ୩-୦ରେ ଜିତିନେଇଛି।

### ବିବାଦୀୟ ଶେଖ୍ ପୁଣି ଏସିଆନ ଅଲିମ୍ପିକ ମୁଖ୍ୟ

**ବ୍ୟାଙ୍କକ୍, ୩।୩ (ଏ.ଏଫ୍.ପି.):** କୁଏତ୍‌ର ଶେଖ ଅହମ୍ମଦ ଅଲ୍-ଫହାଦ ଅଲ୍ ସାବା ରବିବାର ଶକ୍ତିଶାଳୀ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ)ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଜାଲିଆତି କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏବଂ ଅନ୍ୟ କେତେକ ଦାୟିତ୍ୱରୁ ସେ ଅବ୍ୟାହତି ନେବାକୁ ବାଧ ହୋଇଥିଲେହେଁ ସେ ନିର୍ବାଚିତ ହୋଇଛନ୍ତି। ଶେଖ୍ ଅହମ୍ମଦଙ୍କୁ ବିଶ୍ୱ କ୍ରୀଡ଼ାର ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତି ଭାବେ ବିବେଚନା କରାଯାଇଥାଏ। ତାଙ୍କର କାର୍ଯ୍ୟକାଳ ୨୦୨୪ ପର୍ଯ୍ୟନ୍ତ ରହିବ। ଓସିଏ ଏସିଆନ ଗେମ୍ସ ଏବଂ ଅନ୍ୟ କେତେକ ଆଞ୍ଚଳିକ ଇଭେଣ୍ଟ ପରିଚାଳନା କରିଥାଏ। ଶେଖ୍ ଅହମ୍ମଦ ୧୯୯୧ରୁ ଓସିଏ ସହିତ ସଂଶ୍ଳିଷ୍ଟ ରହିଆସିଛନ୍ତି।

### ୧୧.୫ ମିଲିୟନ ଡଲାର ପାଇଲା ଶ୍ରୀଲଙ୍କା

**କଲମ୍ବୋ, ୩।୩(ଏଏଫ୍‌ପି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ରୋକ ଲଗାଯାଇଥିବା ୧୧.୫ ମିଲିୟନ ଆମେରିକୀୟ ଡଲାର ସୁରକ୍ଷିତ ଭାବେ ଶ୍ରୀଲଙ୍କା କ୍ରିକେଟକୁ ମିଳିଛି। ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବା ଶ୍ରୀଲଙ୍କା ଗଭର୍ନିଂ ବଡି ପକ୍ଷରୁ ରବିବାର ଏହା ଘୋଷଣା କରାଯାଇଛି। ନେତୃତ୍ୱକୁ ନେଇ ଗତ ୮ ମାସ ହେବ ଆଇସିସି ପକ୍ଷରୁ ଏହି ଆର୍ଥିକ ରୋକ୍ ଲଗାଯାଇଥିଲା। ଗତବର୍ଷ ଶ୍ରୀଲଙ୍କା କ୍ରିକେଟ ନିର୍ବାଚନବେଳେ କେତେକ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ବୋର୍ଡକୁ ଚଳାଇବା ପାଇଁ ଜଣେ ଅଣନିର୍ବାଚିତ ଅଫିସିଆଲଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିଯୋଗୁ ଆଇସିସି ଶ୍ରୀଲଙ୍କା କ୍ରିକେଟକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ରୋକ୍ ଲଗାଇଥିଲା। କିନ୍ତୁ ଗତ ମାସରେ ଶ୍ରୀଲଙ୍କା କ୍ରିକେଟର ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଶାମି ସିଲଭାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ଏହାପରେ ଶ୍ରୀଲଙ୍କା କ୍ରିକେଟର ପ୍ରାକ୍ତନ ମୁଖ୍ୟ ଥିଲଙ୍ଗ ସୁମରିପାଲା ରୋକ୍ ଲାଗିଥିବା ଆର୍ଥିକ ରାଶି ପାଇବା ପାଇଁ ଆଇସିସି ସହ ଆଲୋଚନା କରିଥିଲେ। ନିକଟରେ ଶ୍ରୀଲଙ୍କା କ୍ରିକେଟକୁ ସବୁଠାରୁ ଦୁର୍ନୀତିଗ୍ରସ୍ତ ପ୍ରଶାସକ ଭାବେ ଘୋଷଣା କରାଯାଇଥିଲା।

### ଭାରତର ଅଭିଯାନ ଶେଷ

**ନୂଆଦିଲ୍ଲୀ,୩।୩(ପିଟି):** ନେଦରଲାଣ୍ଡର ହାର୍ଲିମଠାରେ ଚାଲିଥିବା ୟୋନେକ୍ସ ଡଚ୍ ଜୁନିୟର ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରିୟାଂଶୁ ରାଜୱାତଙ୍କ ପରାଜୟ ସହ ଭାରତର ଅଭିଯାନ ଶେଷ ହୋଇଯାଇଛି। ୧୭ ବର୍ଷୀୟ ପ୍ରିୟାଂଶୁ କ୍ୱାର୍ଟର ଫାଇନାଲରେ ବ୍ରାଇନ ୟାଙ୍ଗଙ୍କଠାରୁ ୧୩-୨୧, ୨୦-୨୨ ଗେମ୍‌ରେ ପରାସ୍ତ ହୋଇଛନ୍ତି। ତାଙ୍କ ବ୍ୟତୀତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଭାରତୀୟ ଖେଳାଳି ମାଇସନାମ ମେଇରବା, ସାଇ ଚରଣ କୋୟା ଓ ଗାୟତ୍ରୀ ଗୋପିଚାନ୍ଦ ପ୍ରି-କ୍ୱାର୍ଟର ଫାଇନାଲ ଅତିକ୍ରମ କରିପାରି ନ ଥିଲେ।

## ■ ରାଜ୍ୟ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ପ୍ରମୋଦ, ଶୁଭ୍ରଜିତ୍‌ଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)



ପୁରସ୍କାର ସହ କୃତୀ ପ୍ରତିଯୋଗୀ।

ଅନୁଗୋଳ ନାଲ୍‌କୋ ନଗରସ୍ଥିତ ବ୍ୟାଡ୍‌ମିଣ୍ଟନ ହଲ୍‌ରେ ରବିବାର ରାଜ୍ୟସ୍ତରୀୟ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ପ୍ରମୋଦ ଭଗତ ଓ ଶୁଭ୍ରଜିତ ମହାରଣା ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ହାସଲ କରିଛନ୍ତି।

ଓଡ଼ିଶା ପାରା-ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଅନ୍ତିମ ଦିବସରେ ଅନୁଷ୍ଠିତ ଷ୍ଟାଣ୍ଡିଂ ଲୋୟର-୩ ବିଭାଗରେ ବରଗଡ଼ର ପ୍ରମୋଦ ଭଗତ ୨୧-୧୫, ୨୧-୧୪ ପଏଣ୍ଟରେ ଖୋର୍ଦ୍ଧାର ଦିଲେଶ୍ୱର ରାଓଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଷ୍ଟାଣ୍ଡିଂ ଲୋୟର-୪ ଫାଇନାଲରେ ଖୋର୍ଦ୍ଧାର ଶୁଭ୍ରଜିତ ମହାରଣା ୧୪-୨୧, ୨୧-୭, ୨୧-୧୫ରେ ସୁନ୍ଦରଗଡ଼ର ଦୀପରଞ୍ଜନ ବିଶୋଇଙ୍କୁ ହରାଇଥିବାବେଳେ ସଟ୍ ଷ୍ଟାଚର -୬ ବିଭାଗ ଫାଇନାଲରେ ଗଞ୍ଜାମର ସୁନୀଲ ପ୍ରଧାନ ୨୧-୧, ୨୧-୪ରେ ମାଲକାନଗିରିର ପୂର୍ଣ୍ଣଚନ୍ଦ୍ର ପାଙ୍ଗିଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଷ୍ଟାଣ୍ଡିଂ ଅପର-୫(ମହିଳା)ରେ ଗଞ୍ଜାମର ପୂର୍ଣ୍ଣବାସୀ ପ୍ରଧାନ ୨୧-୪, ୨୧-୨ରେ ଖୋର୍ଦ୍ଧାର ଜୁଲି ସାହୁଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଭଗତ-ଶୁଭ୍ରଜିତ ମହାରଣା ଯୋଡ଼ି ୨୧-୧୪, ୨୧-୭ରେ ଦିଲେଶ୍ୱର ରାଓ-ଦୀପ ରଞ୍ଜନ ବିଶୋଇଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଚଳିତମାସ ୧୫ରୁ ୧୭ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ହେବାକୁଥିବା ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସ୍ମେଲଟର ଆଣ୍ଡ ପାୱାର ନାଲ୍‌କୋ, ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ମୁଖ୍ୟ ଅତିଥି, ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁବାସ କୁମାର ମିଶ୍ର ଉପସ୍ଥିତ ଥିଲେ।

# ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କଲେ ପୁନିଆ

**ନୂଆଦିଲ୍ଲୀ, ୩।୩ (ପି.ଟି.):** ବୁଲଗେରିଆର ରୁସେଠାରେ ଚାଲିଥିବା ଡାନ କୋଲୋଭ-ନିକୋଲା ପେଟ୍ରୋଭ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ରେସଲର ବଜରଙ୍ଗ ପୁନିଆ ସ୍ୱର୍ଣ୍ଣ ପଦକ ଓ ଭିନେଶ ଫୋଗଟ୍ ରୌପ୍ୟ ହାସଲ କରିଛନ୍ତି। ତେବେ ସେ ଏହି ସ୍ୱର୍ଣ୍ଣ ପଦକ ଭାରତୀୟ ବାୟୁସେନା (ଆଇଏଏଫ୍)ର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଉତ୍ସର୍ଗ କରିଛନ୍ତି। ପୁନିଆ ୬୫ କେ.ଜି. ଫ୍ରିଷ୍ଟାଇଲ୍ ଫାଇନାଲରେ ଆମେରିକାର ଜୋର୍ଡାନ ଓଲିଭରଙ୍କୁ ୧୨-୩ରେ ହରାଇ ବାଜି ମାରିଛନ୍ତି।



ଏଥି ସହିତ ସେ ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଅଭିନନ୍ଦନଙ୍କୁ ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କରୁଛି ବୋଲି ସେ କହିଛନ୍ତି। ତାଙ୍କଠାରୁ ପ୍ରେରଣା ପାଇଛି। ଦିନେ ତାଙ୍କୁ ଭେଟି ହାତ ମିଳାଇବି ବୋଲି ପୁନିଆ କହିଛନ୍ତି। ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧ ସ୍ୱରୂପ ଅଭିନନ୍ଦନ ବିମାନରେ ପାକିସ୍ତାନ ଅଧିକୃତ କଶ୍ମୀର ଭିତରେ ପଶି ତା'ର ଏଫ୍-୧୬ ବିମାନକୁ ଖସାଇଥିଲେ। ତେବେ ତାଙ୍କ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା ଓ ସେ ପାକିସ୍ତାନ ସେନାବାହିନୀ ହାତରେ ଧରା ପଡିଥିଲେ। ପାଖାପାଖି ୬୦ଘଣ୍ଟା ପାକିସ୍ତାନରେ ରହିବା ପରେ ତାଙ୍କୁ ଭାରତକୁ ପାକିସ୍ତାନ ଅର୍ପଣ କରିଥିଲା। ଅଭିନନ୍ଦନଙ୍କ ଏହି ଲଢୁଆ ମନୋବୃତ୍ତିକୁ ସାରା ଦେଶରେ ବେଶ୍ ପ୍ରଶଂସା କରାଯାଉଛି। ଅନ୍ୟପକ୍ଷରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଫୋଗଟ୍ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ର୍ୟାଙ୍କିଙ୍ଗ ସିରିଜରେ ତାଙ୍କ ପଦର୍ପଣରେ ରୌପ୍ୟ ଜିତିଛନ୍ତି। ମହିଳା ୫୩ କେଜି ଫାଇନାଲରେ ସେ ଚାଇନାର କ୍ୱେନୟୁ ପାଙ୍ଗ୍‌ଙ୍କଠାରୁ ୨-୯ରେ ହାରି ଯାଇଥିଲେ। ୫୦ କେଜି କାଟେଗୋରିରୁ ଅନ୍ୟ କାଟେଗୋରିକୁ ଯିବା ପରେ ଏହା ଥିଲା ତାଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟ। ପୁନିଆ ଏଥି ସହିତ କ୍ୟାରିୟରର ୧୦ମ ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି।

# ବଲାଙ୍ଗୀର, ସମ୍ବଲପୁର ବିଜୟୀ


ମୁଖ୍ୟଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ବେଲପାହାଡ଼,୩।୩(ଡି.ଏନ୍.ଏ.)

**ଲିଓ କପ୍ କ୍ରିକେଟ**

ଲିଓ ୟୁଥ୍ ଆସୋସିଏଶନ ପକ୍ଷରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆର୍‌ଏଲ୍ ଷ୍ଟାଡିୟମରେ ସର୍ବଭାରତୀୟ ରାମଲତା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବଲାଙ୍ଗୀର ଓ ସମ୍ବଲପୁର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ବଲାଙ୍ଗୀର ଓ ରାୟପୁର (ଛତିଶଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ରାୟପୁର ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୧୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରଜ୍ୱଳ ପଟେଲ ଓ ଅନିରୁଦ୍ଧ କେଓଟ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ଦଳ ପାଇଁ ସର୍ବାଧିକ ୪ ଓଭରରେ ୪ ଉଇକେଟ ନେଇଥିବା ବଲାଙ୍ଗୀରର ଜ୍ୟୋତିଷ ପାଣିଗ୍ରାହୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ମେହେତାବ କ୍ଲବ ଓ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ସମ୍ବଲପୁର ୮୧ ରନରେ ବିଜୟୀ ହୋଇଛି। ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୯୦ ସଂଗ୍ରହ କରିଥିଲା। ଦଳର ଏସ୍.କେ. ଜାହାଙ୍ଗିର ସର୍ବାଧିକ ୬୮ ରନ୍ ଏବଂ ସାୟଦ ହାରୁନ ୪୫ ରନ କରିଥିଲେ। ଏହାର ଜବାବରେ ଟିଆର୍‌ଏଲ କ୍ରୋସାକି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ମାତ୍ର ୧୦୯ ରନ୍ କରିଥିଲା। ସମ୍ବଲପୁରର ଏସ୍.କେ. ଜାହାଙ୍ଗିରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲିଓ ୟୁଥ୍ ଆସୋସିଏଶନ ସଭାପତି ବୁଲୁ ପଣ୍ଡା, ସମ୍ପାଦକ ଦିଲୀପ ପଟ୍ଟନାୟକ, ଅତିଥି ଶମ୍ଭୁ ମହାନ୍ତି, ସୁମନ୍ତ ପାଢ଼ୀ, ପାରସନାଥ ଜୟସ୍ୱାଲ ଓ ପୃଥ୍ୱୀରାଜ ସିଂହଦେଓ ଉପସ୍ଥିତ ଥିଲେ।

# ଟାଇଟଲ ଦୌଡ଼ରେ ରହିଲା ଇଷ୍ଟବେଙ୍ଗଲ

**ପଞ୍ଚକୁଲା, ୩।୩ (ପି.ଟି.):** ଏଠାରେ ରବିବାର ଖେଳାଯାଇଥିବା ଏକ ଆଇ-ଲିଗ୍ ମ୍ୟାଚରେ ଇଷ୍ଟବେଙ୍ଗଲ ଏକମାତ୍ର ଗୋଲରେ ମିନର୍ଭା ପଞ୍ଜାବକୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ଦଳ ନିଜକୁ ଟାଇଟଲ ଦୌଡ଼ରେ ରଖିପାରିଛି। ସ୍ଥାନୀୟ ତାଉ ଦେବୀ ଲାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଇଷ୍ଟବେଙ୍ଗଲ ତରଫରୁ ଏନ୍‌ରିକ୍ ଇସ୍କେଡା ଖେଳର ୭୫ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଇଷ୍ଟବେଙ୍ଗଲ ୧୯ଟି ମ୍ୟାଚରୁ ୩୯ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ଥିବା ଚେନ୍ନାଇ ସିଟି ଏଫ୍‌ସି (୧୯ ମ୍ୟାଚରୁ ୪୦ ପଏଣ୍ଟ) ମାତ୍ର ଏକ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଛି। କୋଲକାତାର ଏହି ଶକ୍ତିଶାଳୀ ଦଳ ଆସନ୍ତା ଶନିବାର ପ୍ରତିଯୋଗିତାରେ ଏହାର ଅନ୍ତିମ ମ୍ୟାଚ ଗୋକୁଲମ୍ କେରଳ ଏଫ୍‌ସି ସହିତ କୋଝିକୋଡ୍‌ରେ ଖେଳିବ। ଇଷ୍ଟବେଙ୍ଗଲକୁ ଏହି ମ୍ୟାଚ ଜିତିବାକୁ ପଡ଼ିବ। ଅନ୍ୟପକ୍ଷରେ ସେହିଦିନ କୋଏମ୍ବାଟୁର୍‌ଠାରେ ଖେଳାଯିବାକୁଥିବା ଏକ ମ୍ୟାଚରେ ଚେନ୍ନାଇ ସିଟି ଏଫ୍‌ସି ମିନର୍ଭା ସହିତ ଡ୍ର କିମ୍ବା ପରାଜିତ ହେବାକୁ ପଡ଼ିବ। ତାହଲେ ଦଳ ପ୍ରଥମ ଥର ଟାଇଟଲ ହାସଲ କରିବାରେ ସମର୍ଥ ହେବ। ଅନ୍ୟପକ୍ଷରେ ଚେନ୍ନାଇ ସିଟି ଏଫ୍‌ସି ଯଦି ଶନିବାର ଏହାର ହୋମ୍ ଗ୍ରାଉଣ୍ଡରେ ମିନର୍ଭା ବିପକ୍ଷ ମ୍ୟାଚରେ ବିଜୟ ହାସଲ କରେ ତେବେ ପ୍ରଥମଥର ଆଇ-ଲିଗ୍ ଟାଇଟଲ ଜିତିବାରେ ସମର୍ଥ ହେବ। ଉଭୟ ଟାଇଟଲ ନିର୍ଣ୍ଣାୟକ ମ୍ୟାଚ ଶନିବାର ସମାନ ସମୟ ସନ୍ଧ୍ୟା ୫ଟାରେ ଖେଳାଯିବ।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ଓସ୍କାର

ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)



ଶୋଭନଦେବ ବେହେରା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

**ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍**

ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍ ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ତଥା ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଆୟୋଜକ ପାରାମାଉଣ୍ଟ 'ବି'କୁ ୫ ଉଇକେଟରେ ହରାଇ ଓସ୍କାର ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ 'ବି' ପକ୍ଷରୁ ଧାର୍ଯ୍ୟ ୧୪୬ ରନ ବିଜୟ ଲକ୍ଷ୍ୟର ପିଛା କରି ଓସ୍କାର ୨୮.୨ ଓଭରରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ଅଲରାଉଣ୍ଡର ଶୋଭନଦେବ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାରାମାଉଣ୍ଟ 'ବି' ୩୮.୫ ଓଭରରେ ୧୪୫ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସିଦ୍ଧେଶ୍ୱର ପରିଡ଼ା ସର୍ବାଧିକ ୩୪ ରନ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଶୋଭନଦେବ ନିଜର ୭.୫ ଓଭର ସ୍ପେଲରେ ୨୭ ରନ ଦେଇ ୪ ଉଇକେଟ ସଫଳତା ପାଇଥିଲେ। ସାରାଂଶ ରାଉତଙ୍କୁ ୩ ଏବଂ ଦୀକ୍ଷାନ୍ତ ମଲିକ, ଆୟୁଷ ରାୟ ଓ ଜଗଜିତ ଦାସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓସ୍କାର ୨୮.୨ ଓଭରରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଜଗଜିତ ଦାସ ୨୪ ବଲ୍‌ରୁ ଦ୍ରୁତ ୪୪*, ବିଶ୍ୱଜିତ ପ୍ରଧାନ ୩୨ ଓ ଶୋଭନଦେବ ୨୮* ରନ କରିଥିଲେ। ପାରାମାଉଣ୍ଟ ବୋଲର ଆଦିତ୍ୟ ଅଗ୍ରୱାଲ ୩ ଓ ସୟଦ ତୁଫେଲ୍ ଅହମଦ ୨ଟି ଉଇକେଟ ନେଇଥିଲେ। ସୋମବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ(ଏମସିସି) ଓ ବିଶ୍ୱଭାରତୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ରଘୁନାଥ ମିଶ୍ର ମୁଖ୍ୟ ଅତିଥି ଏବଂ ସୌର୍ଯ୍ୟ ରଞ୍ଜନ ପରିଜା, କେ. ଶାନ୍ତି, ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ୨୩ ବର୍ଷରୁ କମ୍ ଭାରତୀୟ ଫୁଟ୍‌ବଲ ଟିମ୍‌ର କ୍ୟାମ୍ପ୍ ଆରମ୍ଭ

**ଭାସ୍କୋ, ୩।୩(ପି.ଟି.):** ନୂତନ ଭାବେ ପ୍ରଶିକ୍ଷଣ ଦାୟିତ୍ୱ ନେଇଥିବା ଦୀପକ ଡେରିକ ପେରିରାଙ୍କ ତତ୍ତ୍ୱାବଧାନରେ ଭାରତୀୟ ୨୩ ବର୍ଷରୁ କମ୍ ଫୁଟ୍‌ବଲ ଦଳର କୋଚିଂ କ୍ୟାମ୍ପ୍ ରବିବାରଠାରୁ ସ୍ଥାନୀୟ ତିଲକ ମଇଦାନଠାରେ ଆରମ୍ଭ ହୋଇଛି। ୨୦୨୦ ଏଏଫ୍‌ସି ଚାମ୍ପିୟନଶିପ୍ (୨୩ ବର୍ଷରୁ କମ୍) ପାଇଁ ଯୋଗ୍ୟତା ପର୍ଯ୍ୟାୟ ମାର୍ଚ୍ଚ ୨୨ରୁ ତାସକେଣ୍ଟଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ନଜରରେ ରଖି ପ୍ରସ୍ତୁତି କ୍ୟାମ୍ପ୍ ଆରମ୍ଭ ହୋଇଥିବା ଜଣାପଡ଼ିଛି। କ୍ୟାମ୍ପ୍‌ରେ ମୋଟ୍ ୩୮ ଖେଳାଳିଙ୍କ ମଧ୍ୟରୁ ୧୯ ଜଣ ଯୋଗଦେଇ ସାରିଛନ୍ତି। ବଳକା ଖେଳାଳି ନିଜ ନିଜ କ୍ଲବ ସହ ସେମାନଙ୍କ ଚୁକ୍ତି ଅନୁଯାୟୀ ଘରୋଇ ପ୍ରତିଯୋଗିତା ଓ ଏଫ୍‌ସି କପ୍‌ରେ ଅଂଶଗ୍ରହଣ କରି ପରେ କ୍ୟାମ୍ପ୍‌ରେ ଯୋଗଦେବେ। ନିଶୁ କୁମାର, ଅନିରୁଦ୍ଧ ଥାପ୍ପା, ମହମ୍ମଦ ନୱାଜ ଓ ସାଇରୁଅତକିମା ନିଜ ନିଜ କ୍ଲବ ପକ୍ଷରୁ ବର୍ତ୍ତମାନ ଖେଳୁଥିବାବେଳେ ଆସିକ୍ କୁରୁନିୟାନ, ସାହିଲ୍ ପନୱର ଓ ଜେରୀ ଲାଲରିଞ୍ଜୁଲା ଆଘାତ ରହିଛନ୍ତି। ସେହିଭଳି ହିତେଶ ଶର୍ମାଙ୍କୁ ହାଡଫୁଟି ହୋଇଥିବା ଜଣାପଡ଼ିଛି। ଆଇ-ଲିଗ୍ କ୍ଲବ ଇଣ୍ଡିଆନ ଆରୋଜର ସର୍ବାଧିକ ୧୧ଜଣ ଖେଳାଳି ଏହି କ୍ୟାମ୍ପରେ ସାମିଲ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ୮ ଜଣ ୨୦୧୭ରେ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ■ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଉଦ୍‌ଯାପିତ

# ଓଡ଼ିଶା ପୋଲିସ ଚାମ୍ପିୟନ

ବୌଦ୍ଧ,୩।୩(ସ୍ୱ.ପ୍ର)



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

ବୌଦ୍ଧ କଚେରି ଖେଳ ପଡିଆଠାରେ ଚାଲିଥିବା ସର୍ବଭାରତୀୟ ଡି.ଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ବୌଦ୍ଧ ଏକାଦଶ ଓ ଓଡିଶା ପୋଲିସ କଟକ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶା ପୋଲିସ ବୌଦ୍ଧ ଏକାଦଶକୁ ୩-୧ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କଟକ ଓଡିଶା ପୋଲିସ ୧୪ ମିନିଟରେ ଗୋଟିଏ ଗୋଲ୍ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ୍ କରିଥିଲା । ଖେଳ ଶେଷ ସୁଦ୍ଧା ବୌଦ୍ଧ ଏକାଦଶ ଗୋଟିଏ ଗୋଲ୍ କରିଥିଲା । ଫଳରେ ଓଡିଶା ପୋଲିସ ୩-୧ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା । ମୁଖ୍ୟ ରେଫରି ଜ୍ୟୋତି ରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବାବେଳେ ସୁରେଶ କୁମାର ଦାସ ଓ ଦିଲୀପ କୁମାର ରାଉତ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଲିଳ ବେହେରା ଖେଳ ପରିଚାଳନା କରିଥିଲେ। ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନର ସଭାପତି ଲମ୍ବୋଦର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି, ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସାମାଜିକ କର୍ମୀ ଇଂ. ରାକେଶ ତ୍ରିପାଠୀ, ଜିଲା ଫୁଟବଲ୍ ଆସୋସିଏଶନ ଉପସଭାପତି ସତ୍ୟପ୍ରକାଶ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିୟନ ଓଡିଶା ପୋଲିସ ଓ ଉପ ବିଜେତା ବୌଦ୍ଧ ଏକାଦଶକୁ ପୁରସ୍କୃତ କରାଯାଇଥିଲା।

# ଏଲିଟ୍ ଲିଷ୍ଟରେ ଧୋନୀ

ହାଇଦ୍ରାବାଦ, ୩।୩



ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟର ନ୍ୟାଶନାଲ ଷ୍ଟାଡିୟମରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୬ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ଏହି ମ୍ୟାଚ୍‌ରେ ଭେଟେରାନ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ (୫୯ ରନ) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଧୋନୀ ୪ର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଲିଷ୍ଟ-ଏ କ୍ରିକେଟରେ ୧୩ ହଜାର ରନ୍ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଧୋନୀଙ୍କ ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଏହି ଏଲିଟ୍ କ୍ଲବରେ ସ୍ଥାନ ପାଇସାରିଛନ୍ତି। ଧୋନୀ ବର୍ତ୍ତମାନ ସୁଦ୍ଧା ୪୧୨ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ୫୦.୭୯ ଆଭରେଜରେ ୧୩,୦୫୪ ରନ କରିଛନ୍ତି। ଲିଷ୍ଟ-ଏରେ ସର୍ବାଧିକ ରନ୍ ସଂଗ୍ରହ କରିବା ତାଲିକାରେ ଇଂଲଣ୍ଡର ଗ୍ରାହମ ଗୁଚ୍ ରହିଛନ୍ତି। ସେ ୨୨ ହଜାର ୨୧୧ ରନ ସଂଗ୍ରହ କରିଛନ୍ତି। ଏହି ମ୍ୟାଚ୍‌ରେ ଧୋନୀ-କେଦାର ଯାଦବ ଯୋଡ଼ି ୫ମ ଉଇକେଟ୍‌ରେ ୧୪୧ ରନର ପାର୍ଟନରଶିପ୍ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ଘରୋଇ ଗ୍ରାଉଣ୍ଡରେ ୫ମ ଉଇକେଟ୍‌ରେ ଭାରତର ଏହା ୨ୟ ସର୍ବାଧିକ ପାର୍ଟନରଶିପ୍। ସେହିଭଳି ଏହି ଗ୍ରାଉଣ୍ଡରେ ଗୋଟିଏ ଦିନିକିଆରେ କୌଣସି ଉଇକେଟ୍‌ରେ ଏହା ୨ୟ ସର୍ବାଧିକ ପାର୍ଟନରଶିପ୍। ଶନ୍ ମାର୍ଶ-ଶେନ୍ ୱାଟସନ ୧୪୫ ରନର ପାର୍ଟନରଶିପ୍ ସହ ଶୀର୍ଷରେ ରହିଛନ୍ତି।

ଆରୋନ ଫିଞ୍ଚ୍ ବର୍ତ୍ତମାନ ଭଲ ଫର୍ମରେ ନ ଥିଲେ ମଧ୍ୟ ଏହା ତାଙ୍କ ନେତୃତ୍ୱକୁ ପ୍ରଭାବିତ କରିନାହିଁ ।
–ନାଥାନ କୁଲ୍‌ଟରନିଲ୍, ଅଷ୍ଟ୍ରେଲୀୟ ବୋଲର



ମୁଁ ମଧ୍ୟ ଅଭିନବ ଶଟ୍ ଖେଳିପାରିବି, କିନ୍ତୁ ଏଥିପାଇଁ ମୋତେ ଅଧିକ ରିସ୍କ ନେବାକୁ ପଡ଼ିବ ।
–କେଦାର ଯାଦବ, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମହିଳା କ୍ରିକେଟ୍
### ଭାରତ-ଇଂଲଣ୍ଡ ପ୍ରଥମ ଟି୨୦ ଆଜି

**ଗୌହାଟି, ୩।୩(ପି.ଟି.):** ସ୍ଥାନୀୟ ବର୍ସାପରା କ୍ରିକେଟ ଷ୍ଟାଡିୟମରେ ସୋମବାର ଘରୋଇ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଥିବା ଇଂଲଣ୍ଡ ଦଳର ଏହା ଅନ୍ତିମ ସିରିଜ। ପୂର୍ବରୁ ଇଂଲଣ୍ଡ ଦଳ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨-୧ରେ ହାରିଯାଇଥିଲା। କିନ୍ତୁ ଦିନିକିଆ ସିରିଜର ଅନ୍ତିମ ମ୍ୟାଚ୍‌ରେ ବିଜୟ ଲାଭ କରିଥିବାରୁ ହେଥର ନାଇଟ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳର ମନୋବଳ ବେଶ୍ ଦୃଢ଼ ରହିଛି। ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେବାକୁ ଦଳ ଲକ୍ଷ୍ୟ ରଖିଛି। 'ଟି୨୦ ବିଶ୍ୱକପ୍ ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ଥିବାରୁ ଆମେ କମ୍ବିନେଶନ ଉପରେ ଗୁରୁତ୍ୱ ଦେଉଛୁ। ଗୋଟିଏ ଦକ୍ଷ ପ୍ରତିପକ୍ଷ ଟିମ୍ ସହ ଖେଳିବା ଲାଗି ଏହା ଆମ ପାଇଁ ଆଉ ଏକ ସୁଯୋଗ। ଭାରତ ବିପକ୍ଷରେ ଟି୨୦ରେ ଆମର ପ୍ରଦର୍ଶନ ଭଲ ରହିଆସିଛି। କିନ୍ତୁ ନୂଆ କୋଚ୍ (ଡବ୍ଲ୍ୟୁଭି ରମନ)ଙ୍କ ପ୍ରଶିକ୍ଷଣରେ ଭାରତ ବେଶ୍ ଉନ୍ନତି କରିଛି' ବୋଲି ଇଂଲଣ୍ଡ ଅଧିନାୟିକା ନାଇଟ୍ କହିଛନ୍ତି। ଅପରପକ୍ଷରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟ ସହ ସିରିଜ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍ ସକାଳ ୧୧ଟାରେ ଖେଳାଯିବ।

### ୨୦୨୨ ଏସିଆନ୍ ଗେମ୍ସକୁ କ୍ରିକେଟ ଫେରିବ

**ବ୍ୟାଙ୍କକ,୩।୩:** ଏସିଆନ୍ ଗେମ୍ସକୁ ପୁଣି ଥରେ କ୍ରିକେଟ ଫେରିବା ସ୍ପଷ୍ଟ ହୋଇଛି। ୨୦୨୨ରେ ଚାଇନାର ହାଙ୍ଗଜୌ ସହରରେ ଆୟୋଜନ ହେବାକୁ ଥିବା ଏସିଆନ୍ ଗେମ୍ସ ୧୯ତମ ସଂସ୍କରଣରେ କ୍ରିକେଟକୁ ସାମିଲ କରାଯିବ ବୋଲି କେତେକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅଲିମ୍ପିକ କାଉନସିଲ ଅଫ୍ ଏସିଆ ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ୨୦୧୦ ଗୁଆଂଝୌ ଓ ୨୦୧୪ ଇଞ୍ଚିଅନ୍ ସଂସ୍କରଣରେ କ୍ରିକେଟ ସାମିଲ ହୋଇଥିଲେ ମଧ୍ୟ ୨୦୧୮ ଏସିଆନ୍ ଗେମ୍ସରେ ଉପମହାଦେଶର ସବୁଠାରୁ ଏହି ଲୋକପ୍ରିୟ କ୍ରୀଡ଼ା ବାଦ୍ ପଡିଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ଭାରତ ଏସିଆନ୍ ଗେମ୍ସରେ କ୍ରିକେଟ ଖେଳିବାକୁ ଅନିଚ୍ଛା ପ୍ରକାଶ କରିଥିଲା। ଫଳରେ ଏହି କ୍ରୀଡ଼ା ମହାକୁମ୍ଭରେ କ୍ରିକେଟକୁ ନେଇ ସେତେଟା ଉତ୍ସାହ ଦେଖିବାକୁ ମିଳି ନ ଥିଲା। ପୂର୍ବପରି ଟି୨୦ ଫର୍ମାଟକୁ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ହାତରେ ଆହୁରି ବହୁତ ସମୟ ଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ସକାରାତ୍ମକ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ୨୦୧୪ରେ ଶ୍ରୀଲଙ୍କା ପୁରୁଷ ଓ ପାକିସ୍ତାନ ମହିଳା, ୨୦୧୦ରେ ବାଂଲାଦେଶ ପୁରୁଷ ଓ ପାକିସ୍ତାନ ମହିଳା ଚାମ୍ପିୟନ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଥରେ ମାତ୍ର କ୍ରିକେଟକୁ ସାମିଲ କରାଯାଇଥିଲା। ୧୯୯୮ କ୍ୱାଲାଲମ୍ପୁର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଓ ପାକିସ୍ତାନ ଅଂଶଗ୍ରହଣ କରିଥିଲେ। ତେବେ ଏଥିରେ ଶନ୍ ପୋଲକଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ସ୍ୱର୍ଣ୍ଣ ଓ ଷ୍ଟିଭ ୱାଙ୍କ ଅଷ୍ଟ୍ରେଲିଆ ଦଳ ରୌପ୍ୟ ପଦକ ହାସଲ କରିଥିଲା।

# ନ୍ୟୁଜିଲାଣ୍ଡର ଇନିଂସ ବିଜୟ



ପାଞ୍ଚ ଉଇକେଟ ହାସଲକାରୀ ଟ୍ରେଣ୍ଟ ବୋଲ୍ଟ।

ହାମିଲଟନ୍ ଟେଷ୍ଟ

**ହାମିଲଟନ, ୩।୩(ଏଏଫପି)**

ଦୁଇ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ସୌମ୍ୟ ସରକାର ଓ ମହମ୍ମଦୁଲ୍ଲା ବୃହତ୍ ଶତକୀୟ ପାଳି ସତ୍ତ୍ୱେ ବାଂଲାଦେଶ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡଠାରୁ ଏକ ଇନିଂସ ଓ ୫୨ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବିଜୟୀ ହେବା ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ୨୦୦ ରନର ଦ୍ୱିଶତକୀୟ ପାଳି ଖେଳିଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ପ୍ରଥମ ଇନିଂସରେ ୨୩୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୱିଲିୟମସନଙ୍କ ଦ୍ୱିଶତକ, ଓପନର ଜିତ୍ ରାଭାଲଙ୍କ ୧୩୨ ଓ ଟମ୍ ଲଥାମଙ୍କ ୧୬୧ ରନର ଶତକୀୟ ପାଳି ସହ ୬ ଉଇକେଟ ହରାଇ ୭୧୫ ରନ କରିବା ସହ ଇନିଂସ ଘୋଷଣା କରିଥିଲା। ଫଳରେ ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୪୮୧ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ରବିବାର ମ୍ୟାଚ୍‌ର ଚତୁର୍ଥ ଦିବସରେ ସୌମ୍ୟଙ୍କ ୧୪୯ ଓ ଅଧିନାୟକ ମହମ୍ମଦୁଲ୍ଲାଙ୍କ ୧୪୬ ରନର ଶତକୀୟ ପାଳି ସତ୍ତ୍ୱେ ୧୦୩ ଓଭରରେ ୪୨୯ ରନ କରି ଅଲଆଉଟ ହୋଇ ଇନିଂସ ପରାଜୟ ବରଣ କରିଛି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୭୪/୪ରୁ ଖେଳ ଆରମ୍ଭ ବାଂଲାଦେଶ ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ସୌମ୍ୟ ୩୯ ଓ ମହମ୍ମଦୁଲ୍ଲା ୧୫ ରନରୁ ଖେଳ ଆରମ୍ଭ କରି ଶତକ ହାସଲ କରି ଆଉଟ ହେବା ପରେ ବାଂଲାଦେଶ ଇନିଂସ ତାସ ଘର ପରି ଭୁଶୁଡି ପଡିଥିଲା। ଏହାପୂର୍ବରୁ ଦୁଇ ଓପନର ତାମିମ ଇକବାଲ ୭୪ ଓ ଶଦ୍‌ମାନ ଇସ୍‌ଲାମ ୩୭ ରନ କରି ଆଉଟ ହୋଇଥିବା ବେଳେ ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୫ ଉଇକେଟ ନେଇ ବାଂଲାଦେଶର ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସାଉଦି ୩, ନିଲ ୱାଗନର ୨ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ: ୨୩୪ ଅଲଆଉଟ।**
**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୭୧୫/୬ (ଇନିଂସ ଘୋଷଣା)।**
**ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୦୩ ଓଭରରେ ୪୨୯ ଅଲଆଉଟ (ସୌମ୍ୟ- ୧୪୯, ମହମ୍ମଦୁଲ୍ଲା- ୧୪୬, ତାମିମ- ୭୪, ଇସ୍‌ଲାମ- ୩୭, ବୋଲ୍ଟ- ୫/୧୨୩, ସାଉଦି- ୩/୯୮, ୱାଗନର- ୨/୧୦୪)।**

# ଫେଡରରଙ୍କୁ ଶତକ ଟାଇଟଲ




ଶହେତମ ଟାଇଟଲ ଜିତିବା ପରେ ରୋଜର ଫେଡରର।

**ଦୁବାଇ, ୩।୩ (ଏଏଫପି):** ସୁଇସ୍ ଟେନିସ୍ ଖେଳାଳି ରୋଜର ଫେଡରର ତାଙ୍କ କ୍ୟାରିୟରର ୧୦୦ତମ ଟାଇଟଲ ହାସଲ କରିଛନ୍ତି। ଦୁବାଇ ଚାମ୍ପିୟନଶିପ୍‌ରେ ଷ୍ଟିଫାନସ ତିସିତପାସଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୦ ଗ୍ରାଣ୍ଡସ୍ଲାମ ବିଜେତା ଆଭିଏଶନ କ୍ଲବଠାରେ ରେକର୍ଡ ୮ମ ଥର ପାଇଁ ଚାମ୍ପିୟନ ହୋଇପାରିଛନ୍ତି। ୬୯ ମିନିଟ୍‌ରେ ଶେଷ ହୋଇଥିବା ଫାଇନାଲ ମ୍ୟାଚରେ ସେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ୧୧ତମ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଗ୍ରୀକ୍ ୟଙ୍ଗଷ୍ଟରଙ୍କୁ ପରାସ୍ତ କରିବା ଦ୍ୱାରା ସେ ଅଷ୍ଟ୍ରେଲିଆନ ଓପନ ୪ର୍ଥ ରାଉଣ୍ଡ ପରାଜୟ ପ୍ରତିଶୋଧ ନେଇପାରିଛନ୍ତି। ଫେଡରରଙ୍କ ବ୍ୟତୀତ ୧୦୦ ଟାଇଟଲ ଜିତିଥିବା ଏକମାତ୍ର ଖେଳାଳି ହେଲେ ଜିମ୍ମି କନର୍ସ (୧୦୯)। ସେ ତାଙ୍କ ୯୯ତମ ଟ୍ରଫି ଗତ ଅକ୍ଟୋବରରେ ହୋମ୍ ଇଭେଣ୍ଟ ବାସେଲଠାରେ ହାସଲ କରିଥିଲେ। ଫେଡରର କହିଛନ୍ତି, ଏଠାରେ ମୋ ରେକର୍ଡ ୮ମ ଏବଂ ମୋଟ ଉପରେ ୧୦୦ତମ ଟାଇଟଲ ଜିତିବା ମୋ ପାଇଁ ସ୍ୱତନ୍ତ୍ର। ସୁଇସ୍ ଟେନିସ ଷ୍ଟାର ପ୍ୟାରିସ ମାଷ୍ଟର୍ସ, ଏଟିପି ଫାଇନାଲ୍ସ ଏବଂ ଅଷ୍ଟ୍ରେଲିଆନ ଓପନ୍‌ରେ ତାଙ୍କ ଶତକ ଟାଇଟଲ ମିସ୍ କରିଥିଲେ।

# ବିସିସିଆଇ ଅନୁରୋଧକୁ ଆଇସିସିର ଅଗ୍ରାହ୍ୟ

**ଦୁବାଇ,୩।୩(ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅନୁରୋଧକୁ ଶେଷରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଅଗ୍ରାହ୍ୟ କରିଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶମାନଙ୍କ ସହ କ୍ରିକେଟ ସମ୍ପର୍କ ଛିନ୍ନ କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ତେବେ ଏହା ଆମ ଅଧିକାର ପରିଶରରେ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ଏଭଳି ପରିସ୍ଥିତରେ ଆମର କୌଣସି ଭୂମିକା ନାହିଁ ବୋଲି ଆଇସିସି କହିଛି।

ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୦ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଜୈଶ ଇ ମହମ୍ମଦ ଏହି ଘଟଣା ପାଇଁ ନିଜକୁ ଦାୟୀ କରିଥିଲା। ଫଳରେ ପାକିସ୍ତାନ ସହ ସବୁ କ୍ରିକେଟ ସମ୍ପର୍କ ଛିନ୍ନ କରିବା ପାଇଁ ଭାରତ ଆଇସିସିକୁ ଅନୁରୋଧ କରିଥିଲା। ବିଭିନ୍ନ ଦେଶର ସରକାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଇପାରିବେ। ଏଥିରେ ଆମର କିଛି କରିବାର ନାହିଁ ବୋଲି ଆଇସିସି ଅଧ୍ୟକ୍ଷ ଶଶାଙ୍କ ମନୋହର କହିଛନ୍ତି। ପୂର୍ବରୁ ଏହି କାରଣ ଯୋଗୁ ଆଗାମୀ ବିଶ୍ୱକପ୍‌ରେ ଜୁନ୍ ୧୬ ତାରିଖରେ ଖେଳାଯିବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍ ଭାରତ ନ ଖେଳିବାକୁ ଦାବି ହେଉଛି। ହରଭଜନ ସିଂ, ସୌରଭ ଗାଙ୍ଗୁଲିଙ୍କ ଭଳି ଅନ୍ୟକେତେକ ପୂର୍ବତନ କ୍ରିକେଟର ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ନ ଖେଳିବାକୁ ମତପ୍ରକାଶ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଭାରତ ସରକାର ହିଁ ଅନ୍ତିମ ନିଷ୍ପତ୍ତି ନେବେ ବୋଲି ବିସିସିଆଇ ତରଫରୁ କୁହାଯାଇଛି।

# ଟିକସ ଭାର ନେବାକୁ ପଡ଼ିବ

**ନୂଆଦିଲ୍ଲୀ, ୩।୩ (ପି.ଟି.):** ଭବିଷ୍ୟତରେ ୨୦୨୧ରେ ଟି୨୦ ଏବଂ ୨୦୨୩ରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଭଳି ଗ୍ଲୋବାଲ ଇଭେଣ୍ଟ ଆୟୋଜନ କରିବାକୁ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ୨୧ ନିୟୁତ ଆମେରିକୀୟ ଡଲାର (୧୫୦କୋଟି ଟଙ୍କା)ର ଟିକସ ଭାର ଗ୍ରହଣ କରିବାକୁ ପଡ଼ିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏନେଇ ସ୍ପଷ୍ଟ କରିଦିଆଯାଇଛି। ହେଲେ ବିସିସିଆଇ ଏଥି ଲାଗି ସମୟ ମାଗିଛି। ସାଧାରଣ ନିର୍ବାଚନ ପରେ ଏନେଇ କିଛି ବ୍ୟବସ୍ଥା କରାଯାଇ ପାରେ ବୋଲି କହିଛି। ଆଇସିସି ସଦସ୍ୟ ରାଷ୍ଟ୍ରମାନେ କୌଣସି ଗ୍ଲୋବାଲ ଇଭେଣ୍ଟର ଆୟୋଜନ କଲେ ଟିକସ ଛାଡ଼ କରୁଛନ୍ତି। ମାତ୍ର ଭାରତୀୟ ଟିକସ ଆଇନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଏହି କାରଣରୁ ୨୦୧୬ରେ ଭାରତରେ ଟି୨୦ ବିଶ୍ୱ କପ୍ ବେଳେ କର୍ତ୍ତୃପକ୍ଷ ଇଭେଣ୍ଟ ପାଇଁ ଟିକସ ଛାଡ଼ କରି ନ ଥିଲେ। ଭାରତରୁ ଫର୍ମୁଲା ୱାନ ରେସ୍ ପ୍ରତ୍ୟାହାର କରାଯିବା ଏହା ହେଉଛି ଅନ୍ୟତମ ପ୍ରମୁଖ କାରଣ। ଆଇସିସିର ତ୍ରୈମାସିକ ବୈଠକ ବେଳେ ଟିକସ ଛାଡ଼ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଖବର ଅନୁସାରେ ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହର ସେତେବେଳେ ବିସିସିଆଇକୁ କହିଥିଲେ ଯେ, ଯଦି ଟିକସ ଛାଡ଼ କରି ନ ପାରିଲେ ନିଜେ ଏହି ଭାର ବହନ କରିବାକୁ ପଡ଼ିବ। ଏ ବିଷୟରେ ପ୍ରଶାସକ କମିଟି ମୁଖ୍ୟ ବିନୋଦ ରାୟଙ୍କୁ ପଚରାଯିବାରେ ସେ କହିଥିଲେ, ଭାରତୀୟ ଟିକସ ଆଇନ ଖୁବ୍ ଜଟିଳ। ସମସ୍ତ ବିଷୟ ଭଲରୂପେ ବୁଝି ସାରିବା ପରେ ମୁଁ ଯାହା ମନ୍ତବ୍ୟ ଦେବି। ମୁଁ ଭାବୁଛି ଏହି ସମସ୍ୟାର ସମାଧାନ ହୋଇ ପାରିବ।

# ୱେଷ୍ଟଇଣ୍ଡିଜ୍ ଜିତିଲା

**ସେଣ୍ଟ ଲୁସିଆ,୩।୩(ଏଏଫପି):** ଇଂଲଣ୍ଡ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୨–୨ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏଠାରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ରେକର୍ଡ ୨୨୭ଟି ବଲ୍ ବାକିଥାଇ ୭ ଉଇକେଟରେ ଇଂଲଣ୍ଡକୁ ହରାଇଛି। ଇଂଲଣ୍ଡ ୨୮.୧ ଓଭରରେ ୧୧୩ ରନ କରି ଅଲଆଉଟ୍ ହୋଇଥିଲା। ଦଳ ତରଫରୁ ଆଲେକ୍ସ ହେଲ୍ସ ୨୩, ଜୋସ ବଟଲର ୨୩ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଓଶେନ ଥୋମାସ ସର୍ବାଧିକ ୫ ଉଇକେଟ ନେଇ ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୨.୧ ଓଭରରେ ୩ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା। ଓପନର କ୍ରିସ ଗେଲ ୨୭ଟି ବଲ ଖେଳି ୭୭ ରନ କରିଥିଲେ।


DSPL-474

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ


ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ



ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର
ଆବିର୍ଭାବ : ୧୭୭୩ ମସିହା
ତିରୋଧାନ : ୧୮୨୯ ମସିହା
୪ ମାର୍ଚ୍ଚ ୨୦୧୯ ସକାଳ ୯.୩୦ ଘଟିକା
ବି.ଜେ.ବି ନଗର, ବି.ଡ଼ି.ଏ ପାର୍କ, ମହିଷାଖାଲ, ଭୁବନେଶ୍ୱର



ଜାତୀୟ କବି ବାଞ୍ଛାନିଧି ମହାନ୍ତି
ଆବିର୍ଭାବ : ତା ୨୦.୦୪.୧୮୯୭ ରିଖ
ତିରୋଧାନ : ୧୯.୦୪.୧୯୩୮ ରିଖ
୪ ମାର୍ଚ୍ଚ ୨୦୧୯ ସକାଳ ୧୦ ଘଟିକା
ରାଜଭବନ ଛକ ପାର୍ଶ୍ୱ, ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ରାସ୍ତା, ଭୁବନେଶ୍ୱର



କବିବର ରାଧାନାଥ ରାୟ
ଆବିର୍ଭାବ : ତା ୨୮.୦୯.୧୮୪୮ ରିଖ
ତିରୋଧାନ : ୨୭.୦୪.୧୯୦୮ ରିଖ
୪ ମାର୍ଚ୍ଚ ୨୦୧୯ ସକାଳ ୧୦.୩୦ ଘଟିକା
ପି.ଏମ୍.ଜି ଛକ, ଭୁବନେଶ୍ୱର

ଉଦ୍‌ଘାଟକ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଉପସ୍ଥିତି
ଡ଼ଃ ପ୍ରସନ୍ନ କୁମାର ପାଟଶାଣୀ
ମାନ୍ୟବର ସାଂସଦ, ଭୁବନେଶ୍ୱର

ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)

ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)

ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ

ଶ୍ରୀମତୀ ସଂଘମିତ୍ରା ଶତପଥୀ
ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ

03001/13/0076/1819

# ନୂଆ ରୂପରେ ରାମେଶ୍ୱର କପ୍ ଜୁନିୟର କ୍ରିକେଟ




ଟ୍ରଫି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୩ୟ ସଂସ୍କରଣ ଚଳିତମାସ ୧୦ ତାରିଖରେ ଆରମ୍ଭ ହେବ। ବିଏମ୍ ହାଇସ୍କୁଲ ପଡ଼ିଆରେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ପ୍ଲେଇଂ କଣ୍ଡିଶନରେ ପରିବର୍ତ୍ତନ କରାଯାଇ ନୂଆ ଫର୍ମାଟରେ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ଏଥରର ଟୁର୍ନାମେଣ୍ଟପାଇଁ ପ୍ରତି ଦଳରେ ୧୬ ଓ ୧୯ ବର୍ଷରୁ କମ୍ ଖେଳାଳି ରହିବେ। ପ୍ରତି ଚୂଡ଼ାନ୍ତ ଏକାଦଶରେ ଅତିକମ୍‌ରେ ୭ ଜଣ ୧୯ ବର୍ଷରୁ କମ୍ ଏବଂ ୪ ଜଣ ୧୬ ବର୍ଷରୁ କମ୍ ଖେଳାଳି ରହିବା ବାଧ୍ୟତାମୂଳକ କରାଯାଇଛି ବୋଲି ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାମେଶ୍ୱର ସ୍ପୋର୍ଟିଂର ସମ୍ପାଦକ ଦୀପକ ମଙ୍ଗରାଜ। ମ୍ୟାଚ ଗୁଡ଼ିକ ମ୍ୟାଟିଂ ଉଇକେଟରେ ଖେଳାଯିବ। ଧଳା ବଲ୍ ବ୍ୟବହାର ହେବ ଏବଂ ଖେଳାଳିମାନେ ରଙ୍ଗିନ ପୋଷାକ ପିନ୍ଧିବେ। ମ୍ୟାଚଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। ପ୍ରତିଯୋଗିତା ପାଇଁ କୌଣସି ଏଣ୍ଟ୍ରି ଫି' ନାହିଁ। ଗତଥରର ଚାମ୍ପିୟନ ରାମେଶ୍ୱର ଏବଂ ରନର୍ସଅପ୍ ପାରାମାଉଣ୍ଟ ସ୍ପୋର୍ଟିଂ ସମେତ ଟୁର୍ନାମେଣ୍ଟରେ କଟକ ଓ ଭୁବନେଶ୍ୱରର ପ୍ରତିଷ୍ଠିତ ୧୪ଟି ଦଳ ଅଂଶଗ୍ରହଣ କରିବେ ବୋଲି ଦୀପକ କହିଛନ୍ତି। ଗତଥର ଭଳି ଏଥର ମଧ୍ୟ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତିଦିନ ମ୍ୟାନ ଅଫ ଦି ମ୍ୟାଚ ଏବଂ ଶେଷରେ ବିଭିନ୍ନ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଦୀପକ କହିଛନ୍ତି। କର୍ମକର୍ତ୍ତାଙ୍କଦ୍ୱାରା ଟ୍ରଫି ଉନ୍ମୋଚନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାମେଶ୍ୱର ସ୍ପୋର୍ଟିଂର ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ରାଜେଶ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାରଣା, ବିଜୟ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଦଳଗୁଡ଼ିକ ହେଲେ ରାମେଶ୍ୱର ସ୍ପୋର୍ଟିଂ, ରାଇଜିଂ ଷ୍ଟୁଡେଣ୍ଟ୍ସ, ୟୁନିୟନ ସ୍ପୋର୍ଟିଂ, ଜୁଭେନାଇଲ କ୍ଲବ, ସୋଲାର କ୍ରିକେଟ କ୍ଲବ, ବିଶ୍ୱଭାରତୀ, ସହିଦ ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ, ଗ୍ରୀନ୍ସ ଏକାଡେମୀ, ଜାଗୃତି ଏକାଡେମୀ, ପାରାମାଉଣ୍ଟ ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, କ୍ରାଉନ୍ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୪ /୨୦୧୯ Dhenkanal, Monday, March 4 / 2019


## ସଂକ୍ଷେପରେ

### ନଦୀରେ ବୁଡ଼ି ଜଣେ ନିଖୋଜ

ତାଳଚେର,୩।୩(ନି.ପ୍ର)- ତାଳଚେର ବ୍ଲକ ଦାଶନାଳୀ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ରବିବାର ଅପରାହ୍ନରେ ବିମଳ ମହାନ୍ତି ନିଖୋଜ ହୋଇଯାଇଛନ୍ତି। ଖବରପାଇ ତାଳଚେର ଓ ବଅଁରପାଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ବଅଁରପାଳ ଅଞ୍ଚଳର ୫ ଜଣ ଯୁବକ ଭୋଜି କରିବାକୁ ଆସିଥିଲେ। ପରେ ସେମାନେ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ବିମଳ ପାଣିରେ ବୁଡ଼ି ଯାଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଦାବିପୂରଣ ପାଇଁ ବିଇଓଙ୍କୁ ଅଭିଯୋଗ

ବଇଣ୍ଡା,୩।୩(ଡି.ଏନ.ଏ.)-କିଶୋରନଗର ବିଇଓ ପ୍ରଦୀପ କୁମାର ରଥଙ୍କୁ ଶନିବାର କିଶୋରନଗର ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ସଂଘ ପକ୍ଷରୁ ଶିକ୍ଷକମାନଙ୍କର ସେବା ପୁସ୍ତିକା ଅପଡେଟ କରିବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଶ୍ରେଣୀଗୃହ ସମସ୍ୟା ସମାଧାନ କରିବା ପାଇଁ ଦାବି କରାଯାଇଛି। ଏଥିରେ ସଂଘର ହରିବନ୍ଧୁ ପ୍ରଧାନ, ସମ୍ପାଦକ ଭବାନୀ ଶଙ୍କର ପ୍ରଧାନ, ବିଆରସିସି ଯୁଗଳ କିଶୋର ପ୍ରଧାନ, ଶରତ କୁମାର ପ୍ରଧାନ, ଭୈରବ ଦେହୁରୀ, ଯୁଧିଷ୍ଠିର ସାହୁ, ଉଦିତ୍ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ମଦ ଜବତ, ଜଣେ ଗିରଫ

କଣିହାଁ,୩।୩(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ବେଆଇନ ବିଦେଶୀ ମଦ ବିକ୍ରି ଅଭିଯୋଗରେ ରବିବାର ଦଣ୍ଡସିଂହା ଗ୍ରାମର ଧନେଶ୍ୱର ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଧନେଶ୍ୱର ଧରାପଡ଼ିଥିଲେ। ତାଙ୍କ ଗ୍ରୋସରୀ ଦୋକାନରୁ ୧୫ ବୋତଲ ମଦ ଜବତ କରାଯାଇଥିଲା। ନଂ.୩୮/୧୯ରେ ଏକ ମାମଲା ରୁଜୁ କରାଯାଇଛି।

## ମଜୁରି ବଦଳରେ ଗାଳି

# ଇଟାଭାଟି ଶ୍ରମିକ ଥାନାର ଦ୍ୱାରସ୍ଥ

**ଛେଣ୍ଡିପଦା,୩।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଙ୍କୁରପାଳର ଏକ ଇଟାଭାଟିରେ କାର୍ଯ୍ୟ କରୁଥିବା ଛତିଶଗଡ଼ର ୨୦ଜଣ ମହିଳା ପୁରୁଷ ଭାଟି ମାଲିକଙ୍କ ନିର୍ଯାତନାର ଶିକାର ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ମଜୁରି ବାବଦରେ ୮୦ ହଜାରରୁ ଅଧିକ ଟଙ୍କା ଦେବା ବଦଳରେ ଭାଟି ମାଲିକ ଗାଳି କରି ବିଦା କରିଦେଇଥିବା ଶ୍ରମିକମାନେ ଅଭିଯୋଗରେ ଦର୍ଶାଇଛନ୍ତି। ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଥାନା ଏସ୍ଆଇ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ନିକଟରେ ଏହି ଶ୍ରମିକମାନେ ଗତ ନଭେମ୍ବରଠାରୁ କାମ କରି ଆସୁଥିଲେ। ମଜୁରି ବାବଦରେ ସେମାନଙ୍କୁ ୧ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଥିଲେ ବି ବକେୟା ପ୍ରାୟ ୮୦ ହଜାରରୁ ଅଧିକ ଟଙ୍କା ଦିଆଯାଇ ନାହିଁ।


ଇଟାଭାଟି ଶ୍ରମିକ ଓ ସେମାନଙ୍କ ପରିବାର।

ବକେୟା ମଜୁରି ମାଗିବାରୁ ମାଲିକ ଗାଳିଗୁଲଜ କରି ସମସ୍ତଙ୍କୁ ବାହାର କରିଦେଇଥିଲେ। ଏପରିକି ଶ୍ରମିକମାନଙ୍କ ପାଖରେ ଥିବା ୨ବସ୍ତା ଚାଉଳକୁ ମଧ ସେ ନେଇଯାଇଥିଲେ। ଉପାୟ ନ ପାଇ ଶ୍ରମିକମାନେ ପିଲା ଛୁଆଙ୍କୁ ଧରି ଛେଣ୍ଡିପଦା ଥାନା ସମ୍ମୁଖରେ ଭୋକରେ ବସିରହିଥିଲେ। ଏହା ଦେଖି ହରିଜନ ସାହି ଗ୍ରାମ ସଭାପତି ସୁଧାଂଶୁ ବେହେରା, ଉପସଭାପତି ବିଦ୍ୟୁତ୍‌ସିଂ ନାୟକ, ସମ୍ପାଦକ ବଳରାମ ବେହେରାଙ୍କ ନେତୃତ୍ୱରେ ସାହିରୁ ଚାଉଳ, ଡାଲି ଓ ପନିପରିବା ଆଦି ସଂଗ୍ରହ କରାଯାଇ ଶ୍ରମିକମାନଙ୍କୁ ରୋଷେଇ ପାଇଁ ଦିଆଯାଇଥିଲା। ପରେ ସାହିର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶ୍ରମିକମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ବଇଣ୍ଡା,୩।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚିଠାରେ ମଙ୍ଗଳବାର ବିଜୁ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ବିଜୁ ଯୁବ ବାହିନୀ ଓ ବିଜୁ ଯୁବ ବିଜେଡି ପକ୍ଷରୁ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ନାକିଚି ବଙ୍ଗଳାଠାରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ବଜେନ୍ଦ୍ର ପ୍ରଧାନ, ରମେଶ ଜେନା ମଣି, ସୁଜିତ୍ ପ୍ରଧାନ, ସ୍ୱପ୍ନେଶ୍ୱର ପ୍ରଧାନ, ଟୁନା ପ୍ରଧାନ, ପିଣ୍ଟୁ ସାହୁ, ତରଣୀସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ଏବଂ ଅଧିକ ସଂଖ୍ୟାର ଲୋକ ଯୋଗଦେଇ ରକ୍ତଦାନ କରିବେ ସେ ନେଇ ଆଲୋଚନା କରାଯାଇଥିଲା।

# ଦୋକାନରୁ ଚଳୁଛି ତେଲଲୁଣର ସଂସାର



**ଦିନକର କାହାଣୀ**

**ଦୀନବନ୍ଧୁ ସାହୁ**

ଅଭାବରେ କଟିଥିଲା ପିଲାଦିନ। ତେଣୁ ଅଧିକ ପାଠ ପଢ଼ି ପାରି ନ ଥିଲେ। ଗାଁ ସ୍କୁଲରେ ୫ମ ଯାଏ ପଢ଼ିବା ପରେ ଡୋରି ବନ୍ଧା ହୋଇଥିଲା ପାଠରେ। ଟିକେ ବଡ଼ ହେବା ପରେ କାମ କରି ପରିବାରକୁ ସାହାଯ୍ୟ କରିବା ଆରମ୍ଭ କରିଦେଇଥିଲେ। ଏବେ ସେ ଜଣେ ସାଇକେଲ ମିସ୍ତ୍ରି। ବଅଁରପାଳ ବଜାରରେ ସେ ବେଶ୍ ଜଣାଶୁଣା। ନିଜ ଦୋକାନରେ ଦିନତମାମ ପରିଶ୍ରମ କରି କିଛି ଅର୍ଥ ରୋଜଗାର କରିପାରୁଛନ୍ତି। ଏଥିରୁ ହିଁ ଚଳୁଛି ତାଙ୍କ ତେଲ ଲୁଣର ସଂସାର।

ଏହି ସାଇକେଲ୍ ମିସ୍ତ୍ରି ହେଉଛନ୍ତି ବଅଁରପାଳ ବ୍ଲକ ଝଜିରିବାହାଳ ଗ୍ରାମର ଦୀନବନ୍ଧୁସାହୁ। ବୟସ ପାଖାପାଖି ୫୫। ସ୍ତ୍ରୀ ଓ ପୁଅଙ୍କୁ ନେଇ ତାଙ୍କ ଛୋଟିଆ ସଂସାର। ୧୯୭୫ରେ ବଅଁରପାଳ ସ୍କୁଲ ସମ୍ମୁଖରେ ଥିବା ଏକ ସାଇକେଲ ମରାମତି ଦୋକାନରେ ଯୋଗେଶ୍ୱର ସାହୁଙ୍କ ଠାରୁ ସେ ମରାମତି କାର୍ଯ୍ୟ ଶିଖିଥିଲେ। ପରେ ନିଜେ ଏକା କାମ କରି ସେଥିରେ ପରିପକ୍ୱତା ହାସଲ କରିଥିଲେ।

ଏହାପରେ ବଅଁରପାଳ ବଜାରରେ ସାଇକେଲ ମରାମତି ଦୋକାନ ଖୋଲି ଦୀର୍ଘ ୩୦ ବର୍ଷ ହେଲା ନିଜ ଗୁଜୁରାଣ ମେଣ୍ଟାଇବା ସହ ପରିବାର ଚଳାଉଛନ୍ତି। ଜଣେ ଭଲ ମିସ୍ତ୍ରି ଭାବେ ଲୋକେ ତାଙ୍କୁ ଜାଣନ୍ତି। ସକାଳୁ ସନ୍ଧ୍ୟା ଯାଏ ବହୁ ସଂଖ୍ୟାରେ ସ୍କୁଲ ଛାତ୍ରୀଛାତ୍ର ତାଙ୍କ ସାଇକେଲ ମରାମତି ପାଇଁ ଆସିଥାନ୍ତି। ସକାଳୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରି ଘରକୁ ଯାଇଥାନ୍ତି। ଅପରାହ୍ନ ୪ଟାରେ ପୁଣି ଆସି ସନ୍ଧ୍ୟା ଯାଏ କାର୍ଯ୍ୟରେ ଲାଗିପଡ଼ନ୍ତି। ରାତିରେ ଦୋକାନ ବନ୍ଦ କରି ଘରକୁ ସଉଦାପତ୍ର ଧରି ଯାଆନ୍ତି। ଦୋକାନରୁ ଯାହାକିଛି ରୋଜଗାର ହୁଏ ସେଥିରେ ତାଙ୍କ ସଂସାର ଚକ ଠିକ୍ ଠାକ୍ ଗଡ଼ୁଥିବା ଦୀନବନ୍ଧୁ କହିଛନ୍ତି।

ରିପୋର୍ଟ–ଉପେନ୍ଦ୍ର ରାଉତ

# ଟ୍ରକ୍ ମାଲିକ ସଂଘ ନିର୍ବାଚନ: ବିଭୂତି ପ୍ରସାଦ ସଭାପତି, ଅକ୍ଷୟ ସମ୍ପାଦକ

**ଅନୁଗୋଳ ଅଫିସ/ବଅଁରପାଳ, ୩।୩ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ରବିବାର ଶୃଙ୍ଖଳାର ସହ ଶେଷ ହୋଇଛି। ସଂଘ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହୋଇଥିଲା। ମୋଟ୍ ୬୪୦ ଭୋଟରଙ୍କ ମଧ୍ୟରୁ ୬୦୮ ଜଣ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ୯ଟି ପଦବୀ ପାଇଁ ୧୮ ପ୍ରାର୍ଥୀ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।


ଜିଲା ଟ୍ରକ୍ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

ଅପରାହ୍ନ ୫ଟା ପରେ ଗଣତି କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯାଇଥିଲା। ବିଭୂତିପ୍ରସାଦ ଦାସ ପୁନର୍ବାର ସଭାପତି ଓ ଅକ୍ଷୟ କୁମାର ସାମନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ପ୍ରଧାନ ଓ ଅଶୋକ କୁମାର ଦଳବେହେରା, କୋଷାଧ୍ୟକ୍ଷ ଭାବେ ପ୍ରସନ୍ନ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ଉପେନ୍ଦ୍ର କୁମାର ସାମଲ, ସଞ୍ଜୀବ କୁମାର ସ୍ୱାଇଁ, ସରୋଜ କୁମାର ସାହୁ ଓ ଉତ୍ପଳ କୁମାର ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ